# ଉତ୍କଳ ପ୍ରସଙ୍ଗ



Vol. XLVII No. 4 UTKAL PRASANGA Regd. No. 0-05 /90
Licence No. C.R.N.P. 5-Licensed to post without Pre-payment



ଶୈଳବାଳା ମହିଳା ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିର ଉଦ୍‌ଘାଟନ ଉତ୍ସବରେ
ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, ଦକ୍ଷିଣ ପାର୍ଶ୍ୱରେ ଅଧ୍ୟକ୍ଷା ଶ୍ରୀମତୀ ସୀତା ସାହୁ ।

PRINTED AT ORISSA GOVE



ଧଉଳିଠାରେ ଆୟୋଜିତ ଆଲୋଚନା ଚକ୍ରରେ ସୂଚନା ଓ ଲୋକ ସମ୍ପର୍କ, ସଂସ୍କୃତି, କ୍ରୀଡ଼ା ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଉଦ୍‌ବୋଧନ ।

# ଉତ୍କଳ ପ୍ରସଙ୍ଗ

ମାର୍ଗଶିର ୧୯୧୨ ଶକାବ୍ଦ ୪୭ ଭାଗ ୫ମ ସଂଖ୍ୟା ଡିସେମ୍ବର ୧୯୯୦

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସମ୍ପାଦକ : ଶ୍ରୀ ବିଶ୍ୱଜିତ୍ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାତ୍ର

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

(ଫଟୋଟାଇପ୍‌ସେଟର୍ ଦ୍ୱାରା ଅକ୍ଷର ସଂଯୋଜିତ)

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀ


| | | |
|---|---|---|
| ସାକ୍ଷର ହେବା କାହିଁକି ? | ୧ | କମଳା ଦାସ |
| ଆହ୍ୱାନର ମୁକାବିଲା | ୩ | ସାବେତ୍ରି ହୋତା |
| "ଚୈତନ୍ୟ ଚକଡ଼ା"ରେ ଶ୍ରୀ ଜଗନ୍ନାଥ ଦାସ | ୬ | ଦୋଳଗୋବିନ୍ଦ ଶାସ୍ତ୍ରୀ |
| ଯଦି ଯତ୍ନିବ ବେଳ ଥାଉ | ୧୦ | ଶ୍ରୀ ଦିଲ୍ଲୀପ କୁମାର ପରିଡ଼ା |
| ଶ୍ରମିକ ସଙ୍ଗଠନ ଓ ବହୁବାଦୀ ନେତୃତ୍ୱ | ୧୨ | ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ |
| ଯୁଗ ସ୍ରଷ୍ଟା ଗୋପବନ୍ଧୁ : ଏକ ସମନ୍ୱିତ ପ୍ରତିଭା | ୧୪ | ଅଧ୍ୟାପିକା ଗୀତି ରାଣୀ ଦାଶ |
| ଖାଦ୍ୟ ହିସାବରେ ଅଣୁଜୀବର ଉପାଦେୟତା | ୧୮ | ଡକ୍ଟର ବସନ୍ତ କୁମାର ଚୌଧୁରୀ |
| ପୁରୀ | ୨୦ | ପ୍ରସନ୍ନ ପାଟଶାଣୀ |
| ମାଦକଦ୍ରବ୍ୟ ଓ ଏହାର ଚୋରା କାରବାର | ୨୨ | ଶିଶିରକାନ୍ତ ନନ୍ଦ |
| କୋରାପୁଟର ଆଦିବାସୀ | ୨୩ | ଶ୍ରୀ ଅର୍ଜୁନ ନାଏକ |
| ସୌର ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ | ୨୫ | ଡକ୍ଟର ଜଗନ୍ନାଥ ମହାନ୍ତି |
| ପିଲାମାନଙ୍କ ବାନ୍ତି ରୋଗରେ ହୋମିଓପ୍ୟାଥି ଚିକିତ୍ସା | ୨୮ | ଡଃ ଚତୁର୍ଭୁଜ ନାୟକ |
| ସମାନ ଆଇନ ପ୍ରଣୟନ : ଏକ ଜାତୀୟ ଆବଶ୍ୟକତା | ୩୧ | ଶ୍ରୀ ବ୍ରଜ ପାଇକରାୟ |
| ଧାନ କିଆରୀରେ ମାଛ ଚାଷ | ୩୩ | ସୁବାସ ସାହୁ |
| ସାର୍ଥକ ସ୍ୱପ୍ନ | ୩୫ | .. |
| ସମ୍ବାଦ ପରିକ୍ରମା | ୩୬ | .. |
| ଶ୍ରୀ ଗୀତ ଗୋବିନ୍ଦ | ୪୬ | ପ୍ରହରାଜ ସତ୍ୟନାରାୟଣ ନନ୍ଦ |
| କାଲି ପାଇଁ ଛଣ ଛପରର ଘର | ୫୧ | ଶ୍ରୀମତୀ ମନୋରମା ମିଶ୍ର |

## ସମ୍ପାଦକୀୟ

# ଗଞ୍ଜାମ ଜିଲ୍ଲାରେ ବନ୍ୟା ବିପତ୍ତି

ନିକଟରେ ଗଞ୍ଜାମ ଜିଲ୍ଲାରେ ଯେଉଁ ପ୍ରଳୟଙ୍କରୀ ବନ୍ୟା ହୋଇଗଲା ତାହା ଅଭୂତପୂର୍ବ । ଏହି ଜିଲ୍ଲାର ଅଧିବାସୀ ବନ୍ୟା ବିପତ୍ତି ପ୍ରାୟ କେବେହେଲେ ଅନୁଭବ କରିନଥିଲେ ଏବଂ ଫଳରେ ସେମାନେ ଯେଉଁ ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେଲେ ତାହା ଅବର୍ଣ୍ଣନୀୟ । ସାଧାରଣ ଲୋକଙ୍କର ଏହି ଦୁର୍ଦ୍ଦଶା ବେଳେ ବହୁ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ନିଜର ଜୀବନକୁ ବିପନ୍ନ କରି ଯେପରି ସାହାଯ୍ୟ କରିବା ପାଇଁ ଆଗଭର ହେଲେ ତାହା ଆଜି ଆମ ମଧ୍ୟରେ ଏକ ନୂତନ ଆତ୍ମବିଶ୍ୱାସ ସଞ୍ଚାର କରିପାରିଛି । ଅଭାବ ଓ ଅସୁବିଧା ଭିତରେ ଲୋକଙ୍କ ମନରେ ଆଜି ମଧ୍ୟ ସ୍ନେହ, ଦୟା ଓ ପରୋପକାର ମନୋଭାବ ଯେପରି ବଞ୍ଚିକରି ରହିଛି, ତାହା ଆମ ସମାଜ ପାଇଁ ନିଶ୍ଚିତ ଭାବେ ଶୁଭଙ୍କର । ଏହି ବଦାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କୃତଜ୍ଞତା ଜ୍ଞାପନ କରିଥିବା ବାସ୍ତବରେ ପ୍ରଣିଧାନଯୋଗ୍ୟ ।

ବିପନ୍ନ ଲୋକମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଛି । ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଞ୍ଚଳରେ ଆକାଶ ମାର୍ଗରୁ ହେଲିକେପ୍ଟର ଯୋଗେ ଖାଦ୍ୟ ପୁଡ଼ିଆ ଯୋଗାଇ ଦେବା ସହିତ ବନ୍ୟା ଜଳ କମିବା ମାତ୍ରେ ସମସ୍ତ ବିପନ୍ନ ଅଞ୍ଚଳ, ଏପରିକି ପ୍ରତ୍ୟେକ ଘରେ ଘରେ ସରକାରୀ ସାହାଯ୍ୟ ପହଞ୍ଚାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବନ୍ୟା ବିପନ୍ନ ଲୋକଙ୍କୁ ଚାଉଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏପରିକି ବୋଟ୍ ଯୋଗେ ମଧ୍ୟ ଯୋଗାଇ ଦିଆଯାଇଛି । ପୂର୍ବରୁ କେବେହେଲେ ବନ୍ୟା ସମୟରେ ସରକାରଙ୍କ ପକ୍ଷରୁ ଏଭଳି ବିପୁଳ ପରିମାଣର ସାହାଯ୍ୟ ବଣ୍ଟାଯାଇ ନଥିଲା ।

ବନ୍ୟା ଦୁର୍ଗତ ଲୋକମାନଙ୍କୁ ଧୋତି, ଶାଢ଼ୀ, ପିଲାଙ୍କ ପୋଷାକ ଓ କମ୍ବଳ ଇତ୍ୟାଦି ଯୋଗାଇଦେବା ସଙ୍ଗେ ସଙ୍ଗେ ଭାଙ୍ଗି ଯାଇଥିବା ବାସଗୃହଗୁଡ଼ିକର ପୁନର୍ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ବାଲିଚର ହୋଇଯାଇଥିବା କୃଷି ଜମିଗୁଡ଼ିକରୁ ବାଲି ଉଦ୍ଧାର କରିବା ପାଇଁ ତୁରନ୍ତ ସରକାରୀ ପଦକ୍ଷେପ ନିଆଯାଇଛି ।

ସ୍ୱାସ୍ଥ୍ୟ ସେବା ଉଦ୍ଦେଶ୍ୟରେ ୨୭ ଜଣ ବରିଷ୍ଠ ମେଡ଼ିକାଲ ଅଫିସରଙ୍କ ସମେତ ୫୨ ଜଣ ଡାକ୍ତର, ୧୧୦ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ, ୫୯ ଜଣ ଫାର୍ମାସିଷ୍ଟ ଏବଂ ୩୩୮ ଜଣ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ୨୭ ଗୋଟି ଭ୍ରାମ୍ୟମାଣ ଚିକିତ୍ସକ ଦଳ ମଧ୍ୟ ବନ୍ୟା ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି । ଏପରିକି ରାଜ୍ୟ ରେଡ଼କ୍ରସ ସଂସ୍ଥା ଜରିଆରେ ଗୁଜରାଟର ଏକ ଚିକିତ୍ସକ ଦଳ ବନ୍ୟା ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି । ବନ୍ୟାଞ୍ଚଳର ଗୃହ ପାଳିତ ପଶୁ ସମ୍ପଦର ସୁରକ୍ଷା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା ସରକାର ଗ୍ରହଣ କରିଛନ୍ତି ।

ବନ୍ୟାଞ୍ଚଳରେ ରିଲିଫ୍ ଓ ପୁନର୍ବସତି କାର୍ଯ୍ୟକ୍ରମ ପାଇଁ ୩୩୯ କୋଟି ଟଙ୍କା ଯୋଗାଇ ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା କରି ବନ୍ୟାଞ୍ଚଳ ପରିଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି ।

କିନ୍ତୁ ଅତୀବ ଦୁଃଖର ସହିତ ଲେଖିବାକୁ ପଡୁଛି । କେତେକ ହତାଶ ରାଜନୈତିକ ବ୍ୟକ୍ତି ସରକାରଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟ ପ୍ରତି ଦୃଷ୍ଟି ନଦେଇ ଅଯଥା ଲୋକମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ନାନା ଗୁଜବ ସୃଷ୍ଟି କରିବାରେ ବ୍ୟସ୍ତ । ସମସ୍ତେ ଜାଣି ରଖିବା ଉଚିତ ଯେ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ନେଇ ରାଜନୀତି କରିବା ଏକ ନିନ୍ଦନୀୟ ପ୍ରଚେଷ୍ଟା । ସେମାନେ କେବଳ ସମ୍ବାଦପତ୍ରରେ ବିବୃତି ନଦେଇ ବିପନ୍ନ ଲୋକମାନଙ୍କ ଦୁର୍ଦ୍ଦଶା ଲାଘବ ପାଇଁ ଉଦ୍ୟମ କରିବା ସମୀଚୀନ ହେବ ।

ବିପନ୍ନ ଅଞ୍ଚଳର ପରିବାରବର୍ଗଙ୍କ ପ୍ରତି ଆମେ ଗଭୀର ସମବେଦନା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଦୃଢ଼ତାର ସହ ଏହି ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ସେମାନଙ୍କୁ ନିବେଦନ କରୁଛୁ । ଯେଉଁ ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ବିପନ୍ନ ଲୋକମାନଙ୍କୁ ଅକୁଣ୍ଠିତ ସାହାଯ୍ୟ ସହାୟତା ଯୋଗାଇଛନ୍ତି, ସେମାନଙ୍କ ନିକଟରେ କୃତଜ୍ଞତା ଜଣାଉଛୁ । ବିପନ୍ନ ଲୋକମାନଙ୍କର ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ମଧ୍ୟ ଆମେ ରାଜ୍ୟବାସୀଙ୍କୁ ନିବେଦନ କରୁଛୁ ।

# ସାକ୍ଷର ହେବା କାହିଁକି ?

କମଳା ଦାସ

ଏକ ବୃହତ୍ତମ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ହିସାବରେ ପ୍ରତ୍ୟେକ ଯେ ଶିକ୍ଷିତ ହେବା ଆବଶ୍ୟକ ଏଥିରେ ଦ୍ୱିମତର ପ୍ରଶ୍ନ ନାହିଁ । ଆମ ସମ୍ବିଧାନର ୪୫ ଧାରାରେ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ଯାହା ଉଲ୍ଲେଖ ଅଛି ସେଥିରେ କୌଣସି ଏକ ନିର୍ଦ୍ଦିଷ୍ଟ ଶିକ୍ଷାସ୍ତର ମଧ୍ୟରେ ଏ ପ୍ରକାର ଶିକ୍ଷା ବ୍ୟବସ୍ଥାର ସୂଚନା ନାହିଁ । କେବଳ ଗୋଟିଏ ନିର୍ଦ୍ଦିଷ୍ଟ ବୟସ ସୀମା ମଧ୍ୟରେ ବାଧ୍ୟତାମୂଳକ ଶିକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲେ ହେଁ ସ୍ୱାଧୀନତାର ପ୍ରାୟ ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଆମ ଦେଶରେ ଶିକ୍ଷାର ଅଗ୍ରଗତି ଓ ସାକ୍ଷର ହାର ସନ୍ତୋଷଜନକ ନୁହେଁ । ସମ୍ବିଧାନ ପ୍ରଣୟନ ହେବାର ୧୦ ବର୍ଷ ମଧ୍ୟରେ ଦେଶରେ ଛଅ ବର୍ଷରୁ ୧୪ ବର୍ଷ ବୟସର ପ୍ରତ୍ୟେକ ବାଳକ ବାଳିକାଙ୍କୁ ବାଧ୍ୟତାମୂଳକ ଅବୈତନିକ ଶିକ୍ଷା ଦେବାର ସ୍ପଷ୍ଟ ସୂଚନା ଥିଲେ ଆଜି ସୁଦ୍ଧା ସମ୍ବିଧାନର ସୂଚିତ ଲକ୍ଷ୍ୟରେ ପହଁଚିବା ସମ୍ଭବପର ହୋଇପାରି ନାହିଁ ।

## ନିରକ୍ଷରତାର ତମିସ୍ରା

ସ୍ୱାଧୀନତା ପ୍ରାପ୍ତିର ୫୩ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ଭାରତ ଭଳି ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ବିରାଟ ଅଂଶ ଆଜି ମଧ୍ୟ ନିରକ୍ଷରତାର ଅନ୍ଧକାର ମଧ୍ୟରେ ରହିଛନ୍ତି । ଚକ୍ଷୁ ଥାଇ ମଧ୍ୟ ସେମାନେ ଅନ୍ଧ । ଜାତୀୟ ଜୀବନର ମହାସ୍ରୋତରୁ ସେମାନେ ବିଚ୍ଛିନ୍ନ । କିନ୍ତୁ ଚେତନଶୀଳ ଜନସାଧାରଣଙ୍କ ଉପରେ ଦେଶର ପ୍ରଗତି ନିର୍ଭର କରେ । ଜନ ଚେତନା ଜାଗରଣର ମୁଖ୍ୟ ମାଧ୍ୟମ ହେଲା ଶିକ୍ଷା । ସରକାରୀ ଓ ବେସରକାରୀ ସ୍ତରରେ ଶିକ୍ଷାର ବ୍ୟାପକ ପ୍ରସାର ଓ ସାକ୍ଷର ହାର ବୃଦ୍ଧି ନିମନ୍ତେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲେ ହେଁ "ଗୋଦରା କୋଡ଼େ ଯେତେ ମାଡ଼େ ସେତେ" ଭଳି ଯେତିକି ଲୋକ ସାକ୍ଷର ହେଉଛନ୍ତି ତାହାଠାରୁ ବେଶୀ ସଂଖ୍ୟାରେ ନିରକ୍ଷର ବାହାରୁଛନ୍ତି । ଅବଶ୍ୟ ଜନସଂଖ୍ୟା ବିସ୍ଫୋରଣକୁ ଏହାର ଅନ୍ୟତମ କାରଣ ରୂପେ ଗ୍ରହଣ କରାଯାଇପାରେ । ତଥାପି ସାକ୍ଷରତାର ଗୁରୁତ୍ୱ ଉପଲବ୍ଧି କରି ଏହାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ଗଣ ଆନ୍ଦୋଳନର ସୂତ୍ରପାତ ହୋଇଛି । ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମର ସୋପାନବଦ୍ଧ ଭାବେ ବ୍ୟାପକ କରିବା ପାଇଁ ଜାତୀୟ ମିସନ ପ୍ରତିଷ୍ଠିତ କରାଯାଇଛି । ସଂପ୍ରତି ଆମ ଦେଶର ନିରକ୍ଷରଙ୍କ ସଂଖ୍ୟା ହେଉଛି ୪୫୦ ନିୟୁତ, ଯାହାକି ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାର ଜନସଂଖ୍ୟା ସହ ପ୍ରାୟ ସମାନ । ଏଥିମଧ୍ୟରୁ ୧୫ ରୁ ୩୫ ବର୍ଷ ବୟସର ୧୦୦ ନିୟୁତ ନିରକ୍ଷରଙ୍କୁ ୧୯୯୫ ମସିହା ସୁଦ୍ଧା କ୍ରିୟାଭିତ୍ତିକ ସାକ୍ଷରତା ପ୍ରଦାନ କରିବା ହେଲା ଏହି ସାକ୍ଷରତା ମିସନର ଲକ୍ଷ୍ୟ ।

ଭାରତ ପରି ଏକ ବିକାଶଶୀଳ ଦେଶର ବିଭିନ୍ନ ସମ୍ବଳ ମଧ୍ୟରେ ମାନବ ସମ୍ବଳ ହେଉଛି ପ୍ରଧାନ । ଏହି ମାନବ ସମ୍ବଳର ଯଥାଯଥ ବିକାଶରେ ହିଁ ଦେଶର ସାମୂହିକ ବିକାଶ ନିହିତ । ଏହି ମାନବ ସମ୍ବଳ ବିକାଶର ଅନ୍ୟତମ ମାଧ୍ୟମ ହେଲା ସାକ୍ଷରତା ଓ ଶିକ୍ଷା । ଆମ ଦେଶର ଅଗଣିତ ଗରିବ ଓ ଅବହେଳିତ ଜନସାଧାରଣଙ୍କ ବିକାଶ ସାଧନ ସାକ୍ଷରତା ଉପରେ ନିର୍ଭର କରୁଥିବା ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ସାକ୍ଷରତା କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଇ ୧୯୮୮ ମସିହା ମଇ ମାସ ୫ ତାରିଖଠାରୁ ସାକ୍ଷରତା ମିସନ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛି । ନିରକ୍ଷରତା ନିରାକରଣ ପାଇଁ ଜାତୀୟ ସ୍ତରରେ ଏକ ଗଣ ଆନ୍ଦୋଳନର ସୂତ୍ରପାତ କରିବା ଏହି ମିସନର ଲକ୍ଷ୍ୟ ।

## ଜନଶିକ୍ଷା କାର୍ଯ୍ୟକ୍ରମ

ଜନ ଜୀବନରେ ଆବଶ୍ୟକତା ଦୃଷ୍ଟିରୁ ମାତ୍ର ୧୫ ରୁ ୩୫ ବର୍ଷ ବୟସ୍କ ଲୋକଙ୍କ ପାଇଁ ଏ ପ୍ରକାର ଶିକ୍ଷା ଉଦ୍ଦିଷ୍ଟ ଥିବାରୁ ଏହାକୁ "ଜନଶିକ୍ଷା" ଆଖ୍ୟା ଦିଆଯାଇଛି । କର୍ମମୟ ଜୀବନରେ ସମ୍ମୁଖୀନ ହେଉଥିବା ଛୋଟ ବଡ଼ ସମସ୍ୟା ତଥା ସାଧାରଣ ଭାବରେ ଲେଖିବା, ପଢ଼ିବା, ହିସାବ ନିକାଶ କରିବା, ବାହାର ଦୁନିଆ ବିଷୟରେ ସମ୍ୟକ ଧାରଣା ପାଇବା, ସାମାଜିକ ଦୃଷ୍ଟିକୋଣରୁ ମୂଲ୍ୟବୋଧ ଗ୍ରହଣ କରି ନିଜର ଆଚରଣ ବ୍ୟବହାରକୁ ପରିମାର୍ଜିତ କରିବା, ନିଜର ମୌଳିକ ବୃତ୍ତି ବା ଯେ କୌଣସି ନୂତନ ଧନ୍ଦାରେ ଦକ୍ଷତା ହାସଲ କରିବା ଇତ୍ୟାଦି ବିଷୟକୁ ଜନଶିକ୍ଷା କାର୍ଯ୍ୟକ୍ରମର ପରିସର ଭୁକ୍ତ କରାଯିବାର ବ୍ୟବସ୍ଥା ହୋଇଛି ।

ଆମ ରାଜ୍ୟରେ ବର୍ତ୍ତମାନ ସରକାରୀ ସ୍ତରରେ "ଜନଶିକ୍ଷା ନିର୍ଦ୍ଦେଶାଳୟ" ଏବଂ ବେସରକାରୀ ସ୍ତରରେ "ଜନଶିକ୍ଷା ସାଧନ କେନ୍ଦ୍ର" ଏହି ସବୁ ଲକ୍ଷକୁ ଆଖି ଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ।

## ସାମ୍ପ୍ରଦାୟିକ ଉପସର୍ଗ

ଦେଶର ସାମ୍ପ୍ରତିକ ପରିସ୍ଥିତିରେ ଜନସାଧାରଣ ଉପଲବ୍ଧି କରିବା ଉଚିତ୍ ଯେ ନିରକ୍ଷରତା ଆମ ସମସ୍ତଙ୍କ ପାଇଁ ଏକ ପ୍ରଧାନ ସମସ୍ୟା । ପାଠ ନ ପଢ଼ି ଆମ ଦେଶର ଅଗଣିତ ଭାଇ ଭଉଣୀ ନିଜ ନିଜର ଦାୟିତ୍ୱ ଓ ଅଧିକାର ସମ୍ବନ୍ଧରେ ସଚେତନ ହୋଇ ପାରୁନାହାଁନ୍ତି । ସେମାନଙ୍କୁ ସାକ୍ଷର କରିବାର ଦାୟିତ୍ୱ ଓ ଅଧିକାର ସମ୍ବନ୍ଧରେ ସଚେତନ କରିପାରିଲେ ସୁନାଗରିକ ଭାବରେ ସେମାନେ ଦେଶର ଅଗ୍ରଗତିରେ ସକ୍ରିୟ ଅଂଶ ଗ୍ରହଣ କରି ପାରିବେ । ତେବେ ଯେକୌଣସି ନୂତନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିର୍ଭର କରେ ସେହି କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ଆନ୍ତରିକତା, ଉଦ୍ୟମ, ନିଷ୍ଠା ଓ କର୍ମ ପ୍ରେରଣା ଉପରେ । ଶିକ୍ଷାର ପ୍ରସାର ଓ ସାମାଜିକ ଅଗ୍ରଗତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଥିବାରୁ ସାକ୍ଷରତାର ହାର ବୃଦ୍ଧି ଦିଗରେ ପ୍ରତ୍ୟେକଙ୍କର କିଛି ନା କିଛି କର୍ତ୍ତବ୍ୟ ରହିଛି । ଜନଶିକ୍ଷା ଓ ସାକ୍ଷରତା ବୃଦ୍ଧି ମୁଷ୍ଟିମେୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସୀମିତ ହୋଇ ରହିବା ଆଦୌ ସ୍ପୃହଣୀୟ ନୁହେଁ । ସେଥିପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ଛାତ୍ର, ଶିକ୍ଷକ, ଯୁବକ, ଯୁବତୀ, ସରକାରୀ ତଥା ବେସରକାରୀ ବ୍ୟକ୍ତି ବିଶେଷ, ସାମରିକ ତଥା ଅର୍ଦ୍ଧସାମରିକ ବ୍ୟକ୍ତି, ଗୃହିଣୀ, କଳ କାରଖାନା ତଥା ଖଣି ଖାଦାନର ଶ୍ରମିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶ୍ରମିକ ସଙ୍ଗଠନ ଆଦି ସମାଜର ସବୁ ଶ୍ରେଣୀର ଲୋକେ ଏଥି ସହିତ ସମ୍ପୃକ୍ତ ହୋଇ ଏହାକୁ ଏକ ଗଣଆନ୍ଦୋଳନର ରୂପ ଦେବା ଆବଶ୍ୟକ । ଏହା ହିଁ ସେତିକି ବେଳେ ସଫଳ ହେବ, ଯେତେବେଳେ ଏହା ହେବ ଏକ ନୀରବ ସାମାଜିକ ବିପ୍ଳବ ।

ଆଜିର ଦିବସରେ ସାକ୍ଷରତାର ଗୁରୁତ୍ୱ ଉପଲବ୍ଧି କରି, ପ୍ରତ୍ୟେକ ନିରକ୍ଷରତା ଦୂରୀକରଣ ଦିଗରେ ସକ୍ରିୟ ଅଂଶ ଗ୍ରହଣ କରି ରାଜ୍ୟର ସମୂହ ବିକାଶ ଦିଗରେ ସଂକଳ୍ପବଦ୍ଧ ହେବା ବିଧେୟ । ବିଶ୍ୱ ସାକ୍ଷରତା ଦିବସ ଅବସରରେ ରାଜ୍ୟବାସୀଙ୍କ ପ୍ରାଣରେ ଏହି ମାନବିକବୋଧ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ୧୯୯୫ ମସିହା ସୁଦ୍ଧା ସାକ୍ଷରତା ହାର ଯେପରି ସନ୍ତୋଷଜନକ ଭାବରେ ବୃଦ୍ଧି ପାଏ, ସେ ଦିଗରେ ଜନ ସହଯୋଗ ଏକାନ୍ତ ବାଞ୍ଛନୀୟ ।

---

ଶିକ୍ଷା ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା,
ଭୁବନେଶ୍ୱର ।




ପ୍ରଳୟଙ୍କରୀ ବନ୍ୟାର କରାଳ ଦାଉରେ ବିପନ୍ନ ଓ କ୍ଷତିଗ୍ରସ୍ତ ଗଞ୍ଜାମ ଗ୍ରାମବାସୀ ଜାତୀୟ ରାଜପଥରେ ଆଶ୍ରୟ ନେଇଛନ୍ତି ।

# ଆହ୍ୱାନର ମୁକାବିଲା

ସାତକଡ଼ି ହୋତା

ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ ରାଷ୍ଟ୍ରର ଭାବରେ ଗଠନ କରିବାର ଲକ୍ଷ୍ୟ ରଖି ଏକ ସମ୍ବିଧାନ କରିଥିଲେ ଆମର ପୂର୍ବସୂରୀମାନେ । ବିଭିନ୍ନତା ମଧ୍ୟରେ ଏ ଦେଶର ଐତିହ୍ୟ ଓ ପରମ୍ପରାରେ ଐକ୍ୟର ଯେଉଁ ସ୍ୱର ଝଙ୍କୃତ ହେଉଛି ଯୁଗ ଯୁଗ ଧରି ତାହା ହିଁ ଥିଲା ପ୍ରଣବ ମନ୍ତ୍ର । ଗୋଟିଏ ନିଷ୍ପେଷିତ, ପରାଧୀନ ଜାତିକୁ ସ୍ୱାଧୀନତାର ସ୍ୱାଦ ଦେଲାବେଳେ ଏପରି ଏକ ସଙ୍କଳ୍ପ ଯେ ଅତି ସ୍ୱାଭାବିକ ଏହା ସ୍ୱୀକାର କରିବାକୁ ପଡ଼ିବ । ସେଇ ଭାରତ କିନ୍ତୁ କେବଳ ସ୍ୱପ୍ନରେ ରହିଗଲା, ସଙ୍କଳ୍ପିତ ସମାଜଟି ଆଉ ମିଳିଲା ନାହିଁ ବି ଏ ଦେଶର ସାଧାରଣ ଲୋକେ ସ୍ୱାଧୀନତାର ସ୍ୱାଦ ଅନୁଭବ କରି ପାରିଲେ ନାହିଁ । କେତେକଙ୍କ ସମୀକ୍ଷକଙ୍କ ମତରେ ଏପରି ହେବାର କାରଣ ଏହି ଯେ ସ୍ୱାଧୀନତା ଅର୍ଜନ କରିବା ପୂର୍ବରୁ ଦେଶ ଆଗରେ ଯେଉଁ ସବୁ ଆହ୍ୱାନ ମୁଣ୍ଡ ଟେକିଥିଲା ସେ ସବୁରେ ସଫଳ ଉତ୍ତର ଦେବା ପାଇଁ ଗାନ୍ଧିଜୀ ଥିଲେ, ତାଙ୍କରି ନେତୃତ୍ୱରେ ଅନେକ ସମସ୍ୟାର ଆଂଶିକ ସମାଧାନ ବି କରାଯାଇଥିଲା । ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା ଅର୍ଜନ । ଭାରତ ସ୍ୱାଧୀନ ହେଲା ଏବଂ ଏହା ସହିତ ସେହି ଲକ୍ଷ୍ୟ ପୂର୍ଣ୍ଣ ହେଲା । କିନ୍ତୁ ଋଷି ଶ୍ରୀ ଅରବିନ୍ଦ ଏହି ସମୟର ଦେଶ ବିଭାଜନକୁ ଏକ ସାମୟିକ ବ୍ୟବସ୍ଥା ବୋଲି ଧରିନେଇ ଭବିଷ୍ୟତ ବାଣୀ ଶୁଣାଇଥିଲେ ଯେ ଦିନେ ପୁଣି ଭାରତ ଏକ ହେବ, ଫେରି ଆସିବ ଏହାର ହୃତ ଗୌରବ, ଭାରତ ନେତୃତ୍ୱ ନେବ ବିଶ୍ୱର । ଭାରତ ବିଭକ୍ତ ହେବା ପୂର୍ବରୁ ଓ ସେହି ସମୟରେ ବଳି ପଡ଼ିଥିବା ମୂଲ୍ୟବୋଧଗୁଡ଼ିକର ପୁନରୁଦ୍ଧାର କରାଯାଇପାରିବ ଏବଂ ଛୋଟ ଛୋଟ ସଂକୀର୍ଣ୍ଣ ସ୍ୱାର୍ଥ ଭୁଲି ଦେଶର ବୃହତ୍ତର ସ୍ୱାର୍ଥ ଆଖି ଆଗରେ ରହି ସବୁ ସମସ୍ୟାର ସମାଧାନ କରାଯାଇ ପାରିବ । ଏହି ଆଶା କିନ୍ତୁ ପୂର୍ଣ୍ଣ ହେଲା ନାହିଁ । ଏହାର ପ୍ରଧାନ କାରଣ ଏହି ଯେ ସ୍ୱାଧୀନତା ପରେ ଜାତି ଯେଉଁ ଆହ୍ୱାନର ସମ୍ମୁଖୀନ ହେଲା ତାର ସଫଳ ମୁକାବିଲା କରାଯାଇ ପାରିଲା ନାହିଁ । ସ୍ୱାଧୀନ, ସାର୍ବଭୌମ ଭାରତ ବର୍ଷର ଐକ୍ୟ ଓ ଅଖଣ୍ଡତା ପାଇଁ କାମ କରିବା ପାଇଁ ଜବାହରଲାଲ ନେହେରୁ, ମୌଲାନା ଆଜାଦ, ସର୍ଦ୍ଦାର ପଟେଲ, ନେତାଜୀ ସୁବାସ ଯଥେଷ୍ଟ ସମୟ ପାଇଲେ ନାହିଁ । ସ୍ୱାଧୀନତା ପ୍ରାପ୍ତି ପରେ ଦେଶର ତତ୍କାଳୀନ ସମସ୍ୟା, ଶାସନ କଳକୁ ସଜାଡ଼ି ଲୋକାଭିମୁଖୀ କରିବାର ଦାୟିତ୍ୱ, ମଧ୍ୟଯୁଗୀୟ ସମାଜ ବ୍ୟବସ୍ଥାରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଭିତ୍ତି ସ୍ଥାପନ ଓ ସଂସଦୀୟ ବିଧି ବ୍ୟବସ୍ଥାର ପ୍ରଚଳନ, ଆନ୍ତର୍ଜାତିକ କ୍ଷେତ୍ରରେ ମୈତ୍ରୀ ଓ ସମବାୟିକ ଉଦ୍ୟମର ଦୃଢ଼ୀକରଣ, ଦେଶରେ ଯୋଜନାଭିତ୍ତିକ ଅର୍ଥନୈତିକ ପ୍ରଗତିର ଭିତ୍ତି ସ୍ଥାପନ ଓ ଶିଳ୍ପୀକରଣ, ବୈଜ୍ଞାନିକ ଗବେଷଣା ଓ ସମ୍ପ୍ରସାରଣ ପ୍ରଭୃତି କାର୍ଯ୍ୟରେ ସେତେବେଳର ଓ କିଛିକାଂଶରେ ପରବର୍ତ୍ତୀ ନେତୃତ୍ୱ ବ୍ୟସ୍ତ ରହିଲେ । ଦେଶର ପ୍ରଶାସନିକ ଓ ଅର୍ଥନୈତିକ ଢାଞ୍ଚାରେ ଯେପରି ବିଶେଷ କୌଣସି ପରିବର୍ତ୍ତନ ଆସି ପାରିଲା ନାହିଁ, ସେହିପରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର, ସାମ୍ୟବାଦୀ ଓ ଧର୍ମ ନିରପେକ୍ଷତାର ଅନୁକୂଳ କୌଣସି ମୌଳିକ ପରିବର୍ତ୍ତନ ମଧ୍ୟ ପ୍ରବର୍ତ୍ତନ କରାଯାଇ ପାରିଲା ନାହିଁ । ଫଳରେ ଭୂସଂସ୍କାର, ସାର୍ବଜନୀନ ଶିକ୍ଷାର ବାଧ୍ୟତାମୂଳକ ପ୍ରସାରଣ ପରିବାର ନିୟନ୍ତ୍ରଣ ଭଳି କ୍ଷେତ୍ରରେ ସମ୍ବିଧାନରେ ଲିପିବଦ୍ଧ କରାଯାଇଥିବା ମୌଳିକ ନୀତି ବା ରାଷ୍ଟ୍ରୀୟ ଲକ୍ଷ୍ୟଗୁଡ଼ିକୁ କାର୍ଯ୍ୟରେ ରୂପାୟିତ କରି ଏକ ଶକ୍ତିଶାଳୀ ଆଧୁନିକ ବିଜ୍ଞାନ ସମ୍ମତ ସମାଜ ଗଠନର ଯେଉଁ ସୁଯୋଗ ସ୍ୱାଧୀନତା ପରେ ଆସିଥିଲା ଏବଂ ସେଥିପାଇଁ ଜନଜୀବନରେ ଯେଉଁ ଆଗ୍ରହ ଓ ଅଭିପ୍ସା ପ୍ରକାଶ ପାଇଥିଲା ତାହା ମଉଳିଗଲା । ବରଂ ସମାଜର ମୌଳିକ ସଂସ୍କାର କରା ନଯିବାରୁ ସାମ୍ବିଧାନିକ ମୂଲ୍ୟବୋଧଗୁଡ଼ିକ ଜନସାଧାରଣଙ୍କ ଆଚରଣଗତ ହୋଇ ପାରିଲା ନାହିଁ ଏବଂ ବ୍ରିଟିଶ୍ ସରକାର ଧର୍ମ ଓ ଧର୍ମ, ଜାତି ଓ ଜାତି ମଧ୍ୟରେ ବା ଅଞ୍ଚଳ ଓ ଅଞ୍ଚଳ ମଧ୍ୟରେ ବିଭେଦର ଯେଉଁ ମଞ୍ଜି ପୋତି ଦେଇଗଲେ ତାହା ପରବର୍ତ୍ତୀ କାଳରେ ଦ୍ରୁମରେ ପରିଣତ ହେଲା । ଏବେ ଜାତୀୟ ଜୀବନରେ ଯେଉଁ ଅବିମୃଶ୍ୟକାରୀତା, ଅନିଶ୍ଚୟତା ଓ ଅପାରଗତା ଦେଖାଯାଉଛି ଏ ସବୁ ତାହାରି ଫଳ ।

ସ୍ୱାଧୀନତା ପରେ ଦେଶ ଓ ସମାଜର ଗଠନ ପାଇଁ ଏକ ବଡ଼ ଆହ୍ୱାନ ଆସିଥିଲା । ଭୂସଂସ୍କାର, ସାମାଜିକ ଓ ଶିକ୍ଷା ପଦ୍ଧତିର ନବୀକରଣ ଓ ସାର୍ବଜନୀନ ଶିକ୍ଷାର ସମ୍ପ୍ରସାରଣ, ଆଇନ୍‌ର ଶାସନର ଦୃଢ଼ିକରଣ, ଅର୍ଥନୈତିକ ପୁନର୍ବିନ୍ୟାସ, ଅନଗ୍ରସର ଲୋକମାନଙ୍କର ବିକାଶ ସହିତ ମାନବ ଏବଂ ପ୍ରାକୃତିକ ସମ୍ପଦର ସୁବିନିଯୋଗ ତଥା ଆଞ୍ଚଳିକ ବୈଷମ୍ୟର ଦୂରୀକରଣ ପ୍ରଭୃତି ବଡ଼

ବଡ଼ ଆହ୍ୱାନ ଆସିଥିଲା । ଜମିଜମାର ମାଲିକାନା ଜମିଦାର ବା ବଡ଼ ବଡ଼ କୃଷକ ବା ସହରରେ ରହୁଥିବା ଧନୀ ଲୋକଙ୍କ ହାତରେ ନ୍ୟସ୍ତ ଥିଲା । ଗ୍ରାମ୍ୟ ଜୀବନ ଗ୍ରାମ୍ୟ ଅର୍ଥନୀତି ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ତେଣୁ ଯେଉଁମାନେ ସ୍ୱଚ୍ଛଳ ଜୀବନ ଯାପନ କରି ଗ୍ରାମ୍ୟ ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିଲେ ସେମାନଙ୍କ ହାତ ମୁଠାରେ ଥିଲା ସାଧାରଣ ଲୋକମାନଙ୍କର ଭାଗ୍ୟ । ଜାତି ପ୍ରଥା, ଯୌତୁକ ପ୍ରଥା ଏବଂ ଅସ୍ପୃଶ୍ୟତା ପରି ସାମାଜିକ କୁସଂସ୍କାର ବିରୁଦ୍ଧରେ କୌଣସି ଫଳପ୍ରଦ ଆନ୍ଦୋଳନ ଗଢ଼ି ଉଠିଲା ନାହିଁ, ବରଂ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ହାତରେ ରାଜନୈତିକ ଓ ନୂତନ ଅର୍ଥନୈତିକ କ୍ଷମତା ପୁଞ୍ଜିଭୂତ ହେବାରୁ ଏବଂ ବଡ଼ ଧରଣର ସାମାଜିକ ବା ଅର୍ଥନୈତିକ ସଂସ୍କାର ସେମାନଙ୍କର ସ୍ୱାର୍ଥର ପ୍ରତିକୂଳ ବିବେଚିତ ହେଉଥିବାରୁ, କୌଣସି ମୌଳିକ ପରିବର୍ତ୍ତନ ଆଣିବା ପାଇଁ କେହି ସାହାସ କଲେ ନାହିଁ । ଏଥିପାଇଁ ଟାଁ ଟାଁ ଯେଉଁ ଛୋଟ ଛୋଟ ଆନ୍ଦୋଳନ ହୋଇଥିଲା ତାହା ରାଷ୍ଟ୍ର ଶକ୍ତି ଦ୍ୱାରା ଅତିଶୀଘ୍ର ଦମିତ ହେଲା । ତେଲେଙ୍ଗାନାରେ ଯେଉଁ କୃଷକ ଆନ୍ଦୋଳନ ପଞ୍ଚମ ଦଶକରେ ଦେଖା ଦେଇଥିଲା ବା ଷଷ୍ଠ ଦଶକରେ ପଶ୍ଚିମବଙ୍ଗରେ ଯେଉଁ ନକ୍ସଲବାଡ଼ି ଆନ୍ଦୋଳନ ମୁଣ୍ଡ ଟେକିଥିଲା ଜନସାଧାରଣଙ୍କ ପ୍ରୋତ୍ସାହନ ପାଇ ମଧ୍ୟ ରାଷ୍ଟ୍ର ଶକ୍ତିର ବିରୋଧ ଫଳରେ ଆରମ୍ଭରେ ହିଁ ନଷ୍ଟ ହୋଇଗଲା । ସେହିପରି ସାର୍ବଜନୀନ ଶିକ୍ଷା ଓ ସାମାଜିକ ସଂସ୍କାର ଲାଗି ସରକାର ଜାତୀୟ ସ୍ତରରେ କୌଣସି ଶକ୍ତିଶାଳୀ ଓ ସୁପରିକଳ୍ପିତ ବ୍ୟବସ୍ଥା ନକରିବାରୁ, ଶିକ୍ଷା ମାଧ୍ୟମରେ ଯେଉଁ ଆଧୁନିକ ପ୍ରଗତିଶୀଳ ସମାଜର ମୂଳଦୁଆ ପକାଯାଇ ପାରିଥାନ୍ତା ତାହା ମଧ୍ୟ ହେଲା ନାହିଁ ।

ଏବେ ସାରାଦେଶ ଏକ ସଙ୍କଟ ମଧ୍ୟରେ ଗତି କରୁଛି । ଭାରତୀୟ ସମାଜ ଓ ଜନସାଧାରଣ ଏପରି ବିପର୍ଯ୍ୟୟର ସମ୍ମୁଖୀନ ଆଉ କେବେ ହୋଇନଥିଲେ । ବ୍ରିଟିଶ ସରକାର ଧର୍ମ ଭିତ୍ତିରେ, ଜାତି ବା ସମ୍ପ୍ରଦାୟ ଭିତ୍ତିରେ, ଆଞ୍ଚଳିକ ଭିତ୍ତିରେ ଭାରତୀୟ ସମାଜକୁ ବିଭକ୍ତ କରିବା ସକାଶେ ଚେଷ୍ଟା କରି ମଧ୍ୟ ଦୁଇଶହ ବର୍ଷ ମଧ୍ୟରେ ଯାହା କରିପାରିନଥିଲେ, ଗତ ଦଶ ବର୍ଷ ମଧ୍ୟରେ ଭାରତୀୟ ସମାଜ ସେହିପରି ବିଭାଜନ ପ୍ରତ୍ୟକ୍ଷ କରୁଛି । ସମଗ୍ର ଦେଶରେ ଯେଉଁ ତୀବ୍ର ଧର୍ମୀୟ ମତାନ୍ଧତା ଓ ସଂକୀର୍ଣ୍ଣ ମୌଳିକତାବାଦ ଗତ କେତେ ବର୍ଷଧରି ଆମର ଜାତୀୟ ଜୀବନକୁ, ଦେଶର ଐକ୍ୟ ଓ ଏକତାକୁ ଯେପରି ଭାବରେ ବିନଷ୍ଟ କରିବାରେ ଲାଗିଛି ଓ ଧର୍ମନିରପେକ୍ଷତା ଯେପରି କେବଳ ସ୍ୱପ୍ନରେ ରହିଯାଇଛି ତାହା ଏବେ ଜଣାପଡୁଛି । ତେଣୁ କୌଣସି ସମସ୍ୟାର ସମାଧାନ ନହୋଇ ଧର୍ମୀୟ କ୍ଷେତ୍ରରେ ନୂତନ ସମସ୍ୟା ସବୁ ସୃଷ୍ଟି ହୋଇଯାଇଛି । ଧର୍ମାନ୍ଧତା ଓ ମୌଳିକତାବାଦର ପ୍ରସାର ଫଳରେ ରାଜନୀତି ସହିତ ଧର୍ମ ଜଡ଼ିତ ହୋଇପଡ଼ିଛି । ଏହି କାରଣରୁ ପଞ୍ଜାବ ବା କାଶ୍ମୀର ସମସ୍ୟା ବା ରାମ ଜନ୍ମଭୂମି—ବାବରି ମସ୍‌ଜିଦ ସମସ୍ୟାର ସମାଧାନ କରାଯାଇ ପାରୁନାହିଁ; ବରଂ ବିଭିନ୍ନ ଧର୍ମୀୟ ସମ୍ପ୍ରଦାୟମାନଙ୍କ ମଧ୍ୟରେ ଅସହଯୋଗ ଓ ଅସହିଷ୍ଣୁତା, ଅହଙ୍କାରୀତା ପ୍ରବଳ ହୋଇ ଜାତୀୟ ଦୃଷ୍ଟିକୋଣକୁ ଆଚ୍ଛନ୍ନ କରି ପକାଇଛି ।

ସେହିପରି ଦେଶରେ ସବୁ ସମସ୍ୟାର ସମାଧାନ ଏକ ଜାତୀୟ ଚେତନା ଓ ଦୃଷ୍ଟିକୋଣ ଏବଂ ସହମତି ଆବଶ୍ୟକ କରୁଥିବା ବେଳେ ତାହା ସୃଷ୍ଟି କରିବା ପାଇଁ ସଫଳ ପଦକ୍ଷେପ ନନେଇ, [illegible]

ଭଳି ନିଷ୍ପତ୍ତି ନିଆଯାଉଥିବାରୁ ଜନ ଜୀବନର ସବୁ ସ୍ତରରେ ବିଚ୍ଛେଦ ବୃଦ୍ଧି ପାଇବାରେ ଲାଗିଛି । ଚେତନା ଶିକ୍ଷା ସାପେକ୍ଷ । ପୂର୍ବକାଳରେ ଭାରତର ଲୋକମାନେ ନିରକ୍ଷର ଥାଇ ବି ଶିକ୍ଷିତ ଓ ସଚେତନ ଥିଲେ । ଧର୍ମଗ୍ରନ୍ଥଗୁଡ଼ିକରେ ମାନବବାଦ ସହିତ ଧର୍ମର ଉଦାର ବ୍ୟାଖ୍ୟା ଜନଜୀବନକୁ ଶୁଦ୍ଧ କରିଥିଲା । ଧର୍ମ ଅନୁସରଣର 'ଏକ ନୀତି ଓ ଆଦର୍ଶଗତ ଆଭିମୁଖ୍ୟ । ସେଥିରେ ପହଞ୍ଚିବା ପାଇଁ ଯେଉଁ ମାନସିକ ପ୍ରସ୍ତୁତି, ଆଚରଣଗତ ଶୃଙ୍ଖଳା, ଦୃଢୋଦୃଷ୍ଟି ଆବଶ୍ୟକ ତାହା ଧର୍ମାଚରଣ ଓ ଅଧ୍ୟୟନରୁ ମିଳିଥାଏ । ସଚେତନତା ଶିକ୍ଷା ଦ୍ୱାରା ପରିପୁଷ୍ଟ ହୁଏ । କିନ୍ତୁ ଦୁଃଖର ବିଷୟ ଏହି ଯେ ସ୍ୱାଧୀନତାର ଚେୟାଳିଶ ବର୍ଷ ଅତୀତ ହୋଇଥିଲେ ବି ଶିକ୍ଷା ଏଯାଏ ସାର୍ବଜନୀନ ହୋଇପାରି ନାହିଁ । ଭାରତର ଅଧେ ଲୋକ ନିରକ୍ଷର । ତେଣୁ ସେମାନଙ୍କର ଅନ୍ତର୍ନିହିତ ଶକ୍ତିର ସମ୍ପୂର୍ଣ୍ଣ ଉନ୍ମେଷ ହୋଇପାରୁ ନାହିଁ । ପୃଥିବୀରେ ନୂତନ ଜ୍ଞାନ, କାରୀଗରି କୌଶଳ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯେଉଁ ବିସ୍ଫୋରଣ ଘଟୁଛି ସେଥି ସହିତ ତାଳ ଦେଇ ଅଗ୍ରସର ନହେଲେ ଆମେ ଯେ ପଛରେ ପଡ଼ିଯିବା ଏହା ନିଶ୍ଚିତ । ଗତ ଦଶନ୍ଧିର ନୂତନ ଜ୍ଞାନ, ନୂତନ କୌଶଳ ଚଳିତ ଦଶନ୍ଧିରେ ପୁରୁଣା ମନେହେଉଛି । ତେଣୁ ଯଦି ଚେୟାଅଶି କୋଟି ଭାରତୀୟଙ୍କ ମଧ୍ୟରୁ ଅଧେ ଲୋକ ନିରକ୍ଷର ହେବେ, ସେମାନେ ଆଧୁନିକ ଶିକ୍ଷାରୁ ଯେ ବଞ୍ଚିତ ହେବେ ସେଥିରେ ସନ୍ଦେହ ନାହିଁ । ଆମ ଦେଶର ମାନବିକ ସମ୍ବଳର ସମ୍ପୂର୍ଣ୍ଣ ଉପଯୋଗ ସେଥିପାଇଁ ହୋଇପାରୁ ନାହିଁ । ସେହି ଏକ କାରଣରୁ ଜନଜୀବନରେ ଅନ୍ଧତା ଓ ଅନ୍ଧବିଶ୍ୱାସ ସ୍ଥାନରେ ଏକ ଆଲୋକିତ ବିଜ୍ଞାନସମ୍ମତ ଦୃଷ୍ଟିକୋଣ ପ୍ରକଟିତ ହେଉ ନାହିଁ । ଏହି ବର୍ଷଠାରୁ ସାକ୍ଷରତା ଅଭିଯାନ ଆରମ୍ଭ ହେଉଛି । କିନ୍ତୁ କାଗଜ କଲମରୁ ବାହାରକୁ ନେଇ ଯଦି ଏକ ବାସ୍ତବବାଦୀ କାର୍ଯ୍ୟ ପନ୍ଥା ଗ୍ରହଣ କରାଯାଏ, କଥାରେ ନରହି ସବୁ ଯୋଜନାକୁ କାର୍ଯ୍ୟରେ ପରିଣତ କରାହୁଏ, ତାହାହେଲେ ଏ ଶତାବ୍ଦୀର ଶେଷ ବେଳକୁ ହୁଏତ ଆମେ ପ୍ରତିଶତ ୭୫ ସାକ୍ଷର କହିପାରିବୁ । ଏହି କାର୍ଯ୍ୟ କିଭଳି ବିରାଟ ତାହା ସହଜରେ ଅନୁମାନ କରାଯାଇ ପାରେ । ଥରେ ଶିକ୍ଷାର ପ୍ରସାର ଘଟିଲେ, ଅନଗ୍ରସରତା ଜାତି ଭିତ୍ତିରେ ଚିହ୍ନିତ ନହୋଇ ଶିକ୍ଷା ଓ ସଚେତନତା ଭିତ୍ତିରେ ଚିହ୍ନିତ ହେବ । ସେତେବେଳେ ଜାତି ଓ ସମ୍ପ୍ରଦାୟର ସଂକୀର୍ଣ୍ଣ ଗଳି ଭିତରେ ପ୍ରବେଶ କରି କିଛି ସୁବିଧା ହାସଲ କରିବା ପାଇଁ ଠେଲାପେଲା ଲାଗିବ ନାହିଁ, ଯେଉଁମାନଙ୍କୁ ଆଜି ଅନଗ୍ରସର କରି ଜାତି ମାଧ୍ୟମରେ ଚିହ୍ନିତ କରାଯାଉଛି, ସେମାନେ ଆପେ ଆପେ ବୁଦ୍ଧି ଓ ବ୍ୟୁତ୍ପତ୍ତି ବଳରେ ଆଗକୁ ମାଡ଼ିଯିବେ । ଶିକ୍ଷା ହିଁ ଉପରକୁ ଉଠିବାରେ ଗୁରିକାଠି । ଶିକ୍ଷାର ପ୍ରସାର ଓ ଛଳ ବିଶେଷରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସେଥିପାଇଁ ବିଶେଷ ପ୍ରଶିକ୍ଷଣର ବ୍ୟବସ୍ଥା କରାଗଲେ ସେମାନଙ୍କର ଜନ୍ମଗତ ଅପୂର୍ଣ୍ଣତା କେବଳ ଅପସରିଯିବ ନାହିଁ, ସେମାନେ କୃତ୍ରିମ ଜାତିଗତ ବନ୍ଧନ ଭାଙ୍ଗି ଜାତୀୟ ମହାସ୍ରୋତରେ ସାମିଲ ହୋଇ ପାରିବେ । ସେହିପରି ଶ୍ରେଣୀ ଓ ବ୍ୟକ୍ତିତ୍ୱ ନିର୍ବିଶେଷରେ ସାମାଜିକ ନ୍ୟାୟ ସମସ୍ତଙ୍କୁ ମିଳିବା ଆବଶ୍ୟକ । ପ୍ରତ୍ୟେକ ନ୍ୟସ୍ତ ସ୍ୱାର୍ଥର ଦୁର୍ଗକୁ ଏଥିପାଇଁ ଭାଙ୍ଗିବାକୁ ପଡ଼ିବ ।

ଏବେ ଦେଶର ଜନସଂଖ୍ୟା ଯେପରି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ତାହା ଅବ୍ୟାହତ ରହିଲେ ଚଳିତ ଶତାବ୍ଦୀର ଶେଷ ବେଳକୁ ଭାରତରେ ଲୋକ ସଂଖ୍ୟା ଶହେ କୋଟିରେ ପହଞ୍ଚି ... ମାନବିକ ସମ୍ବଳ ଉପଯୋଗ ଦ୍ୱାରା

କ୍ରମଶଃ କ୍ଷୟ ହେବାରେ ଲାଗିଛି । ତୈଳ ସମ୍ପଦ ସୀମିତ । ଲୁହାପଥର, କୋଇଲା, ଚୁନପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଶହେ ଦେଢ଼ଶହ ବର୍ଷର ପ୍ରୟୋଜନ ମେଣ୍ଟାଇପାରେ, କିନ୍ତୁ ବେଶୀ ନୁହେଁ । ସେପରି ସ୍ଥିତି ଉପୁଜିଲେ ଏକବିଂଶ ଶତାବ୍ଦୀର ଶେଷ ବେଳକୁ ଆମର ଭାବୀ ବଂଶଧରମାନେ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେବେ ତା'ର ବିଭୀଷିକା କଳ୍ପନାର ବାହାରେ । ଏହି ବିପୁଳ ସଂଖ୍ୟକ ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ଶିକ୍ଷା, ଚିକିତ୍ସା ଯୋଗାଇ ଦେବା ଅସମ୍ଭବ ପ୍ରାୟ । ଏହାପରେ ପୁଣି କାମ କରିବାର ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର କରିବାଲାଗି ଦାବୀ ହେଉଛି । ଏହା କିପରି କରାଯିବ ତାହା ଏବେ ବି ଅସ୍ପଷ୍ଟ ହୋଇ ରହିଛି । କାମ କରିବାର ଅଧିକାର ସମସ୍ତଙ୍କର ରହିବା ଦରକାର । କିନ୍ତୁ ତାର ଅର୍ଥ ନୁହେଁ ଯେ ସମସ୍ତେ ସରକାରୀ ଚାକିରି ପାଇଯିବେ । ଏହା ଅବାସ୍ତବ ଓ ଅସମ୍ଭବ । ଜୀବିକାର୍ଜନ ପାଇଁ ଯେ କୌଣସି କାମ କରାଯାଇପାରେ । ମୂଲିଆ କାମଠାରୁ ସଚିବାଳୟର କାମ ପର୍ଯ୍ୟନ୍ତ । କିନ୍ତୁ ଯେ କୌଣସି କାମ କଲେ ମଧ୍ୟ ସାମାଜିକ ସ୍ୱୀକୃତି ମିଳୁନଥିବାରୁ ପାଶ୍ଚାତ୍ୟ ଜଗତପରି ଏଠାରେ ମଧ୍ୟ କର୍ମ ସଂସ୍କୃତି ସୃଷ୍ଟି କରିବାର ପ୍ରୟୋଜନୀୟତା ସର୍ବତ୍ର ଉପଲବ୍ଧି କରାଯାଉଛି । ପ୍ରତ୍ୟେକ କାମ ପବିତ୍ର ଓ ତାର ମୂଲ୍ୟ ଅଛି । ଏପରି ଭାବଧାରା ସଚେତନତା ଓ ଶିକ୍ଷା ବିନା ସୃଷ୍ଟି ହେବା ସମ୍ଭବ ନୁହେଁ । ତେଣୁ ଆଦର୍ଶ ଓ ଆଭିମୁଖ୍ୟରେ ଏକ ମୌଳିକ ପରିବର୍ତ୍ତନ ଆଣିବା କାମକୁ ଆଉ ବିଳମ୍ବିତ କରାଯାଇ ନପାରେ । ଏଥିପାଇଁ ଯେଉଁ ସାର୍ବଜନୀନ ଆନ୍ଦୋଳନ ଆବଶ୍ୟକ ତାହା ଦୀର୍ଘକାଳର ପ୍ରସ୍ତୁତି ଉପରେ ନିର୍ଭର କରେ । କେବଳ ଜନସଂଖ୍ୟା ହ୍ରାସ କରିବା ଏକ ଜରୁରୀ କାର୍ଯ୍ୟ ନୁହେଁ, ଜନସାଧାରଣଙ୍କ ମଧ୍ୟରେ ସେଥି ସକାଶେ ସଂକଳ୍ପିତ ନିଷ୍ଠା ଓ ଉଦ୍ୟମ ପ୍ରକାଶ ପାଇବା ଉଚିତ ।

ଏସବୁ ନିର୍ଭର କରେ ଏକ ନୂତନ ଦର୍ଶନ ଓ ଆଦର୍ଶ ରୂପାୟନ ଉପରେ । ଏହି ଦର୍ଶନ ବ୍ୟକ୍ତିର ନିର୍ବାଣ ବା ମୋକ୍ଷରେ ସୀମାବଦ୍ଧହେଲେ ଚଳିବ ନାହିଁ । ଭାରତର ବହୁ ମୁନିଋଷି ମୋକ୍ଷ ଲାଭ କରି ପରମାତ୍ମାଙ୍କଠାରେ ଲୀନ ହୋଇ ଯାଇଛନ୍ତି । ଅନେକ ସାଧୁସନ୍ଥ ନିର୍ବାଣ ଅର୍ଜନ କରିଛନ୍ତି । ଅନେକ ଉଚ୍ଚତର ଚେତନା ଆମ ଦର୍ଶନ ଓ ଧର୍ମଗ୍ରନ୍ଥମାନଙ୍କର ବିଷୟବସ୍ତୁ । କିନ୍ତୁ ଏସବୁ ବ୍ୟକ୍ତିବାଦକୁ କେବଳ ପ୍ରଶ୍ରୟ ଦେଇଛି । ପରିବର୍ତ୍ତନ ବ୍ୟକ୍ତିକେନ୍ଦ୍ରିକ ହେଲେ ସମାଜ ବଦଳିବ ନାହିଁ । ସମାଜ ନବଦଳିଲେ ସମୂହ ବଦଳିବେ ନାହିଁ । ତେଣୁ ସମାଜର, ପରିବେଶର ଓ ଏ ଜଗତର ପ୍ରାଣୀ ଏବଂ ଜଡ଼ ଜଗତର ଏକ ଉତ୍କ୍ରାନ୍ତ ପରିବର୍ତ୍ତନ ଆବଶ୍ୟକ । ଶ୍ରୀ ଅରବିନ୍ଦ ତାହା କଳ୍ପନା କରିଥିଲେ ଏବଂ ସେହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାଲାଗି ଭଗବତୀ ଶକ୍ତିର ସହାୟତା ଲୋଡ଼ିଥିଲେ । ଶ୍ରୀ ରାମକୃଷ୍ଣ ବିବେକାନନ୍ଦଙ୍କୁ କହିଥିଲେ ତୁ ଏକା ମୋକ୍ଷ ପାଇଲେ ତୋର ସଂକୀର୍ଣ୍ଣ ସ୍ୱାର୍ଥପରତା ହିଁ ପ୍ରକାଶ ପାଇବ । ଜଗତକୁ, ମାନବ ଜାତିକୁ ଉଦ୍ଧାର ନକରି ପଳେଇଯିବା ଭୀରୁତା ମାତ୍ର ।

ଆମର ସମାଜ ପ୍ରତୀକ୍ଷା କରୁଛି ସେହିପରି ଏକ ସାମଗ୍ରୀକ ସର୍ବବ୍ୟାପୀ ସଂସ୍କାରର । ତାହା ଶିକ୍ଷା, ସଚେତନତା, ସାଧନା ଉପରେ ନିର୍ଭର କରେ । ଏ ଦେଶରେ ବିଭିନ୍ନ ସମୟରେ ଯେଉଁ ଆହ୍ୱାନ ସବୁ ଆସିଛି ନେତୃତ୍ୱ ସଫଳତାର ସହିତ ସେଗୁଡ଼ିକର ମୁକାବିଲା କରିନଥିବାରୁ ଆଜି ବ୍ୟର୍ଥତା ଏତେ ବ୍ୟାପ୍ତ ଏବଂ ଉଗ୍ର । ଆରନୋଲ୍ଡ଼ ଟୟନବିଙ୍କ ଭାଷାରେ : ଆହ୍ୱାନର ସଫଳ ମୁକାବିଲା ଦ୍ୱାରା ହିଁ ସଭ୍ୟତା ଓ ମାନବ ସମାଜର ଅଗ୍ରଗତି ସମ୍ଭବ ହୁଏ । ଯେଉଁଠାରେ ତାହା ଅସଫଳ, ସେଠାରେ ସମାଜ ଓ ସଭ୍ୟତା ବିପ୍ଳବର ସମ୍ମୁଖୀନ ହୋଇଛି ।

---

୯, ସତ୍ୟନଗର,
ଭୁବନେଶ୍ୱର-୭୫୧୦୦୭ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀଙ୍କ ଦ୍ୱାରା
୧୯୮୩-୮୪ ବର୍ଷର ମଦନ ମହିଳା ଲଟେରୀ ଉଦଘାଟନ ।

# "ଚୈତନ୍ୟ ଚକଡ଼ା"ରେ ଶ୍ରୀ ଜଗନ୍ନାଥ ଦାସ

ଦୋଳଗୋବିନ୍ଦ ଶାସ୍ତ୍ରୀ

ଶ୍ରୀ ଚୈତନ୍ୟଙ୍କ ପୁରୀ ବାସ ସମ୍ପର୍କରେ ଓଡ଼ିଶା ଓ ବଙ୍ଗଳାରେ ଚୈତନ୍ୟଙ୍କ ପରବର୍ତ୍ତୀ ଭକ୍ତକବି ସାଧକଗଣ ବହୁଗ୍ରନ୍ଥ ଲେଖିଯାଇଛନ୍ତି । ତନ୍ମଧ୍ୟରେ ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ ଓ ଶ୍ରୀ ମୁରାରୀ ଗୁପ୍ତଙ୍କ କଡ଼ଚା ନାମକ ସଂସ୍କୃତ ଭାଷାରେ ଲିଖିତ କିଛି ଟୀପ୍ପଣୀ ଉପଲବ୍ଧ ହୁଏ । ଏ ଦୁଇଜଣ ସାଧକଙ୍କ ବ୍ୟତୀତ ଅନ୍ୟାନ୍ୟ ଯେତେ ଭକ୍ତକବିଙ୍କର ରଚିତ ଗ୍ରନ୍ଥ ରହିଛି, ସେହି ସମସ୍ତ ଭକ୍ତକବି ପ୍ରାୟକେହି ଚୈତନ୍ୟଙ୍କ ସମସାମୟିକ ନୁହଁନ୍ତି । ବଙ୍ଗଳା ଭାଷାରେ ଶ୍ରୀ କୃଷ୍ଣ ଦାସ କୃତ 'ଚୈତନ୍ୟ ଚରିତାମୃତ', ଶ୍ରୀ ବୃନ୍ଦାବନ ଦାସ ଠାକୁର ରଚିତ 'ଚୈତନ୍ୟ ଭାଗବତ' ଓ ଶ୍ରୀ ଲୋଚନ ଦାସ ଠାକୁର ରଚିତ 'ଚୈତନ୍ୟ ମଙ୍ଗଳ'–ଏହି ତିନୋଟି ଗ୍ରନ୍ଥ ଚୈତନ୍ୟଙ୍କ ଲୀଳାର ପ୍ରାମାଣିକ ଗ୍ରନ୍ଥ ବୋଲି ବୈଷ୍ଣବ ସାଧକ ଓ ଭକ୍ତମାନଙ୍କ ଦ୍ୱାରା ସ୍ୱୀକୃତ । କିନ୍ତୁ ଏହି ତିନିଜଣ ଗ୍ରନ୍ଥକାର କେହି ଶ୍ରୀ ଚୈତନ୍ୟଙ୍କର ସମସାମୟିକ ନୁହଁନ୍ତି । ଶ୍ରୀ ଚୈତନ୍ୟଙ୍କ ଅପ୍ରକଟ ପରେ ଏମାନେ ଶ୍ରୀଧାମ ବୃନ୍ଦାବନ ଓ ଶ୍ରୀଧାମ ନବଦ୍ୱୀପରେ ସାଧନାରତ ଥିଲେ । ସେମାନେ ଅନ୍ୟମାନଙ୍କ ଠାରୁ ଶୁଣି ବା ବିଭିନ୍ନ ସୂତ୍ରରୁ ଉପାଦାନ ସଂଗ୍ରହ କରି ଲୀଳା ବିବରଣୀ ଲିପିବଦ୍ଧ କରିଛନ୍ତି । ସେଥିପାଇଁ କେତେକ ଘଟଣା ସମ୍ପର୍କରେ ଭିନ୍ନ ଭିନ୍ନ ମତ ଦୃଷ୍ଟିଗୋଚର ହୁଏ । ଉଦାହରଣ ସ୍ୱରୂପ, ଶ୍ରୀ ଚୈତନ୍ୟଙ୍କର ଦଣ୍ଡଭଙ୍ଗ ଲୀଳା ଗ୍ରହଣ କରାଯାଇପାରେ । ଶ୍ରୀ ବୃନ୍ଦାବନ ଦାସ ଠାକୁର 'ଚୈତନ୍ୟ ଭାଗବତ'ରେ ଲେଖିଛନ୍ତି ଯେ, ଶ୍ରୀ ଚୈତନ୍ୟଦେବ ବଙ୍ଗ ଦେଶରୁ ଓଡ଼ିଶା ସୀମାରେ ପ୍ରବେଶ କରିବା ସମୟରେ ସୁବର୍ଣ୍ଣରେଖା ନଦୀରେ ସ୍ନାନକଲେ । ସ୍ନାନ ସମୟରେ ଶ୍ରୀ ନିତ୍ୟାନନ୍ଦ ଶ୍ରୀ ଚୈତନ୍ୟ ଦେବଙ୍କର ସନ୍ନ୍ୟାସ ଦଣ୍ଡଟି ଭାଙ୍ଗି ନଦୀରେ ଭସାଇ ଦେଲେ; ଅଥଚ ଶ୍ରୀ କୃଷ୍ଣ ଦାସ କବିରାଜ କୃତ 'ଚୈତନ୍ୟ ଚରିତାମୃତ'ରେ ଦେଖାଯାଏ, ଶ୍ରୀ ଚୈତନ୍ୟ ପୁରୀ ଜିଲ୍ଲାର କମଳପୁର ଠାରେ ଭାର୍ଗବୀ ନଦୀରେ ସ୍ନାନ ସମୟରେ ଶ୍ରୀ ନିତ୍ୟାନନ୍ଦ ତାଙ୍କ ସନ୍ନ୍ୟାସ ଦଣ୍ଡଟି ଭାଙ୍ଗି ନଦୀସ୍ରୋତରେ ଭସାଇ ଦେଲେ । ସେହି ଦିନଠାରୁ ବଙ୍ଗୀୟ ବୈଷ୍ଣବମାନେ ସେହି ନଦୀକୁ "ଦଣ୍ଡଭଙ୍ଗା" ନଦୀ ବୋଲି କହି ଆସିଛନ୍ତି ।

ଗ୍ରନ୍ଥରେ ଓଡ଼ିଆ ଭାଗବତକାର ଶ୍ରୀ ଜଗନ୍ନାଥ ଦାସଙ୍କର ଉଲ୍ଲେଖ ମଧ୍ୟ ନାହିଁ । କିନ୍ତୁ ଓଡ଼ିଶାରେ ଶ୍ରୀ ଦିବାକର ଦାସ କୃତ ଚୈତନ୍ୟ ଚରିତାମୃତ ଓ ଜଗନ୍ନାଥ ଚରିତାମୃତ ପ୍ରଭୃତିଙ୍କ ଏବଂ ଅଚ୍ୟୁତାନନ୍ଦ ଗ୍ରନ୍ଥରେ ଶ୍ରୀ ଚୈତନ୍ୟ ଦେବ ଓ ଜଗନ୍ନାଥ ଦାସଙ୍କର ସାକ୍ଷାତ୍କାର ଓ ମିଳନ ପ୍ରସଙ୍ଗ ବହୁଳ ଭାବରେ ବର୍ଣ୍ଣନା କରାଯାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ବଙ୍ଗଦେଶରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଅନୁଗତ ଯେତେଗୁଡ଼ିଏ ବୈଷ୍ଣବ ସମ୍ପ୍ରଦାୟ ଅଛନ୍ତି, ସେହି ସମ୍ପ୍ରଦାୟ ଗୁଡ଼ିକର ଅନୁଗତ ବୈଷ୍ଣବ ସାଧକ ଏପରିକି ସେହି ସଙ୍ଘଗୁଡ଼ିକର ପ୍ରତିଷ୍ଠାତା ବୈଷ୍ଣବାଚାର୍ଯ୍ୟମାନେ ମଧ୍ୟ ଶ୍ରୀ ଚୈତନ୍ୟ ।ଦେବ ଓ ଜଗନ୍ନାଥ ଦାସଙ୍କ ମିଳନ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି । ଏହିପ୍ରକାର ନୀରବ ରହିବାର କାରଣ ରହସ୍ୟମୟ । ଏପରି ଶୁଣାଯାଏ, ବଙ୍ଗୀୟ ଭକ୍ତଗଣ ଶ୍ରୀ ଚୈତନ୍ୟ ଦେବଙ୍କର ଶ୍ରୀ ଜଗନ୍ନାଥ ଦାସଙ୍କ ସହିତ ପ୍ରୀତିପୂର୍ଣ୍ଣ ସମ୍ପର୍କରେ କ୍ଷୁର୍ଣ୍ଣହୋଇ ଥିଲେ । ଏହା ହୁଏତ ସତ୍ୟହୋଇପାରେ । ସାଧାରଣ ଅନୁଗତ ସମ୍ପ୍ରଦାୟ ଏପରି ମନୋଭାବ ପୋଷଣ କରିବା ସମ୍ଭବ ହୋଇପାରେ । କିନ୍ତୁ ଯେଉଁ ବୈଷ୍ଣବାଚାର୍ଯ୍ୟମାନେ କ୍ଷୁଦ୍ର ସଙ୍କୀର୍ଣ୍ଣ ଚିନ୍ତାଧାରାର ଊର୍ଦ୍ଧ୍ୱରେ ବିଚରଣ କରନ୍ତି, ଯେଉଁମାନେ ନିର୍ମତ୍ସର ସାଧୁ, ସେମାନଙ୍କ ହୃଦୟରେ ଏପରି ଅସୂୟା ରହିବା କଳ୍ପନାତୀତ ।

ଶ୍ରୀ ଚୈତନ୍ୟ ଭାଗବତ ଓ ଶ୍ରୀ ଚୈତନ୍ୟଚରିତାମୃତରେ ଶ୍ରୀ ଚୈତନ୍ୟ ଦେବଙ୍କର ପୁରୀ ଲୀଳା ସମ୍ପର୍କୀୟ ବିବରଣୀ ଐତିହାସିକତଥ୍ୟକୁ ଭିତିକରି ଲେଖାଯାଇଥିଲେ ମଧ୍ୟ ଲୀଳାର ତାତ୍ତ୍ୱିକ ଓ ରସଗତ ଆଲୋଚନାହିଁ ମୁଖ୍ୟ ବିଷୟ ବସ୍ତୁ । ଶ୍ରୀ ଚୈତନ୍ୟ ଭାଗବତରେ ପୁରୀଲୀଳାର ସମସ୍ତ ବିଷୟ ବର୍ଣ୍ଣିତ ହୋଇନାହିଁ । କିନ୍ତୁ ଶ୍ରୀ ଚୈତନ୍ୟ ଚରିତାମୃତରେ ଅପ୍ରକଟ ପର୍ଯ୍ୟନ୍ତ ଯେଉଁ ସମସ୍ତ ଲୀଳା ବର୍ଣ୍ଣିତ ହୋଇଛି, ସେ ସମସ୍ତ ଲୀଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶ୍ରୀ ଚୈତନ୍ୟ ଦେବଙ୍କର ରାଧାଭାବଭାବିତ ବିରହୋନ୍ମାଦ ଓ ବିପ୍ରଲମ୍ଭଲୀଳାର ଆସ୍ୱାଦନ ଦ୍ୱାରା । ଶ୍ରୀ କବିରାଜ ଗୋସ୍ୱାମୀ ଶ୍ରୀ ଚୈତନ୍ୟଚରିତାମୃତରେ ... ରସର ଘନୀଭୂତ ବିଗ୍ରହ ରୂପେ ...

ପରିମାଣରେ ଭାବାବିଷ୍ଟ ହୋଇଛନ୍ତି ଯେ, ସେହିରସର ବ୍ୟତିରିକ୍ତ ଅନ୍ୟକୌଣସି ପ୍ରସଙ୍ଗ ବର୍ଣ୍ଣନା କରିବାର ଅବସର ପାଇନାହାଁନ୍ତି । ସେତେବେଳେ ତାଙ୍କର ପରିପୂର୍ଣ୍ଣ ବାର୍ଦ୍ଧକ୍ୟ ଜରାତୁର ଅବସ୍ଥା, ସେତେବେଳେହିଁ ସେ ଏହି ଗ୍ରନ୍ଥ ସମାପ୍ତ କରିଛନ୍ତି । ତାଙ୍କ ନିଜ ଉକ୍ତିରେ :

ଆମି ବୃଦ୍ଧ ଜରାତୁର,
ଲିଖିତେ କାଁପୟେ କରି.........
ନା ଶୁନିୟେ ଶ୍ରବଣେ
ନା ଦେଖିୟେ ନୟନେ..........ଇତ୍ୟାଦି

ବାକ୍ୟ କି ପ୍ରକାର ଶାରୀରିକ ଅବସ୍ଥାରେ ସେ ଚୈତନ୍ୟ ଚରିତାମୃତରେ ଲେଖିଛନ୍ତି, ତାହା ଅନୁଭବ କରାଯାଇ ପାରେ । ଶ୍ରୀ କବିରାଜ ଗୋସ୍ୱାମୀ ରାଗାସିକା ମାର୍ଗର ସିଦ୍ଧସାଧକ । ନିତ୍ୟଲିଳାରେ ସେ ମଞ୍ଜରୀ, ଶ୍ରୀ ରାଧଙ୍କର ଅନ୍ତସଖୀର ଅନ୍ୟତମ ସାଧକ — ଦେହରେ ଶେଷ ଜୀବନରେ ମଧ୍ୟ ରାଧାଭାବ ଭାବିତ ବିପ୍ରଲମ୍ବବିଗ୍ରହ ଶ୍ରୀ ଚୈତନ୍ୟଙ୍କପରି ଦିବ୍ୟୋନ୍ମାଦ ଦଶାର ମର୍ମଜ୍ଞ । ସୁତରାଂ ସେହି ରସର ବ୍ୟତିରିକ୍ତ ସାଧକମାନଙ୍କ ସମ୍ପର୍କରେ ସେ ସମ୍ପୂର୍ଣ୍ଣ ନୀରବ । ଉଦାହରଣ ସ୍ୱରୂପ : କୃଷ୍ଣଭକ୍ତିରସ ରସିକା ମୀରାବାଇ ଓ ଶ୍ରୀ ରୂପଗୋସ୍ୱାମୀ ସମସାମୟିକ ହେଲେ ମଧ୍ୟ ଶ୍ରୀ ରୂପଗୋସ୍ୱାମୀ ମୀରାବାଈଙ୍କର କୌଣସି ଉଲ୍ଲେଖ କରିନାହାଁନ୍ତି । ସେହିପରି ଓଡ଼ିଆ ଭାଗବତକାର ଶ୍ରୀ ଜଗନ୍ନାଥ ଦାସଙ୍କ ସମ୍ପର୍କରେ ଶ୍ରୀ କବିରାଜ ଗୋସ୍ୱାମୀ ସମ୍ପୂର୍ଣ୍ଣ ନୀରବ ରହିବା ସେହି ପ୍ରକାର କାରଣ ଅନୁମାନ କରାଯାଇପାରେ ।

ବର୍ତ୍ତମାନ ଏହି ସମସ୍ତ ଆଲୋଚନାର ପରିପ୍ରେକ୍ଷୀରେ ଅଧୁନା ପ୍ରକାଶିତ "ଶ୍ରୀ ଚୈତନ୍ୟ ଚକଡ଼ା" ଗ୍ରନ୍ଥ ଆଲୋଚ୍ୟ । ଶ୍ରୀ ସଦାଶିବ ରଥଶର୍ମା ପରଲୋକ ପ୍ରାପ୍ତ ହେବାର ଦୁଇବର୍ଷ ପୂର୍ବେ ଏହି ଚୈତନ୍ୟ ଚକଡ଼ା ପୋଥିଟି ଆବିଷ୍କାର କରିଥିଲେ । ପରେ ସେ ସମ୍ପର୍କରେ ଶ୍ରୀକ୍ଷେତ୍ର, କଟକ ଓ କଲିକତାର ଶ୍ରୀ ଚୈତନ୍ୟଙ୍କ ଅନୁଗତ ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟର ଅନୁଗତ ଶାସ୍ତ୍ରଜ୍ଞ ସାଧକମାନଙ୍କ ନିକଟରେ ଚୈତନ୍ୟ ଚକଡ଼ା ତାଳପତ୍ର ପାଣ୍ଡୁଲିପିଟି ସଙ୍ଗରେ ନେଇ ତାର ବିଷୟ ବସ୍ତୁ ସମ୍ପର୍କରେ ବ୍ୟାପକ ଆଲୋଚନା କରାଇଥିଲେ । ତତ୍‌ପରେ ସେହି ପୋଥିଟି ଓଡ଼ିଆ ଅକ୍ଷରରେ ଓଡ଼ିଶାରୁ ଏବଂ ବଙ୍ଗଳା ଅକ୍ଷରରେ କଲିକତାରୁ ତାଙ୍କର ଜୀବଦ୍ଦଶାରେ ପ୍ରକାଶିତ ହୋଇଥିଲା । ସମ୍ପ୍ରତି ଏହାର ଏକ ହିନ୍ଦୀ ଅନୁବାଦ ମଧ୍ୟ ଉପଲବ୍ଧ ହୋଇଛି । ଏହି ଚକଡ଼ା ଶ୍ରୀ ଗୋବିନ୍ଦ ଦାସ ବାବାଜୀ ନାମକ ଜଣେ ଶ୍ରୀ ଚୈତନ୍ୟଙ୍କର ଶ୍ରୀକ୍ଷେତ୍ରସଙ୍ଗୀ ଲେଖିଛନ୍ତି । ବୈଷ୍ଣବ ଧର୍ମ ଗ୍ରହଣ କରି ଶ୍ରୀ ଗୋବିନ୍ଦ ଦାସ ବାବାଜୀ ନାମରେ ପରିଚିତ ହେବା ପୂର୍ବରୁ ସେ ଶ୍ରୀ ମନ୍ଦିରର ଦେଉଳ କରଣ ରୂପେ କାର୍ଯ୍ୟ କରୁଥିଲେ । ପୁରୀ ବାଲିସାହି ନିକଟସ୍ଥ ପଣାମଲ୍ଲ ସାହିରେ ତାଙ୍କର ବାସଗୃହ ଅଦ୍ୟାପି ରହିଅଛି ଏବଂ ତାଙ୍କର ବଂଶଧର ଶ୍ରୀ ରାଧାକୃଷ୍ଣ ସାମନ୍ତରାୟ ଏବେ ମଧ୍ୟ ଜୀବିତ । ବୈଷ୍ଣବ ଧର୍ମ ଗ୍ରହଣ ପୂର୍ବରୁ ତାଙ୍କର ନାମଥିଲା ଗୋବିନ୍ଦ ପଦ୍ମନାଭକ ସାମନ୍ତରାୟ । ଦେଉଳ କରଣ ଥିବା ସମୟରେ ସେ ଶ୍ରୀ ଚୈତନ୍ୟଙ୍କର ଅଦ୍ଭୁତ ଲୀଳାମାନ ପ୍ରତ୍ୟକ୍ଷକରି ତାଙ୍କପ୍ରତି ଆକୃଷ୍ଟ ହୋଇ ବୈଷ୍ଣବ ଧର୍ମ ଗ୍ରହଣ କଲେ ଏବଂ ପରେ ସେ ଗୋବିନ୍ଦ ଦାସ ବାବାଜୀ ନାମରେ ପ୍ରସିଦ୍ଧ ଲାଭ କଲେ । ଶ୍ରୀ ଚୈତନ୍ୟ ଦେବ ୧୫୩୩ ଖ୍ରୀଷ୍ଟାବ୍ଦ ଆଷାଢ଼ ମାସର ରଥ ଯାତ୍ରାର ସପ୍ତମ ଦିବସରେ ଅପ୍ରକଟ ହେଲେ । ପୋଥିର ଉଲ୍ଲେଖ ଅନୁସାରେ ଶ୍ରୀ ଚୈତନ୍ୟଙ୍କ ଅପ୍ରକଟର ଦୁଇବର୍ଷପରେ ମହାରାଜ ପ୍ରତାପରୁଦ୍ରଙ୍କ ଆଦେଶରେ ସେ ଏହି ଚୈତନ୍ୟ ଚକଡ଼ା ରଚନା କରିଛନ୍ତି । ଏଥିରେ ଶ୍ରୀ ଚୈତନ୍ୟ ଦେବଙ୍କର ୧୫୧୦ ଖ୍ରୀଷ୍ଟାବ୍ଦରେ ଚନ୍ଦନପୁରରେ ପ୍ରବେଶଠାରୁ ଅପ୍ରକଟ ପର୍ଯ୍ୟନ୍ତ ୫୦ଟି ଲୀଳା ସୂଚୀକାରରେ ପ୍ରକାଶ କରିଛନ୍ତି ।

ପୋଥିରେ ଉଲ୍ଲେଖିତ ୫୦ଟି ଘଟଣା ପ୍ରତ୍ୟକ୍ଷଦର୍ଶୀର ବିବରଣୀ । ଏଗୁଡ଼ିକ କ୍ରମାନୁଯାୟୀ ଲିଖିତ । ମଝିରେ ମଝିରେ ସାଲ,ତିଥି ପ୍ରଭୃତି ଉଲ୍ଲେଖ ଦେଖାଯାଏ । ଏଥିରୁ ଅନୁମାନ କରାଯାଏ ଲେଖକ କୌଣସି ଘଟଣାକୁ ଅତିରଞ୍ଜନ କରିନାହାଁନ୍ତି । ନିଜର ଭାବାଭିବ୍ୟକ୍ତି ମଧ୍ୟ ସଂଯତ ଓ ଘଟଣାଶ୍ରୟୀ । କୌଣସିଠାରେ ଆତ୍ୟଧିକ ଭାବପ୍ରବଣତା ପରିଲକ୍ଷିତ ହୁଏ ନାହିଁ ।

ପୋଥିର ଭାଷା ତତ୍‌କାଳିକ ଓଡ଼ିଆ କିନ୍ତୁ ଲେଖକ ବହୁ ସମୟରେ ବଙ୍ଗୀୟ ଭକ୍ତମାନଙ୍କର ସଂସ୍ରବରେ ଆସିଥିବାରୁ ପୋଥିରେ ସ୍ଥଳବିଶେଷରେ ବଙ୍ଗଳା ଶବ୍ଦ ଓ କ୍ରିୟାପଦ ବ୍ୟବହୃତ ହୋଇଛି । ଲେଖକଙ୍କର ସଂସ୍କୃତ ଜ୍ଞାନ ମଧ୍ୟ ଥିଲା ତେଣୁ ଓଡ଼ିଆ ପଦ ମଧ୍ୟରେ କିଛି କିଛି ସଂସ୍କୃତ ବାକ୍ୟାଂଶ ପ୍ରୟୋଗ କରିବାର ଦେଖାଯାଏ ।

ଏକଦିନେ ବଟମୂଳେ ପ୍ରବେଶନ କାଳେ,
ଛସିତ ହୋଇଣ ବିଶ୍ୱମ୍ଭର ସ୍ଥିର ହେଲେ ।
ଭାଗବତ ବାଣୀ ପ୍ରଭୁ କଲେକ ଶ୍ରବଣ,
କେହି ବୋଲେ ଦେଖ ଦାମୋଦର କୁହନ୍ତୁ ଜନ ।
ସ୍ୱରୂପ ବୋଇଲେ ପ୍ରଭୁ ଓଡ଼ିଆ ବ୍ରାହ୍ମଣ,
ଦାସ ଜଗନ୍ନାଥ ଜଗନ୍ନାଥେର ନିଜ ଜନ ।
ପୁରାଣ ପଣ୍ଡା ଅଟଇ ନାଥେର ମନ୍ଦିରେ,
ଉତ୍ତମ ସେ ଭାଗବତୀ ଭାବରସ ସାରେ ।
କଳ୍ପ ବୃକ୍ଷ ଶାଖାଶ୍ରୟେ ଆସେ ବିଶ୍ରାମିବ,
ଯାଅ ହେ ବ୍ରାହ୍ମଣ ଗୁପ୍ତ ବିଷୟ ପୁଛିବ ।
ସାଷ୍ଟାଙ୍ଗ କରିଣ କ୍ଷେତ୍ର ଦ୍ୱିଜପଦ ଧାୟୀ,
ପଣ୍ଡରସେ ରାଧାନାମ ଭାଗବତେ କାହିଁ ନାହିଁ ।
ଦାମୋଦର ଭକ୍ତ ଶ୍ରେଷ୍ଠ ତକ୍ଷଣ ନମିୟା,
ପୁଛିଲ ଗୁପତ ଭାବମୟ ହୋଇୟା ।

ଶ୍ରୀ ମନ୍ଦିର ଦକ୍ଷିଣ ଦ୍ୱାର ଦେଇ ଗଲେ କୂର୍ମ ବେଢ଼ା ମଧ୍ୟରେ ଯେଉଁ ବିଶାଳ ବଟ ବୃକ୍ଷ ଦେଖାଯାଏ, ସେହି ବୃକ୍ଷର ନାମ କଳ୍ପବଟ । ସେଥିରେ ଗଣେଶଙ୍କ ମୂର୍ତ୍ତି ସମ୍ମୁଖରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କର ଆସ୍ଥାନ ବିଦ୍ୟମାନ । ଜଗନ୍ନାଥ ଦାସ ଶ୍ରୀ ଚୈତନ୍ୟ ଦେବଙ୍କ ଶ୍ରୀକ୍ଷେତ୍ର ଆଗମନ ପୂର୍ବରୁ ଏହିଠାରେ ବସି ଓଡ଼ିଆ ଭାଗବତ ପାଠ କରୁଥିଲେ ।

ଚୈତନ୍ୟ ଚକଡ଼ାର ଏଠାରେ ଉଦ୍ଧୃତି ଘଟଣାଟି ଶ୍ରୀ ଚୈତନ୍ୟଦେବଙ୍କ ସହିତ ଜଗନ୍ନାଥ ଦାସଙ୍କର ପ୍ରଥମ ସାକ୍ଷାତ ଓ ପରିଚୟ । ଶ୍ରୀ ଚୈତନ୍ୟ ମହାପ୍ରଭୁ ସ୍ୱରୂପ ଦାମୋଦରଙ୍କୁ ଶ୍ରୀମଦ୍ ଭାଗବତରେ ରାଧାନାମ ନଥିବାର କାରଣ ଶ୍ରୀଜଗନ୍ନାଥ ଦାସଙ୍କୁ ପଚାରିବା ପାଇଁ ପଠାଇବାପରେ ଶ୍ରୀ ଜଗନ୍ନାଥ ଦାସ ତାହାର କାରଣ ଯାହା ବ୍ୟାଖ୍ୟାକଲେ ତାହା ଚୈତନ୍ୟ ଚକଡ଼ାରେ ନିମ୍ନରୂପେ ପ୍ରକାଶିତ ହୋଇଛି —

ଶୁଣି ହସି ବିପ୍ର ଜଗନ୍ନାଥ କଲେକ ପ୍ରଣାମ
ଉତ୍ତମ ପ୍ରଶ୍ନ କରିଲ ହିଯ୍ୟା କର୍ମାଇଣି ।
ଉତ୍ତରରେ ଜଗନ୍ନାଥ ବନ୍ଦ କର ହେଲେ
ତୁମେ ଦେହ ଗୁପ୍ତପ୍ରଶ୍ନ ଆସ୍ଥଙ୍କୁ ପୁଛିଲେ
କୃଷ୍ଣ ସାଧ୍ୟ, ସାଧକ ଯେ ଜୀବ ନିରନ୍ତର ।
ସାଧନା ରାଧିତା ରାଧା ପ୍ରେମ ଭାବେ ସାର ।
"ରାଧା ରାସେଶ୍ୱରୀସ୍ୟାଂ କୃଷ୍ଣ ମନ୍ତସ୍ୟ ଦୈବତମ୍
ସା ବିଦ୍ୟା ସର୍ବବନ୍ଧ୍ୟାଚ ବୃନ୍ଦାରଣ୍ୟ ବିହାରିଣୀମ୍
ବୃନ୍ଦାରଣ୍ୟ ଅଟେ ଅନାହୁତ ହୃଦଚକ୍ର
ଦିବ୍ୟ ଜ୍ୟୋତିର୍ମୟୀ ରାଧା ନିବାସ ତତୈକ
ପରାତ୍ପରଂତରାଂ ପୂର୍ଣ୍ଣଂ ପୂର୍ଣ୍ଣଚନ୍ଦ୍ର ବରାନନାଂ
ମୁକ୍ତିଭକ୍ତିପ୍ରଦାଂ ନିତ୍ୟାଂ ମୂଳପ୍ରକୃତି ସା ପରାମ୍
ମୂଳ ପ୍ରକୃତ୍ୟୋ ପୁରୁଷେ ତାରତମ୍ୟ ନାହିଁ
ଏକର ଅଭାବେ ଅନ୍ୟସତ୍ତା ନରହଇ"
"ରା" ବର୍ଣ୍ଣ ଦାନନିରତାଂ "ଧା" ନିର୍ବାଣପ୍ରଦାୟୀକା
ଉଚ୍ଚାରଣେ ମୁକ୍ତି ସୈବ ସା ହି ରାଧା ପ୍ରକୀର୍ତ୍ତିତାଃ"
ରେଫ୍ ବୈ ନିଶ୍ଚଳା ଭକ୍ତିଃ ଲକ୍ଷ୍ୟ କୃଷ୍ଣଂ ପଦାମ୍ବୁଜଂ
ଧାକାର ସହଜା ନିତ୍ୟାଂ ତତ୍ତ୍ୱ ହରୀକ୍ଷଚନ୍ଦ୍ରସ୍ୱମ୍"
ରାଧାଗୁଣାସିକା କୃଷ୍ଣଂ ଗୁଣବାଚକ ବିଗ୍ରହଃ
ଗୁଣାସିକା ମହାଭାବଂ ପ୍ରଚ୍ଛନ୍ନ କୃଷ୍ଣ ଦୃଶ୍ୟବୈଃ"
ରାଧାକୃଷ୍ଣସିକା ନିତ୍ୟାଂ କୃଷ୍ଣରାଧାସିକା ସ୍ୱୟଂ ।
କୃଷ୍ଣପ୍ରାଣଗତ ରାଧା ପ୍ରାଣ ଭାଗବତସ୍ୟଚ
ପ୍ରାଣ ଏବଂ ଶରୀରସ୍ୟ ପରାସରୈକ କେବଳ
ଶରୀରଂ ଦୃଶ୍ୟସଃ ସାକ୍ଷାତ୍ ଉଦ୍ଧ୍ୟ ପ୍ରାଣସ ଦୈବହି
ସାହି ଭାଗବତେ ଉଦ୍ଧ୍ୟା ରାସରାସେ ଶ୍ୱରୀ ସ୍ୱୟଂ
ପ୍ରକଟ କୃଷ୍ଣ ଚରିତ ଶୁକ ମୁଖାଦ ବିନିସ୍ସୃତମ୍
ଯଥାଗୋରା କୃଷ୍ଣତନୁ ରାଧାଭାବାନ୍ୱିତଂ
ତଥା ଭାଗବତେ କୃଷ୍ଣ ସାକ୍ଷାତ୍‌ରାଧା ବିରହିତ,
ପ୍ରେମୀ ପ୍ରେମାସ୍ପଦ ଦୁହେଁ ଅଭେଦ୍ୟ ଜଗତେ ।
କୃଷ୍ଣଲୀଳା ମହାଭାବ ପ୍ରେମର ସହିତେ,
ରାସେଶ୍ୱର ଉଦ୍ଧ୍ୟପ୍ରେମ ଅପ୍ରକଟ ଭାବ ।
ଦାହିନ ପ୍ରକଟି ବାମ ଲୀଳାର ସ୍ୱଭାବ,
ରାଧାନିଧି କୃଷ୍ଣ ଚିନ୍ତାମଣି ନାମଧରେ ।
ଗୁହ୍ୟଗୁହ୍ୟତମ ତତ୍ତ୍ୱ ଅନୁଭବ ସାରେ,
ତାରେ ଯଦି ରାଧାନାମ ଭାଗବତେ ଆସେ ।
ରାଧାଲୀଳାମୃତ ନାମେ ହେବତା ପ୍ରକାଶେ,
ରସାଧାର ରାଧା ଅପ୍ରକଟ ଅପ୍ରକାଶ୍ୟ
ଦୂରେ ପ୍ରଭୁ ଅଦଭୁତେ ହୁଁକାର କରିଲେ ।
ହା କୃଷ୍ଣ ବୋଲିଣ ପ୍ରଭୁ ମୁର୍ଚ୍ଛିତ ହେଲେ,
ଦେହ ଦୁହେଁ କ୍ଷେତ୍ର ଦ୍ୱିଜ ମହାଭାବମସ୍ତ,
ଶୀତଳ କରିଲ ହିଯ୍ୟା ଭାବକଲ ଅସ୍ତ,
ସେହିଦିନୁ ପ୍ରତିଦିନ ଉଭୟେ ମିଳନ୍ତି
କୋଳାକୋଳି ହୋଇ ଲଭି ଭାଗବତ ପ୍ରୀତି ।

...ାପରେ ଜଗନ୍ନାଥ ଦାସ ଶ୍ରୀମନ୍ଦିର ରତ୍ନସିଂହାସନରେ ...ବିଗ୍ରହ ପରିବର୍ତ୍ତେ ସୁଦର୍ଶନ ଚକ୍ର ପୂଜା ପାଉଥିବାର କାରଣ ...ନ୍ତି । ସୁଦର୍ଶନ ଚକ୍ର ଗୋଲାକାର ରାସମଣ୍ଡଳ ଏବଂ କୃଷ୍ଣ ... ଯମେଶ୍ୱର ମହାଦେବଙ୍କ ପାଖରେ ବିଜେ କରନ୍ତି । ଯମେଶ୍ୱର ହେଉଛନ୍ତି ଶ୍ରୀ ଜଗନ୍ନାଥଙ୍କର ଆୟ ବ୍ୟୟର ହିସାବ ରକ୍ଷକ । ସେଠାରେ ବଡ଼ପଣ୍ଡା ସମସ୍ତ ଆୟ ବ୍ୟୟ ପଢ଼ି ସୁଦର୍ଶନ ଚକ୍ରଙ୍କୁ ଶୁଣାଇଥାନ୍ତି । "ଅନନ୍ୟା ଗୃହିଣୀ ଚକ୍ର ହ୍ଲାଦିନୀ ମୋହିନୀ ପରା । ସୁଦର୍ଶନ ଚକ୍ର ଅଧିରୂଢ଼ ମହାଭାବର ପ୍ରତୀକ ବୋଲି ଉତ୍କଳୀୟ ଭକ୍ତମାନଙ୍କର ବିଶ୍ୱାସ ।

ସୁଦର୍ଶନ ସୁଦର୍ଶନା ରାଧାପ୍ରେମ ଜାଣ,
ରାଧାଷ୍ଟମୀ ବିଧି ଯା'ର ତତ୍ତ୍ୱର ପ୍ରମାଣ ।
ଏହିମତ ନାନାଭାବ ନିତ୍ୟ ଆଳପନ,
ଶ୍ରୀ ଚୈତନ୍ୟ ଜଗନ୍ନାଥ ହେଲେ ଏକ ମନ ।"
—ଚୈତନ୍ୟ ଚକଡ଼ା

ଏ ପ୍ରସଙ୍ଗରେ ଶ୍ରୀ ଚୈତନ୍ୟ ଦେବଙ୍କର ଶ୍ରୀ ଜଗନ୍ନାଥ ଦାସଙ୍କ ସହିତ ଏହି ପ୍ରୀତି କେତେକ ବଙ୍ଗୀୟ ଭକ୍ତ ସହି ନପାରି କ୍ଷୁଣ୍ଣ ହେବା ଦେଖି ଶ୍ରୀ ଚୈତନ୍ୟ ଦେବ ଭକ୍ତମାନଙ୍କୁ ଲକ୍ଷ୍ୟକରି କହୁଛନ୍ତି :

ଚୈତନ୍ୟ କହିଲେ ଏ ଯେ କ୍ଷେତ୍ର ଦ୍ୱିଜବର,
ଭାଗବତୀ ଜଗନ୍ନାଥ ପ୍ରିୟତମ ନର ।
ରାଧାଭାବେ ରାୟ ଆମାର ପ୍ରିୟଙ୍କର,
ଜଗନ୍ନାଥ ଭାଗବତୀ କ୍ଷେତ୍ରର ଭୂଷଣ ।
ମୋର ନିତ୍ୟ ଦାସଭାବ ତା ଇଷ୍ଟ ପ୍ରମାଣ ।
ନିତ୍ୟ କ୍ଷେତ୍ରେ କଳ୍ପତରୁ ତଳେ ଭାଗବତ,
ପଢ଼ଇ ଭାବରେ ତାଙ୍କୁ କର ଦଣ୍ଡବତ ।
—ଚୈତନ୍ୟ ଚକଡ଼ା

ଏହାପରେ ଦ୍ୱିତୀୟ ପ୍ରସଙ୍ଗରେ ଚୈତନ୍ୟ ଚକଡ଼ାରେ ଉଲ୍ଲେଖ ଅଛି ।

ଜଗନ୍ନାଥ ଭାଗବତ ପୁରାଣ ପଢ଼ନ୍ତି,
ଚୈତନ୍ୟ ଗୋସାଇଁ ପଦ ନିତ୍ୟ ବଖାଣନ୍ତି ।

ଏହାପରେ ଆଉ ଦିନକର ଘଟଣାରେ ଶ୍ରୀ ଜଗନ୍ନାଥ ଦାସ ଓ ଶ୍ରୀ ଚୈତନ୍ୟ ଦେବଙ୍କର ମିଳନ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଶ୍ରୀ ଜଗନ୍ନାଥ ଦାସ ଓ ଶ୍ରୀ ଚୈତନ୍ୟ ଦେବ ଗରୁଡ଼ ସ୍ତମ୍ଭର ପାର୍ଶ୍ୱରେ ଥାଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରୁଥିଲେ । ଶ୍ରୀ ଜଗନ୍ନାଥ ଦାସ ଲକ୍ଷ୍ୟକଲେ, ଶ୍ରୀ ଚୈତନ୍ୟ ଦେବ ଭାବାବିଷ୍ଟ ହୋଇ ମନେ ମନେ ଗୋଟିଏ ବଉଳ ମାଳା ହାତରେ ନେଇ ଜଗନ୍ନାଥଙ୍କୁ ପିନ୍ଧାଇବାକୁ ଯାଉଛନ୍ତି । କିନ୍ତୁ ମାଳାଟି ଗଣ୍ଠିପଡ଼ିଯାଇଥିବାରୁ ଶ୍ରୀମୁଣ୍ଡିରେ ଗଳୁନାହିଁ । ଶ୍ରୀ ଚୈତନ୍ୟ ଦେବ ମାନସ ସେବାରେ ଏହିପରି ବ୍ୟାଘାତ ଦେଖି ତାଙ୍କ ଶରୀରରେ କମ୍ପ ଜାତ ହୋଇଛି ଏବଂ ନୟନରୁ ଅଶ୍ରୁଧାରା ବୋହିଯାଉଛି । ଏହା ଜାଣିପାରି ଜଗନ୍ନାଥ ଶ୍ରୀ ଚୈତନ୍ୟ ଦେବଙ୍କୁ କହୁଛନ୍ତି :

ଭାବେ ଜାଣି ଭାଗବତୀ ବିନୟ ବଚନ,
କହେ ପାଏ ପଡ଼ି କ୍ଷମ ଧୃଷ୍ଟତା ମହାନ ।
ଜଗନ୍ନାଥଙ୍କ ମାଳାରେ ଗ୍ରନ୍ଥି ନପଡ଼ଇ,
କାହାର ଆବନ୍ଧେ ପ୍ରଭୁ ତାଙ୍କୁ ନପୋଗାଇ ।
... ଉଚ୍ଚ ସୁନ୍ଦର,

କ୍ଷମ ଅପରାଧ ମୋର, ଗ୍ରନ୍ଥି ବିମୋଚନ,
କରି ମାଳା ଦୁଇ ଭୁଜେ ପିନ୍ଧାଅ ବହନ ।
ଆତୁରେର ବ୍ୟଥା ଶୁଣି କହିଲ ଏମନ୍ତ,
ଗ୍ରନ୍ଥିବିରୋହିତ ମାଳା ଲାଗିର ସିଦ୍ଧାନ୍ତ ।
ଉତ୍ତରୀୟ କାଢ଼ି ପ୍ରଭୁ ଦାସଙ୍କ ଶିରରେ,
ବାନ୍ଧି ଶାଢ଼ୀ ନାମ ଦେଲେ ଶାଖା ବିସ୍ତାରରେ ।
ଅତିବଡ଼ୀ ତୁହ୍ନି ଭାଗବତ ପ୍ରାଣ,
ଅନେକ ଦିନର ଆଶା କରିଲୁ ପୂରଣ ।
ଶ୍ରୀ ଚୈତନ୍ୟ ଜଗନ୍ନାଥ କୋଳାକୋଳି ହୋଇ,
ଉଦ୍ଦଣ୍ଡ ନୃତ୍ୟ କରିଲେ ଜଗନ୍ନାଥେ ଗୁହିଁ ।
ଶାଢ଼ୀ କଷି ଦେଲେ ଚୈତନ୍ୟ ଠାକୁର ।

ଏହାପରେ ଗୋଟିଏ ଅଶ୍ରୁତପୂର୍ବ ଘଟଣା ଚୈତନ୍ୟ ଚକଡ଼ାରେ ଉଲ୍ଲିଖିତ ହୋଇଛି । ଶ୍ରୀ ଚୈତନ୍ୟ ଦେବ ଓ ଶ୍ରୀ ଜଗନ୍ନାଥ ଦାସ ଏ ଦୁହିଁଙ୍କ ମଧ୍ୟରେ କିଏ ବେଶୀ ସିଦ୍ଧ ମହାପୁରୁଷ ଏ ବିଷୟରେ ଶ୍ରୀ କ୍ଷେତ୍ରରେ ଆଲୋଚନା ହୋଇଛି । ଏ ବିଷୟରେ ମୀମାଂସା କରିବା ପାଇଁ ଉଭୟ ମତବାଦୀ ଏକ ସୁଯୋଗ ପାଇଛନ୍ତି । କାର୍ତ୍ତିକ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ପ୍ରବଳ ପବନ ହେବାରୁ ରୋଷଘରୁ ପ୍ରଦୀପ ଆସିପାରୁନାହିଁ ଏବଂ ଦୀପ ନଆସିଲେ ମଙ୍ଗଳାଳତୀ ହୋଇପାରୁନାହିଁ । ଏହି ସମୟରେ ଜଗନ୍ନାଥ ଦାସ ଏବଂ ଚୈତନ୍ୟ ଦେବ ଉଭୟେ ଶ୍ରୀ ମନ୍ଦିରରେ ପହଞ୍ଚିଛନ୍ତି । ଉପସ୍ଥିତ ଦେଉଳ କରଣ ମନେ ମନେ ଭାବିଲେ — ଏହା ହିଁ ଉଭୟଙ୍କର ସିଦ୍ଧି ପରୀକ୍ଷାର ଅପୂର୍ବ ସୁଯୋଗ । ଆଖଣ୍ଡଳ ପାଟ ନାମକ ଜଣେ କରଣ ଶ୍ରୀ ଚୈତନ୍ୟ ଦେବଙ୍କୁ ଅନୁରୋଧ କରି କହିଲେ :

ଆଖଣ୍ଡଳ ପାଟ ବୋଲେ ଠାକୁର ଶୁଣିବା,
ବଇଠା ନଯାଏ ବାତେ ସେବା କି କରିବା ।
ହସି ପ୍ରଭୁ ଗୌରଚନ୍ଦ୍ର କରେ ଧରି ଦୀପ,
ସଂକୀର୍ତ୍ତନ ମଧ୍ୟେ ନୃତ୍ୟ କଲେ ଅନୁରୂପ ।
ପ୍ରଖର ପବନେ ଦୀପ କରରେ ଜଳଇ,
ନୃତ୍ୟ ସଙ୍ଗ ନୃତ୍ୟ କରେ ଦୀପ ଶିଖା ତହିଁ ।
ଜଗନ୍ନାଥ ମଧ୍ୟ ଏକ ବଇଠା ଧଇଲେ,
ଚୈତନ୍ୟ ଗୋସାଇଁ ନାମ ମଧ୍ୟେ ମଜ୍ଜି ଗଲେ ।


ଅଖଣ୍ଡ ସେ ଦୁଇ ଧରି ଦୁଇ ମହାଜନ,
ଜଗମୋହନେ ପଶିଲେ ସହାସ୍ୟବଦନ ।
ଜୟ ବିଜୟ ଦ୍ୱାରରେ ବଇଠା ରଖିଲେ,
ମୁଦ ଦେଖି ସେବକ ଯେ କବାଟ ଫେଇଲେ ।
ଦୁହେଁ ଅପ୍ରାକୃତ କର୍ମ କରି କୃତ ସିଦ୍ଧ ହେଲେ,
ଅଗଣିତ ଜନେ ଆସି ଦର୍ଶନ କରିଲେ ।
ପରିଛା ବୋଇଲେ ଏହା ନୁହେଁ ସାଧାରଣ,
ସାଧୁଙ୍କ କରେ ବଇଠା ଦେବାର ପ୍ରମାଣ ।
ରାଜାଜ୍ଞାରେ ଏହି ସିଦ୍ଧି କାଳକୁ ରହିଲା,
ଦୁଇ ଗାଦିରେ କାର୍ତ୍ତିକ ଅଖଣ୍ଡ ଜଳିଲା ।
ବଇଠା ସିଦ୍ଧିକୁ ଗମ୍ଭୀରାକୁ ପଞ୍ଚବାଟି,
ଓଡ଼ିଆ ମଠକୁ ଖଞ୍ଜା ବରାଦ୍ଦତ ଗୋଟି ।

—ଶ୍ରୀ ଚୈତନ୍ୟ ଚକଡ଼ା

ଏହି ଘଟଣାର ସ୍ମାରକୀ ହିସାବରେ କାର୍ତ୍ତିକ ମାସର ପ୍ରାରମ୍ଭରୁ ଜୟ ବିଜୟ ଦ୍ୱାରରେ ରାଧାକାନ୍ତ ଗମ୍ଭୀରା ମଠ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ସିଦ୍ଧିକୁ ସ୍ମରଣ ରଖିବା ପାଇଁ ଦୁଇଟି ପ୍ରଦୀପ ସାରା କାର୍ତ୍ତିକ ମାସ ଜଳିଥାଏ ।

ସର୍ବଶେଷରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଅପ୍ରକଟ ପୂର୍ବରୁ ତାଙ୍କ ନିର୍ଦ୍ଦେଶରେ ବିଭିନ୍ନ ସେବା ପ୍ରଦାନର ପ୍ରସଙ୍ଗ ଉଲ୍ଲେଖ ରହିଛି । ସେଥିରେ ମଧ୍ୟ ବଙ୍ଗବାସୀ ଓ ଓଡ଼ିଆ ଭକ୍ତମାନଙ୍କ ସହିତ ଅତିବଡ଼ୀ ଗୋସାଇଁଙ୍କୁ ଭୂମି ଖଞ୍ଜା ଦେବାର ଦେଖାଯାଏ । ଅତିବଡ଼ୀ ଗୋସାଇଁଙ୍କୁ କନକ ମୁଣ୍ଡାଇ ସେବା ପ୍ରଦାନ କରାଯାଇଥିଲା । ଏହି ସେବାର ଅର୍ଥ ରତ୍ନ ସିଂହାସନ ଉପର ଦାରୁ ନିର୍ମିତ ଆବରଣ ପ୍ରସ୍ତୁତ କରି ସମର୍ପଣ କରିବା । ଏଥିପାଇଁ ଅନ୍ୟାନ୍ୟ ବିଭିନ୍ନ ମଠ ସହିତ ବଡ଼ ଓଡ଼ିଆ ମଠ ମଧ୍ୟ ପ୍ରଚୁର ସମ୍ପତ୍ତି ଉପଭୋଗ କରି ଆସୁଛନ୍ତି ।

ଯୋବ୍ରା ରୋଡ଼,
କଟକ—୩ ।




କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ରବି ଋତୁ ଉପରେ ରାଜ୍ୟସ୍ତରୀୟ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ।

# ଯଦି ସଞ୍ଚିବ ବେଳ ଥାଉ

ଶ୍ରୀ ଦିଲ୍ଲୀପ କୁମାର ପରିଡ଼ା

ସ୍ୱାଧୀନତା ପ୍ରାପ୍ତିଠାରୁ ଏ ପର୍ଯ୍ୟନ୍ତ ଜାତୀୟ ସଞ୍ଚୟ ଆନ୍ଦୋଳନ ବେଶ୍ ପ୍ରଗତି ହାସଲ କରିଛି । ଏହା ବିଭିନ୍ନ ଆୟ ଗୋଷ୍ଠୀର ଲୋକଙ୍କୁ ସେମାନଙ୍କର ଆୟରୁ ସ୍ୱଳ୍ପ ସଞ୍ଚୟ ଦ୍ୱାରା ମୂଳଧନ ବାବଦକୁ ଗଚ୍ଛିତ ଜମା ଲାଭ କରିବା ସକାଶେ ଅନେକଗୁଡ଼ିଏ ପରିକଳ୍ପନା ଖଞ୍ଜି ଦେଇଛି । ଏଥି ସହିତ ଏହା ସେମାନଙ୍କୁ ରାଷ୍ଟ୍ରୀୟ ଉନ୍ନୟନ କାର୍ଯ୍ୟରେ ଅଂଶ ଗ୍ରହଣ କରିବାର/ସୁଯୋଗ ଦିଏ, କାରଣ ସ୍ୱଳ୍ପ ବହୁତ ସମଷ୍ଟ ସଞ୍ଚୟ ରାଷ୍ଟ୍ରୀୟ ଅର୍ଥନୀତିରେ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଥାଏ ।

## ଜାତୀୟ ସଞ୍ଚୟର ବିଶେଷ ସୁବିଧା

(୧) ସଞ୍ଚୟ ଦେଶର ଯେଉଁ ସ୍ଥାନରେ ହେଉ ପଛେ, ନିରାପଦ ଭାବେ ସର୍ବାଧିକ ପରିମାଣର ଲାଭ ସହ ଫେରନ୍ତ ମିଳେ ।

(୨) ସମସ୍ତଙ୍କର ଆବଶ୍ୟକତା ପୂରଣ କଲା ଭଳି ତଥା ପ୍ରତ୍ୟେକଙ୍କର ସୁବିଧାଜନକ ହେବା ଭଳି ଯୋଜନାମାନ ରହିଛି ।

(୩) କ୍ଷୁଦ୍ର ସଞ୍ଚୟକାରୀମାନଙ୍କ ପାଇଁ ବୀମା, ବୃହତ ସଞ୍ଚୟକାରୀମାନଙ୍କ ପାଇଁ କର ରିହାତି ଆଦି ଆକର୍ଷକ ବ୍ୟବସ୍ଥା ।

(୪) ଆପଣଙ୍କର ଦ୍ୱାର ମୁହଁରେ ଏଜେଣ୍ଟ, ମହିଳା ପ୍ରଧାନ ଏଜେଣ୍ଟମାନଙ୍କ ଦ୍ୱାରା ମାଗଣାରେ ସେବା ସୁବିଧା ।

(୫) ମନୋନୟନ ସୁବିଧା — ଯଦି ଜମାକାରୀଙ୍କର ମୃତ୍ୟୁ ହୋଇଯାଏ, ମୃତ୍ୟୁ ପରେ ତାଙ୍କର ପ୍ରାପ୍ୟ ପାଇବା ପାଇଁ ସେ ଜଣେ କିମ୍ବା ଦୁଇ ଜଣ ବ୍ୟକ୍ତିଙ୍କୁ ପୂର୍ବରୁ ମନୋନୟନ କରିପାରିବେ ।

(୬) ନିଜର ସଞ୍ଚୟ ଶୀଘ୍ର ଶୀଘ୍ର ବଢିବା ସଙ୍ଗେ ସଙ୍ଗେ ଦେଶ ସେବାର ସୁବିଧା ।

ସବୁଠାରୁ କମ୍ ପରିଚାଳନା ଖର୍ଚ୍ଚରେ ଏବଂ କୌଣସି ପ୍ରକାର ଲାଭ ଆୟର ଆଶା ନରଖି ଚଳାଯାଉଥିବା ଏହି ଜତୀୟ ସଞ୍ଚୟ ଆନ୍ଦୋଳନ ଆପଣଙ୍କର ମିତବ୍ୟୟିତା ବୃଦ୍ଧି କରାଇବା ପାଇଁ ଉଦ୍ଦିଷ୍ଟ । ଏହି ସବୁ ଯୋଜନା ମାଧ୍ୟମରେ ଆପଣଙ୍କ ସଞ୍ଚୟ କରୁଥିବା ଅର୍ଥ ଦେଶର ବିଭିନ୍ନ ବିକାଶ ମୂଳକ ଯୋଜନା ପାଇଁ ସମ୍ବଳ ଯୋଗାଇ ଦେଉଛି । ଏହା ନହେଲେ ଅଧିକ କର ବସାଯାଇ ହୁଏତ ଏହି ଅର୍ଥ ସଂଗ୍ରହିତ ହୋଇଥାଆନ୍ତା ।

ଜାତୀୟ ସଞ୍ଚୟ ସଙ୍ଗଠନର ସବୁ ଶ୍ରେଣୀର ବ୍ୟକ୍ତିଙ୍କର ଚାହିଦାକୁ ଖାପ ଖୁଆଇବା ଭଳି ବହୁତଗୁଡ଼ିଏ ଯୋଜନା ରହିଛି । ଆପଣଙ୍କର ଆବଶ୍ୟକତା, ଦାୟିତ୍ୱ ତଥା ଅଭିଳାଷ ଅନୁଯାୟୀ ଆପଣ ସେଗୁଡ଼ିକୁ ବାଛିନେଇପାରନ୍ତି । ଆପଣ ହୁଏତ ଏକ ଗଚ୍ଛିତ ମୂଳଧନ ଗଠନ କରିବା ପାଇଁ, କିମ୍ବା ନିୟମିତ ଭାବେ ମିଳୁଥିବା ଏକ ଅତିରିକ୍ତ ଆୟର ସୁବିଧା ନେବା ପାଇଁ, ଅଥବା କର ରିହାତି ଇତ୍ୟାଦି ସୁବିଧା ଲାଭ ପାଇଁ କମ୍ କିମ୍ବା ବେଶୀ ପରିମାଣର ଅର୍ଥ, କିସ୍ତି କିସ୍ତି କରି କିମ୍ବା ଏକକାଳୀନ ସମୁଦାୟ ଭାବେ ସଞ୍ଚୟ କରିବାକୁ ଚାହିଁ ପାରନ୍ତି ।

କର୍ମମୟ ଜୀବନରୁ ଅବସର ନେଇ ପ୍ରତ୍ୟେକ ବ୍ୟକ୍ତି ବୃଦ୍ଧ ବୟସରେ ଅଭାବହୀନ ସୁଖମୟ ଜୀବନ ଅତିବାହିତ କରିବାକୁ ସ୍ୱପ୍ନ ଦେଖେ । ବୃଦ୍ଧ ବୟସରେ କିଏ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ପର ଉପରେ ନିର୍ଭର କରିବାକୁ ସୁଖ ପାଇବ ? ଆପଣ ଚାକିରି କରିଛନ୍ତି କି ? ଅବସର ଗ୍ରହଣ ବେଳେ ଆପଣଙ୍କୁ ପେନ୍‌ସନ କେତେ ମିଳିବ ? ଏଥିରୁ ଆପଣ ସବୁଯାକ ଚାହିଦା ମେଣ୍ଟାଇ ପାରିବେ କି ? ଯଦି ନୁହେଁ, ତେବେ ଯାହା ଆର୍ଥିକ ଅଭାବ ରହିବ, ତାକୁ କିପରି ପୂରଣ କରିପାରିବେ ? ଆପଣଙ୍କର ଯଦି ପେନ୍‌ସନ ପାଇବାକୁ ନଥାଏ, ତେବେ ଅବସର ଗ୍ରହଣ ପରେ କ'ଣ ମାସିକ ନିୟମିତ ଆୟ ଦରକାର କରିବେ ନାହିଁ କି ? ମାସିକ ଆପଣଙ୍କର କେତେ ଟଙ୍କା ଦରକାର ହେବ ? ଆପଣ ନିଶ୍ଚୟ ବୃଦ୍ଧ ବୟସରେ ଯଥେଷ୍ଟ ନିୟମିତ ଆୟ ଲାଭ କରିବାକୁ ଆଶାୟୀ ? ଏହାଛଡା ପିଲାମାନଙ୍କର ଶିକ୍ଷାଦୀକ୍ଷା (ଉଚ୍ଚଶିକ୍ଷା)

ଏକସଙ୍ଗେ ବହୁତ ଅର୍ଥର ଆବଶ୍ୟକ । ତେଣୁ କିପରି ଆପଣ ଏକସଙ୍ଗେ ବହୁ ଅର୍ଥ ପାଇପାରିବେ ? ଏ ସମସ୍ତ ଭବିଷ୍ୟତ ଖର୍ଚ୍ଚ ମେଣ୍ଟାଇବା ପାଇଁ ପୂର୍ବ ପରିକଳ୍ପନା ଆବଶ୍ୟକ । ଏଣୁ ଚାକିରି ଥିବା ଅବସ୍ଥାରେ ନିଜ ରୋଜଗାରରୁ କିଛି କିଛି ସଞ୍ଚୟ କଲେ ଭବିଷ୍ୟତକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଯଦି ଆପଣ ସଞ୍ଚୟ ନ କରନ୍ତି ତେବେ ଭବିଷ୍ୟତରେ ବଡ଼ ବଡ଼ ଖର୍ଚ୍ଚ ମେଣ୍ଟାଇବା ପାଇଁ ଋଣ କରିବାକୁ ବାଧ୍ୟ ହେବେ ଏବଂ ଏହି ଋଣକୁ ସୁଧ ସହିତ ପରିଶୋଧ କରିବାକୁ ପଡିବ । ତେଣୁ ଆପଣଙ୍କୁ ଏହି ଋଣ ସୁଝିବାକୁ ଅଧିକ ଖର୍ଚ୍ଚ କାଟ କରିବାକୁ ହେବ । ତେଣୁ ସଞ୍ଚୟ କରିବାକୁ ଆପଣ ବାଧ୍ୟ ହେବେ । ଆପଣ ସେଥିପାଇଁ ଏବେଠୁ "ପଇସାକୁ ଚିହ୍ନନ୍ତୁ, ପଇସା ନିଜର ଓ ଆପଣଙ୍କର ଯତ୍ନ ନେବ" ।

ଆସନ୍ତୁ ଦେଖିବେ ଆପଣଙ୍କର ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଜାତୀୟ ସଞ୍ଚୟ ସଙ୍ଗଠନ ଉପଯୁକ୍ତ ଯୋଜନାମାନ ଖଞ୍ଜି ଦେଇଛି । ଆପଣ ଏଥିରୁ ନିଜର ଆୟ, ଖର୍ଚ୍ଚ ଏବଂ ସଞ୍ଚୟର ମାତ୍ରା ଅନୁସାରେ ନିଜ ପାଇଁ ଉପଯୁକ୍ତ ଯୋଜନା ବାଛିନିଅନ୍ତୁ ।

## ବୃଦ୍ଧ ବୟସରେ ପେନ୍‌ସନ ପାଇବା ଯୋଜନା :

ଆପଣ ଯଦି ଚାକିରି କରିଥାନ୍ତି ଏବଂ ଆପଣଙ୍କର ୫, ୧୦ କିମ୍ବା ୧୫ ବର୍ଷ ଚାକିରି ବାକିଥାଏ, ତେବେ ଆପଣ ପ୍ରତି ମାସରେ ୫୦୦ ଟଙ୍କା ମୂଲ୍ୟର ଇନ୍ଦିରା ବିକାଶ ପତ୍ର କିଣି ଚାଲନ୍ତୁ । ଏହା ମାତ୍ର ୨୫୦ ଟଙ୍କାରେ ପ୍ରତି ପୋଷ୍ଟ ଅଫିସରେ କିଣିବାକୁ ମିଳେ । ୫ ବର୍ଷ ପୂରଣ ହେବା ପରେ ଆପଣ ମାସକୁ ମାସ ପ୍ରତ୍ୟେକଟିର ମୂଲ୍ୟ ବାବଦକୁ ୫୦୦ ଟଙ୍କା, ୫, ୧୦ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ଅବାରିତ ପାଇ ପାରିବେ । ଯାହା ଫଳରେ ଆପଣଙ୍କର ଅବସରକାଳୀନ ଜୀବନ ସୁଖରେ ବିତିବ ।

## ମାସିକ ଆୟ ଯୋଜନା :

ଆପଣଙ୍କର ଯଦି ପେନ୍‌ସନ ପାଇବାକୁ ନଥାଏ, ତେବେ ଅବସର ଗ୍ରହଣ ପରେ ଆପଣ ମାସିକ ନିୟମିତ ଆୟ ଦରକାର କରିବେ ନିଶ୍ଚୟ । ସେଥିପାଇଁ ଆପଣ ପୋଷ୍ଟ ଅଫିସ ମାସିକ ଆୟ ଯୋଜନାରେ ଅର୍ଥ ବିନିଯୋଗ କରନ୍ତୁ । ଏଥିରେ ଆପଣ ଅତି କମ୍‌ରେ ୫,୦୦୦ ଟଙ୍କା ଏବଂ ଏହାର ଗୁଣିତକ ହିସାବରେ ଅତି ବେଶୀରେ ମୂଳଜମା ଏବଂ ଜମାର ଶତକଡ଼ା ୧୦ ଭାଗ ବୋନସ୍ ସହିତ ଫେରସ୍ତ ପାଇବେ । ଉଦାହରଣ ସ୍ୱରୂପ ଯଦି ଆପଣ ମାସିକ ୫୦୦ ଟଙ୍କା ଆୟ ଦରକାର କରନ୍ତି ତେବେ ୫୦ ହଜାର ଟଙ୍କା ଏଥିରେ ଜମା କରିବେ । ମାସକୁ ମାସ ୬ ବର୍ଷ ମିଆଦ ପୂରଣ ପର୍ଯ୍ୟନ୍ତ ଆପଣ ୫୦୦ ଟଙ୍କା ଲେଖାଁ ପାଇବେ ଏବଂ ୬ ବର୍ଷ ପୂରଣ ପରେ ମୂଳଜମା ୫୦ ହଜାର ଯୁକ୍ତ ବୋନସ ୫,୦୦୦ ଟଙ୍କା ଏହିପରି ମୋଟ ୫୫ ହଜାର ଟଙ୍କା ଫେରସ୍ତ ପାଇବେ । ମାସିକ ୫୦୦ ଟଙ୍କା ଆୟରେ ଆପଣଙ୍କର ଆବଶ୍ୟକତା ପୂରଣ କରିପାରିବେ ।

## ସନ୍ତାନ ସନ୍ତତିଙ୍କର ଉଚ୍ଚ ଶିକ୍ଷା ପାଇଁ ଯୋଜନା :

ମନେ କରନ୍ତୁ ଆପଣଙ୍କ ପିଲାମାନେ ୫ରୁ ୧୦ ବର୍ଷ ପରେ ବିଶ୍ୱବିଦ୍ୟାଳୟ କିମ୍ବା ଉଚ୍ଚ ଶିକ୍ଷା ପାଇଁ କେଉଁଠି ବୈଷୟିକ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନରେ ପଢ଼ିବାକୁ ଯିବେ । ସେତେବେଳେ ଆପଣଙ୍କ ପିଲାମାନେ ୪/୫ ବର୍ଷ ପାଇଁ ମାସକୁ ମାସ ୪୦୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଅଧ୍ୟୟନ ଖର୍ଚ୍ଚ ଦରକାର କରିବେ । ଆପଣଙ୍କ ସୀମିତ ମାସିକ ଆୟରୁ ଏତେଗୁଡ଼ାଏ ଟଙ୍କା ଯୋଗାଇ ପାରିବେ କି ? ହୁଏତ ଆପଣ ଯୋଗାଇ ପାରନ୍ତି । ମାତ୍ର ଆପଣଙ୍କୁ ଚଳିବାକୁ ବହୁତ କଷ୍ଟ ହେବ କିମ୍ବା ଆପଣ ଧାର କରିବାକୁ ବାଧ୍ୟ ହେବେ । କିନ୍ତୁ ଆପଣ ଯଦି ମାସକୁ ମାସ ୨୫୦ ଟଙ୍କା ଦେଇ ଇନ୍ଦିରା ବିକାଶ ପତ୍ର ୫ ବର୍ଷ ପାଇଁ କିଣନ୍ତି । ତେବେ ୫ ବର୍ଷ ପରେ ଆପଣ ମାସକୁ ମାସ ୫୦୦ ଟଙ୍କା ପାଇବେ । ଯାହା ଫଳରେ ଆପଣ ପିଲାମାନଙ୍କର ପଢ଼ା ଖର୍ଚ୍ଚ ସହଜରେ ମେଣ୍ଟାଇ ପାରିବେ ।

## ଝିଅର ବିବାହ ପାଇଁ ଯୋଜନା :

ଯଦି ଆପଣଙ୍କର ଝିଅଟିଏ ଥାଏ, ତାର ବିବାହ ପାଇଁ ୨୦ ବର୍ଷ ପରେ ଆପଣ ଅତି କମ୍‌ରେ ୬୦ରୁ ୮୦ ହଜାର ଟଙ୍କା ଦରକାର କରିବେ । ସେତେବେଳେ ଏକ ସମୟରେ ଏତେଗୁଡ଼ାଏ ଟଙ୍କା ଯୋଗାଡ଼ କରିବା କଷ୍ଟକର ହୋଇପାରେ । କିନ୍ତୁ ଆପଣ ଯଦି ୫ ହଜାର ଟଙ୍କା ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରନ୍ତି ତେବେ ୫ ବର୍ଷ ପରେ ଆପଣ ୧୦ ହଜାର ଟଙ୍କା ପାଇବେ । ପୁଣି ସେହି ୧୦ ହଜାର ଟଙ୍କାକୁ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କରି ୫ ବର୍ଷ ପରେ ୨୦ ହଜାର ଟଙ୍କା ପାଇବେ । ଏହିପରି ଭାବେ ଆପଣ ୧୫ ବର୍ଷ ପରେ ୪୦ ହଜାର ଟଙ୍କା ଏବଂ ୨୦ ବର୍ଷ ପରେ ୮୦ ହଜାର ଟଙ୍କା ପାଇବେ । ଯାହା ଫଳରେ ଝିଅଟିର ବିବାହ ବେଳକୁ ଆପଣଙ୍କର କିଛି ଅସୁବିଧା ହେବ ନାହିଁ । ଏଥିପାଇଁ ଆପଣଙ୍କୁ ମାତ୍ର ୫ ହଜାର ଟଙ୍କା ବିନିଯୋଗ କରିବାକୁ ପଡୁଛି ।

## ଅନ୍ୟ ଏକ ଯୋଜନା :

ଆପଣ ଯଦି ମାସିକ ବେତନଭୋଗୀ କର୍ମଚାରୀ ହୋଇଥାଆନ୍ତି ତେବେ ଝିଅଟିର ଜନ୍ମ ଦିନରୁ ଆପଣ ୧୨୫ ଟଙ୍କାର ଗୋଟିଏ ୫ ବର୍ଷିଆ ପୋଷ୍ଟ ଅଫିସ୍ ରିକରିଂ ଡିପୋଜିଟ୍ ଆକାଉଣ୍ଟ ଖୋଲନ୍ତୁ । ମାସକୁ ମାସ ଆପଣ ୧୨୫ ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ ଜମା କରିବେ । ୫ ବର୍ଷ ପୂରଣ ପରେ ପରିପକ୍ୱ ମୂଲ୍ୟ ବାବଦକୁ ଆପଣ ଟ୧୦,୦୩୩-୭୫ ପଇସା ପାଇବେ । ଏହି ୧୦ ହଜାର ଟଙ୍କାକୁ ଆପଣ ଇନ୍ଦିରା ବିକାଶ ପତ୍ରରେ ବିନିଯୋଗ କଲେ ୫ ବର୍ଷ ପରେ ୨୦ ହଜାର, ୧୦ ବର୍ଷ ପରେ ୪୦ ହଜାର ଏବଂ ୧୫ ବର୍ଷ ପରେ ୮୦ ହଜାର ଟଙ୍କା ପାଇବେ । ଅର୍ଥାତ୍ ଝିଅଟିକୁ ୨୦ ବର୍ଷ ହେବା ବେଳକୁ ଆପଣଙ୍କ ପାଖରେ ୮୦ ହଜାର ଟଙ୍କା ଜମା ଥିବ । ଯାହା ଫଳରେ ଝିଅଟିର ବିବାହ ପାଇଁ ଆପଣଙ୍କୁ ଅର୍ଥ ଚିନ୍ତା କରିବାକୁ ପଡ଼ିବ ନାହିଁ । ଏଥିରେ ମାସକୁ ମାସ ୧୨୫ ଟଙ୍କା ହିସାବରେ ଆପଣ ମାତ୍ର ୭,୫୦୦ ଟଙ୍କା ୫ ବର୍ଷରେ ଜମା କରିବେ । କିନ୍ତୁ ଝିଅର ବିବାହ ପାଇଁ ୮୦ ହଜାର ଟଙ୍କା ପାଇବେ । ତେଣୁ ପୂର୍ବରୁ ପରିକଳ୍ପନା କରି ସଞ୍ଚୟ କଲେ କିଛି ଅସୁବିଧା ହେବ ନାହିଁ ।

ତେଣୁ ଆପଣଙ୍କ ଆବଶ୍ୟକତା ଅନୁଯାୟୀ ତୁରନ୍ତ ଯୋଜନା କରି ନିୟମିତ ସଞ୍ଚୟ କରନ୍ତୁ । ନିଜର କଷ୍ଟୋପାର୍ଜିତ ଧନର ସଦୁପଯୋଗ କରି ନିଜର ସମସ୍ୟା ସମାଧାନ କରିବା ସଙ୍ଗେ ସଙ୍ଗେ ଦେଶର ପ୍ରଗତିରେ ସାହାଯ୍ୟ କରନ୍ତୁ ।

ଜିଲ୍ଲା ସଞ୍ଚୟ ଅଧିକାରୀ, ଜାତୀୟ ସଞ୍ଚୟ ସଙ୍ଗଠନ (ଭାରତ ସରକାର), ଛତ୍ରପୁର, ଗଞ୍ଜାମ ।

# ଶ୍ରମିକ ସଙ୍ଗଠନ ଓ ବହୁପାଦୀ ନେତୃତ୍ୱ

ଡଃ ପ୍ରଫୁଲ୍ଲ ଚନ୍ଦ୍ର ଦାଶ

ବହୁପାଦୀ ଶବ୍ଦଟି ଓଡ଼ିଶାର ଶ୍ରମିକ ନେତୃତ୍ୱ ପ୍ରତି ପ୍ରୟୋଗ କଲାବେଳେ ପର୍ଯ୍ୟାପ୍ତ ସତର୍କ ଆବଶ୍ୟକ ହୁଏ । ସାଧାରଣତଃ ଓଡ଼ିଶାରେ ଏପରି ଏକ ପଦର ପ୍ରୟୋଗ ନଥାଏ । ଏହାକୁ ଇଂରାଜୀରେ 'ମଲଟିପେଡ୍ ଲିଡ଼ରସିପ୍' କୁହାଯାଏ । ଜଣେ ଶ୍ରମିକ ନେତା ଏକାଧିକ ଶ୍ରମିକ ସଙ୍ଗଠନର ନେତୃତ୍ୱ ନେବାକୁ ବହୁପାଦୀ ନେତୃତ୍ୱ କୁହାଯାଏ । ବଟ ଗଛର ବହୁତ ପାଦ ହୋଇଥିବାରୁ ଏପରି ନେତୃତ୍ୱକୁ ବଟ ଗଛ କହିଲେ କିଛି ଅସୁବିଧା ହେବ ନାହିଁ । ବଟ ଗଛ ତଳେ ଯେମିତି ଅନ୍ୟାନ୍ୟ ଛୋଟ ଛୋଟ ଗଛ ବିକଶିତ ହୋଇପାରେ ନାହିଁ, ସେହିପରି ଏଭଳି ନେତୃତ୍ୱ ତଳେ ଅନ୍ୟ ନୂଆ ନେତା କିମ୍ବା ଗୌଣ ନେତାମାନେ ପ୍ରତିଷ୍ଠା ଲାଭ କରିବାର ସମ୍ଭାବନା କମ୍ ।

ଓଡ଼ିଶାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ ତଥା ଶ୍ରମ ଆଇନ ଅଭିଜ୍ଞ ଆଇନଜୀବୀଙ୍କର ଶ୍ରମିକ ସଙ୍ଗଠନ ପ୍ରତି କମ୍ ଆଗ୍ରହ ନାହିଁ । ତଥାପି ଏପରି ସମସ୍ୟା ଉପୁଜିବାର ପାଞ୍ଚଟି କାରଣ ରହିଛି । ପ୍ରଥମତଃ ଶ୍ରମିକ ନେତାମାନେ ଏକାଧିକ ଶ୍ରମିକ ସଙ୍ଗଠନର ନେତୃତ୍ୱ ବହନ କରି ନିଜର ପ୍ରତିଷ୍ଠା ଅର୍ଜନ କରିବାରେ ସକ୍ଷମ ହୋଇଥାନ୍ତି । ଦ୍ୱିତୀୟତଃ, କେତେକ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ତାଙ୍କର ନେତାଙ୍କୁ ଜନମାନସରେ ଅଧିଷ୍ଠିତ କରିବା ନିମନ୍ତେ ତତ୍ସମ୍ପର୍କିତ ସଙ୍ଗଠନର ସଭାପତି, ସମ୍ପାଦକ କିମ୍ବା ଉପଦେଷ୍ଟା ରୂପେ ସେମାନଙ୍କୁ ମନୋନୀତ କରିଥାନ୍ତି । ତୃତୀୟତଃ, ଓଡ଼ିଶାର ବହୁ ଶ୍ରମିକ ନେତା ଶ୍ରମିକ ନେତୃତ୍ୱକୁ ଦାୟିତ୍ୱର ମୁଖ୍ୟ ଦିଗ ବୋଲି ଗ୍ରହଣ କରନ୍ତି ନାହିଁ । ଚତୁର୍ଥତଃ କ୍ଷମତାସୀନ ବିଧାୟକ କିମ୍ବା ପ୍ରତିଷ୍ଠିତ କ୍ଷମତାଶାଳୀ ନେତାଙ୍କ ଜରିଆରେ ନିଜର ଦାବୀ ହାସଲ କରିବା ସମ୍ଭବ ହେଉଥିବାରୁ ସେପରି ନେତୃତ୍ୱକୁ ଶ୍ରମିକ ସଙ୍ଗଠନମାନେ ସ୍ୱାଗତ କରିଥାନ୍ତି । ଶେଷରେ ସୀମିତ କ୍ଷୁଦ୍ର ଶ୍ରମିକ ସଙ୍ଗଠନର ନେତୃତ୍ୱ ନେଇ ସେମାନେ ଲକ୍ଷ୍ୟ ପଥରେ ଅସ୍ୱସ୍ତି ବୋଧ କରନ୍ତି । ତେଣୁ କେତେକ ଶ୍ରମିକ ନେତା ବହୁ ଶ୍ରମିକ ସଙ୍ଗଠନର ନେତୃତ୍ୱ ନେବାକୁ ପସନ୍ଦ କରିଥାନ୍ତି ।

ବହୁପାଦୀ ନେତୃତ୍ୱ ଫଳରେ କେତେକ ଅସୁବିଧା ଉପୁଜିଥାଏ । ଏପରି ଜଣେ ଶ୍ରମିକ ନେତା ତାଙ୍କର ସମ୍ପୃକ୍ତ ସଙ୍ଗଠନମାନଙ୍କୁ ଆଂଶିକ ସମୟ ଦେଇଥାନ୍ତି ଏବଂ ଏପରିକି ଶ୍ରମିକ ସଙ୍ଗଠନକୁ ପୂରା ସମୟ ଦେଉଥିବା ଜଣେ ଶ୍ରମିକ ନେତା ତାଙ୍କ ଶ୍ରମିକ ସଙ୍ଗଠନମାନଙ୍କ ପାଇଁ ସାମୟିକ ନେତା ହୋଇପଡ଼ନ୍ତି । ଦ୍ୱିତୀୟତଃ ଜଣେ ଶ୍ରମିକ ନେତା ଶ୍ରମିକ ସଙ୍ଗଠନମାନଙ୍କୁ ପୁରା ସମୟ ନଦେବା ଫଳରେ ସେଗୁଡ଼ିକ ନେତୃତ୍ୱ ବିହୀନ ହୋଇ ପଡ଼ନ୍ତି । ଏହା ବ୍ୟତୀତ ଜଣେ ନେତା ବହୁ ସନ୍ତାନର ପିତାମାତାଙ୍କଭଳି ବହୁବିଧ । ଶିଳ୍ପ ତଥା ଶିଳ୍ପାନୁଷ୍ଠାନମାନଙ୍କର ସମସ୍ୟା ପ୍ରତି ଅଧିକ ଧ୍ୟାନ ଦେଇପାରନ୍ତି ନାହିଁ । ଏହା ଫଳରେ ବହୁ ଶ୍ରମିକ ସଙ୍ଗଠନ ନାମକୁ ମାତ୍ର କାଗଜ କଲମରେ ରହି ମାଲିକଙ୍କ ମର୍ଜି ଉପରେ ଚଳିବାକୁ ବାଧ୍ୟ ହୁଏ । ବହୁପାଦୀ ଶ୍ରମିକ ନେତା ଗୋଟିଏ ନିର୍ଦ୍ଦିଷ୍ଟ ଶିଳ୍ପ ଏବଂ ତାର ସମସ୍ୟା ସମ୍ପର୍କରେ ଅଧିକ ଜ୍ଞାନ ଅର୍ଜନ କରିବା ପାଇଁ ଅବକାଶ ମିଳେ ନାହିଁ ଏବଂ ପାରଦର୍ଶିତା ସଙ୍କୁଚିତ ହୋଇଯାଏ । ବହୁପାଦୀ ଶ୍ରମିକ ନେତୃତ୍ୱ ନୂତନ ନେତା ସୃଷ୍ଟି କରିବାରେ ପ୍ରତିବନ୍ଧକ ହୁଏ ଏବଂ ସର୍ବୋପରି ରାଜନୀତି ସହ ସମ୍ପୃକ୍ତ ଶ୍ରମ ନେତୃତ୍ୱ ଶ୍ରମିକ ସଙ୍ଗଠନ କ୍ଷେତ୍ରରେ ସାମ୍ରାଜ୍ୟ-ଏବଂ ପ୍ରତିଷ୍ଠା ଲାଭ କରିବାରେ ସକ୍ଷମ ହୋଇଯାଆନ୍ତି ।

ଲେଖକର ଭାରତୀୟ ଶ୍ରମିକ ସଙ୍ଗଠନ ଏବଂ ରାଜନୀତି ଶୀର୍ଷକ ଗବେଷଣା ପୁସ୍ତକର ଏକ ସମୀକ୍ଷାରେ ଓଡ଼ିଶାର ବହୁପାଦୀ ଶ୍ରମିକ ନେତୃତ୍ୱର ଚିତ୍ର ନିମ୍ନମତେ ପ୍ରଦାନ କରାଯାଇ ଅଛି । ଏହି ସମୀକ୍ଷାରେ ଓଡ଼ିଶାର ୧୧୫ ଜଣ ବରିଷ୍ଠ ଶ୍ରମିକ ନେତାଙ୍କୁ ଭିତ୍ତିକରି ପର୍ଯ୍ୟାଲୋଚନା କରାଯାଇଅଛି ।

| ଶ୍ରମିକ ନେତାଙ୍କ ସଂଖ୍ୟା | ନେତୃତ୍ୱ ନେଉଥିବା ଶ୍ରମିକ ସଙ୍ଗଠନର ସଂଖ୍ୟା | ଶତକଡ଼ା ହିସାବରେ ସ୍ଥିତି |
|---|---|---|
| ୫ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୧୨ଟି ଶ୍ରମ ସଙ୍ଗଠନ | ୪.୫ |
| ୬ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୧୦ରୁ ୧୧ ଶ୍ରମ ସଙ୍ଗଠନ | ୫.୦ |
| ୧୯ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୮ରୁ ୯ ଶ୍ରମ ସଙ୍ଗଠନ | ୧୬.୫ |
| ୩୨ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୬ରୁ ୭ ଶ୍ରମ ସଙ୍ଗଠନ | ୨୮.୦ |
| ୪୨ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୩ରୁ ୫ ଶ୍ରମ ସଙ୍ଗଠନ | ୩୬.୫ |
| ୧୨ ଜଣ ଶ୍ରମିକ ନେତା | ପ୍ରତ୍ୟେକ ୧ରୁ ୨ ଶ୍ରମ ସଙ୍ଗଠନ | ୧୦.୫ |

ବହୁପାଦୀ ନେତୃତ୍ୱ ସଂପର୍କରେ 'ରଏଲ୍ କମିଶନ ଅନ୍ ଲେବର' ୧୯୩୧ ମସିହାରେ ଆଲୋଚନା କରି ସୂଚାଇଛନ୍ତି ଯେ ଏପରି ଏକ ନେତୃତ୍ୱ ଫଳରେ ଜଣେ ଶ୍ରମିକ ନେତା ଗୋଟିଏ ଗୋଟିଏ ଶ୍ରମିକ ସଙ୍ଗଠନକୁ ଅତି କମ୍ ସମୟ ଦେଇ ତାଙ୍କର ବିଭିନ୍ନ ଦାବୀ ହାସଲ କରିବାରେ ସକ୍ଷମ ହୋଇ ପାରନ୍ତି ନାହିଁ । ୧୯୬୯ ମସିହାର ଜାତୀୟ ଶ୍ରମ କମିଶନ ମଧ୍ୟ ବାହ୍ୟ ନେତୃତ୍ୱକୁ ସୀମିତ କରିବା ସମ୍ପର୍କରେ ମନ୍ତବ୍ୟ ଦେବା ସମୟରେ ସୂଚାଇଛନ୍ତି ଯେ ଏକ ହଜାର ଶ୍ରମିକ ସଭ୍ୟ ଥିବା ଶ୍ରମିକ ସଙ୍ଗଠନରେ ଶତକଡ଼ା ଦଶ ଭାଗ, ଏକ ହଜାରରୁ ଦଶ ହଜାର ସଭ୍ୟ ଥିବା ଶ୍ରମିକ ସଙ୍ଗଠନରେ ଶତକଡ଼ା କୋଡିଏ ଭାଗ ଏବଂ ତଦୁର୍ଦ୍ଧ୍ୱ ସଭ୍ୟ ଥିବା ଶ୍ରମିକ ସଙ୍ଗଠନରେ ଶତକଡ଼ା ୩୦ ଭାଗ ବାହ୍ୟ ନେତୃତ୍ୱ ରହିବା ବିଧେୟ । ମାତ୍ର ଓଡ଼ିଶାରେ ଏକ ହଜାରରୁ ଅଧିକ ସଭ୍ୟ ଥିବା ଶ୍ରମିକ ସଙ୍ଗଠନର ସଂଖ୍ୟା ଶତକଡ଼ା ୮.୫ ହୋଇଥିବାରୁ ଏପରି ଏକ ପ୍ରସ୍ତାବନା ଓଡ଼ିଶା ପାଇଁ ମୂଲ୍ୟହୀନ ମନେ ହୁଏ । ୧୯୭୮ ମସିହାର 'ଇଣ୍ଡଷ୍ଟ୍ରିଆଲ୍ ରିଲେସନସ୍ ବିଲ୍' ଏବଂ ୧୯୮୮ର 'ଟ୍ରେଡ୍ ୟୁନିୟନ ଏଣ୍ଡ ଇଣ୍ଡଷ୍ଟ୍ରିଆଲ ଡିସ୍‌ପ୍ୟୁଟସ୍ ଏମେଣ୍ଡମେଣ୍ଟ ବିଲ୍' ଏହି ଅନୁପାତକୁ ସୀମିତ କରି ଜଣେ ଶ୍ରମିକ ନେତା ଯଥାକ୍ରମେ ଗୋଟିଏ ଏବଂ ସାତଟି ଶ୍ରମିକ ସଙ୍ଗଠନକୁ ନେତୃତ୍ୱ ଦେବା ସପକ୍ଷରେ ମତ ଦେଇଛନ୍ତି । ମାତ୍ର ବାସ୍ତବରେ ଶ୍ରମିକ ସଙ୍ଗଠନର ସଭ୍ୟ ସଂଖ୍ୟା ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ସେଗୁଡ଼ିକର ସଂଖ୍ୟା ସେତିକି ଗୁରୁତ୍ୱପୂର୍ଣ୍ଣ । ଏଣୁ ଏହି ଦୁଇଟିକୁ ଆଖି ଆଗରେ ରଖି ଆନୁପାତିକ ଶ୍ରମିକ ନେତୃତ୍ୱକୁ ବିଚାର କରାଯାଇପାରେ । ଏହା ସମେତ ଗୋଟିଏ ଶ୍ରମିକ ସଙ୍ଗଠନରେ ସର୍ବାଧିକ ବାହାରର କେତେ ଜଣ ନେତା ରହିବେ ତା'ର ସୀମା ମଧ୍ୟ ଧାର୍ଯ୍ୟ କରିବା ଦରକାର । ଏ ସବୁକୁ ବିଚାର କରି ଏହି ଅନୁପାତକୁ ନିମ୍ନମତେ ସ୍ଥିର କରାଯାଇପାରେ ।

| ସଭ୍ୟ ସଂଖ୍ୟା | ଶ୍ରମିକ ସଙ୍ଗଠନର ସଂଖ୍ୟା | ବାହ୍ୟ ନେତାଙ୍କ ସଂଖ୍ୟା |
|---|---|---|
| ୫୦୦ରୁ ୧,୦୦୦ | ୧ | ୧ |
| ୧,୦୦୦ରୁ ୧୦,୦୦୦ | ୧ | ୨ (ମୋଟ ସଭାପତି କିମ୍ବା ସମ୍ପାଦକ ଭଳି ମୁଖ୍ୟ ପଦବୀରେ ଜଣେ ମାତ୍ର ବାହାରର ନେତା ରହିବା ବିଧେୟ) । |
| ୧୦,୦୦୦ରୁ ଅଧିକ | ୧ | ସର୍ବାଧିକ ୪ ଜଣ |

ଏହି ପର୍ଯ୍ୟାୟରେ ୫୦୦ରୁ କମ୍ ସଭ୍ୟ ଥିବା ଶ୍ରମିକ ସଙ୍ଗଠନଗୁଡ଼ିକ ବାହ୍ୟ ନେତୃତ୍ୱରୁ ମୁକ୍ତ ହୋଇପାରିବେ ଏବଂ ବଡ଼ ବଡ଼ ଶ୍ରମିକ ସଙ୍ଗଠନ ସେମାନଙ୍କର ବହୁବିଧ ସମସ୍ୟା ନିମନ୍ତେ ବାହାରର ଏକାଧିକ ନେତାଙ୍କୁ ତାଙ୍କର କର୍ମକର୍ତ୍ତା ତାଲିକାରେ ରଖିପାରିବେ । ଏହି ମର୍ମରେ ଶ୍ରମିକ ସଂଘ ଆଇନର ସଂଶୋଧନ ଏକାନ୍ତ ଆବଶ୍ୟକ ।

ଶ୍ରମିକ ସଙ୍ଗଠନରେ ବାହ୍ୟ ନେତୃତ୍ୱକୁ ସୀମିତ କରିଦେଲେ ଏହି ସମସ୍ୟା ସମାଧାନ ହୋଇପାରିବ ନାହିଁ । ଦୀର୍ଘ ୬୦ ବର୍ଷ ଓଡ଼ିଶା ଶ୍ରମିକ ଆନ୍ଦୋଳନର ଇତିହାସରେ ଶ୍ରମିକ ସଙ୍ଗଠନ ବାହ୍ୟ ନେତୃତ୍ୱକୁ ଭିତ୍ତିକରି ହିଁ ଗଢ଼ିଉଠିଛି । ବାହ୍ୟ ନେତୃତ୍ୱ ବ୍ୟତିରେକେ ଏବେ ମଧ୍ୟ ଏହାର ବିକାଶ ଅସମ୍ଭବ । କାରଣ ଜଟିଳ ଶ୍ରମ ଆଇନ୍, ଅନଭିଜ୍ଞ ଅସ୍ଥିର ଶ୍ରମିକ ନେତୃତ୍ୱ, ମାଲିକଙ୍କ ଶ୍ରମିକ ସମସ୍ୟା ପ୍ରତି ଉଦାସୀନତା ଆଦି ସମସ୍ୟାରେ ଓଡ଼ିଶାର ଶ୍ରମିକ ସଙ୍ଗଠନ ଏବେ ମଧ୍ୟ ଅତିଷ୍ଠ । ଏଣୁ ଶ୍ରମିକ ସଙ୍ଗଠନମାନଙ୍କୁ ଆନ୍ତରୀଣ ନେତୃତ୍ୱ ପ୍ରଦାନ କରିବା ନିମନ୍ତେ କେତେକ ଆଇନଗତ ତଥା ପ୍ରଶାସନିକ କବଚର ଆବଶ୍ୟକତା ରହିଛି । ସେଗୁଡ଼ିକ ହେଲା ଏହିପରି :

(କ) ସମ୍ପୃକ୍ତ ଶିଳ୍ପର ପୂର୍ବତନ ଶ୍ରମିକମାନଙ୍କୁ ନେତୃତ୍ୱରେ ପ୍ରାଧିକାର ଏବଂ ଏମାନଙ୍କୁ ବାହାରର ନେତା ବୋଲି ଗଣନା କରାନଯିବା,

(ଖ) ଆନ୍ତରୀଣ ଶ୍ରମିକ ନେତାଙ୍କୁ ଶ୍ରମିକ ସଙ୍ଗଠନର କାର୍ଯ୍ୟ ପରିଚାଳନା ନିମନ୍ତେ ସୁବିଧା ସୁଯୋଗ ପ୍ରଦାନ,

(ଗ) ଆଭ୍ୟନ୍ତରୀଣ ନେତୃତ୍ୱ ବିକାଶ ନିମନ୍ତେ କେନ୍ଦ୍ରୀୟ ଶ୍ରମିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ରାଜ୍ୟ ଶ୍ରମ ବିଭାଗ ତଥା କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ବିଧିବଦ୍ଧ ପ୍ରସ୍ତୁତ କରିବାକୁ ହେବ ।

ଜାତୀୟ ଶ୍ରମ କମିଶନ ଏହି ମର୍ମରେ ସୁପାରିଶ କରି ଆଭ୍ୟନ୍ତରୀଣ ଶ୍ରମ ନେତୃତ୍ୱର ବିକାଶ ନିମନ୍ତେ ପ୍ରାଧିକାର ପ୍ରଦାନ କରିଛନ୍ତି । ସୁଖର କଥା, ରାଜ୍ୟ ସରକାର ଅସଙ୍ଗଠିତ ଶ୍ରମିକମାନଙ୍କୁ ସଙ୍ଗଠିତ କରିବା ନିମନ୍ତେ ଷଷ୍ଠ ଓ ସପ୍ତମ ଯୋଜନାରେ ୨,୫୦,୦୦୦ ଟଙ୍କା ବ୍ୟୟ ବରାଦ କରିଛନ୍ତି । ଗ୍ରାମୀଣ ଶ୍ରମିକଙ୍କୁ ସଚେତନ ତଥା ସଙ୍ଗଠିତ କରିବା ନିମନ୍ତେ ୮୦ ଜଣ ଶ୍ରମ ସଙ୍ଗଠକଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନାରୁ ବ୍ୟୟ ବରାଦ କରାଯାଇ ୮୦ଟି ବ୍ଲକ୍‌ରେ ଅବସ୍ଥାପିତ କରାଯାଇଅଛି । ସମାଜବାଦୀ ତଥା ସାମ୍ୟବାଦୀ ଦଳଗୁଡ଼ିକ ମଧ୍ୟ ରାଜ୍ୟରେ ଆଭ୍ୟନ୍ତରୀଣ ଶ୍ରମ ନେତୃତ୍ୱ ସୃଷ୍ଟି କରିବା ନିମନ୍ତେ ଆଗେଇ ଆସିଛନ୍ତି । ଏହା ଆମ ପାଇଁ ଏକ ଶୁଭ ସୂଚନା ।

ମୁଖ୍ୟ ପରିସଂଖ୍ୟାନବିତ୍,
ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ,
ଭୁବନେଶ୍ୱର ।

# ଯୁଗସ୍ରଷ୍ଟା ଗୋପବନ୍ଧୁ: ଏକ ସମନ୍ୱିତ ପ୍ରତିଭା

ଅଧ୍ୟାପିକା ଗୀତି ରାଣୀ ଦାଶ

କୌଣସି ଦେଶ ବା ଜାତିର ଘଡ଼ିସନ୍ଧି ମୁହୂର୍ତ୍ତରେ ବା ସଙ୍କଟଜନକ ପରିସ୍ଥିତିରେ ମାନବସମାଜର କଲ୍ୟାଣ ନିମିତ୍ତ ଜଣେ ଜଣେ ଯୋଗଜନ୍ମା ମହାପୁରୁଷଙ୍କର ଆବିର୍ଭାବ ହୋଇଥାଏ । ସେହିପରି ଊନବିଂଶ ଶତାବ୍ଦୀର ଉତ୍କଳ ଇତିହାସରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟିକରିଛି । ଯେଉଁ ଉତ୍କଳର ସମ୍ମାନ ରକ୍ଷା କରିବାଲାଗି ସ୍ୱୟଂ ଜଗନ୍ନାଥ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ପାରିଥିଲେ । ସେହି ଉତ୍କଳବାସୀଙ୍କୁ ଘୋର ଦୁର୍ଗତି ମଧ୍ୟରୁ ଉଦ୍ଧାର କରିବା ଲାଗି ସାଧକ ଗୋପବନ୍ଧୁ ଆରମ୍ଭକଲେ ତାଙ୍କର ଅଖଣ୍ଡ ସାଧନା । ନିଜର ଅସାଧାରଣ ସାଧନା ବଳରେ ଗୋପବନ୍ଧୁ, ଗୌତମ ବୁଦ୍ଧ, ଯୀଶୁ ଖ୍ରୀଷ୍ଟ, ମହମ୍ମଦ ଓ ମହାତ୍ମାଗାନ୍ଧୀଙ୍କ ପରି ସାରା ଦେଶକୁ ନୂତନ ଆଲୋକର ସନ୍ଧାନ ଦେଲେ । ତାଙ୍କରି ପ୍ରେରଣାରେ ସୃଷ୍ଟି ହେଲା ଓଡ଼ିଶା ବା ଉତ୍କଳରେ ନବଜାଗରଣ । ଗୋପବନ୍ଧୁଙ୍କ କାର୍ଯ୍ୟକାଳ ଓ ନବଜାଗରଣର ସମୟକୁ ଓଡ଼ିଶା ଇତିହାସରେ 'ସତ୍ୟବାଦୀଯୁଗ' ନାମରେ ନାମିତ କରାଯାଇଛି । ଯୁଗସ୍ରଷ୍ଟା ଗୋପବନ୍ଧୁ ଥିଲେ ଦୁର୍ଗତି ଗ୍ରସ୍ତ ଉତ୍କଳୀୟମାନଙ୍କର ପ୍ରେରଣାର ଉତ୍ସ ।

ପଣ୍ଡିତ ଗୋପବନ୍ଧୁ ପୁରୀ ଜିଲ୍ଲାସ୍ଥ ସତ୍ୟବାଦୀ ଥାନାର ସୁଆଣ୍ଡୋ ନାମକ କ୍ଷୁଦ୍ର ବ୍ରାହ୍ମଣ ଶାସନରେ, ଅକ୍ଟୋବର ୯ ତାରିଖ ୧୮୭୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ନିଜର ପିତା ଦୈତାରୀଦାସଙ୍କ ପ୍ରେରଣା ଫଳରେ ଗୋପବନ୍ଧୁ ସାଧାରଣ ଗ୍ରାମ୍ୟଚଟଶାଳୀରୁ ବିଦ୍ୟାରମ୍ଭ କରି ଆଧୁନିକ ରେଭେନ୍ସା କଲେଜରୁ B. A. ପାଶ୍ କରିବାପରେ ୧୯୦୬ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ M. A.- Law degreeହାସଲ କଲେ ।

## ପ୍ରତିଭାର ସୂର୍ଯ୍ୟୋଦୟ

ତୁଳସୀ ଦୁଇପତ୍ରରୁ ବାସିବାପରି ଗୋପବନ୍ଧୁଙ୍କର ମହତ୍, ଉଦାର ମନୋଭାବ ପ୍ରଥମରୁ ପରିପ୍ରକାଶ ଲାଭକରିଥିଲା । ପୁରୀଜିଲ୍ଲାସ୍କୁଲର ଛାତ୍ରଥିବା ସମୟରେ ମୁକ୍ତାର ରାମଚନ୍ଦ୍ର ଦାସଙ୍କ ପ୍ରେରଣା ଓ ରେଭେନ୍ସା କଲେଜରେ ଅଧ୍ୟୟନ କରିବା ସମୟରେ ବଙ୍ଗଭଙ୍ଗ ଆନ୍ଦୋଳନ ଓ ବନ୍ଦେ ମାତରଂ ଦଳର ଆଦର୍ଶବାଦୀ ଚିନ୍ତାଧାରା ଗୋପବନ୍ଧୁଙ୍କୁ ଗଭୀରଭାବରେ ଅନୁପ୍ରାଣିତ କରିପାରିଥିଲା । ତାଙ୍କର କେତେକ ବନ୍ଧୁମାନଙ୍କ ସହଯୋଗରେ ଗଢ଼ିଉଠିଥିଲା 'ଉତ୍କଳତରୁଣ ସଙ୍ଘ' (Young Utkal Association) । ସେହି ବନ୍ଧୁମାନଙ୍କ ମଧ୍ୟରେ ଗୋପୀନାଥ ଦାସ, ଉମାଚରଣ ଦାସ, ତ୍ରିବିକ୍ରମ ପୂଜାରୀ, ହରମୋହନ ପଟ୍ଟନାୟକ, ସୂର୍ଯ୍ୟମଣି ଦାସ, ଜଗବନ୍ଧୁସିଂହ, ଓ ବ୍ରଜସୁନ୍ଦର ଦାସ ପ୍ରଧାନ ଥିଲେ । ଏହି ସଙ୍ଘର କର୍ମୀମାନେ ସ୍ୱେଚ୍ଛାସେବକ ଭାବେ ନାନା ଜନମଙ୍ଗଳ କାର୍ଯ୍ୟରେ ଲିପ୍ତଥିଲେ । ୧୯୦୩ ରେ ଛାତ୍ରନେତା ଭାବେ ଗୋପବନ୍ଧୁ ଉତ୍କଳ ସମ୍ମିଳନୀରେ ଯୋଗ ଦେଲେ । ଛାତ୍ରଜୀବନର ପରିସମାପ୍ତି ପରେ ଗୋପବନ୍ଧୁଙ୍କର କର୍ମମୟ ଜୀବନରଶୁଭାରମ୍ଭ ହେଲା ନୀଳଗିରି ସ୍କୁଲର ହେଡ୍‌ମାଷ୍ଟ୍ରର ଭାବେ । ମାତ୍ର କିଛିଦିନ ପରେ ନିଜର ମାନସିକ ଅଶାନ୍ତି ନେଇ ସେ ନୀଳଗିରି ଛାଡ଼ି କଟକରେ ଓକିଲାତି କଲେ । ପରେ ପରେ ସେ ବାରିପଦାରେ ସରକାରୀ ଓକିଲଭାବେ ଯୋଗଦେଲେ ଏବଂ ପରେ ତାହାମଧ୍ୟ ତାଙ୍କୁ ତ୍ୟାଗ କରିବାକୁ ପଡ଼ିଥିଲା । ସରକାରୀ ଚାକିରି ମନୋବୃତ୍ତି ପରିତ୍ୟାଗ କରି ସ୍ୱାଧୀନଚେତା ଗୋପବନ୍ଧୁ ସ୍ୱାଧୀନ ଅନୁଷ୍ଠାନମାନ ପ୍ରତିଷ୍ଠା କଲେ । ଦେଶର ତରୁଣମାନଙ୍କୁ ଶିକ୍ଷା ଦୀକ୍ଷାରେ ନିୟମିତ ହେବା ପାଇଁ ଯୋଜନାମାନ ପ୍ରସ୍ତୁତକଲେ ।

ଇଂରେଜ ଶାସନର ଏକଶହ ବର୍ଷପରେ ମଧ୍ୟ ଓଡ଼ିଶାର ସମୂହ ଉନ୍ନତିକ୍ଷେତ୍ରରେଉଲ୍ଲେଖଯୋଗ୍ୟ ସାଫଲ୍ୟ ପରିଦୃଷ୍ଟ ହୋଇନଥିଲା । ସରକାରୀ ଉଦ୍ୟମ ଅଭାବରୁ ଶିକ୍ଷାକ୍ଷେତ୍ରରେ ଅବ୍ୟବସ୍ଥା ପ୍ରଚଳିତ ହେଉଥିଲା । ଶିକ୍ଷା କ୍ଷେତ୍ରରେ ଯାହାକିଛି ପରିବର୍ତ୍ତନ ଘଟିଥିଲା ତାହାହେଲା'ସମୁଦ୍ରକୁ ଶଙ୍ଖେପରି' । ବିଦେଶୀଶିକ୍ଷା ଓ ଇଂରେଜୀ ଶିକ୍ଷା ପ୍ରଚଳନ ହେବା ଫଳରେ ଲୋକେ ସଂସ୍କୃତିକୁ ଭୁଲିଯାଇ ଅପସଂସ୍କୃତିର ମୋହରେ ପଡ଼ି ଛଟପଟ ହେଉଥିଲେ । ଇଂରେଜ ଶାସନର ପ୍ରଭାବରେ ଖାଲି ଓଡ଼ିଶା ନୁହେଁ ସାରା

ଭାରତବର୍ଷ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଶିକ୍ଷାର ଆବଶ୍ୟକତା ଭାରତବର୍ଷର ବହୁ ମନୀଷୀ ଉପଲବ୍ଧି କରିଥିଲେ । ଦେଶରୁ ଅଜ୍ଞତା, କୁସଂସ୍କାର ଓ ସ୍ୱାର୍ଥପରତା ଦୂରିଭୂତ କରିବା ପାଇଁ ସାରା ଭାରତବର୍ଷର ବହୁ ଅଞ୍ଚଳରେ ଜନଜାଗରଣମାନ ଆରମ୍ଭ ହୋଇଥିଲା । ମହାରାଷ୍ଟ୍ରର ବିଖ୍ୟାତ ନେତା ଗୋପାଳକୃଷ୍ଣ ଗୋଖେଲଙ୍କର ପ୍ରତିଷ୍ଠିତ ଅନୁଷ୍ଠାନ 'ଭାରତ ସେବକ ସମାଜ' (Servants of India Society)ଆଦର୍ଶବାଦର ଗନ୍ତାଘର ଥିଲା । ଏହି ଅନୁଷ୍ଠାନର ସଭ୍ୟମାନେ ସରଳ ଓ ସଂଯତ ଜୀବନ ଯାପନ କରି ଦେଶସେବା ଓ ଦେଶର ସର୍ବବିଧ ଉନ୍ନତି ଦିଗରେ କାର୍ଯ୍ୟ କରିବାର ବ୍ରତ ଗ୍ରହଣ କରିଥିଲେ । ଏମାନଙ୍କର ଶିକ୍ଷାନୀତି ପ୍ରାଚ୍ୟର ତ୍ୟାଗ ଓ ପାଶ୍ଚାତ୍ୟର ଉଦାରତା ଉପରେ ପ୍ରତିଷ୍ଠିତ ଏବଂ ଗୁରୁକୁଳ ଶିକ୍ଷାର ପ୍ରତୀକ ଥିଲା । ଏତଦ୍ ବ୍ୟତୀତ ଶିକ୍ଷା କ୍ଷେତ୍ରରେ ପୁନାର ଫରଗୁସନ୍ କଲେଜ ମଧ୍ୟ ସେତେବେଳର ଜାତୀୟବାଦୀ ନେତାମାନଙ୍କର ଆଦର୍ଶଥିଲା ।ଏହିସବୁ ଆଦର୍ଶବାଦୀ ଚିନ୍ତା ଧାରା ହିଁ ପଣ୍ଡିତ ଗୋପବନ୍ଧୁଙ୍କର କର୍ମମୟ ଜୀବନର ପାଥେୟ ଥିଲା ।

## ସତ୍ୟବାଦୀ ବନବିଦ୍ୟାଳୟ

ପଣ୍ଡିତ ଗୋପବନ୍ଧୁ ଜଣେ ଶିକ୍ଷା ପ୍ରେମୀ ଥିଲେ । ସେ ଅନୁଭବ କରୁଥିଲେ ଉପଯୁକ୍ତ ଶିକ୍ଷାର ପ୍ରସାର ନହେଲେ ସବୁଦିଗରୁ ଉନ୍ନତି ଅସମ୍ଭବ । ଏଥିପାଇଁ ଶିକ୍ଷାର ଉନ୍ନତି ନିହାତି ଆବଶ୍ୟକ । ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଶିକ୍ଷାର ପ୍ରସାର ସମ୍ଭବହେଲେ ମଧ୍ୟ ବିଦ୍ୟାଳୟ ଏଥି ମଧ୍ୟରେ ପ୍ରଧାନ । କିନ୍ତୁ ବିଦ୍ୟାଳୟର ରୀତିନୀତି ଓ ଲକ୍ଷ୍ୟ କିପରି ହେବା ଉଚିତ୍ ସେବିଷୟରେ ଅନେକ ଚିନ୍ତା ଓ ଆଲୋଚନା ଗୋପବନ୍ଧୁଙ୍କ ନେତୃତ୍ୱରେ କରାଯାଇଥିଲା । ଫଳରେ ୧୯୦୯ ମସିହା କୁମାର ପୂର୍ଣ୍ଣିମା ଦିନ ଆଦର୍ଶ ସତ୍ୟବାଦୀ ବନବିଦ୍ୟାଳୟର ଶୁଭାରମ୍ଭ ହେଲା । ସାକ୍ଷୀଗୋପାଳ ନିକଟସ୍ଥ ବକୁଳ ଛୁରୀଅନା ବନର ମୁକ୍ତ ବାତାବରଣ ମଧ୍ୟରେ ଉକ୍ତ ସ୍କୁଲ ତାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ଏହି ବିଦ୍ୟାଳୟର ଉଦ୍ଦେଶ୍ୟ ଥିଲା ଦେଶକୁ ଅଜ୍ଞାନ—ଅନ୍ଧକାରରୁ ଉଦ୍ଧାର କରି ସ୍ୱାଧୀନଭାବାପନ୍ନ, କର୍ତ୍ତବ୍ୟନିଷ୍ଠ, ଆଦର୍ଶବାଦୀ ଓ ନୀତିବାନ୍ ମନୁଷ୍ୟ ଗଠନ କରିବା । ଏହୁ ସ୍କୁଲର କାର୍ଯ୍ୟକାଳ ଥିଲା ୧୯୦୯ ଠାରୁ ୧୯୨୯ ପର୍ଯ୍ୟନ୍ତ ।

ମୁଖ୍ୟତଃ ସ୍ୱଳ୍ପ ଖର୍ଚ୍ଚରେ ଜାତି, ଧର୍ମ, ନିର୍ବିଶେଷରେ ଧନୀ ଓ ଦରିଦ୍ର ଘରର ପିଲାଙ୍କୁ ଶିକ୍ଷାର ସୁଯୋଗ ଦେବା ଗୋପବନ୍ଧୁଙ୍କର ମୁଖ୍ୟ ଲକ୍ଷ୍ୟଥିଲା । ସେଥିପାଇଁ ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସାଧାରଣ ଶିକ୍ଷା ସହ ନାନା ପ୍ରକାର ବୈଷୟିକ ଶିକ୍ଷା ଦିଆଯାଉଥିଲା । ଦେଶପ୍ରୀତି ଓ ଜନସେବା ମଧ୍ୟ ଶିକ୍ଷାର ମୁଖ୍ୟ ଅଂଶ ଥିଲା । ସ୍ୱଳ୍ପବେତନଧାରୀ ଆଦର୍ଶ ଶିକ୍ଷକମାନଙ୍କର କର୍ତ୍ତବ୍ୟନିଷ୍ଠା ଫଳରେ ସତ୍ୟବାଦୀ ବିଦ୍ୟାଳୟ ଅନେକ ପ୍ରସିଦ୍ଧ ବ୍ୟକ୍ତି ଓ ପରିଦର୍ଶକ ମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । ସେମାନଙ୍କ ମଧ୍ୟରେ ସାର୍ ଆଶୁତୋଷ ମୁଖାର୍ଜୀ, ସାର୍ ଏଡ୍‌ୱାର୍ଡ ଗେଟ୍ ଓ ମହାତ୍ମାଗାନ୍ଧୀ ମୁଖ୍ୟଥିଲେ । କେବଳ ଓଡ଼ିଶା ଡିଭିଜନରେ ନୁହେଁ, ପ୍ରତ୍ୟେକ ଓଡ଼ିଆ ଅଞ୍ଚଳରେ ଓ ବିଚ୍ଛିନ୍ନାଞ୍ଚଳରେ ମଧ୍ୟ ଗୋପବନ୍ଧୁଙ୍କ ଉଦ୍ୟମରେ ଏହିପ୍ରକାର ଆଦର୍ଶ ଶିକ୍ଷାନୁଷ୍ଠାନମାନ ସ୍ଥାପିତ ହୋଇପାରିଥିଲା ।

ପଣ୍ଡିତ ଗୋପବନ୍ଧୁ ଖାଲିଜଣେ ଶିକ୍ଷାପ୍ରେମୀ ନଥିଲେ । ସେ ଥିଲେ ଓଡ଼ିଆ ଜାତିର କର୍ଣ୍ଣଧାର । ଓଡ଼ିଶାରେ ଓଡ଼ିଆ ଜାତିର ଦୁର୍ଗତି ଦେଖି ସେ ମର୍ମାହତ ହୋଇଥିଲେ । ଓଡ଼ିଆଭାଷାର ଗୁରୁତ୍ୱ ଓ ବିଚ୍ଛିନ୍ନଞ୍ଚଳ ଓଡ଼ିଶା ପ୍ରଦେଶର ମିଶ୍ରଣ ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ 'ଉତ୍କଳ ସମ୍ମିଳନୀ' ମାଧ୍ୟମରେ । ଜଣେ ସାମ୍ବାଦିକ ଭାବରେ ସେ ମଧ୍ୟ ନିଜର ସମ୍ମାନକୁ ଉଜ୍ଜ୍ୱଳ କରିପାରିଛନ୍ତି ।ସତ୍ୟବାଦୀ ପ୍ରେସ, ସତ୍ୟବାଦୀ ମାଗାଜିନ୍ ଓ ସମାଜ ପତ୍ରିକା ପାଇଁ ସେ ଉତ୍କଳୀୟମାନଙ୍କ ନିକଟରେ ଅମର ରହିଛନ୍ତି । ଓଡ଼ିଶାର ଇତିହାସରେ 'ସମାଜ'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ଦେଶବ୍ରତୀ ଗୋପବନ୍ଧୁ

ପଣ୍ଡିତ ଗୋପବନ୍ଧୁଙ୍କ କୃତିତ୍ୱ ରାଜନୈତିକ କ୍ଷେତ୍ରରେ ମଧ୍ୟ କମ ନଥିଲା । ୧୯୧୭ ମସିହାରେ ବିହାର—ଓଡ଼ିଶା ଲାଟସଭାକୁ ନିର୍ବାଚିତ ହୋଇଯିବାରୁ ସେ ନିଜକୁ ସମ୍ପୂର୍ଣ୍ଣରୂପେ ଦେଶସେବା କାର୍ଯ୍ୟରେ ନିୟୋଜିତ କରିଥିଲେ । ଓଡ଼ିଶାର ବନ୍ୟା ନିୟନ୍ତ୍ରଣ ନିମିତ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା, ଓଡ଼ିଶାରେ ଲବଣ ଉତ୍ପାଦନର ପୁନରୁଦ୍ଧାର, ଜଙ୍ଗଲ ସମ୍ପଦର ଗୁରୁତ୍ୱ ରକ୍ଷାକରିବା ଇତ୍ୟାଦି ତାଙ୍କର ବିଶିଷ୍ଟ କାର୍ଯ୍ୟଥିଲା । ୧୯୧୯ ରେ ଗୋପବନ୍ଧୁଙ୍କ ନେତୃତ୍ୱରେ ସତ୍ୟବାଦୀ ଗୋଷ୍ଠୀର ପୁରୀ ଦୁର୍ଭିକ୍ଷ ପ୍ରପୀଡ଼ିତ ଜନସାଧାରଣଙ୍କର ସେବା ଓଡ଼ିଶାବାସୀଙ୍କୁ ମୁଗ୍ଧ କରିଥିଲା । ତାଙ୍କର ଅକ୍ଳାନ୍ତ ଉଦ୍ୟମ ହେତୁ ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିପାରିଲା । ଇଂରେଜ ସରକାରଙ୍କ ବିରୋଧ ସତ୍ତ୍ୱେ ସେ ଏତେଗୁଡ଼ିଏ କାର୍ଯ୍ୟକୁ ସଫଳ କରିପାରିଥିଲେ ।

ଗୋପବନ୍ଧୁ ତାଙ୍କର ଛାତ୍ରଜୀବନରୁ ହିଁ ଉତ୍କଳ ସମ୍ମିଳନୀ ସହିତ ଜଡ଼ିତ ଥିଲେ ଏବଂ ଦେଶମିଶ୍ରଣ ସମସ୍ୟାକୁ ଅଗ୍ରାଧିକାର ଦେଇଥିଲେ । ୧୯୧୯ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ସେ ସଭାପତିତ୍ୱ କରି ମହାଭାରତୀୟ ଜାତୀୟ ସ୍ରୋତରେ ସାମିଲ ହେବାର ଚେଷ୍ଟା କରିଥିଲେ । ୧୯୨୦ ରେ ଭାରତୀୟ ଜାତିୟ କଂଗ୍ରେସ୍‌ର କଲିକତା ଅଧିବେଶନରେ ଅହିଂସା ଓ ଅସହଯୋଗ ଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତିର ଶପଥ ଗ୍ରହଣ କରାଗଲା । ଉକ୍ତ ଅଧିବେଶନରେ ପଣ୍ଡିତ ଗୋପବନ୍ଧୁ ଓ ଜଗବନ୍ଧୁ ସିଂହ ଉପସ୍ଥିତ ଥିଲେ । ଗାନ୍ଧିଜୀଙ୍କର ଅସହଯୋଗ ନୀତି ଫଳରେ ଗୋପବନ୍ଧୁ ବିହାର—ଓଡ଼ିଶା ବିଧାନ ସଭାର ସଭ୍ୟପଦରୁ ଇସ୍ତଫା ଦେଇ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠନ କଲେ । ଅସହଯୋଗର ମଂନ୍ତ୍ର ସାରାଦେଶର ଗଳି କନ୍ଦିରେ ସମ୍ବାଦପତ୍ର ମାଧ୍ୟମରେ ପ୍ରସ୍ଫୁଟିତ ହେଲା ।

ଓଡ଼ିଶାରେ ୧୯୨୧ ମସିହା ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ ଗୋପବନ୍ଧୁ । ଜାତୀୟ କଂଗ୍ରେସର ନିୟମାନୁସାରେ ଜାତିୟଶିକ୍ଷାର ପ୍ରସାରପାଇଁ ଗଢ଼ିଉଠିଲା 'ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ' । ଉକ୍ତ ପରିଷଦର ଲକ୍ଷ୍ୟଥିଲା ଜାତୀୟ ସ୍କୁଲ ପ୍ରତିଷ୍ଠା କରି ଦେଶରେ ଉପଯୁକ୍ତ ଶିକ୍ଷାର ପ୍ରସାର କରିବା । ସତ୍ୟବାଦୀ ବନ ବିଦ୍ୟାଳୟ ମଧ୍ୟ ଜାତୀୟ ସ୍କୁଲରେ ପରିଣତ ହେଲା । ଜାତୀୟ ଚରିତ୍ରର ମର୍ଯ୍ୟାଦା ରକ୍ଷାଲାଗି ଗୋପବନ୍ଧୁ ସତ୍ୟବାଦୀ ସ୍କୁଲପାଇଁ ମିଳିଥିବା ସରକାରୀ ଅନୁଦାନକୁ ମଧ୍ୟ ପ୍ରତ୍ୟାଖ୍ୟାନ କଲେ । ଓଡ଼ିଶାରେ ଏହିପରି ଅନେକ ସ୍କୁଲ ଗଢ଼ିଉଠିଥିଲା ।

ପଣ୍ଡିତ ଗୋପବନ୍ଧୁ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ପରିଦର୍ଶନ ପରେ ଜାତିୟ କଂଗ୍ରେସକୁ ସାହାଯ୍ୟ ଯୋଗାଇବା ପାଇଁ 'ତିଳକ ସ୍ୱରାଜ୍ୟ ଫଣ୍ଡ' ଗଠନ କରି ଓଡ଼ିଶାବାସୀଙ୍କୁ ନୂତନ ଦିଗରେ ପରିଚାଳିତ କରିଥିଲେ । ଦେଶରେ ଖଦଡ଼ ପ୍ରଚଳନ, ଗ୍ରାମ ସଙ୍ଗଠନ ଓ ନିଶା ନିବାରଣ ଇତ୍ୟାଦି ଗାନ୍ଧିଜୀଙ୍କର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଗଲା । 'ସମାଜ' ମାଧ୍ୟମରେ ପୋଲିସ୍ ଅତ୍ୟାଚାରର ବିବରଣୀମାନ ପ୍ରଦାନ କରି ଗୋପବନ୍ଧୁ ଦେଶବାସୀଙ୍କୁ ସଂଗ୍ରାମ କରିବାର ଆହ୍ୱାନ ଦେଲେ । ସେଥିପାଇଁ ତାଙ୍କ ବିରୁଦ୍ଧରେ ସରକାରଙ୍କ ତରଫରୁ କେସ୍ ହୋଇଥିଲା । ୧୯୨୨ ମସିହାରେ ସମାଜରେ କନିକାବାସୀଙ୍କର ଅତ୍ୟାଚାରର କାହାଣୀ ବର୍ଣ୍ଣନା କରି ଉପଯୁକ୍ତ ତଦନ୍ତ ଦାବୀ କରିବା ଫଳରେ ଗୋପବନ୍ଧୁଙ୍କୁ ପୁରୀଠାରେ ଗିରଫ କରାଗଲା । ତାଙ୍କୁ ଦୁଇବର୍ଷ କାରାଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିଲା । ୧୯୨୪ ରେ ଜେଲ୍‌ରୁ ମୁକ୍ତିଲାଭ କରି ସେ ଓଡ଼ିଶା ପ୍ରଦେଶ କମିଟିର କଟକ ଅଧିବେଶନରେ ଯୋଗଦେଲେ ଏବଂ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ରାଏଙ୍କ ଦ୍ୱାରା 'ଉତ୍କଳମଣି' ଉପାଧି ଲାଭକଲେ

## ଅନ୍ତରତମ ମଣିଷ

ଗୋପବନ୍ଧୁ ଜନସେବା କରି ଓଡ଼ିଶାବାସୀଙ୍କର ଅତିଆପଣାର ହୋଇଛନ୍ତି । ପୁରୀଜିଲା ସ୍କୁଲରେ ପଢୁଥିବା ସମୟରେ ଆଚାର୍ଯ୍ୟ ହରିହରଙ୍କ ସହାୟତାରେ ପୁରୀସେବା ସମିତି ମାଧ୍ୟମରେ ସେ କେବଳ ହଇଜାରୋଗୀଙ୍କ ସେବା କରୁନଥିଲେ ବା ସେମାନଙ୍କ ଶବଦାହ କରୁନଥିଲେ । ବରଂ ପ୍ରତିଶେଧକ ବ୍ୟବସ୍ଥା କରୁ ନଥିବାରୁ ସରକାରଙ୍କ ବିରୁଦ୍ଧରେ ସମ୍ବାଦପତ୍ର ମାଧ୍ୟମରେ ଅଭିଯୋଗ କରୁଥିଲେ । ଛାତ୍ରବସ୍ଥାରୁ ଗୋପବନ୍ଧୁ ବନ୍ୟା, ମରୁଡ଼ି ବେଳେ ଜନସେବା କରିବାକୁ ଆଗଭର ହେଉଥିଲେ । କଟକ,ପୁରୀ ଓ ବାଲେଶ୍ୱର ଜିଲ୍ଲାର ଏପରି କୌଣସି ସ୍ଥାନନାହିଁ ଯେଉଁଠିକି ବନ୍ୟା ବା ମରୁଡ଼ି ବେଳେ ସେ ପହଞ୍ଚି ନାହାନ୍ତି । ମହାତ୍ମାଗାନ୍ଧୀ ତାଙ୍କର ଏତାଦୃଶ କାର୍ଯ୍ୟରେ ମୁଗ୍ଧ ହୋଇ 'Young India'ପତ୍ରିକାରେ ଏପରି ମନୋବୃତ୍ତିର ପ୍ରସଂସା କରିଥିଲେ । ଗୋପ ନିକଟସ୍ଥ ଡ଼ଭାର ଅଞ୍ଚଳରେ ବନ୍ୟା ପ୍ଲାବିତ ଜନସାଧାରଣଙ୍କର ଉଦ୍ଧାର ନିମନ୍ତେ ଗୋପବନ୍ଧୁ ନିଜର ଏକ ମାତ୍ର ପୁତ୍ରକୁ ରୋଗଶଯ୍ୟାରେ ଛାଡ଼ି ମଧ୍ୟ ଯାଇପାରିଥିଲେ । ଦୁଃସ୍ଥ ଜନତାର ସେବାକରି ବନ୍ୟାପ୍ଲାବିତ ଅଞ୍ଚଳରୁ ଫେରିବାପରେ ସେ ଶୁଣିଥିଲେ ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ସମ୍ବାଦ । ଏହି ଦୁଃସମ୍ବାଦରେ ସେ ବ୍ୟଥିତ ନହୋଇ ଉତ୍ତର ଦେଇଥିଲେ 'ଗୋଟିଏ ପୁତ୍ର ବିନିମୟରେ ମୁଁ ଶତପୁତ୍ର ଲାଭକରିଛି' ।

ଆଧୁନିକ ଗାଡ଼ି, ମଟର ଭଳି ସେତେବେଳେ ସୁବିଧା ନଥିଲା । ପାଦରେ ଚାଲିଚାଲି କାନ୍ଧରେ ଚୂଡ଼ା ଗୁଡ଼ଲ ବାନ୍ଧି ଗୋପବନ୍ଧୁ ଗାଁ ଗାଁ ବୁଲୁଥିଲେ ଦରିଦ୍ରଜନତାର ସେବା କରିବା ପାଇଁ । ଭୋକିଲା ଲୋକକୁ ଖାଦ୍ୟ ନଦେବା ପର୍ଯ୍ୟନ୍ତ ସେ ଖାଉନଥିଲେ । ନିଜର ଆଦର୍ଶବାଦୀ ଚିନ୍ତାଧାରା ଦ୍ୱାରା ସେ ଗାନ୍ଧିଜୀ ଓ ଲାଲାଜୀଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ସେମାନଙ୍କ ସହାୟତାରେ ସେ ଚରଖା ଯୋଜନା କାର୍ଯ୍ୟକାରୀ କଲେ । ଘରେ ଘରେ ଅରଟ ସାହାଯ୍ୟରେ ଲୁଗାବୁଣାହେବା ଫଳରେ ବିଦେଶୀବସ୍ତ୍ର ବର୍ଜନ କରାଯାଇଥିଲା ।

କେବଳ ଜଣେ ଜନସେବକ ନଥିଲେ ପଣ୍ଡିତ ଗୋପବନ୍ଧୁ । ସେ ଥିଲେ ଜଣେ ବିଶିଷ୍ଟ ସମାଜ ସଂସ୍କାରକ । ତତ୍‌କାଳୀନ ଓଡ଼ିଶାର କୁସଂସ୍କାର ବହୁଳ ସମାଜରେ ଅନେକ ପରିବର୍ତ୍ତନ ଆଣି ସେ ଓଡ଼ିଶା ବାସୀଙ୍କୁ ଅଜ୍ଞତା ଅନ୍ଧକାର ମଧ୍ୟରେ ଆଲୋକର ସନ୍ଧାନ ଦେଇଛନ୍ତି । ସେତେବେଳେ ସତ୍ୟବାଦୀ ନିକଟସ୍ଥ ଅନେକ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନେ ରକ୍ଷଣଶୀଳ ଥିବାରୁ ଗୋପବନ୍ଧୁ ସତ୍ୟବାଦୀର ଆଦର୍ଶ ବନବିଦ୍ୟାଳୟ ପ୍ରତିଷ୍ଠାକରି ନିଜର ସହଯୋଗୀମାନଙ୍କ ସହାୟତାରେ ସମାଜରୁ ଅନ୍ଧ ବିଶ୍ୱାସ ଦୂରୀଭୂତ କରିବା ଶପଥ ନେଇଥିଲେ ।

ପଣ୍ଡିତ ଗୋପବନ୍ଧୁଙ୍କ ଉଦ୍ୟମ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହାୟତାରେ ନାନାପ୍ରକାର ସମାଜମଙ୍ଗଳ କାର୍ଯ୍ୟମାନ କରାଗଲା । ସେ ନାରୀ ଶିକ୍ଷାର ପ୍ରସାର ସହିତ 'ବିଧବାଶ୍ରମ' ପ୍ରତିଷ୍ଠାକରି ନିର୍ଯ୍ୟାତିତା ବିଧବାମାନଙ୍କର ମର୍ଯ୍ୟଦା ସମାଜରେ ଅକ୍ଷୁଣ୍ଣ ରଖିଥିଲେ । ପ୍ରଚଳିତ ଜାତିଆଣ ପ୍ରଥାର ବିରୋଧକରି ସେ ମଣିଷ, ମଣିଷ ଭିତରେ ସମାନତା ରକ୍ଷାକରିଥିଲେ ।

## ଶ୍ରମିକର ସମସ୍ୟା

ସେତେବେଳେ ଓଡ଼ିଶାର ପ୍ରଧାନ ସମସ୍ୟା ଥିଲା ଶ୍ରମିକ ସମସ୍ୟା ସର୍ଦ୍ଦାରମାନେ ଦରିଦ୍ର ଶ୍ରମିକମାନଙ୍କୁ ଆସାମର ଚା' ବଗିଚାରେ କୁଲିଗିରି କରିବା ପକାଶେ ନିଯୁକ୍ତି ଦେଉଥିଲେ । ସେମାନଙ୍କୁ ଗଞ୍ଜା ଆଦି ମାଦକ ଦ୍ରବ୍ୟ ଦେଇ ବିଭ୍ରାନ୍ତି କରି ସମାଜକୁ କଳୁଷିତ କରୁଥିଲେ । ଏହି ସମସ୍ୟାନେଇ ପଣ୍ଡିତ ଗୋପବନ୍ଧୁ ଚିନ୍ତିତ ଥିଲେ ଓ ଏହାର ପ୍ରତିକାର ପାଇଁ ବ୍ୟବସ୍ଥାମାନ କରି ଶ୍ରମିକ ମାନଙ୍କ ମନରେ ନୂତନ ଆଶା ସଞ୍ଚାର କରିଥିଲେ । ଏତଦ୍ ବ୍ୟତୀତ ରକ୍ଷଣଶୀଳ ବ୍ରାହ୍ମଣମାନଙ୍କର ମଧ୍ୟ ଅନେକ ଅନ୍ଧବିଶ୍ୱାସ ରହିଥିଲା । ସେମାନେ ବିଶ୍ୱାସ କରୁଥିଲେ ଯେ ବ୍ରାହ୍ମଣମାନେ ନିଶରଖିବା ଏବଂ ଜମିରେ ଲଙ୍ଗଳଧରି ଚାଷ କରିବା ପାପ । ସେଥିପାଇଁ ଗୋପବନ୍ଧୁ ସତ୍ୟବାଦୀ ଗୋଷ୍ଠୀର ସହାୟତାରେ ସମାଜରୁ ରକ୍ଷଣଶୀଳ ମନୋଭାବ ଦୂରୀଭୂତ କରିଥିଲେ । ପଣ୍ଡିତ ନୀଳକଣ୍ଠ ନିଜେ ପ୍ରଥମେ ନିଶରଖି ଓଡ଼ିଶାରେ 'ନିଶ ଆନ୍ଦୋଳନ' ଆରମ୍ଭ କରିଥିଲେ । ଏବଂ ଅନ୍ୟତମ ବନ୍ଧୁ ଆଚାର୍ଯ୍ୟ ହରିହର ଦାସ ପ୍ରଥମେ ଲଙ୍ଗଳଧରି ଜମିରେ ହଳକରିଥିଲେ ।

୧୯୨୮ରେ ଗୋପବନ୍ଧୁ ଶ୍ରମିକ ସଙ୍ଘର ନିମନ୍ତ୍ରଣ ରକ୍ଷାକରି ନୈଶବିଦ୍ୟାଳୟ ପାଇଁ କାର୍ଯ୍ୟ କରିବାକୁ କଲିକତା ଯାଇଥିଲେ । ସେଠାରେ ସେ ଅସୁସ୍ଥତା ଅନୁଭବ କରି ସତ୍ୟବାଦୀ ଫେରି ଆସିଲେ ଏବଂ କ୍ରମେ ଏହା ବୃଦ୍ଧି ପାଇଲା । ଶେଷରେ, ସେ ତାଙ୍କ ପାରିବାରିକ ବିଷୟ ଓ ଦୈନିକ 'ସମାଜ'ର ସୁରକ୍ଷା ନିମନ୍ତେ ଶେଷ ନିଷ୍ପତ୍ତି ବ୍ୟକ୍ତକରି ସେହି ଜୁନମାସ ୧୭ ତାରିଖ ସନ୍ଧ୍ୟାରେ ଶେଷ ନିଶ୍ୱାସ ତ୍ୟାଗକଲେ । ସାକ୍ଷୀଗୋପାଳର ବକୁଳ ବନରେ ତାଙ୍କର ଶେଷକୃତ୍ୟ ସମ୍ପାଦନ କରାଗଲା ।

ବାସ୍ତବରେ ପଣ୍ଡିତ ଗୋପବନ୍ଧୁ ଥିଲେ ସରଳ ଓ ଅମାୟିକ । ସଂଯତ ଜୀବନ ଯାପନ କରିବା ତାଙ୍କ ଚରିତ୍ରର ବିଶେଷତ୍ୱ ଥିଲା । ଈଶ୍ୱର ବିଶ୍ୱାସ ତାଙ୍କ ଜୀବନର ଅନ୍ୟତମ ବିଭାବ ଥିଲା । ଉତ୍କଳକୁ ସେ ଲକ୍ଷ୍ମୀଙ୍କର ବିଳାସଭୂମିଭାବେ ବର୍ଣ୍ଣନା କରି ଉତ୍କଳୀୟମାନଙ୍କୁ ସ୍ୱଦେଶପ୍ରେମ ଓ ଦେଶସେବାର ମହତ୍ୱ ଶିକ୍ଷା ଦେଇଛନ୍ତି । ତାଙ୍କ କବିତାରେ ଉଚ୍ଚାରିତ ହେଉଛି

"ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳବାସୀର ହେଉ ମହାନୀତି ।"

ଜୀବନରେ ସେ ମୃତ୍ୟୁ ପର୍ଯ୍ୟନ୍ତ ଦେଶ ପାଇଁ କାମ କରିଛନ୍ତି । ଦେଶପାଇଁ ପ୍ରାଣବଳି ଦେବାକୁ ମଧ୍ୟ ସେ ପ୍ରସ୍ତୁତ ଥିଲେ । ସେଥିପାଇଁ ସେ "ବନ୍ଦୀର ସ୍ୱଦେଶ ଚିନ୍ତା" ନାମକ କବିତାରେ ଲେଖିଛନ୍ତି :

"ପୁଣ୍ୟ ଜନ୍ମ ମାଟି ପୁଣ୍ୟ ଦେବାଳୟ,
ଉଦ୍ଧରିବା ପାଇଁ କଲେ ତନୁକ୍ଷୟ ।
ମାନବ ଜୀବନ ହୁଅଇ ସଫଳ,
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ।"

## ବାଣୀ ବରପୁତ୍ର

ଓଡ଼ିଆ ସାହିତ୍ୟରେ ଗୋପବନ୍ଧୁଙ୍କର ଆବିର୍ଭାବ ବାସ୍ତବିକ ଏକ ବହୁମୁଖୀ ପ୍ରତିଭାର ପରିଚୟ ଦିଏ । ତାଙ୍କର କାବ୍ୟ କବିତା ବିଶ୍ଳେଷଣ କଲେ ଜଣାଯାଏ ଯେ ସେ ହେଉଛନ୍ତି କେତେକ ମୌଳିକ ଉପାଦାନର ଅଧିକାରୀ । ତାଙ୍କ ଲେଖାର ବିଶେଷତ୍ୱ ହେଉଛି ପ୍ରଜାର ରାଜସ୍ୱ ସମସ୍ୟା, ପ୍ରଜାର ଶୋଷଣ, ଗରିବ ଦୁଃଖୀଙ୍କର ଦାନାପାଣି ସମସ୍ୟା, ଆଉ ବନ୍ଦୀମାନଙ୍କର ଶୃଙ୍ଖଳିତ ଦେଶର ମୁକ୍ତିପ୍ରଶ୍ନ ? ତାଙ୍କର ସାହିତ୍ୟସୃଷ୍ଟି ଆଦର୍ଶବାଦୀ ଓ ମାନବଧର୍ମୀ ଚେତନାର ପରିଚୟ ଦିଏ ।

ପଣ୍ଡିତ ଗୋପବନ୍ଧୁ ଏଜାତିର ଚିରନମସ୍ୟ ଏକ ବଳିଷ୍ଠ ଅନୁଷ୍ଠାନ । ଉତ୍କଳ ବା ଓଡ଼ିଶା ଇତିହାସରେ ନୂତନ ଯୁଗ ପ୍ରତିଷ୍ଠାକରି ସେ ଓଡ଼ିଆ ଜାତିର ପ୍ରାଣରେ ଅମୃତ ସିଞ୍ଚନ କରିପାରିଛନ୍ତି । ବାସ୍ତବରେ ସେ ଗୋପର ବନ୍ଧୁ ନଥିଲେ କି ଉତ୍କଳର ମଣି ନଥିଲେ । ସେ ଥିଲେ ଦରିଦ୍ରର ନାରାୟଣ, ଓଡ଼ିଆଜାତିର କର୍ଣ୍ଣଧାର ଓ ସାରାଦେଶର ବନ୍ଧୁ । ସେଥିପାଇଁ ତାଙ୍କୁ ଦେଶବନ୍ଧୁ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ଯୁଗସ୍ରଷ୍ଟା ଗୋପବନ୍ଧୁଙ୍କ ଜୀବନକୁ ନାନାଭାବରେ ବିସ୍ତାର କରାଯାଇପାରେ । ଜନସେବାବ୍ରତୀ, ଶିକ୍ଷାବ୍ରତୀ, ରାଜନୈତିକ କର୍ମୀ, ନେତା, କବି, ସମ୍ପାଦକ, ବାଗ୍ମୀ, ତ୍ୟାଗୀ, ବ୍ୟବସ୍ଥାପକ, ଆଇନ୍‌ଜୀବୀ, ସଙ୍ଗଠକ, ସମାଜସଂସ୍କାରକ,ବନ୍ଧୁବତ୍ସଳ, ସ୍ନେହୀ ତଥା ମହାନୁଭବ ବ୍ୟକ୍ତି ଭାବରେ ତାଙ୍କର ଜୀବନ ଏ ଦେଶର ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଛି । ସମାନ ଭାବରେ ଏ ସମସ୍ତ ଗୁଣର ଅଧିକାରୀ ହୋଇଥିବାରୁ ଗୋପବନ୍ଧୁ ଏକ ସମନ୍ୱିତ ପ୍ରତିଭା ତାଙ୍କୁ ମଧ୍ୟ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି କୁହାଯାଏ । ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଭାବରେ ସର୍ବଭାରତୀୟ ସ୍ତରରେ ସେ ଜଣେ ଜାତୀୟବାଦୀ ନେତାର ଆସନ ଅଳଙ୍କୃତ କରିଛନ୍ତି ।

ଓଡ଼ିଶା ଇତିହାସରେ ଗୋପବନ୍ଧୁଙ୍କ 'ସତ୍ୟବାଦୀ ଯୁଗ'ର ସୀମିତ କାଳ ମଧ୍ୟରେ ଯାହା କିଛି ଘଟିଯାଇଛି, ତାହା କୌଣସି ଜାତି ବା ଦେଶର ଭାଗ୍ୟରେ ଏକ ଶତାବ୍ଦୀ ମଧ୍ୟରେ ଘଟିବା ମଧ୍ୟ କଷ୍ଟ ସାଧ୍ୟ । ଗୋପବନ୍ଧୁ ଓ ତାଙ୍କର ସହାୟକ ବନ୍ଧୁଗଣ ସତ୍ୟବାଦୀ ଗୋଷ୍ଠୀ ଭାବରେ ପରିଚିତ ହୋଇଛନ୍ତି । ତାଙ୍କର ବହୁମୁଖୀ ପ୍ରତିଭାରେ କୌଣସି କାଳିମା ଅବା ମଳିନତା ପ୍ରକାଶ ପାଇନାହିଁ । ସେଥିପାଇଁ ଓଡ଼ିଶା ଆକାଶରେ ସେ ଏକ ସ୍ମରଣୀୟ ନକ୍ଷତ୍ର ।

---

ଇତିହାସ ବିଭାଗ,
ଶିଶୁ ଅନନ୍ତ ମହାବିଦ୍ୟାଳୟ,
ବାଲିପାଟଣା ।



ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଯୋଜନା ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀଙ୍କ ମାଲ୍ୟାର୍ପଣ ।

# ଖାଦ୍ୟ ହିସାବରେ ଅଣୁଜୀବର ଉପାଦେୟତା

ଡକ୍ଟର ବସନ୍ତ କୁମାର ଚୌଧୁରୀ

ଭାରତ ଓ ଅନ୍ୟାନ୍ୟ ବିକାଶଶୀଳ ଦେଶର ପ୍ରୋଟିନଯୁକ୍ତ ପୁଷ୍ଟିକର ଖାଦ୍ୟର, ଏକ ବଡ଼ ସମାସ୍ୟା ହୋଇ ରହିଛି । ଏହାର ଅଭାବରେ ବିଷୁବ ମଣ୍ଡଳୀୟ ଦେଶର ଲୋକମାନେ ରୁଗ୍ଣ ହୋଇ ରହିଥାନ୍ତି । ଏହି ପ୍ରୋଟିନ ଅପୁଷ୍ଟିଯୋଗୁ ଛୋଟ ଛୋଟ ପିଲା, ଗର୍ଭବତୀ ମା ଓ ଶିଶୁ, ବୃଦ୍ଧ ଓ ପଶୁମାନେ ଖୁବ୍ କଷ୍ଟରେ ପଡ଼ିଥାନ୍ତି । ଭାରତବର୍ଷରେ ଓଡ଼ିଶା ଏକ ଅବହେଳିତ ରାଜ୍ୟ । ଏହାର ମୋଟ ଜନସଂଖ୍ୟାର ଏକ ମୁଖ୍ୟ ଭାଗ ଆଦିବାସୀ ହରିଜନ ସମ୍ପ୍ରଦାୟ ଓ ଅବହେଳିତ ଶ୍ରେଣୀର ଅନ୍ତର୍ଭୁକ୍ତ । ଏମାନଙ୍କ କ୍ଷେତ୍ରରେ ଅତି ଅସମୟରେ ପ୍ରୋଟିନ୍ ଅପୁଷ୍ଟିଜନିତ ରୋଗର ଲକ୍ଷଣ ଦେଖାଯାଇଥାଏ ।

ଆମର ପ୍ରୋଟିନ୍ ଚାହିଦା ଧାନ, ଗହମାଦି ଶସ୍ୟ ଓ ଡ଼ାଲି ଜାତିୟ ଫସଲରୁ ମେଣ୍ଟାଯାଇଥାଏ । କିନ୍ତୁ ବର୍ଦ୍ଧମାନଶୀଳ ଜନସଂଖ୍ୟାକୁ ଏହି ଜାତୀୟ ଫସଲରୁ ଆବଶ୍ୟକ ପ୍ରୋଟିନ୍ ଯୋଗାଇ ଦେବା ସହଜ ସାଧ୍ୟ ନୁହେଁ । 'ତା' ଛଡ଼ା କେଉଁ ବର୍ଷ ଅନାବୃଷ୍ଟି ଫଳରେ ମରୁଡ଼ି ପଡୁଛି ତ କେଉଁ ବର୍ଷ ଅତିବୃଷ୍ଟି ହୋଇ ବନ୍ୟା ହେବାଦ୍ୱାରା ଖାଦ୍ୟ ଶସ୍ୟ ଉତ୍ପନ୍ନର ମାତ୍ରା ଆଶାତୀତ ଭାବେ କମି ଯାଇଛି । ତେଣୁ ଏବେ ଚିରାଚରିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ବାଦ ନେଇ ଅନ୍ୟ କୌଣସି ଉପାୟରେ ଏହି ଜାତିୟ ପୁଷ୍ଟିକର ଖାଦ୍ୟର ଭରଣା କରାଯିବାକୁ ଚେଷ୍ଟା କରାଯାଉଛି ।

ଉଦ୍ଭିଦ କୋଷର ମୁଖ୍ୟ ଗଠନକାରୀ ପଦାର୍ଥ ହେଲା,ସେଲ୍ୟୁଲୋଜ । ଏନ୍‌ଜାଇମ୍ ଦ୍ୱାରା ସେଲ୍ୟୁଲୋଜ ବିଖଣ୍ଡିତ ହେଲେ ଏଥିରୁ ସରଳ ଶର୍କରା ଜାତୀୟ ପଦାର୍ଥ ବାହାରେ । ଅନେକ ଅଣୁଜୀବମାନଙ୍କଠାରେ ଥିବା ଏନ୍‌ଜାଇମ୍‌ର ସେଲ୍ୟୁଲୋଜକୁ ବିଖଣ୍ଡିତ କରିପାରିବାର କ୍ଷମତା ଅଛି । ପ୍ରସ୍ତୁତି ଶର୍କରା ଜାତୀୟ ପଦାର୍ଥକୁ ଅଣୁଜୀବ ଇଷ୍ଟ ବା କେତେକ ବ୍ୟାକଟେରିଆଦ୍ୱାରା ଆମର ଦରକାରୀ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ପ୍ରସ୍ତୁତି କରାଯାଇପାରିବ । ତା ଛଡ଼ା କେତେକ ଅଣୁଜୀବଙ୍କର ସେଲ୍ୟୁଲୋଜ ଓ ଇଉରିଆ ଆଦି ପଦାର୍ଥ ଉପରେ ବିସ୍ତାର ଘଟାଇ, ସେଥିରୁ ଗୋଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ।

କେତେକ ଅତି ସହଜଲଭ୍ୟ ସେଲ୍ୟୁଲୋଜ ଜାତୀୟ ପଦାର୍ଥ ଓ ଶିଳ୍ପଗତ ବର୍ଜ୍ୟବସ୍ତୁକୁ ଏହି କାମରେ ବିନିଯୋଗ କରାଯାଇ ପାରିବ । ଏହା ଶିଳ୍ପଗତ ବର୍ଜ୍ୟ ବସ୍ତୁଗୁଡ଼ିକ ହେଲା, ଆଖୁ ଛେଦା, ଚଷୁ, ଧାନ ଓ ଗହମର ନଡ଼ା, ରଦ୍ଦି କାଗଜ । ଏହି ଜାତୀୟ ବର୍ଜ୍ୟ ପଦାର୍ଥ ଏମିତି ଆମପାଇଁ ଅଦରକାରୀ । ପରନ୍ତୁ ଏହାଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ ଓ ଏହାର ସଦ୍‌ବିନିଯୋଗ କରିବା ଏକ ସମସ୍ୟା ହୋଇ ରହିଥାଏ । ଏକ ହିସାବରୁ ଜଣା ଯାଇଛି ଯେ ୫୫,୦୦୦ ଟନ୍ ଗୁଆ ଖୋସା ଏମିତି ନଷ୍ଟ ହୋଇଥାଏ, ୧୦ ଅଯୁତ ଟନ୍ ବାଦାମଖୋସା, ୧୫ ଅଯୁତ୍ ଟନ୍ ଫେଣୀବୃନ୍ତ, ୧ ନିଯୁତ ଟନ୍ ନଡ଼ିଆଖଡ଼େଇ, ୫ ଅଯୁତ ଟନ୍ ଆଖୁଖୋସା, ୩ ଅଯୁତ ଟନ୍ କାଉଁରିଆ ଓ ଭାରତର ସମ୍ପୂର୍ଣ୍ଣ ଧାନଉତ୍ପାଦନର ୨୫ ଶତାଂଶ କୌଣସି ଦରକାରରେ ଆସେ ନାହିଁ । କେତେକ ସମୟରେ ଏହି ବର୍ଜ୍ୟ ପଦାର୍ଥଗୁଡ଼ିକୁ କ୍ଷେତରେ ପୋଡ଼ି ଦିଆଯାଇଥାଏ । ଏହାଦ୍ୱାରା ସେହି କ୍ଷେତ୍ରରେ ଥିବା ଜୈବିକ ପଦାର୍ଥଗୁଡ଼ିକୁ ନଷ୍ଟ କରିଦିଆଯାଏ ଓ ସେଠାରେ ଥିବା ଅଣୁଜୀବଜାତୀୟ ଉଦ୍ଭିଦ ସମୂହକୁ ମାରିଦିଆଯାଇଥାଏ । ଏହା ଛଡ଼ା କାର୍ଡ଼ ବୋର୍ଡ଼ ବାକ୍ସ, କ୍ରାଫ୍‌ଟ ପେପର, ପେପର ବ୍ୟାଗ ଓ ସମ୍ବାଦପତ୍ରରେ ସେଲ୍ୟୁଲୋଜ ଅପରିମିତଭାବେ ବ୍ୟବହାର କରାଯାଇଥାଏ ।

ଅଣୁଜୀବମାନଙ୍କର ଜୀବନଚକ୍ର ଖୁବ୍ କମ ସମୟରେ ସମ୍ପୂର୍ଣ୍ଣ ହୋଇଥାଏ ଓ ଏହା ଖୁବ୍ ଦ୍ରୁତଗତିରେ ବିସ୍ତାର ଲାଭ କରିଥାଏ । ସେମାନେ ବିଭିନ୍ନ ଧରଣର ବର୍ଜ୍ୟ ପଦାର୍ଥକୁ ନିଜର ଖାଦ୍ୟରୂପେ ବ୍ୟବହାର କରିଥାନ୍ତି । କେତେକ ଫିମ୍ପିଜାତୀୟ ଉଦ୍ଭିଦ ଓ ବ୍ୟାକ୍‌ଟେରିଆ ମାନଙ୍କର ଖାଦ୍ୟର ଉତ୍ସ ହେଲା, ଶର୍କରା ଜାତୀୟ ପଦାର୍ଥ । ଏହାଦ୍ୱାରା ସେଲ୍ୟୁଲୋଜ ବିଖଣ୍ଡିତ ହୋଇ ସରଳ ଶର୍କରାଗୁଡ଼ିକର ସୃଷ୍ଟି ହୋଇଥାଏ । ଏହା ଶର୍କରାଜାତୀୟ ପଦାର୍ଥ ଉପରେ ଇଷ୍ଟ କୋଷର ବୃଦ୍ଧି ଓ ବିସ୍ତାର ହୋଇ ପାରିଥାଏ । ଏହି ଅଣୁଜୀବକୁ ଆମର ଖାଦ୍ୟ ଭାବରେ ବ୍ୟବହାର କରାଯାଇଥାଏ ।


ଇଷ୍ଟ କିମ୍ବା ବ୍ୟାକଟେରିଆ ପରି ଅଣୁଜୀବମାନଙ୍କୁ ସେଲ୍ୟୁଲୋଜ ସମୂହର ଭଗ୍ନାବଶେଷରେ ବିସ୍ତାର କରାଯାଇ ଏଥିରୁ ପୁଷ୍ଟିକାରକ, ରୁଚିଯୁକ୍ତ ଓ ଖାଦ୍ୟରୂପେ ଗ୍ରହଣଯୋଗ୍ୟ ଅଣୁଜୀବଜାତ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଜର୍ମାନ ଦେଶରେ ଇଷ୍ଟ କୋଷରୁ ଏହି ରୂପେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଲାଭ

କରାଯାଉଥିଲା । ସ୍ୱିଡେନ୍, ଆମେରିକା ପ୍ରଭୃତି ଉନ୍ନତ ଦେଶରେ ଏହି ଧରଣର ସହଜଲବ୍ଧ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସଂଗ୍ରହପାଇଁ ଚେଷ୍ଟା କରାଯାଉଛି ।

ଭାରତର ଅନେକ ଗବେଷଣାଗାରରେ ଏହି ଜାତୀୟ ପ୍ରୋଟିନ୍ ସଂଗ୍ରହ ପାଇଁ ଚେଷ୍ଟା କରାଯାଉଛି । ଆଖୁର ଛୋପା, କରତଗୁଣ୍ଡ କପାର ମଞ୍ଜି ପରି ବର୍ଜ୍ୟ ବସ୍ତୁକୁ ବିଖଣ୍ଡିତ କରି ସେଥିରେ ଅଣୁଜୀବର ବିକାଶ କରାଯାଉଛି । ଶେଷରେ, ପ୍ରଶ୍ନ ଉଠେ ଯେ ଏହି ଜାତୀୟ ଖାଦ୍ୟ ମନୁଷ୍ୟ ପାଇଁ କେତେଦୂର ନିରାପଦ । ଏହା ସତ୍ୟଯେ ଏହି ଜାତୀୟ ଖାଦ୍ୟ ଖୁବ୍ ପୁଷ୍ଟିକାରକ କାରଣ ଏହି ପ୍ରୋଟିନ୍‌ରେ ଥିବା ଏମିନୋ ଏସିଡ୍ ଅତି ଉତ୍ତମମାନର । କିନ୍ତୁ ଅନୁଧ୍ୟାନରୁ ଜଣାଯାଇଛି ଯେ ଏହି ଧରଣର ଖାଦ୍ୟକୁ ସହ୍ୟ କରିବାର ଶକ୍ତି ମନୁଷ୍ୟଠାରେ ଖୁବ୍ କମ୍‌ଅଛି । ସାଧାରଣ ଭାବରେ ଏହାକୁ ଯଦି ଆମେ ଜଣେ ଲୋକକୁ ଖୁଆଇବା, ତେବେ ତାର ପେଟ ଗଣ୍ଡଗୋଳ ହେବ । ଏହାକୁ ନାନା ଉପାୟରେ ସୁଷମ ଖାଦ୍ୟ କରାଯିବାପାଇଁ ଚେଷ୍ଟା କରାଯାଉଛି । ଗୃହପାଳିତ ପଶୁମାନଙ୍କ ପାଇଁ ଏହା ନିରାପଦ ବୋଲି ଦେଖା ଯାଇଛି ।

---

ଅଧ୍ୟାପକ,
ଉଦ୍ଭିଦ ବିଜ୍ଞାନ ବିଭାଗ,
ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ,
ବାରିପଦା, ମୟୂରଭଞ୍ଜ—୭୫୭୦୦୧ ।



ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସାଧାରଣ ଆବଣ୍ଟନ ବ୍ୟବସ୍ଥା
ବିଷୟରେ ପଦସ୍ଥ ଅଫିସରମାନଙ୍କ ସହିତ ଆଲୋଚନା କରୁଛନ୍ତି । ଏହି ଆଲୋଚନାରେ
ଖାଦ୍ୟ ଓ ଯୋଗାଣ ନିଗମର ଚେୟାରମ୍ୟାନ୍ ଶ୍ରୀ ସୁଭାରାଓ ପୁଷ୍ଟି,
ଉତ୍କଳ ପ୍ରସଙ୍ଗର ମୁଖ୍ୟ ସମ୍ପାଦକ ଶ୍ରୀ ସତୀଶ ପାଢ଼ି ଓ
ଜିଲ୍ଲାପାଳ ଶ୍ରୀ ଏ: କେ: ତ୍ରିପାଠୀ ଅଂଶ ଗ୍ରହଣ କରିଛନ୍ତି ।

# ପୁରୀ

## (ଏକ ଦୀର୍ଘ କବିତାର କିଛି ଅଂଶ)

ପ୍ରସନ୍ନ ପାଟଶାଣୀ

ମଣିଷଟିଏ ମଣିଷକୁ ଭୁଲିବା ଭାରି ସହଜ
କବି କିନ୍ତୁ ଭୁଲିପାରେନା କେବେ
ତେବେ ଭୁଲିବାର ଭୁଲ୍ ଜୀବନରେ ନଆସୁ
କେବେ ଯଦି ଭୁଲ୍ କରେ
ମୃତ୍ୟୁକୁ ଭେଟିବି ତେବେ ତୋ ପାଇଁ ଥରେ ।

ସକାଳର ଫୁଲ ଫୁଟିବା ଆଗରୁ
ଖବର ପଠେଇଛି ପବନରେ
ତୋ ପାଇଁ ସାଇତି ରଖୁଛି କେତେ ମହକ ପାଖୁଡ଼ା ଭିତରେ
ଫୁଲମାନେ ସବୁ ମେଳିହୋଇ ମନାକରି ଦେଲେଣି
ପ୍ରଜାପତିକୁ ଉଡ଼ିବାକୁ, ଆମରି ସୁଗନ୍ଧିରେ
ଜୀବନର  ବଗିଚ୍ଚ ଭରିଯାଉ
ପ୍ରଣୟର ଲୋହିତ ବାସ୍ନାରେ ।

ସବୁ ନଇତୁଠ ହାତଠାରି ଡାକୁଚି
ତୁ ଆ' ଗାଧୋଇବୁ ମୁକ୍ତ ପାହାଚରେ
ପାଦ ଖସିଗଲେ ଡରିବାର ନାହିଁ
ମୋ ପାଦରେ ପାଦରଖି
ଲୁହର ପୋଖରୀକୁ ଦେବୁ ତୁ କୁଣ୍ଢେଇ ।

ତୁ କେଉଁଠି ଗାଧୋଇବୁ ?
ପାଣିରେ ଗାଧୋଇଲେ ମାଛମାନେ ତତେ ଦେଖୁଥିବେ
ସମୁଦ୍ରରେ ଗାଧୋଇଲେ ଦେଖୁଥିବେ ତତେ ଶଙ୍ଖ ଓ ଶାମୁକା
ତୁ କୁଆଡ଼େ ଯିବୁ ?
ମହାଶୂନ୍ୟରୁ ତୋ ଆସାକୁ ତୋଳିଆଣି
ପକ୍ଷୀର ଚଞ୍ଚୁରେ ଗୁଞ୍ଜି ରଖୁଥିବି
ତୁ ଏକାକି ରହିବୁ ମୋ ବୁକୁର କୋରଡ଼ ଭିତରେ ।

ଆଉ କେବେ ହଜାଇ ଦେବାକୁ ଇଚ୍ଛା ହେବନି
କି ତୁ ଖୋଜିଲେ ମୁଁ ହଜିବିନି;
ଦାରୁ କେବେ କ'ଣ ହଜିପାରେ ସମୁଦ୍ରରେ ?

ତୋ ଲୁହର ସମୁଦ୍ରରେ ମୁଁ ଦାରୁ ହୋଇ
ଭାସୁଥିବି ସବୁଦିନ,
ତୋ ନିଶୀଥର ସମୁଦ୍ରରେ
ମୁଁ ବ୍ରହ୍ମ ହୋଇ ରହେଁ ହେବାକୁ ବିଲୀନ ।

୭-ନୂଆପଲ୍ଲୀ, ଭୁବନେଶ୍ୱର-୧୨ ।

# ମାଦକଦ୍ରବ୍ୟ ଓ ଏହାର ଚୋରା କାରବାର

ଶିଶିରକାନ୍ତ ନନ୍ଦ

ସମାଜରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପରିସ୍ଥିତି ବା ସମସ୍ୟାର ମୁକାବିଲା କରି ନପାରି ସେହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ନିଶା ସେବନ କରି ନିଶା ଗ୍ରସ୍ତ ହୋଇଥାନ୍ତି। ନିଜେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଶେଷରେ ଶୀତଳ ମୃତ୍ୟୁର ଦ୍ୱାରଦେଶରେ ପହଁଚି ମୃତ୍ୟୁ ସହିତ ସଂଗ୍ରାମ କରନ୍ତି। ମାଦକ ଦ୍ରବ୍ୟ ସେବନ ଏବେ ସମାଜରେ ବିଶେଷତଃ ଯୁବକମାନଙ୍କ ମଧ୍ୟରେ ମାରାତ୍ମକ ବ୍ୟାଧି ରୂପେ ଦେଖା ଦେଇଛି। ଏହାର ଶେଷ ପରିଣାମ ଜାଣି ମଧ୍ୟ ସେବନକାରୀମାନେ ଏହି ନିଶାଦ୍ରବ୍ୟ ଛାଡି ପାରୁ ନାହାଁନ୍ତି। ସମାଜକୁ ପଙ୍ଗୁ କରିଦେବାକୁ ବସିଥିବା ମାଦକ ଦ୍ରବ୍ୟ ଓ ନିଶା ଔଷଧର ବହଳ ପ୍ରଚଳନ, ଚୋରାକାରବାର ଯୋଗୁ ସମ୍ଭବ ହୋଇ ପାରିଛି। ଯେଉଁଥିରେ ବହୁ ଆନ୍ତର୍ଜାତିକ ଦଳ ସମ୍ପୃକ୍ତ। ଏହି ମାଦକ ଦ୍ରବ୍ୟ ଚୋରାକାରବାରକୁ ନିଷ୍କ୍ରିୟ କରିଦେବାପାଇଁ ଆମେରିକା ପାନାମା ଅଧିକାର କରିଥିଲା।

ସାରା ବିଶ୍ୱରେ ପ୍ରତ୍ୟେକ ଦେଶ ଏହି ସମସ୍ୟାର ସମ୍ମୁଖୀନ। ଆଣବିକ ଶକ୍ତିର ଧ୍ୱଂସକାରିତା ପ୍ରକ୍ରିୟା ପରି ଏହା ମଧ୍ୟ ମହାପ୍ରଳୟଙ୍କରୀ। ବିଶେଷକରି ଅନୁନ୍ନତ ଓ ବିକାଶୋନ୍ମୁଖୀ ଦେଶଗୁଡ଼ିକର ଅର୍ଥନୈତିକ ଅବସ୍ଥାକୁ ଏହା ଦୁର୍ବଳ କରି ଦିଏ। ୧୯୮୮ ମସିହାର ଏକ ହିସାବରୁ ଜଣାଯାଏ ସମଗ୍ର ବିଶ୍ୱରେ ୭୫ ଲକ୍ଷ ହିରୋଇନ୍, ୪୮ ଲକ୍ଷ କୋକେନ୍, ୧୬୬ ଲକ୍ଷ ଗଞ୍ଜେଇ ଏବଂ ୩୪ ଲକ୍ଷ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସାମଗ୍ରୀରେ ଆସକ୍ତ ହୋଇଛନ୍ତି। ବମ୍ବେରେ ଅଢେଇ ଲକ୍ଷ ଲୋକ ମାଦକ ଦ୍ରବ୍ୟ ସେବନ କରନ୍ତି। ଓଡ଼ିଶାରେ ୧୯୯୦ ମାର୍ଚ୍ଚ ମାସରେ ଶେଷ ହୋଇଥିବା ସାହାରା ନିଶାମୁକ୍ତି କେନ୍ଦ୍ରର ଏକ ସଦ୍ୟ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱର, ପୁରୀ, କଟକ,ବ୍ରହ୍ମପୁର, ଢେଙ୍କାନାଳ, କୋରାପୁଟ,' ଓ ଖୋର୍ଦ୍ଧାର ୩୯୦ ଜଣ ନିଶାଗ୍ରସ୍ତ ଲୋକଙ୍କୁ ଚିହ୍ନୋଟକରି ସେମାନଙ୍କ ସମ୍ପର୍କରେ ଗବେଷଣା କରାଯାଇଥିଲା ଏବଂ ସେମାନଙ୍କୁ ନିଶାମୁକ୍ତ କରି ବାଟକୁ ଫେରାଇ ଅଣା ଯାଇଥିଲା।

## ନିଶାସେବନ ଦ୍ୱାରା କ'ଣ କ୍ଷତି ହୁଏ ?

ମାଦକ ଦ୍ରବ୍ୟ ସେବନ ଏକ ସାମାଜିକ ସମସ୍ୟା। ସାଧାରଣ ମନୁଷ୍ୟକୁ ସୁସ୍ଥ ଜୀବନ ଠାରୁ ଏହା ଅନେକ ଦୂରକୁ ଟାଣିନିଏ। ଏହା ମନୁଷ୍ୟର ଶାରୀରିକ ଓ ମାନସିକ ପୀଡାର ପ୍ରଧାନ କାରଣ। ଏହା ମାନସିକ ଭାବେ ପଙ୍ଗୁ ଓ ଅଥର୍ବ ମନୁଷ୍ୟ ସୃଷ୍ଟି କରେ। ମାଦକ ଦ୍ରବ୍ୟ ସେବନ ଦ୍ୱାରା ନିଶାଗ୍ରସ୍ତ ବ୍ୟକ୍ତିର ସାମାଜିକ ତଥା ଆର୍ଥିକ ଅବସ୍ଥାର ଚରମ ବିପର୍ଯ୍ୟୟ ଘଟେ। ଅବ୍ୟାହତଭାବେ ନିଶା ଅଭ୍ୟାସ କଲେ ଓଜନ ଦ୍ରୁତ ଗତିରେ କମିଯାଏ। ଆଖିଚାରିପଟେ କଳାଦାଗ ଦେଖାଯାଏ ଏବଂ ଆଖି ଭାରି ଭାରି ଲାଗେ। ନିଶାସକ୍ତ ବ୍ୟକ୍ତିର ଅନେକ ମାରାତ୍ମକ ରୋଗ ଯଥା– ପେଟ ରୋଗ, ହୃଦ ରୋଗ, ରକ୍ତଚାପ, ବୃକକ୍ ରୋଗ, ଚର୍ମ ରୋଗ ଇତ୍ୟାଦି ଦେଖା ଯାଏ। ନିଶାଗ୍ରସ୍ତ ବ୍ୟକ୍ତି ଦୁରାରୋଗ୍ୟ ଏଡସ ରୋଗରେ ମଧ୍ୟ ଶିକାର ହୁଅନ୍ତି। ସ୍ମରଣ ଶକ୍ତି, ବିସ୍ତାରଶକ୍ତି ଚିନ୍ତା ବା ଭାବନାଶକ୍ତି ହ୍ରାସ ପାଇବା ସଙ୍ଗେ ସଙ୍ଗେ ନିଶାଶକ୍ତ ବ୍ୟକ୍ତିର ଏକାଗ୍ରତା ଓ ମନୋବଳ ନଷ୍ଟ ହୋଇ ଯାଏ।

ମାଦକ ଦ୍ରବ୍ୟ ସେବନ ଦ୍ୱାରା ମନୁଷ୍ୟ ମସ୍ତିଷ୍କରୁ ପ୍ରଭୂତ କ୍ଷତି ଘଟିବା ସଙ୍ଗେ ସଙ୍ଗେ ତା'ର ଚିନ୍ତାର ଧାରାକୁ ପଙ୍ଗୁ କରିଦିଏ। ନିଶାଶକ୍ତ ଲୋକ ତା'ର ଇନ୍ଦ୍ରିୟ ଉପରୁ ନିୟନ୍ତ୍ରଣ ହରାଇ ବସେ। ସେ ଜୀବନଠାରୁ ବହୁ ଦୂରରେ ରହିବାକୁ ଚେଷ୍ଟା କରେ। ଫଳରେ ଏହା ସୃଷ୍ଟି କରେ ଅସଂଖ୍ୟ ଅପରାଧୀ ଅସହାୟ ବ୍ୟକ୍ତି ବିଶେଷ ଯେଉଁମାନେ କି ସମାଜର ବୋଝ ସଦୃଶ।

## ମାଦକଦ୍ରବ୍ୟ ଚୋରା କାରବାର

ଭାରତ ଏକ ବିକାଶୋନ୍ମୁଖୀ ଦେଶ। ଏଠାରେ କୋଟି କୋଟି ଲୋକ ଦରିଦ୍ର, ଅଶିକ୍ଷିତ। ମାଦକଦ୍ରବ୍ୟ ଚୋରା କାରବାର ଏହାର ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଦେବ।

ଦିଲ୍ଲୀ, ବମ୍ବେ, କଲିକତା ଓ ମାଡ୍ରାସ୍ ପ୍ରଭୃତି ମହାନଗରୀ ଆଜି ମାଦକଦ୍ରବ୍ୟ ଚୋରା କାରବାରର କେନ୍ଦ୍ର ସ୍ଥଳୀ। ପଶ୍ଚିମ ଏସିଆରୁ ମାଦକଦ୍ରବ୍ୟ ଦିଲ୍ଲୀ ଓ ବମ୍ବେ ମଧ୍ୟ ଦେଇ ପାଶ୍ଚାତ୍ୟ ଦେଶମାନଙ୍କୁ ଚୋରା ଚାଲାଣ କରାଯାଉଛି। ଭାରତ ପୃଥିବୀର ଅନ୍ୟତମ ମୁଖ୍ୟ ଅଫିମ ଉତ୍ପାଦନକାରୀ ଦେଶ। ଏହି ଅଫିମ ପ୍ରଧାନତଃ ଔଷଧପତ୍ର ଉତ୍ପାଦନରେ ବ୍ୟବହୃତ ହୋଇଥାଏ। ବହୁ ଅଫିମ

ବେଆଇନ ଭାବେ ଚୋରା କାରବାରକାରୀମାନଙ୍କ ଦ୍ୱାରା ଦେଶ ବାହାରକୁ ଚାଲାଣ କରାଯାଉଛି । ପ୍ରାୟ ପ୍ରତିଦିନ କୋଟି କୋଟି ଟଙ୍କାର ହିରୋଇନ୍ ଚରସ୍ ଓ ହାସିସ୍ ଦିଲ୍ଲୀ, ବମ୍ବେ ଆଦି ମହାନଗରୀର ଗଳିକନ୍ଦିକୁ ଯୋଗାଣ କରାଯାଉଛି । ଭାରତ ପୃଥିବୀର ଦୁଇଟି ବଡ଼ ବଡ଼ ମାଦକଦ୍ରବ୍ୟ ଚୋରା କାରବାର ସଂସ୍ଥାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ । ଭାରତର ପଶ୍ଚିମରେ ପାକିସ୍ଥାନ, ଆଫଗାନିସ୍ଥାନ ଏବଂ ଇରାନକୁ ନେଇ **Golden Crescent** ଏବଂ ପୂର୍ବରେ ବର୍ମା ଓ ଥାଇଲାଣ୍ଡକୁ ନେଇ ଗଠିତ **Golden Tringle** । ଉତ୍ତରରେ ନେପାଳ ମଧ୍ୟ ହାସିସ୍ ଓ ଗଞ୍ଜାର ଉତ୍ପାଦନକାରୀ ରାଷ୍ଟ୍ର ଭାବରେ ଜଣାଶୁଣା । ଏହି ମାଦକଦ୍ରବ୍ୟ ଭାରତ ମଧ୍ୟ ଦେଇ ପାଶ୍ଚାତ୍ୟ ଦେଶମାନଙ୍କୁ ଚୋରା ଚାଲାଣ କରାଯା ଉଛି । ଫଳରେ ଭାରତ ଏକ ଯୋଗାଯୋଗ ପଥ ଭାବରେ ରହିଛି ।

ସାରା ବିଶ୍ୱରେ ଅନେକ ରାଷ୍ଟ୍ର ଆଜି ମାଦକଦ୍ରବ୍ୟ ଚୋରା କାରବାରର ଶିକାର ହୋଇଛନ୍ତି କଲମ୍ବିଆ, ପେରୁ, ଇରାନ୍, ଆଫଗାନିସ୍ଥାନ, ପାକିସ୍ଥାନ, ବର୍ମା ଓ ଥାଇଲାଣ୍ଡ ଆଦି ରାଷ୍ଟ୍ରମାନଙ୍କର ସ୍ଥିତିକୁ ଏହି ସମସ୍ୟା ଉତ୍କଟ କରିଛି । ଜାତିସଂଘର ଏକ ହିସାବ ଅନୁଯାୟୀ ପାକିସ୍ଥାନ ପୃଥିବୀର ସବୁଠାରୁ ବେଶୀ ହିରୋଇନ୍, ଅଫିମ, ହାସିସ୍ ଉତ୍ପାଦନ ଓ ରପ୍ତାନିକାରୀ ଦେଶ । ପାକିସ୍ଥାନର ପ୍ରାୟ ଏକ କୋଟି ଲୋକ ନିଶାଦ୍ରବ୍ୟ ସେବନ କରନ୍ତି ।

## ମାଦକଦ୍ରବ୍ୟ ଚୋରା କାରବାରକୁ ରୋକିବା ପାଇଁ ସରକାର କେତେକ ଆଇନ୍ ପ୍ରଣୟନ କରିଛନ୍ତି

ଭାରତରେ ମାଦକଦ୍ରବ୍ୟ ସେବନକୁ ରୋକିବା ପାଇଁ ମଧ୍ୟ ସରକାର ନିୟମ ପ୍ରଣୟନ କରିଛନ୍ତି । ୧୯୮୮ ମସିହାରେ **Narcoti Drugs and Psychotrofic Substance Act** ପ୍ରଣୟନ କରାଯାଇଛି । ଏ ପ୍ରକାର ଅପରାଧ ପାଇଁ ଦ୍ୱିତୀୟ ବାର ଫାଶିଦଣ୍ଡର ବ୍ୟବସ୍ଥା କରିଛନ୍ତି ଏବଂ ଏହାକୁ "ଧର୍ତ୍ତବ୍ୟ" ଓ "ଅଣଜାମିନି" ବୋଲି ଘୋଷଣା କରାଯାଇଛି । ନିକଟରେ ରାଷ୍ଟ୍ରପତି ଆର୍‌. ଭେଙ୍କଟରମଣ ଚୋରା କାରବାର ନିରୋଧ ଆଇନ୍ ୧୯୭୪ର କେତେକ ସଂଶୋଧନ କରିବାଲାଗି ଅଧ୍ୟାଦେଶ ଜାରି କରିଛନ୍ତି । ନିଶା ଔଷଧ ଚୋରା କାରବାର ତଥା ସାଇକୋଟ୍ରୋଫିକ୍ ଦ୍ରବ୍ୟ ଚୋରା କାରବାର ଆଇନ୍ ପାଇଁ ମଧ୍ୟ ଉକ୍ତ ଅଧ୍ୟାଦେଶ ଲାଗୁ ହେବ । ଉପରୋକ୍ତ ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ଦୁଇବର୍ଷ ପର୍ଯ୍ୟନ୍ତ ଅଟକ ରଖାଯାଇପାରୁଛି ।

## Narcotics Control Bureauର ଭୂମିକା

ସରକାର **Narcotics Control Bureau** ଗଠନ କରିଛନ୍ତି । ଏହା କୋଟି କୋଟି ଟଙ୍କାର ନିଶାଦ୍ରବ୍ୟ ବାଜ୍ୟାପ୍ତ କରିଛି । ୧୯୮୯ ମସିହା ସୁଦ୍ଧା **Narcotic Control Bureau** ୩,୭୦୮ କେ:ଜି: ହିରୋଇନ୍, ୩୦,୪୨୩ କେ: ଜି: ହାସିସ୍, ୨୬,୦୦୬ କେ: ଜି: ଗଞ୍ଜା, ୨,୯୦୧ କେ: ଜି: ମେଥାକ୍ୱାଲନ୍ ଧ୍ୱଂସ କରିଛି । ଏହି ସଂସ୍ଥା ଦ୍ୱାରା ଚୋରା କାରବାରକୁ ବହୁ ପରିମାଣରେ ଆୟତ୍ତାଧୀନ କରାଯାଇ ପାରିଛି ।

ମାଦକଦ୍ରବ୍ୟର କୁପରିଣାମ ସମ୍ପର୍କରେ ସମୁଦାୟ ସମାଜକୁ ସଚେତନ କରାଇବା ଏକ ବିରାଟ ଆହ୍ୱାନ ଏବଂ ଏହି ଆହ୍ୱାନର ସଠିକ୍ ମୁକାବିଲା ଉପରେ ନିର୍ଭର କରେ ମାନବ ସମାଜର ଭବିଷ୍ୟତ ।

ଏହି ସମସ୍ୟାକୁ ମୁକାବିଲା କରିବା ଦିଗରେ ସରକାର ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଶହୀଦ୍ ନଗର,
ପ୍ଲଟ୍ ନଂ-୧୮୪,
ଭୁବନେଶ୍ୱର ।



ଗଞ୍ଜାମର ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଗୁଜୁରାଟରୁ ଆସିଥିବା ଡାକ୍ତରମାନଙ୍କ ଗହଣରେ ରାଜ୍ୟପାଳ ଶ୍ରୀ ଶର୍ମା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ।

# କୋରାପୁଟର ଆଦିବାସୀ

ଶ୍ରୀ ଅର୍ଜ୍ଜୁନ ନାଲ୍ଲା

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ପୂର୍ବରୁ କୋରାପୁଟ ଜିଲ୍ଲା ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ପାରଳାଖେମୁଣ୍ଡି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଦେବଙ୍କ ଆନୁକୂଲ୍ୟରେ ୧୯୦୩ ମସିହାର ଉତ୍କଳ ସମ୍ମେଳନରେ ମାନ୍ଦ୍ରାଜ ପ୍ରଦେଶରୁ କୋରାପୁଟ ଜିଲ୍ଲାକୁ ବିଚ୍ଛିନ୍ନ କରି ଓଡ଼ିଶାରେ ରଖିବା ନିମନ୍ତେ ଦାବୀ ଉପସ୍ଥାପନ କରାଯାଇଥିଲା । କାରଣ କୋରାପୁଟ ଜିଲ୍ଲାର ଭାଷା, ସଂସ୍କୃତି, ସାମାଜିକ ଜୀବନ ଓ ଅନ୍ୟାନ୍ୟ ପରିବେଶର ଓଡ଼ିଆ ସଂସ୍କୃତି ସହିତ ସାମଞ୍ଜସ୍ୟ ଥିଲା । ତେଣୁ ଓଡ଼ିଶା ହିତୈଷୀ ଜନନାୟକମାନଙ୍କର ଅଦମ୍ୟ ପ୍ରଚେଷ୍ଟା ବଳରେ ୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖରେ କୋରାପୁଟ ଜିଲ୍ଲା ତଥା ଗଞ୍ଜାମର କେତେକ ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରୁ ବିଚ୍ଛିନ୍ନ କରାଯାଇ ଓଡ଼ିଶା ସହ ମିଶ୍ରଣ କରାଗଲା । ତେଣୁ କୋରାପୁଟ ଜିଲ୍ଲାରେ ତେଲୁଗୁ ଭାଷାଭାଷୀ ଜନସଂଖ୍ୟା ଆନୁପାତିକ ଭାବେ ଅଧିକ ।

ଆଦିବାସୀମାନଙ୍କର ଭାଷା, ପୋଷାକ ପରିଚ୍ଛଦ, ବାସଗୃହ ଓ ସାମାଜିକ ଗତିଧାରାକୁ ଅନୁଧ୍ୟାନ କଲେ ମନେହୁଏ ସେମାନଙ୍କର ପୂର୍ବ ଐତିହ୍ୟ ବେଶ୍ ସୁରକ୍ଷିତ । ଏହି ଜିଲ୍ଲାର ଛଅଟି ସବ୍‌ଡିଭିଜନ୍ ମଧ୍ୟରୁ ମାଲ୍‌କାନାଗିରି ଅଞ୍ଚଳରେ ବହୁ ପୁରାତନ କାଳରୁ ବଣ୍ଡା, କୋୟା ଓ ଗଡ଼ିଆ ଆଦିମ ଅଧିବାସୀମାନେ ବାସ କରନ୍ତି । ଏତଦ୍‌ବ୍ୟତୀତ କୋରାପୁଟ ଓ ଜୟପୁର ଅଞ୍ଚଳରେ ପରଜା, ମାଟିଆ, ଓ ଭୂୟାଁ, ନବରଙ୍ଗପୁର ଅଞ୍ଚଳରେ ଗଣ୍ଡ, ଗଣ୍ଡ, ସାନ୍ତାଳ, ଗୁଣୁପୁର ଓ ରାୟଗଡ଼ା ଅଞ୍ଚଳରେ ଶବର, କନ୍ଧ, ଜାତପ ଇତ୍ୟାଦି ଜାତି ବାସ କରନ୍ତି । ଏହି ସମସ୍ତ ଜାତି ମଧ୍ୟରୁ କେବଳ ଶବର ଜାତିର ଲିପି ରହିଛି । ଅନ୍ୟ ସମସ୍ତ ଜାତିର ସ୍ୱତନ୍ତ୍ର ଭାଷା ଆବହମାନ କାଳରୁ ପୁରୁଷାନୁକ୍ରମେ ଚଳି ଆସୁଅଛି ।

ଏମାନେ ସାଧାରଣତଃ ବଣ ପାହାଡ଼ ନିକଟରେ ବସବାସ କରିବାକୁ ପସନ୍ଦ କରନ୍ତି । ଏମାନଙ୍କ ବାସଗୃହର ଗଠନ ପ୍ରଣାଳୀ ଉନ୍ନତ ଧରଣର ନୁହେଁ । କାରଣ ସାଧାରଣତଃ କାଠ, ବାଉଁଶ, ଝାଟିମାଟି ଓ ପିରି ଛଣ ଓ ଛପରରେ ଗୋଟିଏ କିମ୍ବା ଦୁଇଟି କୋଠରୀ ବିଶିଷ୍ଟ ଗୃହ ନିର୍ମାଣ କରି ରହିଥାନ୍ତି । ଏହା ଏକମୁହାଁ ରାସ୍ତା ବିଶିଷ୍ଟ ଘର ବିଶେଷତଃ ଏହିଭଳି ଘର ମାଲକାନାଗିରି ସବ୍‌ଡିଭିଜନର ପ୍ରତି ପଲ୍ଲୀରେ ଦେଖିବାକୁ ମିଳେ । ଘରଗୁଡ଼ିକ ଅତି ଛୋଟ ହେଲେ ମଧ୍ୟ ବିଭିନ୍ନ ରଙ୍ଗର ମାଟିରେ ଘରର କାନ୍ଥ ଓ ଚଟାଣକୁ ରଙ୍ଗ ବେରଙ୍ଗରେ ଲିପାପୋଛା କରିଥାନ୍ତି । ଘରଗୁଡ଼ିକ ଦେଖିବାକୁ ଖୁବ୍ ସୁନ୍ଦର ଓ ସଫାସୁତୁରା । ଆଶ୍ଚର୍ଯ୍ୟର କଥା, ଏମାନଙ୍କ ପୋଷାକ ପରିଚ୍ଛଦ ଏକ ସ୍ୱତନ୍ତ୍ର ଧରଣର । ଶବର, ଜାତପ, ପରଜା, ଭୂୟାଁ, ଗଣ୍ଡ ଓ ଅନ୍ୟାନ୍ୟ ଜାତିର ସ୍ତ୍ରୀମାନେ କାନ୍ଧରେ ଗଣ୍ଠି ବାନ୍ଧି ଶାଢ଼ୀ ପିନ୍ଧୁଥିବା ବେଳେ ମୁଦୁଲିପଡ଼ା ଅଞ୍ଚଳର ବଣ୍ଡା ସ୍ତ୍ରୀମାନେ ପ୍ରାୟ ଉଲଗ୍ନ ଅବସ୍ଥାରେ ରହନ୍ତି । କେବଳ କୁଡ଼େଇ ସିଆଳରେ ନିର୍ମିତ ପ୍ରାୟ ଅଧ ମିଟରର କାନ୍ଥ କଟି ଦେଶର ଆଗରେ ଗୁଡ଼ାଇ ହୋଇଥାନ୍ତି । ବେକରେ ପ୍ରାୟ ୨/୩ କି: ଗ୍ରା: ଓଜନର ରଙ୍ଗ ବେରଙ୍ଗର ମାଳି ପିନ୍ଧିଥାନ୍ତି । ଏମାନଙ୍କ ମୁଣ୍ଡରେ କେଶ ନଥାଏ । ଏ ସମ୍ବନ୍ଧରେ ଏକ ପ୍ରବାଦ ମଧ୍ୟ ରହିଛି :

## ବଣ୍ଡା ଲଳନା ସମ୍ପର୍କରେ ଜନଶ୍ରୁତି

"ଶ୍ରୀ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ମଧ୍ୟରେ ଦଣ୍ଡକାରଣ୍ୟ ଅଞ୍ଚଳରେ ଅବସ୍ଥାନ କରିଥିଲେ । ଏହି ବଣ୍ଡା ଅଞ୍ଚଳ ତାହାର ଏକ ଅଂଶ ବିଶେଷ । ଦିନେ ସୀତାଦେବୀ ସ୍ନାନ ସମୟରେ ସେହି ଅରଣ୍ୟ ମଧ୍ୟରେ ଏକ ଜଳ କୁଣ୍ଡରେ କେଶ ମୁକୁଳିତ ଅବସ୍ଥାରେ ଅବଗାହନ କରୁଥିଲେ । ସେହି ସମୟରେ ବଣ୍ଡା ସ୍ତ୍ରୀମାନେ ତାଙ୍କୁ ଦେଖି ହସି ଉଠିଲେ । ସ୍ତ୍ରୀ ପ୍ରତି ସ୍ତ୍ରୀର ବିଦ୍ରୂପ ପରିହାସରେ ସୀତାଦେବୀ ବିରକ୍ତ ହୋଇ ସେହି ସ୍ତ୍ରୀମାନଙ୍କୁ କହିଲେ, 'ଆଜିଠାରୁ ତୁମେ ଉଲଗ୍ନ ଅବସ୍ଥାରେ ରହ ଓ ତୁମ ମୁଣ୍ଡରେ କେଶ ନରହୁ' । ଏହି ଅଭିଶାପ ଅନୁଯାୟୀ ଆଜି ସୁଦ୍ଧା ବଣ୍ଡା ସ୍ତ୍ରୀମାନେ ଉଲଗ୍ନ ଓ ଲଣ୍ଡା ଅବସ୍ଥାରେ ରହୁଛନ୍ତି ।"

ଏହି ଜିଲ୍ଲାର ଆଦିବାସୀମାନେ ବର୍ଷର ବାରମାସରେ ତେରପର୍ବ ପାଳନ କରନ୍ତି । ସେଥିମଧ୍ୟରୁ "ପୁଷ" ପର୍ବ ଓ "ଚୈତ୍ର" ପର୍ବ ପ୍ରଧାନ । ଏହି ପର୍ବ ସମୟରେ ସେମାନେ ନିଜ ବନ୍ଧୁ ବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ଭୋଜି ଦେଇ ମଦ ମାଂସରେ ଆପ୍ୟାୟିତ

କରିଥାନ୍ତି । ପରିବାରର ପ୍ରାୟ ସମସ୍ତେ ନୂଆ ଲୁଗା କିମ୍ବା କାଛ ପିନ୍ଧିଥାନ୍ତି । ଗ୍ରାମର ଯୁବକ ଯୁବତୀ ଢୋଲ, ତାମ ଓ ମହୁରୀର ତାଳେ ତାଳେ ଢେମସା ନାଚ ପରିବେଷଣ କରନ୍ତି । ଏହି ସମୟରେ ସେମାନଙ୍କର ଆନନ୍ଦ ଅବର୍ଣ୍ଣନୀୟ । ଯୁବକ ଯୁବତୀମାନେ ପରସ୍ପରକୁ ଆକ୍ଷେପ କରି ଗୀତ ଗାଇ ନାଚନ୍ତି । କେତେକ ଯୁବକ ଯୁବତୀ ମଧ୍ୟ ବୈବାହିକ ବନ୍ଧନରେ ଆବଦ୍ଧ ଥାନ୍ତି । ସାଧାରଣତଃ ଏ ସମାଜରେ କନ୍ୟାଟିଏ ପାଇବାକୁ ବର ପକ୍ଷରୁ ଯୌତୁକ ସ୍ୱରୂପ ଟଙ୍କା, ଗୋରୁ, ଗାଈ, ଛେଳି, ମେଣ୍ଢା ଓ ମଦ ପେଜ୍ଞମ୍ ଦିଆଯାଇଥାଏ । ଏଇ ଆଦିବାସୀ ସମାଜରେ ଜଣେ ଏକାଧିକ ସ୍ତ୍ରୀ ରଖିବାର ଦେଖାଯାଏ । ଯଦି ଜଣକର ସ୍ତ୍ରୀକୁ ଅନ୍ୟ କେହି ନେଇଯାଏ, ତେବେ ତାକୁ ଦୁଇଗୁଣ ଧନ ସମ୍ପତ୍ତି ଦେବାକୁ ପଡ଼ିଥାଏ । ଏହାର ବ୍ୟତିକ୍ରମ ଘଟିଲେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଓ ହଣାକଟା ଘଟିବାର ଦେଖାଯାଏ ।

ଏମାନେ ସରଳ ବିଶ୍ୱାସୀ ଓ ସତ୍ୟବାଦୀ । ଆଧୁନିକ ସଭ୍ୟତା ସହ ଆଜି ସୁଦ୍ଧା ଖାପ ଖୁଆଇ ଚଳିବା ଏମାନେ ଶିଖି ନାହାନ୍ତି । ଦ୍ୱିତୀୟତଃ, କଷ୍ଟଲବ୍ଧ କୃଷିଜାତ ଦ୍ରବ୍ୟକୁ ଏମାନେ ମଦ ମାଂସରେ ବର୍ଷର ଅର୍ଦ୍ଧେକ ସମୟ ମଧ୍ୟରେ ଶେଷ କରିଦିଅନ୍ତି । ପୁନଶ୍ଚ କେତେକ ସ୍ୱାର୍ଥାନ୍ଧ ବ୍ୟକ୍ତିଙ୍କର ଶିକାର ହୋଇ ସର୍ବସ୍ୱାନ୍ତ ହୁଅନ୍ତି । ତେଣୁ ଏମାନେ ଚିର ଗରିବ ଓ କାଙ୍ଗାଳ ।

ଏମାନେ ବିଶେଷତଃ ଶିକାର ପ୍ରିୟ । ବିଭିନ୍ନ ପର୍ବ ପର୍ବାଣୀରେ କୌଣସି ଶୁଭକାମ ନକରି ଦଳ ଦଳ ହୋଇ ଜଙ୍ଗଲକୁ ବୁଲି ଯାଆନ୍ତି । ଏମାନଙ୍କ ପ୍ରଧାନ ଅସ୍ତ୍ର ଢେଲା, ଧନୁ, ତୀର, ଟାଙ୍ଗୀ ଓ ବାରସୀ । କୌଣସି ଜନ୍ତୁକୁ ମାରିବା ପରେ ସେମାନେ ତାକୁ ଗାଁକୁ ନେଇ ଟିକି ଟିକି କରି ମାଂସ ଛେଦନ କରନ୍ତି ଏବଂ ପରିବାର ପରିବାର ମଧ୍ୟରେ ବଣ୍ଟନ କରନ୍ତି । ସେମାନଙ୍କ ସମାଜରେ ଗୋଷ୍ଠୀ ମନୋଭାବ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଗ୍ରାମର ନାୟକ, ପୂଜାରୀ ଦିଶାରୀ ଓ ପେଦାଙ୍କ ମତ ବିରୁଦ୍ଧରେ ଯଦି କାର୍ଯ୍ୟ କରେ ତେବେ ଗ୍ରାମବାସୀଙ୍କ ନିକଟରେ ତାକୁ ଶାସ୍ତି ଭୋଗିବାକୁ ପଡ଼ିଥାଏ ।

## ଅନ୍ଧ ବିଶ୍ୱାସ ଓ କୁସଂସ୍କାର

ଏମାନେ ଭୂତ ପ୍ରେତର ଅସ୍ତିତ୍ୱକୁ ଯଥେଷ୍ଟ ବିଶ୍ୱାସ କରନ୍ତି । ଘରେ କୌଣସି ବ୍ୟକ୍ତିଙ୍କୁ ଜ୍ୱର, ଝାଡ଼ା, ବାନ୍ତି, ବସନ୍ତ କିମ୍ବା ଅନ୍ୟ କୌଣସି ବେମାର ହେବା ମାତ୍ରକେ ଏହା ଭୂତ, ପ୍ରେତ ବା ଡୁମା ଦ୍ୱାରା ହୋଇଛି ବୋଲି ସେମାନଙ୍କର ବିଶ୍ୱାସ ହୁଏ । ତେଣୁ ରୋଗର ନିରାକରଣ ପାଇଁ କୌଣସି ଡାକ୍ତର କିମ୍ବା କବିରାଜଙ୍କଠାରୁ ଔଷଧ ନଖାଇ ଦିସାରୀ, ଗୁଣିଆ କିମ୍ବା ପୁରୁଣୀଙ୍କୁ ଦେଖାନ୍ତି । ଦିସାରୀ କିମ୍ବା ପୁରୁଣୀର ଅନୁମୋଦନ ଅନୁଯାୟୀ ସେମାନେ ପୂଜା ଆରାଧନା କରି ରୋଗମୁକ୍ତ ହୁଅନ୍ତି । ଏହା ଏକ ବିଶ୍ୱାସ ହେଲେ ମଧ୍ୟ ଆଜି ସୁଦ୍ଧା ଏହି ପ୍ରଥା ପ୍ରତି ଆଦିବାସୀ ପଲ୍ଲୀରେ ଦେଖାଯାଏ ।

କୋରାପୁଟ ଜିଲ୍ଲାର ଆଦିବାସୀଙ୍କ ମଧ୍ୟରୁ ମାତୃଭୂମିର ସ୍ୱାଧୀନତା ପାଇଁ ଅନେକ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ସେଥିମଧ୍ୟରୁ ମାଲ୍‌କାନଗିରି ଅଞ୍ଚଳର ମାଥିଲି ଥାନା ଟେଣ୍ଟୁଲିଗୁମ୍ମା ଗ୍ରାମର ଲକ୍ଷ୍ମଣ ନାୟକ ଅନ୍ୟତମ । ସ୍ୱାଧୀନତା ପାଇଁ ସରଳ ଆଦିବାସୀଙ୍କ ପ୍ରାଣରେ ଜାତୀୟତାର ବହ୍ନି ପ୍ରଜ୍ୱଳିତ କରି ଶେଷରେ ଇଂରେଜ ଶାସନର ଶିକାର ହୋଇଥିଲେ । ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ବ୍ରହ୍ମପୁର ଜେଲ୍‌ରେ ମୃତ୍ୟୁ ଦଣ୍ଡ ପାଇଥିଲେ ।

ତେଣୁ ଏ ଜିଲ୍ଲାର ଅଧିବାସୀ କେବଳ ସଂସ୍କୃତି କ୍ଷେତ୍ରରେ ନୁହେଁ, ଜାତୀୟ ଆନ୍ଦୋଳନର ମଧ୍ୟ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି ।


## ଶବର ନାମେ ବିଶ୍ୱାବସୁ

ଜନଶ୍ରୁତି ଅନୁଯାୟୀ ଗୁଣୁପୁର ଅଞ୍ଚଳର ପଦ୍ମପୁର ନିକଟବର୍ତ୍ତୀ ଜଗମଣ୍ଡା ପାହାଡ଼ ପାର୍ଶ୍ୱରେ ବିଶ୍ୱାବସୁ ବାସ କରୁଥିଲେ । ପ୍ରଥମେ ନୀଳମାଧବଙ୍କୁ ସେ ସେହି ପାହାଡ଼ କନ୍ଦରେ ଲୁକ୍କାୟିତ ଭାବରେ ପୂଜା କରୁଥିବା ସମ୍ପର୍କରେ ଐତିହାସିକ ପ୍ରମାଣ ରହିଛି । ତେଣୁ କୋରାପୁଟ ଜିଲ୍ଲାକୁ ଏକ ଶାବରୀ ଶ୍ରୀକ୍ଷେତ୍ର ବୋଲି ଆଖ୍ୟା ଦିଆଯାଇଛି ।

କୋରାପୁଟ ଜିଲ୍ଲାର ଆଦିବାସୀ ସମାଜର ସଂସ୍କୃତି ଓ ଚାଲିଚଳନ ପୂର୍ବପରି ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସହରାଞ୍ଚଳ ନିକଟବର୍ତ୍ତୀ କେତେକ ପୁରପଲ୍ଲୀକୁ ବାଦ ଦେଲେ ଅନ୍ୟାନ୍ୟ ଦୂରବର୍ତ୍ତୀ ପଲ୍ଲୀଗୁଡ଼ିକରେ ଆଧୁନିକ ସଭ୍ୟତା ବିଶେଷ ପ୍ରଭାବ ବିସ୍ତାର କରିନାହିଁ । ସମ୍ପ୍ରତି ସରକାର ଏମାନଙ୍କ ଶିକ୍ଷା, ସଂସ୍କୃତି ଓ କୃଷିର ଉନ୍ନତି ପାଇଁ ଯଥେଷ୍ଟ ପଦକ୍ଷେପ ନେଇଛନ୍ତି ।

---

ସମ୍ପାଦକ,
ଶିଶୁ ପ୍ରଭା,
ମାଲକାନ୍‌ଗିରି ।



ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟ ଛାତ୍ର ସଂସଦ ଦ୍ୱାରା ଆୟୋଜିତ
"ଆମେ ଧର୍ମ ନିରପେକ୍ଷ କି ?" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକଙ୍କ ଉଦ୍‌ବୋଧନ । (୧୮/୧୧/୧୯୯୦) ।




ସୂଚନା ଭବନରେ ଆୟୋଜିତ ଛାତ୍ର କ୍ରିୟାନୁଷ୍ଠାନ କମିଟିର ବୈଠକରେ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକଙ୍କ ଭାଷଣ । (୧୭/୯/୧୯୯୦) ।



ୟୁନିଟ୍-୧ ବଏଜ୍ ହାଇସ୍କୁଲରେ ଅନୁଷ୍ଠିତ ୪୨ତମ ଏନ୍: ସି: ସି: ପ୍ୟାରେଡ୍ ଉତ୍ସବରେ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକଙ୍କ ସାଲ୍ୟୁଟ୍ ଗ୍ରହଣ ।



ଓଡ଼ିଶାରେ ପେଟ୍ରୋକେମିକାଲ୍ ପ୍ରୋଜେକ୍ଟ ପ୍ରତିଷ୍ଠା ପାଇଁ ରୁଷ୍ ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ
ଶ୍ରୀ ବିଜୁ ପଟ୍ଟନାୟକଙ୍କର ସଚିବାଳୟ ପ୍ରକୋଷ୍ଠରେ ଆଲୋଚନା । (୧୬/୧୧/୧୯୯୦) ।




ଓଡ଼ିଶା ଖଣି ଓ ଭୂତତ୍ତ୍ୱ ଗେଜେଟେଡ୍ ଟେକ୍ନିକାଲ୍ ଅଫିସର ଏସୋସିଏସନରେ
ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ।




ସମବାୟ ବ୍ୟାଙ୍କ୍ ହଲ୍‌ରେ ଅନୁଷ୍ଠିତ କ୍ଷୁଦ୍ର ଓ ମଧ୍ୟମ ଧରଣର ସମ୍ବାଦପତ୍ରଗୁଡ଼ିକର ସମ୍ପାଦକ ସମ୍ମେଳନରେ ରାଜ୍ୟପାଳ ମାନ୍ୟବର ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ଉଦ୍‌ବୋଧନ (୬/୯/୧୯୯୦)



ସୂଚନା ଭବନରେ ଅନୁଷ୍ଠିତ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ୭୨ତମ ଜନ୍ମ ବାର୍ଷିକୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କରଙ୍କ ଅଭିଭାଷଣ, ଯୋଜନା ଓ ସମନ୍ୱୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମାଦବ ମାଝୀ ଏବଂ ହରିଜନ ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ ମଞ୍ଚାସୀନ । (୨୨/୧୧/୧୯୯୦) ।



ରାଜ୍ୟପାଳ ମାନ୍ୟବର ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ କସ୍ତୁରବା ନାରୀ ମହଲରେ ଅନୁଷ୍ଠିତ
"ଗ୍ରାମଶ୍ରୀ ମେଳା"ରେ ପ୍ରଦର୍ଶନୀ ସାମଗ୍ରୀ ବୀକ୍ଷା । ପଞ୍ଚାୟତରାଜ ମନ୍ତ୍ରୀ
ଡାକ୍ତର ଦାମୋଦର ରାଉତ, "କାପାର୍ଟ୍" ଉପସଭାନେତ୍ରୀ
ଶ୍ରୀମତୀ ସରୋଜିନୀ ମହିଷୀ ରାଜ୍ୟପାଳଙ୍କ ପାର୍ଶ୍ୱରେ ଉପସ୍ଥିତ ।



ଗଞ୍ଜାମ ବନ୍ୟା ବିଧ୍ୱସ୍ତ ଅଞ୍ଚଳ ଗସ୍ତ ପରେ କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ସହିତ
ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ।




ପାନ୍ଥ ନିବାସ (ଭୁବନେଶ୍ୱରରେ) ଅନୁଷ୍ଠିତ ଜାତୀୟ ଆଲୋଚନା ଚକ୍ର ରାଜ୍ୟପାଳ
ମାନ୍ୟବର ଶ୍ରୀ ଶର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ । (୨/୧୦/୧୯୯୦) ।




ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜିତ ଗଳ୍ପ ପାଠ ଉତ୍ସବରେ ମଞ୍ଚାସୀନ ।




ଭୁବନେଶ୍ୱର ରେଡ଼କ୍ରସ୍ ଭବନରେ ରକ୍ତ ଦାନ ଶିବିର ।




କୃଷି ଓ ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀଙ୍କ ଦ୍ୱାରା ସେମିଳିଗୁଡ଼ା ମହାବିଦ୍ୟାଳୟ ଉଦ୍‌ଘାଟନ ।



କୋରାପୁଟ ଜିଲ୍ଲାସ୍ତରୀୟ ସରକାରୀ କର୍ମଚାରୀଙ୍କୁ କୃଷି ଓ ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀଙ୍କ ଉଦ୍‌ବୋଧନ ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟଙ୍କ ସହିତ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେଙ୍କ ଆଲୋଚନା ।



ବିମାନଘାଟିରେ ଅର୍ଥମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେଙ୍କୁ ସମ୍ବର୍ଦ୍ଧନା ।



ରାଜ୍ୟ ସଚିବାଳୟ ସମ୍ମେଳନ କକ୍ଷରେ ଅନୁଷ୍ଠିତ ଆଦିବାସୀ ଉପଦେଷ୍ଟା ବୋର୍ଡ଼ ବୈଠକରେ
ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ।




ସର୍ଦ୍ଦାର ସନ୍ତୋଖ୍ ସିଂହଙ୍କ ସ୍ମୃତିରେ ନାନକ ସର୍ବସାଧାରଣ ପାଠାଗାର ଉଦ୍‌ଘାଟନ ।

# ସୌରଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ

ଡକ୍ଟର ଜଗନ୍ନାଥ ମହାନ୍ତି

ମନୁଷ୍ୟ ବହୁ ପ୍ରାଚୀନ କାଳରୁ ସୂର୍ଯ୍ୟଙ୍କୁ ଦେବତା ବୋଲି ମାନି ଆସିଥିଲା । ବିଭିନ୍ନ ଧର୍ମ ଓ ସଭ୍ୟତାରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅଧିକାଂଶ ପ୍ରାଚୀନ ସାହିତ୍ୟରେ ସୂର୍ଯ୍ୟର ବହୁ ବର୍ଣ୍ଣନା ରହିଛି । ସୂର୍ଯ୍ୟଠାରୁ ଉଜ୍ଜ୍ୱଳ ଆଲୋକ ଝରି ଆସେ । ରାତିର ଘନ ଅନ୍ଧାର ଘୁଞ୍ଚିଯାଏ । ବୃକ୍ଷଲତା ଓ ଜୀବଜନ୍ତୁ ନୂଆ ଜୀବନ ଓ ନୂଆ ଶକ୍ତି ପାଇ ସତେ ଯେମିତି ହସି ଉଠନ୍ତି ।

ଆଜି ବିଜ୍ଞାନ ମଧ୍ୟ ଜଣାଇ ଦେଇଛି ଯେ ସୂର୍ଯ୍ୟ ହେଉଛି ଅଫୁରନ୍ତ ଶକ୍ତିର ଆଧାର । ତା' ଯୋଗୁଁ ସମଗ୍ର ସୃଷ୍ଟି ସମ୍ଭବ ହୋଇଛି । ଉଦ୍ଭିଦ ଜଗତ ପାଇଁ ସୂର୍ଯ୍ୟ କିରଣ ଏକାନ୍ତ ଆବଶ୍ୟକ । ପ୍ରାଣୀ ଜଗତ ମଧ୍ୟ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଉଦ୍ଭିଦମାନଙ୍କ ଉପରେ ନିର୍ଭର କରେ ।

ପୃଥିବୀର ଲୋକସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧିପ୍ରାପ୍ତ ହେଉଛି । ଗତ ୭୫ ବର୍ଷ ମଧ୍ୟରେ ଏହା ୧୬୦ କୋଟିରୁ ୪୦୦ କୋଟି ହେଲାଣି । ବିଂଶ ଶତାବ୍ଦୀର ଶେଷ ବେଳକୁ କେବଳ ଭାରତର ଲୋକସଂଖ୍ୟା ୧୦୦ କୋଟି ହେବାର ଆଶଙ୍କା ହୋଇଛି । ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ପୃଥିବୀର ଲୋକସଂଖ୍ୟା ଏକହଜାର କୋଟିରୁ ଦେଢ଼ହଜାର କୋଟି ହୋଇପାରେ ।

ଏହି ଅବସ୍ଥାରେ ଖାଦ୍ୟପେୟ ଓ ବାସସ୍ଥାନ ପରି ଶକ୍ତିର ଉତ୍କଟ ଅଭାବ ମନୁଷ୍ୟ ସମାଜକୁ ଆକ୍ରାନ୍ତ କରିବାର ଆଶଙ୍କା ହେଉଛି । ବିଶେଷତଃ କାଠ, କୋଇଲା, କିରୋସିନି ଇତ୍ୟାଦି ପୃଥିବୀରୁ ନିଃଶେଷ ହୋଇପାରେ । ପ୍ରାୟ ଦୁଇହଜାର ବର୍ଷ ମଧ୍ୟରେ ଏହି ଶକ୍ତି ସଙ୍କଟ ଭୟାବହ ଅବସ୍ଥାରେ ପହଞ୍ଚିବ ।

ଦ୍ରୁତ ଗତିରେ ଏହି ସବୁ ଜାଳେଣିର ମୂଲ୍ୟ ବୃଦ୍ଧି ଯେପରି ଘଟିଛି । ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହା ଆକାଶ ଛୁଆଁ ହୋଇପାରେ । ଫଳରେ ଦରିଦ୍ର ଓ ମଧ୍ୟବିତ୍ତ ଶ୍ରେଣୀର କ'ଣ ଧନିକ ଶ୍ରେଣୀର ଲୋକମାନେ ମଧ୍ୟ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେବେ । ଶିଳ୍ପଜାତ ଦ୍ରବ୍ୟ ଓ ଯାନବାହନରେ ଯାତାୟତରେ ଖର୍ଚ୍ଚ ସୀମାତୀତ ହେବ । ଦୈନନ୍ଦିନ ଜୀବନ ଯାପନ ଦୁର୍ବିସହ ହୋଇପଡ଼ିବ ।

ଏଥିପାଇଁ ଆଜିଠାରୁ ବୈଜ୍ଞାନିକ ଓ ବୁଦ୍ଧିଜୀବୀମାନେ ଚିନ୍ତାଗ୍ରସ୍ତ ହେଲେଣି । ଏହି ସବୁ ଜାଳେଣିର ବ୍ୟୟକୁ ସଙ୍କୋଚିତ କରିବା ତ ସମ୍ଭବ ନୁହେଁ । ବରଂ ଏହା ଖୁବ୍ ବେଗରେ ବଢ଼ି ବଢ଼ି ଚାଲିଛି । ତେଣୁ ନୂତନ ଜାଳେଣିର ଆବିଷ୍କାର ତଥା ବିକଳ୍ପ ବ୍ୟବସ୍ଥା ହିଁ ଭୟଙ୍କର ସମସ୍ୟାର ସମାଧାନ କରିପାରିବ ।

ସୌରଶକ୍ତିର ବ୍ୟବହାର ଏହି ଦୁର୍ଦ୍ଦଶାର କଳା ବାଦଲ ଧାରରେ କ୍ଷୀଣ ଆଲୋକ ରେଖା ଟାଣି ଦେଇଛି । ସୂର୍ଯ୍ୟ ଅକ୍ଷୟ ଶକ୍ତିର ଉତ୍ସ ବୋଲି କୁହାଯାଉଛି । କାରଣ ସୂର୍ଯ୍ୟ ମଣ୍ଡଳରେ ପ୍ରଚୁର ଉଦ୍‌ଜାନ ଓ ହିଲିୟମ୍ ବାଷ୍ପ ରହିଛି । ସୂର୍ଯ୍ୟର ଉତ୍ତାପ ଛ'ହଜାର ସେଣ୍ଟିଗ୍ରେଡ୍ ହୋଇଥିବାରୁ ଏହି ଉଦ୍‌ଜାନକୁ ହିଲିୟମ୍‌ରେ ପରିଣତ ହୋଇ ପ୍ରଚଣ୍ଡ ଶକ୍ତି ସୃଷ୍ଟି କରୁଛି । ଏହି ଅମାପ ଶକ୍ତି ପୃଥିବୀର ବୃକ୍ଷଲତା ଓ ପଶୁ ପକ୍ଷୀମାନଙ୍କୁ ନିରବଚ୍ଛିନ୍ନ ଭାବରେ ଶକ୍ତି ପ୍ରଦାନ କରୁଛି ।

ଏହି ସୌରଶକ୍ତି ସମ୍ପର୍କରେ ଆମେ ଏତେ ସହଜରେ ସଚେତନ ହୋଇପାରୁ ନାହିଁ । ମାତ୍ର ଏହା ଆମ ଜୀବନକୁ ବହୁ ପ୍ରକାରେ ପ୍ରଭାବିତ କରୁଛି । ଅଧିକାଂଶ ପରିମାଣରେ ଏହି ସୌରଶକ୍ତିର ଉପଯୋଗ ହୋଇପାରୁ ନାହିଁ । ବିଜ୍ଞାନୀମାନଙ୍କ ମତରେ ସୂର୍ଯ୍ୟ ପାଞ୍ଚଶହ କୋଟି ବର୍ଷ ପର୍ଯ୍ୟନ୍ତ ଏହି ଶକ୍ତି ପ୍ରଦାନ କରି ଚାଲିବ । ଆମେ ଏହାର ଦଶ ଭାଗରୁ ଏକ ଭାଗ ମାତ୍ର ବ୍ୟବହାର କରିପାରିଲେ, ଜାଳେଣି ଅଭାବ ସମସ୍ୟାର ସୁସମାଧାନ ହୋଇପାରିବ ।

ବର୍ତ୍ତମାନ ପ୍ରଶ୍ନ ଉଠେ — ଆମେ ଏହି ସୌରଶକ୍ତିକୁ କିପରି ସଦୁପଯୋଗ କରିପାରିବା ? ଆମେ ସୂର୍ଯ୍ୟ କିରଣରେ ଆମର ଆର୍ଦ୍ର ବସ୍ତ୍ର ଶୁଖାଉ । କଞ୍ଚା ଜାଳେଣି କାଠ ଖରାରେ ରଖି ଉତ୍ତମ କରୁଁ ଏବଂ ରୋଗୀ ଓ ଶିଶୁମାନଙ୍କର ସ୍ନାନ ପାଇଁ ବ୍ୟବହାର କରୁଁ । ଖରାରେ ବି ଆମେ ସମୁଦ୍ର ପାଣିରୁ ଲୁଣ ମାରୁଁ । ଏହିପରି ସୂର୍ଯ୍ୟ କିରଣର ଉତ୍ତାପକୁ ଆମେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟରେ ଲଗାଇଥାଉଁ ।

ଗତ କେତୋଟି ବର୍ଷ ହେଲା ସୌରଶକ୍ତିରୁ ସିଧାସଳଖ ଭାବରେ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇପାରୁଛି । ଅର୍ଦ୍ଧ ପରିବାହୀ ଧାତୁରୁ

ନିର୍ମିତ ଏକପ୍ରକାର ସୌରକୋଷ (Solar Cells)ରେ ଆପତିତ ସୂର୍ଯ୍ୟ କିରଣକୁ ପ୍ରତ୍ୟକ୍ଷ ଭାବରେ ବିଦ୍ୟୁତ୍ ଶକ୍ତିରେ ପରିଣତ କରିପାରୁଛୁ । ଏହା ସାହାଯ୍ୟରେ ଆମର ଅନେକ ବିଦ୍ୟୁତ୍ ଚାହିଦା ପୂରଣ ହୋଇପାରୁଛି । ରାସ୍ତାକୁ ଆଲୋକିତ କରିବା, କଳକାରଖାନା ଚଳାଇବା, ଦୂର ସଞ୍ଚାର ଆଦି କାର୍ଯ୍ୟ ଏହା ବଳରେ ହୋଇପାରୁଛି ।

ଦୁର୍ଗମ ପାହାଡ଼ ପର୍ବତ ଓ ଘଞ୍ଚ ଅରଣ୍ୟ ମଧ୍ୟରେ ବହୁ କ୍ଷୁଦ୍ର ଆଦିବାସୀ ଗ୍ରାମ । ସେଠାରେ ଖୁଣ୍ଟ ପୋତି ବିଜୁଳି ତାର ଟାଣିବା ଦୁରହ ବ୍ୟାପାର । ସେମିତି ହିମାଳୟର ଲାଦାଖ୍ ଅଞ୍ଚଳ ପରି ଦୁଃସହ ଶୀତଳ ବରଫାଚ୍ଛନ୍ନ ସ୍ଥାନ ରହିଛି । ସେଠାକୁ ବିଦ୍ୟୁତ୍ ନେବା ଖୁବ୍ କଷ୍ଟକର । ସୁଦୂର ସାଗର ବକ୍ଷରେ ମୁଣ୍ଡ ଟେକିଥିବା ଦୀପପୁଞ୍ଜ ବା ବମ୍ବେ ହାଇ ପରି କୃତ୍ରିମ ଟାପୁକୁ ସ୍ଥଳ ଭାଗରୁ ବିଦ୍ୟୁତ୍ ଶକ୍ତି ଯୋଗାଇବା ଅତ୍ୟନ୍ତ ବ୍ୟୟସାପେକ୍ଷ । ମାତ୍ର ସେ ସବୁ ସ୍ଥାନରେ ଆଲୋକ ଓ ଉତ୍ତାପ ଯୋଗାଇବା ଏକାନ୍ତ ଆବଶ୍ୟକ ।

ଏହି ସବୁ ଦୁର୍ଗମ ଓ ଦୂରସ୍ଥ ସ୍ଥାନଗୁଡ଼ିକରେ ବିଜୁଳି ଶକ୍ତି ଯୋଗାଇବା ପାଇଁ ସୌର କୋଷ ହିଁ ଏକ ସାର୍ଥକ ଓ ସଫଳ ଉପାୟ । ଜାପାନ ଏହି ସୌର କୋଷ ଉତ୍ପାଦନରେ ପ୍ରଥମେ ନେତୃତ୍ୱ ନେଇଥିଲା । ସମ୍ପ୍ରତି ବିଭିନ୍ନ ଦେଶରେ ଏହା ଉତ୍ପାଦିତ ହେଉଛି ।

ଆମ ଦେଶରେ ସୌର କୋଷ ନିର୍ମାଣ ଅଣ୍ଟା କେତୋଟି ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ସେଥି ମଧ୍ୟରେ ପ୍ରଧାନ ହେଲା ଉତ୍ତରପ୍ରଦେଶର ସାହିବାବାଦ୍‌ଠାରେ ପ୍ରତିଷ୍ଠିତ କେନ୍ଦ୍ରୀୟ ବିଦ୍ୟୁତ୍ ସଂସ୍ଥା (Central Electronics Limited) । ମାତ୍ର ସମ୍ପ୍ରତି ସୌର କୋଷର ଉତ୍ପାଦନ ଖର୍ଚ୍ଚ ଏତେ ଅଧିକ ଯେ ଏହାର ବହୁଳ ବ୍ୟବହାର କରିବା ସମ୍ଭବ ହୋଇନାହିଁ ।

୧୯୫୭ ମସିହାରେ ଏକ ୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଥିବା ସୌର କୋଷର ମୂଲ୍ୟ ଥିଲା ପ୍ରାୟ ଦୁଇ ହଜାର ଡଲାର୍, ୧୯୭୦ ମସିହା ବେଳକୁ ଏହା ଏକଶହ ଡଲାର୍‌କୁ କମି ଆସିଥିଲା । ୧୯୭୮ ବର୍ଷ ଏକ ୱାଟ୍ ବିଦ୍ୟୁତ୍ ଶକ୍ତି ସୌର କୋଷ ସାହାଯ୍ୟରେ ଉତ୍ପାଦନ କରିବା ପାଇଁ ମାତ୍ର ୨୦ ହଜାର ଖର୍ଚ୍ଚ ହେଲା । ଆଜିକାଲି ଅଠରଶ ଡଲାର୍ ବ୍ୟୟରେ ଏକ ୱାଟ୍ ବିଜୁଳି ଶକ୍ତି ଉତ୍ପାଦିତ ହୋଇପାରୁଛି । ଏହିପରି ଏବେ ପ୍ରାୟ ଶହେଟଙ୍କା ମୂଲ୍ୟରେ ଏକ ସୌର କୋଷ ମିଳିପାରୁଛି । କିନ୍ତୁ ମୂଲ୍ୟ କମାଇବା ସହିତ ଏହାର କାର୍ଯ୍ୟକାରିତା ବଢ଼ାଇବା ଦରକାର । ନାନାପ୍ରକାର ଯନ୍ତ୍ରପାତିକୁ ବ୍ୟବହାର କରିବା ପାଇଁ ଉଦ୍ୟମ ଚାଲିଛି । ଆଶା, ବିଂଶ ଶତାବ୍ଦୀ ଶେଷ ହେବା ପୂର୍ବରୁ ଏହି ଉପାୟରେ ଉତ୍ପାଦିତ ଏକ ୱାଟ୍ ବିଦ୍ୟୁତ୍ ଶକ୍ତିର ମୂଲ୍ୟ ପ୍ରାୟ କୋଡ଼ିଏ ଟଙ୍କା ପଡ଼ିବ ଏବଂ ଶିଳ୍ପ କାରଖାନାରେ ଏହାର ବହୁଳ ବ୍ୟବହାର ହୋଇପାରିବ ।

ପୁଣି ସମସ୍ତ ସ୍ଥାନରେ ଓ ସବୁ ସମୟରେ ସମାନ ପରିମାଣରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରେ ନାହିଁ । ସୌର କୋଷଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ତୀବ୍ର ସୂର୍ଯ୍ୟକିରଣ ଏକାନ୍ତ ଆବଶ୍ୟକ । ଦିନ ମଧ୍ୟରେ କେବଳ ଆଠଦଶ ଘଣ୍ଟା ପାଇଁ ସୂର୍ଯ୍ୟକିରଣ ମିଳିଥାଏ । ପୁଣି ବର୍ଷା ଓ ଶୀତ ଋତୁରେ ଏହାର ତୀବ୍ରତା କମିଯାଏ । ସୌର କୋଷଗୁଡ଼ିକ ଆପତିତ ସୂର୍ଯ୍ୟ କିରଣର ଶତକଡ଼ା ମାତ୍ର ଦଶଭାଗ ବିଜୁଳି ଶକ୍ତିରେ ପରିଣତ କରିଥାଏ ।

ସୌର କୋଷର ସଂରଚନା ଓ କାର୍ଯ୍ୟକାରିତା କିପରି ? କେତେକ ପ୍ରଶ୍ନ କରିପାରନ୍ତି । ସୌର କୋଷଗୁଡ଼ିକ ସାଧାରଣତଃ ସିଲିକନ୍‌ରୁ ପ୍ରସ୍ତୁତ ହୋଇଥାଏ । ସିଲିକନ୍ ଭୂଶିଳାର ପ୍ରାୟ ଚାରି ଭାଗରୁ ଏକଭାଗ ଏବଂ ଏହା ଏକ ପ୍ରକାର ଏବଂ ଏହାର ଏକ ପ୍ରକାର ବାଲି । ତେଣୁ ସୌର କୋଷ ନିର୍ମାଣ ପାଇଁ କଞ୍ଚା ମାଲ୍‌ର ଅଭାବ ନାହିଁ । ପ୍ରଥମେ ଭୂମି ଶିଳାକୁ ବିଶୋଧନ କରି ସେଥିରୁ ସିଲିକନ୍‌କୁ ଅଲଗା କରାଯାଏ । ସେଥିରେ ଆର୍ସେନିକ୍ ଭଳି ଏକ ପଦାର୍ଥକୁ ନିର୍ଦ୍ଦିଷ୍ଟ ପରିମାଣରେ ମିଶାଇ ତରଳାଇ ଦିଆଯାଏ । ଏଥିରୁ ପୁଣି ତିଆରି ହୁଏ ଏକକ ସ୍ଫଟିକର ନିପିଣ୍ଡ (Ingot) ଏବଂ ଏଥିରୁ କାଟି କ୍ଷୁଦ୍ର କ୍ଷୁଦ୍ର ଗୋଲାକାର ଥାଳିଆ (Disc) ତିଆରି କରାଯାଏ । ଏଗୁଡ଼ିକ ହେଉଛି ସୌର କୋଷ । ପ୍ରତି ସୌର କୋଷର ବ୍ୟାସ ପ୍ରାୟ ୧୦୦ ମିଲିମିଟର ଓ ସ୍ଥୂଳତା ପ୍ରାୟ ୦·୩୫ରୁ ୦·୪୫ ମିଲିମିଟର ।

ଗୋଟିଏ ସାଧାରଣ ମେଘ ମୁକ୍ତ ଦିବସର ତାପମାତ୍ରା ୨୫ରୁ ୩୦ ଡିଗ୍ରୀ ସେଲ୍‌ସିୟସ୍‌ରେ ଏହି ସୌର କୋଷଗୁଡ଼ିକ ପ୍ରାୟ ୦·୬ ଭୋଲ୍ଟ ବିଦ୍ୟୁତ୍ ବାହକ ବଳର ଅଧିକାରୀ ହୋଇଥାଏ ଏବଂ ବିଦ୍ୟୁତ୍ ପରିପଥରେ ୨୫ରୁ ୩୦ ମିଲି ଆମ୍ପିୟାର୍‌ର ବିଦ୍ୟୁତ ସ୍ରୋତ ପ୍ରବାହିତ ହୋଇପାରେ । ବୈଦ୍ୟୁତିକ ଯନ୍ତ୍ରପାତିରେ ବହୁ ପରିମାଣର ବିଦ୍ୟୁତ୍ ବାହକ ବଳର ଆବଶ୍ୟକତା ଥିବାରୁ ବହୁ ସୌର କୋଷ ସମାନ୍ତର ଭାବରେ ସଜାଇ ରଖାଯାଏ । ଏହାକୁ ସୌର ପେଟିକା (Solar Module) କୁହାଯାଏ । କେତେଗୁଡ଼ିଏ ସୌର ପେଟିକାକୁ ନେଇ ଏକ ସୌର କୋଷପଂକ୍ତି (Solar Panel) ଗଠିତ ହୁଏ । ପୁଣି ଗୋଟିଏ ପରେ ଗୋଟିଏ ସୌର କୋଷପଂକ୍ତି ସମାନ୍ତର ଭାବରେ ସଂଯୁକ୍ତ କରାଯାଇ ବିଦ୍ୟୁତ୍‌ବ୍ୟୂହ (Array) ରଚନା କରାଯାଏ । ଆମର ବିଦ୍ୟୁତ୍ ଆବଶ୍ୟକତା ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଆପତିତ ସୌର ରଶ୍ମିର ତୀବ୍ରତା ଅନୁସାରେ ଏହି ବିଦ୍ୟୁତ୍‌ବ୍ୟୂହଗୁଡ଼ିକର ସଂଖ୍ୟା ଓ ଦୈର୍ଘ୍ୟ ପ୍ରସ୍ଥ କମ୍ ବେଶୀ କରାଯାଇଥାଏ ।


ପୂର୍ବରୁ କୁହାଯାଇଛି ଯେ ସୂର୍ଯ୍ୟ କିରଣର ତୀବ୍ରତା ତଥା ଦିନର ତାପମାତ୍ରା ଉପରେ ସୌର କୋଷର କାର୍ଯ୍ୟକାରିତା ନିର୍ଭର କରେ । ବିଦ୍ୟୁତ୍ ଜେନେରେଟର୍ ବା ଟର୍ଚ୍ଚ ବ୍ୟାଟେରୀ ପରି ଏହା ଯେ କୌଣସି ସମୟରେ ବା ଅବସ୍ଥାରେ କାର୍ଯ୍ୟ କରିପାରେ ନାହିଁ । ତେଣୁ ସୌରବ୍ୟୂହ ସାହାଯ୍ୟରେ କୋଷଗୁଡ଼ିକୁ ଉଜ୍ଜୀବିତ (Charged) କରି ବିଦ୍ୟୁତ ଶକ୍ତିର ସଞ୍ଚୟ (Storage) କରାଯାଇପାରେ । ରାତି ବା ମେଘୁଆ ପାଗରେ ତାକୁ ବ୍ୟବହାର କରିବାର ଉଦ୍ୟମ ହୋଇଥାଏ । ମାତ୍ର ଆମ ଦେଶ ପରି ଗ୍ରୀଷ୍ମ ପ୍ରଧାନ ଦେଶରେ ସୌର ପୁଞ୍ଜର ବହୁଳ ବ୍ୟବହାର କରିପାରିବା ସମ୍ଭବପର । ବିଶେଷତଃ ଚାଷୀମାନେ ପର୍ଯ୍ୟାୟକ୍ରମେ ନିଜର କୃଷି କାର୍ଯ୍ୟ ପାଇଁ ଏହା ଉପରେ ଅଧିକ ନିର୍ଭର କରିପାରିବେ । କ୍ଷେତରେ ପାଣି ମଡ଼ାଇବା, ଫସଲ କାଟିବା, ଅମଳ କରିବା ପ୍ରଭୃତି କାର୍ଯ୍ୟ ବିଦ୍ୟୁତ୍ ଚାଳିତ ଯନ୍ତ୍ର ସାହାଯ୍ୟରେ କରାଯାଇପାରେ । କୃଷି କାର୍ଯ୍ୟ ଗୋଟିଏ ପରେ ଗୋଟିଏ ହେଉଥିବାରୁ ଚାଷୀମାନେ ନିଜର ଚାହିଦାକୁ ଚାହିଁ ସୌରବ୍ୟୂହର ଉପଯୋଗ କରିପାରିବେ ।

ସୌରଶକ୍ତିର ସଦୁପଯୋଗ ପାଇଁ ବହୁ ଗବେଷଣା ଓ ପରୀକ୍ଷା ନିରୀକ୍ଷା ଚାଲିଛି । ଏହା ମୁଖ୍ୟତଃ ତିନୋଟି ଶ୍ରେଣୀର

ଯଥା-(୧) ସୌର କୋଷ ନିର୍ମାଣ ପଦ୍ଧତିରେ ସରଳୀକରଣ, (୨) ନିର୍ଭରଯୋଗ୍ୟ ତଥା ଉଚ୍ଚ କ୍ଷମତାଶାଳୀ ନିର୍ମାଣ ଏବଂ (୩) ସୁଲଭ ମୂଲ୍ୟରେ ସେଗୁଡ଼ିକର ବିତରଣ । ଏହି ତିନିପ୍ରକାର କାର୍ଯ୍ୟ ପରସ୍ପର ପରିପୂରକ । ଏକକ ସ୍ଫଟିକ ନିର୍ମାଣ ବ୍ୟୟସାଧ୍ୟ ହେଉଥିବାରୁ ସିଲିକନ୍ ଫିତା (Ribbon) ବା ବହୁରେଣୁଯୁକ୍ତ (Multigrain) ସିଲିକନରୁ ବିଭିନ୍ନ ଆକାରର ସୌର କୋଷ ନିର୍ମାଣ ଦିଗରେ ଉଦ୍ୟମ ହେଉଛି । ସେଗୁଡ଼ିକର କାର୍ଯ୍ୟ ଦକ୍ଷତା ଓ ଦୃଢ଼ତା ବୃଦ୍ଧି ପାଇଁ ମଧ୍ୟ ଚେଷ୍ଟା ଚାଲିଛି । ସୌର କୋଷର ଦକ୍ଷତା ଶତକଡ଼ା ଦଶରୁ ବାର ଭାଗ ହେଲେ ବ୍ୟବସାୟିକ ଭିତ୍ତିରେ ତାହା ଉତ୍ପାଦିତ ହୋଇପାରିବ । ବିଜ୍ଞାନୀମାନେ ଏହି ଦକ୍ଷତା ୧୯ରୁ ୨୦ ଭାଗକୁ ବଢ଼ାଇବାକୁ ସମର୍ଥ ହେଲେଣି । ସିଲିକନ୍ ବଦଳରେ ଅନ୍ୟାନ୍ୟ ସୁଲଭ ଉପାଦାନରେ ସୌର କୋଷ ନିର୍ମାଣ ପାଇଁ ଉଦ୍ୟମ ହେଉଛି ।

ଆଶା କରାଯାଉଛି, ନିକଟ ଭବିଷ୍ୟତରେ ପ୍ରତ୍ୟେକ ଲୋକ ଘର ଛାତରେ ଗୋଟିଏ ଲେଖାଁ ସୌରବ୍ୟୂହ ଖଞ୍ଜିଦେଇ ସେଥିରୁ ନିଜର ଆବଶ୍ୟକତାନୁସାରେ ବିଦ୍ୟୁତ୍ ଶକ୍ତି ସଂଗ୍ରହ କରିପାରିବେ । ଏହି ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିରେ ସେ ନିଜର ସବୁ ଘରକରଣା ଯନ୍ତ୍ରପାତି ଚଳାଇପାରିବ । ସେଥିରେ ରେଡ଼ିଓ ଓ ଟେଲିଭିଜନ୍, ହିଟର, ମିକ୍ସି, ଗ୍ରାଇଣ୍ଡର୍, ଇସ୍ତ୍ରୀ, ଓଭନ୍, ପାଣିକଳ ଆଦି ଚାଲିପାରିବ । ଏହି ସୌର ଶକ୍ତିକୁ ସଞ୍ଚୟ କରିବାରେ ମଧ୍ୟ ମଣିଷ ସଫଳ ହୋଇପାରିବ । ଫଳରେ ସେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଓ ବ୍ୟବହାର କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବ ଏବଂ ଅନିୟମିତ ବିଜୁଳି ଯୋଗାଣଠାରୁ ମନମୁଖୀ ମୂଲ୍ୟବୃଦ୍ଧି ପର୍ଯ୍ୟନ୍ତ ସମସ୍ତ ଅସୁବିଧାରୁ ଅବ୍ୟାହତି ପାଇପାରିବ ।

କ୍ୱାର୍ଟର ନଂ ୩୧/୨, V-A,
ୟୁନିଟ୍-୨, ଭୁବନେଶ୍ୱର-୯ ।



ଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଭାରତ ବାଣିଜ୍ୟ ମେଳାରେ ଓଡ଼ିଶାର ରାଜ୍ୟପାଳ ଓଡ଼ିଶା ମଣ୍ଡପ ପରିଦର୍ଶନ କରୁଛନ୍ତି ।

# ପିଲାମାନଙ୍କ ବାନ୍ତି ରୋଗରେ ହୋମିଓପ୍ୟାଥି ଚିକିତ୍ସା

ଡଃ ଚତୁର୍ଭୁଜ ନାୟକ

## କାରଣ

(୧) ଖାଇବା ବା ପିଇବା ପରେ ପରେ ବାନ୍ତି ହେଲେ :

ଔଷଧାବଳୀ—ଆଣ୍ଟିମ୍ କ୍ରୁଡ୍ (Ant. Crude), ଆର୍ସେନିକ୍ ଆଲବ୍ (Ars. alb.), ବିସମଥ୍ (Bism.), ବ୍ରାୟୋନିଆ (Bry. alb.), ଫେରମ୍ ମେଟ (Freeum Met), ଇପିକାକ୍ (Ipec.), ପଲ୍ସେଟିଲା (Puls.), ନକ୍ସଭୋମ୍ (Nux Vom), ଭାଲେରିଆନା (Valer.) ।

(୨) କ୍ଷୀର ହଜମ ନହୋଇ ବାନ୍ତି ହେଲେ :

ଔଷଧାବଳୀ—ଏଥୁଜା (Aeth.), ଆଣ୍ଟିମ୍ କ୍ରୁଡ୍ (Ant. Crude), ଆର୍ସେନିକ୍ ଆଲବ୍ (Ars. alb.), କାଲ୍‌କେରିଆ କାର୍ବ (Calc. Carb), ମ୍ୟାଗ୍ କାର୍ବ (Mag. Carb), ସେପିଆ (Sep.), ସାଇଲିସିଆ (Silic) ସାନିକୁଲା (Sanicula), ଭାଲେରିଆନା (Val.)।

(୩) ମା' କ୍ଷୀର ହଜମ ନହୋଇ ବାନ୍ତି ହେଲେ :

ଔଷଧାବଳୀ—ଆଣ୍ଟିମ୍ କ୍ରୁଡ୍ (Ant. Crude), କାଲ୍‌କେରିଆ କାର୍ବ (Calc. Carb.), ନାଟ୍ରମ୍ କାର୍ବ (Nat. Carb), ସାନିକୁଲା (Sanic.), ଭାଲେରିଆନା (Val.) ।

(୪) କ୍ରୁମି ଲକ୍ଷଣ ସହ ବାନ୍ତି ହେଲେ :

ଔଷଧାବଳୀ—ସିନା (Cina) ।

(୫) ରାଗିଲା ପରେ ବାନ୍ତି ହେଲେ :

ଔଷଧାବଳୀ— କ୍ୟାମୋମିଲା (Cham.), କାଲୋସିନ୍ଥ (Caloc.), ନକ୍ସଭୋମ୍ (Nux. Vom.), ଭାଲେରିଆନା (Val.) ।

(୬) କାଶି କାଶି ବାନ୍ତି ହେଲେ :

ଔଷଧାବଳୀ—ଆଣ୍ଟିମ୍ ଟାର୍ଟ (Ant. Tart.) ବ୍ରାୟୋନିଆ (Bryo.), ଡ୍ରସେର୍ (Dros.), ଆର୍ସେନିକ୍ ଆଲବ୍, କ୍ୟୁପ୍ରମ୍ ମେଟ୍ (Cuprum Met), ଇପିକାକ୍ (Ipec.) ।

(୭) ପତଳା ଝାଡ଼ା ହୋଇ ବାନ୍ତି ହେଲେ :

ଔଷଧାବଳୀ—ଆର୍ଜେଣ୍ଟମ୍ ନାଇଟ୍ରିକମ୍ (Arg. Nit.), ଆର୍ସେନିକ୍ ଆଲବ୍ (Ars. alb.), କ୍ୟୁପ୍ରମ୍ ମେଟ୍ (Cup. met.), ଇପିକାକ୍ (Ipec.), ପୋଡ଼ାଫାଇଲମ୍ (Podo.), ପଲ୍ସେଟିଲା (Puls.), ଭେରାଟ୍ରମ୍ ଆଲବ୍ (Verat. alb.) ।

(୮) ଖାଇବାର କିଛି ସମୟ ପରେ ବାନ୍ତି ହେଲେ :

ଔଷଧାବଳୀ—ଫସ୍‌ଫରସ୍ (Phos.) ।

(୯) ଅଣ୍ଡା ଖାଇ ବାନ୍ତି ହେଲେ :

ଔଷଧାବଳୀ—ଫେରମ୍ ମେଟ୍ (Ferrum Met.), ସଲ୍‌ଫର୍ (Sulph.) ।

(୧୦) ଦେହରେ ବାହାରିଥିବା ବିସ୍ଫୋଟକ କୌଣସି କାରଣରୁ ଚପିଯାଇ ବାନ୍ତି ହେଲେ :

ଔଷଧାବଳୀ—କ୍ୟୁପ୍ରମ୍ ମେଟ୍ (Cup. met.) ।

(୧୧) ପିଠା, ଚର୍ବି ଜାତୀୟ ଖାଦ୍ୟ ଖାଇ ବାନ୍ତି ହେଲେ :

ଔଷଧାବଳୀ—ପଲ୍ସେଟିଲା (Puls.) ।

(୧୨) ଅଧିକ ମସଲାଯୁକ୍ତ ଖାଇ ବାନ୍ତି ହେଲେ :

ଔଷଧାବଳୀ—ନକ୍ସ ଭୋମ (Nux. Vom.) ।

(୧୩) ବାସି ବା ପଚାସଢ଼ା ଜିନିଷ ଖାଇ ବାନ୍ତି ହେଲେ :

ଔଷଧାବଳୀ—ଆର୍ସେନିକ୍ ଆଲବ୍ (Ars. alb.) ।

(୧୪) ମୁଣ୍ଡ ବ୍ୟଥା ହୋଇ ବାନ୍ତି ହେଲେ :

ଔଷଧାବଳୀ—ବେଲାଡୋନା (Bell.), ବ୍ରାୟୋନିଆ (Bry.), ଜେଲ୍‌ସିମିୟମ୍ (Gels.), ଇପିକାକ୍ (Ipec.), ଆଇରିସ୍ ଭରମ୍ (Irs. Verm.), ମେଲି ଲୋଟସ୍ (Mell.) ନକ୍ସଭୋମ୍ (Nux Vom.), ଫସ୍‌ଫରସ୍ (Phos.), ପଲ୍‌ସେଟିଲା (Puls.), ସାଙ୍ଗୁନାରିଆ (Samg.) ।

(୧୫) ଜ୍ୱର ସମୟରେ ବାନ୍ତି ହେଲେ :

ଔଷଧାବଳୀ—ଆଣ୍ଟିମ୍ କ୍ରୁଡ୍ (Ant. Crud.), ଆଣ୍ଟିମ୍ ଟାର୍ଟ (Ant. tart.), ଆର୍ସେନିକ୍ ଆଲବ୍ (Ars. alb.), ବ୍ରାୟୋନିଆ (Bryon.), ୟୁପାଟୋରିୟମ୍ ପର୍ଫ (Up. perf.), ସିନା (Cina), ଇପିକାକ୍ (Ipec), ନକ୍ସ ଭୋମ୍ (Nux. Vom.), ପଲ୍‌ସେଟିଲା (Puls.) ।

(୧୬) ମୁଣ୍ଡ ବୁଲାଇ ବାନ୍ତି ହେଲେ :

ଔଷଧାବଳୀ—କକ୍ୟୁଲାସ୍ (Coccul.), ନକ୍ସ ଭୋମ୍ (Nux. Vom.), ଟାବାକମ୍ (Tabac.) ।

(୧୭) ବସ୍ ବା କାର୍‌ରେ ଯିବା ସମୟରେ ବାନ୍ତି ହେଲେ :

ଔଷଧାବଳୀ—କକ୍ୟୁଲସ୍ (Coccul.), ପେଟ୍ରୋଲିୟମ୍ (Petrol.), ଟାବାକମ୍ (Tabac.), ନକ୍ସଭୋମ୍ (Nux. Vom.) ।

(୧୮) କୋଷ୍ଠ କାଠିନ୍ୟ ସହ ବାନ୍ତି ହେଲେ :

ଔଷଧାବଳୀ—ନକ୍ସଭୋମ୍ (Nux. Vom.), ଓପିଅମ୍ (Opium), ପ୍ଲମ୍ବମ୍ ମେଟ୍ (Plums. met) ।

(୧୯) ପୀତ ବାନ୍ତି :

ଔଷଧାବଳୀ—ବ୍ରାୟୋନିଆ (Bryo.), କ୍ୟାମୋମିଲା (Chamo.), ଚେଲିଡୋନିୟମ୍ (Chel.), ୟୁପାଟୋରିୟମ୍ ପର୍ଫ (Eupt. Pirf.), ଆଇରିସ୍ ଭର୍ସ (Iris Vers), ଇପିକାକ୍ (Ipec.), ନକ୍ସଭୋମ୍ (Nux. Vom.), ପଲ୍‌ସେଟିଲା (Puls.), ସାଙ୍ଗୁନାରିଆ (Sang.) ।

(୨୦) କ୍ଷୀର ଛିଡ଼ିଲା ପରି ବାନ୍ତି ହେଲେ :

ଔଷଧାବଳୀ—ଏଥୁଜା (Aeth.), ଆଣ୍ଟିମ୍ କ୍ରୁଡ୍ (Ant. Crud.), କାଲ୍‌କେରିଆ କାର୍ବ (Calc. Carb.), ମାଗ୍ କାର୍ବ (Mag. Carb), ଭାଲେରିଆନା (Valer.) ।

(୨୧) ଆମ୍ବିଳା ଗନ୍ଧଯୁକ୍ତ ବାନ୍ତି ହେଲେ :

ଔଷଧାବଳୀ—ଆଣ୍ଟିମ୍ କ୍ରୁଡ୍ (Ant. Crud.), କାଲ୍‌କେରିଆ କାର୍ବ (Calc. Carb.), ଆଇରିସ୍ ଭରମ୍ ମ୍ୟାଗ୍ କାର୍ବ (Mag. Carb.), ନାଟ୍ରମ୍ ଫସ୍ (Nat. Phos.), ନକ୍ସଭୋମ୍ (Nux. Vom.) ।

## ଲକ୍ଷଣ ଉପରେ ଔଷଧ ନିର୍ଣ୍ଣୟ

(୧) ଆଣ୍ଟିମ୍ କ୍ରୁଡ୍ :

ଅତ୍ୟଧିକ ଭୋଜନ ପରେ ବାନ୍ତି, ଆମ୍ବିଳା ଗନ୍ଧ, ଜିଭ ଉପରେ ମୋଟା ଧଳା ରଙ୍ଗର ଛଡିଆ ।

(୨) ଏଥୁଜା :

କ୍ଷୀର ହଜମ ନହୋଇ ବା ଦାନ୍ତ ଉଠିବା ସମୟରେ ବାନ୍ତି, କ୍ଷୀର ଛିଡ଼ିଲା ପରି ବାନ୍ତିର ରଙ୍ଗ, କମ୍ ଶୋଷ, ଅତ୍ୟନ୍ତ ଦୁର୍ବଳତା ଓ ଶୋଇବା ପାଇଁ ଇଚ୍ଛା ।

(୩) ଆର୍ସେନିକ୍ ଆଲବ୍ :

ଖାଇବା ବା ପିଇବା ପରେ ପରେ ବାନ୍ତି, ଦିନ ଦ୍ୱିପ୍ରହର ଓ ରାତି ଅଧ ବେଳକୁ ଅଧିକ ବାନ୍ତି, ଅତ୍ୟନ୍ତ ଦୁର୍ଗନ୍ଧଯୁକ୍ତ ବାନ୍ତି, ଅଳ୍ପ ପାଣି ବାରମ୍ବାର ପିଇବା ପାଇଁ ଇଚ୍ଛା, ଅତ୍ୟଧିକ ଦୁର୍ବଳତା ଏବଂ ଅସ୍ଥିରତା ।

(୪) ଇପିକାକ୍ :

ସର୍ବଦା ବାନ୍ତି ବାନ୍ତି ଭାବ, ପ୍ରଚୁର ଲାଳ ବା ହଳଦିଆ ରଙ୍ଗର ବାନ୍ତି, ପାଟିରୁ ପ୍ରଚୁର ଲାଳ ସ୍ରାବ, ପରିଷ୍କାର ଜିଭ, କମ୍ ଶୋଷ ।

(୫) ପଲ୍‌ସେଟିଲା :

ପିଠା ଓ ତୈଳଯୁକ୍ତ ଖାଦ୍ୟ ଆହାର ଯୋଗୁ ବାନ୍ତି, ପାଟି ଓ ଜିଭ ଶୁଖିଲା ରହି କମ୍ ଶୋଷ, ପିତା ସ୍ୱାଦ, ହଳଦିଆ ବା ବଦହଜମି ବାନ୍ତି, ଖାଇବା ବା ପିଇବା ପରେ ପରେ ବାନ୍ତି ।

(୬) ନକ୍ସ ଭୋମ୍ :

ଗରିଷ୍ଠ ମସଲାଯୁକ୍ତ ଖାଦ୍ୟ ଖାଇ ବା ରାତି ଅନିଦ୍ରା ହୋଇ ବାନ୍ତି, ବାନ୍ତି ପରେ ଉପସମ, ଆମ୍ବିଳା ଗନ୍ଧ, ପୀତ ରଙ୍ଗ, ଖାଇବା ପରେ ପରେ ବାନ୍ତି, ବାନ୍ତି ସମୟରେ ମୁଣ୍ଡ ବ୍ୟଥା ବା ମୁଣ୍ଡ ବୁଲାଇବା, କୋଷ୍ଠ କାଠିନ୍ୟ ।

(୭) ବିସମଥ୍ :

ପାଣି ବା କ୍ଷୀର ପିଇବା ସଙ୍ଗେ ସଙ୍ଗେ ବାନ୍ତି, କିନ୍ତୁ ବହଳିଆ ଖାଦ୍ୟ ବାନ୍ତି ନହେବା, ପେଟ ଭାରି ଲାଗିବା ଓ କାଟିବା ପରି ତୀବ୍ର ଯନ୍ତ୍ରଣା ।

(୮) ବ୍ରାୟୋନିଆ :

କୋଷ୍ଠ କାଠିନ୍ୟ, ଜ୍ୱର ବା ମୁଣ୍ଡ ବ୍ୟଥା ସମୟରେ ବାନ୍ତି, ଖାଇବା ଓ ପିଇବା ପରେ ପରେ ବା କାଶି କାଶି ବାନ୍ତି, ଜିଭ ଶୁଖିଲା ରହି ପ୍ରବଳ ଶୋଷ, ଚଳ ପ୍ରଚଳରେ ଲକ୍ଷଣ ବୃଦ୍ଧି

(୯) କାଲ୍‌କାରିଆ କାର୍ବ :

କ୍ଷୀର ହଜମ ନହୋଇ ବାନ୍ତି, ଆମ୍ବିଳା ଗନ୍ଧ, ଖଟାଳିଆ ହାକୁଟି, ମାଟି, ଚକ୍ ବା ପେନ୍‌ସିଲ୍ ଖାଉଥିବା ଅଥବା ପୃଥୁଳାକାୟ ପିଲାମାନଙ୍କର ଦୀର୍ଘ ଦିନର ବାନ୍ତି, ପ୍ରଚୁର ମୁଣ୍ଡ ଝାଳ ।

(୧୦) ଭାଲେରିଆନା :

ଖାଇଲା ପରେ ପରେ କ୍ଷୀର ହଜମ ନହୋଇ ପ୍ରଚୁର ପରିମାଣରେ ଖଣ୍ଡ ଖଣ୍ଡ ଛେନା ଛିଡ଼ିଲା ପରି ବାନ୍ତି, ବାନ୍ତି ବାନ୍ତି

ଭାବ, ଦୁର୍ଗନ୍ଧଯୁକ୍ତ ହାକୁଟି, ପେଟ କାମୁଡ଼ି କ୍ଷୀର ଛିଡ଼ିଲା ପରି ପତଳା ଝାଡ଼ା ।

**(୧୧) ଭେରାଟ୍ରମ୍ ଆଲ୍‌ବମ୍ :**

ପାଣି ପରି ପ୍ରଚୁର ପତଳା ଝାଡ଼ା ହୋଇ ବହୁ ପରିମାଣରେ ବାନ୍ତି, ପେଟରେ ଯନ୍ତ୍ରଣା, ପ୍ରଚୁର ମୁଣ୍ଡ ଝାଳ, ଅତିଶୟ ଦୁର୍ବଳ ଭାବ, ଥଣ୍ଡା ପାଣି ପିଇବା ପାଇଁ ଇଛା, କିନ୍ତୁ ପିଇଲା ପରେ ପରେ ବାନ୍ତି ।

**(୧୨) କକ୍ୟୁଲସ୍ :**

ବସ୍ ବା କାର୍‌ରେ ଯିବା ସମୟରେ ବା ରାତି ଅନିଦ୍ରା ଯୋଗୁ ବାନ୍ତି, ମୁଣ୍ଡ ବୁଲାଇବା, ବାନ୍ତି ବାନ୍ତି ଭାବ, ମୂର୍ଚ୍ଛା ଭାବ ।

**(୧୩) ଫସ୍‌ଫରସ୍ :**

ପୁରାତନ ବାନ୍ତି ରୋଗ, ଖାଇବା ଓ ପିଇବାର କିଛି ସମୟ ପରେ ବାନ୍ତି, ତଣ୍ଟି, ଛାତି ଓ ପେଟରେ ଜ୍ୱାଳା ଭାବ, ଥଣ୍ଡା ଜିନିଷ ଖାଇବା ଓ ପିଇବା ପାଇଁ ଇଚ୍ଛା ।

**(୧୪) ସେପିଆ :**

ପୁରାତନ ବାନ୍ତି ରୋଗ, ଖାଇବା ପଦାର୍ଥ ଦେଖିବା ବା ଗନ୍ଧ ପାଇବା ଯୋଗୁ ବାନ୍ତି ବା ବାନ୍ତି ବାନ୍ତି ଭାବ, କ୍ଷୀର ହଜମ ନହୋଇ ବାନ୍ତି, ହଳଦିଆ ରଙ୍ଗ, ସକାଳେ ଏବଂ ଖାଲି ପେଟରେ ଅଧିକ ବାନ୍ତି ।

## ଚିକିତ୍ସା ସମ୍ପର୍କରେ ଅନ୍ୟାନ୍ୟ ସୂଚନା

### ଔଷଧ ସେବନ ବିଧି :

ଲକ୍ଷଣ ଭିତ୍ତିରେ କୌଣସି ରୋଗୀ ପାଇଁ ନିର୍ଦ୍ଦିଷ୍ଟ ଔଷଧ ଠିକ୍ କଲା ପରେ ସେହି ଔଷଧର ୬ବା ୩୦ ଶକ୍ତି (Potency) ୨-୪ଟା ଗୁଳି (୩୦ ନମ୍ବର) ରୋଗର ପ୍ରକୋପ ଅନୁଯାୟୀ ୨-୬ ଘଣ୍ଟା ବ୍ୟବଧାନରେ ଖାଲି ପେଟରେ ସେବନ ପାଇଁ ଦିଆଯିବା ଉଚିତ ।

କିନ୍ତୁ ପ୍ରାଥମିକ ଚିକିତ୍ସାରୁ ଉଲ୍ଲେଖଯୋଗ୍ୟ ଉପଶମ ନମିଳିଲେ ତୁରନ୍ତ ଶିକ୍ଷିତ ହୋମିଓପ୍ୟାଥି ଡାକ୍ତରଙ୍କ ସହ ପରାମର୍ଶ କରିବା ବାଞ୍ଛନୀୟ ।

### ଖାଦ୍ୟ :

(୧) ଶିଶୁ ମାଁ କ୍ଷୀର ଖାଉଥିଲେ ତାକୁ ବନ୍ଦ୍ କରିବା ଉଚିତ ନୁହେଁ ।

(୨) ପିଲାକୁ ବୋତଲ ଦ୍ୱାରା ଖାଦ୍ୟ ଦିଆଯାଉଥିଲେ ଖାଇବାକୁ ଦେବା ପୂର୍ବରୁ ପ୍ରତି ଥର ବୋତଲ ଓ ନିପଲ୍‌କୁ ଗରମ ପାଣିରେ ଫୁଟାଇବା ଉଚିତ ।

(୩) ଗାଈ କ୍ଷୀରକୁ ଭଲ ରୂପେ ସିଝାଇ ସର କାଢ଼ି, ଅଳ୍ପ ଚିନି ମିଶାଇ ଖାଇବାକୁ ଦେବା ଆବଶ୍ୟକ ।

(୪) ଭଜା ଚୁଡ଼ା ଗୁଣ୍ଡ କରି କ୍ଷୀର ମିଶାଇ କ୍ଷିରୀ କରି ରୋଗୀକୁ ଦେବା ବିଧେୟ ।

(୫) ବାନ୍ତି ସମୟରେ ଦେହରୁ ଜଳୀୟ ଏବଂ ଲବଣ ପଦାର୍ଥ ନଷ୍ଟ ହେଉଥିବାରୁ ରୋଗୀକୁ ଯଥେଷ୍ଟ ସିଝା ଥଣ୍ଡା ପାଣି, ପଇଡ଼ ପାଣି, ଡାଲି ପାଣି ବା ଇଲେକ୍ଟ୍ରାଲ୍ ପାଉଡରରେ ତିଆରି ମିଶ୍ରଣ ଦେବା ବାଞ୍ଛନୀୟ । ରୋଗୀ ଖାଲି ପେଟରେ ରହିବା ଅନୁଚିତ ।

(୬) ଇଲେକ୍ଟ୍ରାଲ୍ ପାଉଡର ତୁରନ୍ତ ନମିଳିଲେ ଏକ ଗ୍ଲାସ୍ ସିଝା ଥଣ୍ଡା ପାଣିରେ ସାମାନ୍ୟ ଲୁଣ (ଚିମୁଟାଏ), ଏକ ଚାମଚ ଚିନି ଏବଂ ଅଳ୍ପ ଲେମ୍ବୁ ରସ ମିଶାଇ ରୋଗୀକୁ ବାରମ୍ବାର ପିଇବାକୁ ଦେବା ବାଞ୍ଛନୀୟ ।

### ଆନୁଷଙ୍ଗିକ ଚିକିତ୍ସା :

* ରୋଗୀର ସମସ୍ତ ବାସନ କୁସନକୁ ବ୍ୟବହାର ପୂର୍ବରୁ ଗରମ ପାଣିରେ ଫୁଟାଇବା ଉଚିତ ।
* ପିଇବା, ରାନ୍ଧିବା ଓ ବାସନ ଧୋଇବା ପାଇଁ ନଳ କୂଅ ବା ବିଶୋଧିତ କୂଅ ପାଣି ବ୍ୟବହାର କରିବା ଉଚିତ । ଫିଲଟର୍ ପାଣି ପିଇବା ସର୍ବୋତ୍ତମ ।
* ଖାଇବା ପୂର୍ବରୁ ଓ ଝାଡ଼ା ଯିବା ପରେ ସାବୁନ ବା ସୋଡ଼ାରେ ହାତ ଭଲ ରୂପେ ପରିଷ୍କାର କରିବା ଉଚିତ ।
* ମାଛି ବସିନଥିବା ଟଟକା ଖାଦ୍ୟ ସେବନ କରିବା ଉଚିତ । ମାଛିମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଖାଦ୍ୟ ପଦାର୍ଥକୁ ଭଲ ରୂପେ ଘୋଡ଼ାଇ ରଖିବା ଉଚିତ । ପଚାସଢ଼ା ଫଳମୂଳ ବା ପନିପରିବା ଏବଂ ରାସ୍ତା କଡ଼ରେ ବିକ୍ରୀ ହେଉଥିବା ଖାଦ୍ୟ ବ୍ୟବହାର କରିବା ଅନୁଚିତ ।
* କେହି ବାନ୍ତି ରୋଗରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ ବା ଡାକ୍ତରଙ୍କ ସହ ପରାମର୍ଶ କରିବା ବାଞ୍ଛନୀୟ ।
* ବ୍ୟବହାର କରାଯାଉଥିବା କୂଅ ଓ ପୋଖରୀ ପାଣିକୁ ସ୍ୱାସ୍ଥ୍ୟ କର୍ମୀଙ୍କ ସାହାଯ୍ୟରେ ବିଶୋଧନ କରିବା ଉଚିତ ।
* ରୋଗୀର ବାନ୍ତି ଲାଗିଥିବା ଲୁଗାପଟା, ନଈ, ନାଳ ବା ପୋଖରୀରେ ଧୋଇବା ତଥା ନାଳ ବା ପୋଖରୀରେ ଶୌଚ ହେବା ଅନୁଚିତ ।

ଆସୋସିଏଟ୍ ପ୍ରଫେସର୍,
ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି
ଚିକିତ୍ସା ମହାବିଦ୍ୟାଳୟ,
ଭୁବନେଶ୍ୱର ।

# ସମାନ ଆଇନ ପ୍ରଣୟନ: ଏକ ଜାତୀୟ ଆବଶ୍ୟକତା

ଶ୍ରୀ ବ୍ରଜ ପାଇକରାୟ

ଭାରତବର୍ଷ ପୃଥିବୀର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଭିନ୍ନ ଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ ଓ ଭାଷାଭାଷୀ ବ୍ୟକ୍ତି ଉକ୍ତ ଭୂଖଣ୍ଡରେ ବାସ କରନ୍ତି । ଅନେକ ଭାରତର ବିଶାଳତା ଏବଂ ଏଠାକାର ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କର ବୈଚିତ୍ର୍ୟମୟ ଜୀବନ ଯାପନକୁ ଲକ୍ଷ୍ୟ କରି ଉକ୍ତ ଦେଶକୁ ଉପମହାଦେଶ ଆଖ୍ୟା ପ୍ରଦାନ କରିଛନ୍ତି । ଭାରତବାସୀଙ୍କ ଏକତା "Unity in diversity"କୁ ନେଇ ପ୍ରତିଷ୍ଠିତ । ୧୯୪୭ ମସିହାରେ ଉକ୍ତ ଭୂଖଣ୍ଡ ବିଭାଜନ ହୋଇ ଭାରତ ଓ ପାକିସ୍ଥାନ ନାମରେ ଦୁଇଟି ରାଷ୍ଟ୍ରରେ ପରିଣତ ହେବା ପରେ ବର୍ତ୍ତମାନର ଭାରତ ପୃଥିବୀ ମାନଚିତ୍ରରେ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସର୍ବସ୍ୱୀକୃତ ହୋଇଛି । ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୂରଦୃଷ୍ଟି, ରାଷ୍ଟ୍ରନୀତି କୁଶଳତା ଏବଂ ଶାସନ ବିଚକ୍ଷଣତାର ଫଳ ସ୍ୱରୂପ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଘଟି ଏକ ବିଶାଳ ଭାରତ ଭୂଖଣ୍ଡରେ ପରିଣତ ହୋଇଛି । ପୁରାଣ, ଶାସ୍ତ୍ର, ସାହିତ୍ୟ, ଧର୍ମ, ସଂସ୍କୃତି, ସାମାଜିକ ଚଳଣି ଓ ପରମ୍ପରା ଦୃଷ୍ଟିରୁ ଭାରତ ପୁରାତନ କାଳରେ ଏକ ଥିଲେ ସୁଦ୍ଧା ରାଜନୈତିକ ଦୃଷ୍ଟିକୋଣରୁ ଏକ ନଥିବାରୁ ବାରମ୍ବାର ବିଦେଶୀ ଆକ୍ରମଣକାରୀଙ୍କ ଦ୍ୱାରା ପରାଜିତ ଓ ବିପର୍ଯ୍ୟସ୍ତ ହୋଇଛି । ବିଭିନ୍ନ ସମୟରେ ଶକ, ହୁନ୍, କୁଶାଣ, ମୁସଲମାନ, ମୋଗଲ ଏବଂ ଶେଷରେ ଇଂରେଜମାନଙ୍କ ଦ୍ୱାରା ଏ ଦେଶର ଅଧିବାସୀମାନେ ଶାସିତ ହୋଇଛନ୍ତି । ସର୍ବ ପ୍ରଥମେ ଯୁଗ ମାନବ ମହାତ୍ମା ଗାନ୍ଧୀ ହିଁ ଆକୁମାରୀ ହିମାଚଳ ବାସ କରୁଥିବା କୋଟି କୋଟି ଜନସାଧାରଣଙ୍କ ଆଶା ଓ ବିଶ୍ୱାସର ପାତ୍ର ଭାବରେ ସେମାନଙ୍କ ମନରେ ଜାତୀୟ ଭାବଧାରା ଜାଗ୍ରତ କରିବା ପାଇଁ ସମର୍ଥ ହୋଇପାରିଥିଲେ । ସେଥିପାଇଁ ଆଧୁନିକ ଭାରତର ଜନ୍ମଦାତା ଭାବରେ ତାଙ୍କୁ ଜାତିର ପିତା (Father of the nation) ବୋଲି କୁହାଯାଏ ।

ଗାନ୍ଧୀଙ୍କ ଅଭିନବ ଅହିଂସା ଅସ୍ତ୍ରର ପ୍ରୟୋଗ ଦ୍ୱାରା ପ୍ରବଳ ପରାକ୍ରମୀ ବ୍ରିଟିଶ୍ ସରକାର ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ପାଇଁ ବାଧ୍ୟ ହୋଇଥିଲେ । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେଲା । ସମ୍ବିଧାନ ଅନୁଯାୟୀ ଉକ୍ତ ଦେଶରେ ଆଇନ ଶାସନର ପ୍ରଚଳନ ହେବା ପରେ ବିଭିନ୍ନ ପଞ୍ଚବାର୍ଷିକ ଯୋଜନା ଜରିଆରେ କୃଷି, ଶିକ୍ଷା, ବାଣିଜ୍ୟ, ବିଜ୍ଞାନ, ପ୍ରତିରକ୍ଷା ଓ କାରିଗରୀ କୌଶଳ କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କରୁଥିବାରୁ ବିଦେଶୀ ଶକ୍ତିମାନେ ଈର୍ଷାନ୍ୱିତ ହୋଇ ଦେଶକୁ ଖଣ୍ଡ ବିଖଣ୍ଡ କରି ଦୁର୍ବଳ କରିଦେବାକୁ ଷଡ଼ଯନ୍ତ୍ର (consipiracy) ଖୁବ୍ ରଚୁଛନ୍ତି । ବିଦେଶୀ ଶକ୍ତିଙ୍କ ପ୍ରରୋଚନା ଓ ପ୍ରଲୋଭନରେ ଉଦ୍‌ଭ୍ରାନ୍ତ ହୋଇ କେତେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି କ୍ଷମତା ଲାଭ ଆଶାରେ ସନ୍ତ୍ରାସବାଦର ସାହାଯ୍ୟ ନେଇ ଶାସନରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଦେଶର ଏକତା ଓ ସଂହତି ରକ୍ଷା ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେତୃବର୍ଗଙ୍କର କର୍ତ୍ତବ୍ୟ ।

ରାଷ୍ଟ୍ରୀୟ ଏକତା ଏବଂ ସଂହତି ପ୍ରତିଷ୍ଠା ପାଇଁ ଆକୁମାରୀ ହିମାଚଳ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଏକ ପ୍ରକାର ଆଇନ ପ୍ରଣୟନ କରାଯାଇ କାର୍ଯ୍ୟକାରୀ ହେଲେ ଭାରତୀୟ ସମ୍ବିଧାନ ପ୍ରଣେତାମାନଙ୍କର ସ୍ୱପ୍ନ ବାସ୍ତବରେ ପରିଣତ ହେବ । ସମ୍ବିଧାନର ୪୪ ଧାରାରେ ଉଲ୍ଲେଖ ଅଛି ଯେ, "The State shall andeavour to secure for the citizens a uniform civil code throughout the territory of India". ହେଲେ ଏ ଯାବତ୍ ୪୪ ଧାରାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଉଦ୍ୟମର ଅଭାବ ପରିଲକ୍ଷିତ ହେଉଛି ।

ଭାରତ ଏକ ଧର୍ମ ନିରପେକ୍ଷ (Secular State) ରାଷ୍ଟ୍ର ହୋଇଥିବା ବେଳେ ଏଠାରେ ବିବାହ, ଛାଡ଼ପତ୍ର (Divorce), ଖୋରାକ ପୋଷାକ (Mainteanance), ଉତ୍ତରାଧିକାର (Succession) ଇତ୍ୟାଦି ପାଇଁ ହିନ୍ଦୁ ଆଇନ (Hindu Law) ଏବଂ ମୁସଲମାନ ଆଇନ (Mohammedan Law)ରେ ଭିନ୍ନ ଭିନ୍ନ ବ୍ୟବସ୍ଥା ରହିଛି ଏବଂ ଉକ୍ତ ଧର୍ମାବଲମ୍ବନକାରୀ ବ୍ୟକ୍ତିମାନଙ୍କୁ ସମ୍ପୃକ୍ତ ଧର୍ମର ଆଇନ ଲାଗୁ ହେଉଛି । ଫଳରେ ସମସ୍ତ ନାଗରିକ ସମାନ ପ୍ରକାର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଭିନ୍ନ ଭିନ୍ନ ଧର୍ମରେ ବିଶ୍ୱାସ କରୁଥିବା

ବ୍ୟକ୍ତିମାନଙ୍କୁ ପୃଥକ ଆଇନ ପ୍ରଯୁଜ୍ୟ ହେବା ଜାତୀୟ ଏକତାର ପ୍ରତିବନ୍ଧକ ଏବଂ ଜାତୀୟ ସଂହତି ପାଇଁ ଅନୁକୂଳ ନୁହେଁ । ସୁପ୍ରିମ୍ କୋର୍ଟଙ୍କ ମତରେ "A common civil code will help the cause of national integration by removing disparate loyalities to laws whi:h have conflicting ideologies".

ବିଭିନ୍ନ ଧର୍ମର ଆଇନକୁ ନେଇ ଅଯଥା ସଂଘର୍ଷ, ବନ୍ଦ ପାଳନ, ହିଂସାକାଣ୍ଡ, ବିଦ୍ୱେଷ ଇତ୍ୟାଦିକୁ ଏଡ଼ାଇବା ନିମନ୍ତେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ନାଗରିକମାନଙ୍କୁ ଏକ ପ୍ରକାର ନ୍ୟାୟ ପ୍ରଦାନ କରିବା ପାଇଁ ଏବଂ ସର୍ବୋପରି ଜାତୀୟ ଏକତା ପ୍ରତିଷ୍ଠା ପାଇଁ ସମାନ ଆଇନ ପ୍ରଣୟନ (Framing of uniform civil code) ଏକ ଜାତୀୟ ଆବଶ୍ୟକତା ବୋଲି ଅନୁଭବ କରାଯାଉଛି । ଏଇ ସମ୍ପର୍କରେ ମତଦେଇ ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, "It is the State which is charged with the duty of securing a uniform civil code for the citizen of the country and unquestionably; it has the lagislature competence to do so x x x x

We understand the difficulties involved in bringing persons of different faiths and persuasions on a common platform. But a beginning has to be made if the constitution is to have any meaning"

---

ଆଡ୍‌ଭୋକେଟ୍,
ଜି/୩୬, ୟୁନିଟ୍–୬, ହସପିଟାଲ୍ କ୍ୟାମ୍ପସ୍,
ଭୁବନେଶ୍ୱର ।



# ଧାନ କିଆରୀରେ ମାଛ ଚାଷ


ସୁବାସ ସାହୁ

କିଆରୀରେ ଲହଡ଼ି ଭାଙ୍ଗୁଥିବ ଧାନ ଫସଲ । କିଆରୀ ଭିତରେ ପାଣିକୁ ଚବ ଚବ କରୁଥିବେ ମାଛମାନେ । ଧାନ କଟାଯିବା ସହିତ ମାଛ ଧରା ଯାଉଥିବ କିଆରୀରୁ । ଗୋଟିଏ ଜମିରୁ ଭାତ ସହ ତରକାରି ମିଳିଯିବ ଚାଷୀକୁ । ସତରେ କେତେ ଖୁସି ନ ହେବ ଚାଷୀ । କେତେ ଆସହରା ନ ହେବ ଏକ ସଙ୍ଗେ ଧାନ ସହ ମାଛ ଅମଳ କରି । ଧାନ କିଆରୀରେ ମାଛଚାଷ କରିବା ଦ୍ୱାରା ହିଁ ଏହା ସମ୍ଭବ ହୋଇ ପାରିବ ।


ଧାନ କିଆରୀରେ ମାଛ ଚାଷ କରିବା ସମ୍ପୂର୍ଣ୍ଣରୂପେ ଏକ ନୂଆ କଥା ନୁହେଁ । ଖ୍ରୀଷ୍ଟପୂର୍ବ ୨୨୦ ମସିହାରେ ଧାନ କିଆରୀରେ ମାଛଚାଷ କରାଯାଉଥିବା କଥା ଜଣାଯାଏ । ଆମ ଦେଶ କଥା ଚୀନର କେତେକ ଚାଷୀ ପାରମ୍ପରିକ ରୀତିରେ ଧାନ ସହ ମାଛଚାଷ କରିଥାଆନ୍ତି । ଏମିତିକି ଆମ ରାଜ୍ୟରେ ନଈ ପାଣି ମାଡୁଥିବା ଅଞ୍ଚଳରେ ଧାନ ଜମିରୁ କଙ୍କଡ଼ା, ମାଛ ଆଦି ଧରାଯିବା ଦେଖାଯାଇଥାଏ । କିନ୍ତୁ ବୈଜ୍ଞାନିକ ପ୍ରଣାଳୀରେ ଗୋଟିଏ ଜମିରେ ଏକ ସଙ୍ଗେ ଧାନ ସହ ମାଛଚାଷ କରି ଅଧିକା ଅମଳ ପାଇବା ପାଇଁ ଚିନ୍ତା କରାଗଲାଣି ।

ସମ୍ପ୍ରତି ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ପାଇଁ ଖାଦ୍ୟ ଯୋଗାଡ଼ କରିବା ନିମିତ୍ତ ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରୁଅଛନ୍ତି । ସୀମିତ ଜମିରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିପରି ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇ ପାରିବ ତାହା ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହୋଇଛି । ତେଣୁ ବିଭିନ୍ନ ଚାଷ ପଦ୍ଧତି ବ୍ୟବହାର କରି ବୈଜ୍ଞାନିକମାନେ ଅଧିକ ଖାଦ୍ୟ ଉତ୍ପାଦନ କରିବା ପାଇଁ ଆଗଭର ହୋଇ ପଡ଼ିଛନ୍ତି । ସେସବୁ ପଦ୍ଧତିମାନଙ୍କ ମଧ୍ୟରେ ଧାନ କିଆରୀରେ ମାଛଚାଷ ଅନ୍ୟତମ ।

ଧାନ କିଆରୀରେ ମାଛଚାଷ କରିବା ବେଶ୍ ସହଜ ଓ କମ୍ ବ୍ୟୟ ସାପେକ୍ଷ । ଅଧିକ ଦିନ ଧରି ପାଣି ରହୁଥିବା ଖାଲୁଆ ଜମିରେ ଏହି ପଦ୍ଧତିରେ ଚାଷ କରିବା ସୁବିଧା ଜନକ ହୋଇଥାଏ । ସାଧାରଣତଃ ତିନୋଟି ପ୍ରଣାଳୀରେ ଧାନ ସହ ମାଛଚାଷ କରାଯାଇଥାଏ ।




ପ୍ରଥମ ପ୍ରଣାଳୀଟି ଚୀନ ଦେଶରେ ଆରମ୍ଭ ହୋଇଥିବାର ଜଣାଯାଏ । ଏହି ପଦ୍ଧତିରେ ଜମିରେ ସରୁ ହିଡ଼ ଓ ନାଳ କରାଯାଏ । ହିଡ଼ରେ ଧାନ ରୁଆ ଯିବା ସହିତ ନାଳୀରେ ପାଣି ରଖି ମାଛଚାଷ କରାଯାଏ । (ଚିତ୍ର ୧) ଏହି ପଦ୍ଧତିରେ ଚାଷ ପାଇଁ ଜମି ଉର୍ବର ହେବା ସହିତ ମାଟିର ଜଳଧାରଣ ଶକ୍ତି ଅଧିକ ହୋଇଥିବା ଦରକାର । ଏଥି ସହିତ ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଥିବା ଦରକାର । ଏହି ପ୍ରଣାଳୀରେ ଜମିରେ ଆବଶ୍ୟକ ମୁତାବକ ଖତ ଓ ସାର ପ୍ରୟୋଗ କରାଯାଏ । ମାଟି ଅମ୍ଳୀୟ ହୋଇଥିଲେ ଆବଶ୍ୟକ ପରିମାଣର ଚୁନ ପ୍ରୟୋଗ କରି ମାଟିର ଅମ୍ଳତା ଦୂର କରାଯାଏ । ଜମିରେ ଛୋଟ ଛୋଟ ହିଡ଼ କରି ଏଥିରେ ଧାନ ରୁଆଯାଏ । ହିଡ଼ ଦୁଇ ପାଖରେ ସୃଷ୍ଟି ହୋଇଥିବା ନାଳୀରେ ପାଣିଭରି ମାଛଚାଷ କରାଯାଏ । ଏହା ଦ୍ୱାରା ଉଭୟ ଧାନ ଓ ମାଛ ବଢ଼ିବାରେ କୌଣସି ଅସୁବିଧା ହୁଏ ନାହିଁ ।



(ଚିତ୍ର ୨)

ଦ୍ୱିତୀୟ ପ୍ରଣାଳୀକୁ ମାଛ ପୋଖରୀ ପଦ୍ଧତି ମଧ୍ୟ କୁହାଯାଇଥାଏ । ଏ କ୍ଷେତ୍ରରେ ଜମିର ଗୋଟିଏ କୋଣରେ ମାଛ ବଢ଼ିବା ପାଇଁ ଛୋଟ ଖାଲଟିଏ କରାଯାଇଥାଏ । ମାଛମାନେ ଧାନ କିଆରୀରେ ବୁଲି ଖାଦ୍ୟ ଖାଆନ୍ତି ଓ ଅନ୍ୟ ସମୟରେ ଆସି ଏହି ଖାଲରେ ରହନ୍ତି । (ଚିତ୍ର ୨) ଏହି ଖାଲଟି ସାମାନ୍ୟ ଗଭୀର ହୋଇଥାଏ ଏବଂ ଜମିରେ ଥିବା ଜଳ ସହ ଏହାର ସିଧାସଳଖ ସଂଯୋଗ ରହିଥାଏ । ଫଳରେ ମାଛମାନେ ଚରାବୁଲା କରିବାରେ କୌଣସି ଅସୁବିଧା ହୁଏ ନାହିଁ । ଖରାଦିନେ ଧାନ କିଆରୀର ପାଣି ତାତିଗଲେ ମାଛମାନେ ଏହି ଖାଲ ସ୍ଥାନକୁ ଆସି ରହିପାରନ୍ତି । ଜମିରେ ରୋଗପୋକ ଦମନ କରିବା ପାଇଁ ଔଷଧ ପ୍ରୟୋଗ କରାଗଲେ ମଧ୍ୟ ମାଛମାନେ ଆସି ଏହି ପୋଖରୀରେ ଥିବା ଗଭୀର ଜଳରେ ଆଶ୍ରୟ ନେଇଥାଆନ୍ତି । ଏହି ପଦ୍ଧତିରେ ଜମିର ଧାନ ଅମଳ ବିଶେଷ ବାଧାପ୍ରାପ୍ତ ହୁଏନାହିଁ । ଏଥି ସହିତ ଗୋଟିଏ ଜମିରୁ ଧାନ ଓ ଯଥେଷ୍ଟ ପରିମାଣର ମାଛ ମିଳିଥାଏ ।



(ଚିତ୍ର ୩)

ଧାନ ସହ ମାଛ ଚାଷର ତୃତୀୟ ପ୍ରଣାଳୀଟି ସମତଳ ଅଞ୍ଚଳରେ ବହୁଳ ଭାବେ ଅନୁସୃତ ହୋଇଥାଏ । ଏହି ପ୍ରଣାଳୀରେ ଧାନ କିଆରୀ ମଝିରେ ସରୁ ନାଳୀମାନ ଖୋଳାଯାଇ ମାଛ ଚାଷ କରାଯାଇ ପାରିବ (ଚିତ୍ର) । ଫଳରେ ଧାନ କିଆରୀରେ ମାଛମାନେ ମୁକ୍ତ ଭାବେ ବୁଲିପାରିବେ । ଏଥି ସହିତ ଧାନ ଫସଲ ମଧ୍ୟ ବିଶେଷ ଭାବେ ବାଧାପ୍ରାପ୍ତ ହେବନାହିଁ । ଏକ ହେକ୍‌ଟର ପରିମିତ ଧାନ ଜମିରେ ମାଛଚାଷ ପାଇଁ ନାଳର ଓସାର ପ୍ରାୟ ୧ ମିଟର ହେବା ଉଚିତ୍ ବୋଲି ବୈଜ୍ଞାନିକ ମାନେ ମତ ଦିଅନ୍ତି ।

ଚାଷ ପଦ୍ଧତି ଯାହା ହେଉନା କାହିଁକି ଧାନ କିଆରୀରେ ମାଛଚାଷ କଲାବେଳେ ଜମିର ଜଳସେଚନ ଉପରେ ଗୁରୁତ୍ୱ ଆରୋପ କରିବା ଉଚିତ୍ । ଦେଖିବାକୁ ହେବ ଯେପରି ମାଛମାନଙ୍କର ବୃଦ୍ଧି ପାଇଁ ଜଳର ଅଭାବ ନ ରହେ ।

ଧାନ କିଆରୀରେ ମାଛଚାଷ କଲେ ବିଶେଷ ଖର୍ଚ୍ଚାନ୍ତ ହେବାକୁ ପଡ଼େ ନାହିଁ । ଜମିରେ ସାମାନ୍ୟ କେତେକ ବନ୍ଧ ବା ହିଡ଼ କରିଦେଲେ ମାଛଚାଷ କରିବା ସୁବିଧାଜନକ ହୋଇଥାଏ । କିନ୍ତୁ ଏହା ଦ୍ୱାରା ଧାନ ସହିତ ଯଥେଷ୍ଟ ଅଧିକ ପରିମାଣର ମାଛ ମିଳିଥାଏ ।

ଧାନ ସହିତ ମାଛଚାଷ କରିବା ଯୋଗୁଁ ଚାଷୀକୁ କେତେକ ସ୍ୱତନ୍ତ୍ର ସୁବିଧା ମିଳିଥାଏ । ଧାନ ଫସଲ ପାଇଁ ପ୍ରୟୋଗ କରାଯାଉଥିବା ଖତ ଓ ସାର ମାଛର ଖାଦ୍ୟ ରୂପେ ବ୍ୟବହୃତ ହୋଇଥାଏ । ଧାନ କିଆରୀରେ ଥିବା ଅନାବନା ଘାସ ଓ ଧାନଗଛର ତଳ ପତ୍ରକୁ ମଧ୍ୟ ମାଛମାନେ ଖାଦ୍ୟ ରୂପେ ବ୍ୟବହାର କରିଥାଆନ୍ତି । ଧାନ ଅମଳ ପରେ ରହି ଯାଉଥିବା ମୂଳକୁ ମାଛମାନେ ଖାଦ୍ୟ ରୂପେ ଗ୍ରହଣ କରିପାରନ୍ତି । ଧାନ ବିଲରେ ଅମ୍ଳଯାନର ପରିମାଣ ଅଧିକ ହେବା ହେତୁ ମାଛ ବଢ଼ିବା ସୁବିଧାଜନକ ହୋଇଥାଏ ।

ମାଛଚାଷ ଦ୍ୱାରା ଧାନର ଅନେକ ଉପକାର ସାଧିତ ହୋଇଥାଏ । ଧାନ କିଆରୀରେ ଥିବା କୀଟର ଲାର୍ଭାକୁ ମାଛ ଖାଇ ଦେଉଥିବାରୁ ଧାନ ଫସଲ ପୋକ ଦାଉରୁ ରକ୍ଷା ପାଇଥାଏ । ଏଥି ସହିତ ମାଛ ମଧ୍ୟ ଧାନ ଜମିର ଉର୍ବରତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଗବେଷଣାରୁ ଜଣାଯାଉଛି ଧାନ କିଆରୀରେ ମାଛଚାଷ କରାଯିବା ଦ୍ୱାରା ଧାନ ଅମଳ ଶତକଡ଼ା ୧୦ ଭାଗ ବୃଦ୍ଧି ପାଇ ପାରିଛି ।

ଧାନ କିଆରୀରେ ମାଛଚାଷ କରିବାକୁ ହେଲେ ଚାଷୀମାନଙ୍କୁ କେତେକ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ବିଶେଷ କରି ରୋଗ ପୋକ ଦମନ ପାଇଁ ଉପଯୁକ୍ତ ଔଷଧ ନିର୍ବାଚନ ନକଲେ ଏହା ମାଛ ଉପରେ କୁପ୍ରଭାବ ପକାଇପାରେ । ତେଣୁ ମାଛର କ୍ଷତି ନ ହେଲା ପରି ଅଳ୍ପ ପରିମାଣର ଉପଯୁକ୍ତ ଔଷଧ ଧାନ ଫସଲରେ ପ୍ରୟୋଗ କରିବା ଉଚିତ୍ । ଖତ ଓ ସାର ପ୍ରୟୋଗ କଲାବେଳେ ମଧ୍ୟ ଉଭୟ ଧାନ ଓ ମାଛର ଖାଦ୍ୟ ଚାହିଦା ହିସାବ କରିବା ଉଚିତ୍ ।

ଧାନ କିଆରୀରେ ମାଛଚାଷ କରିବା କଥା ଆମକୁ ବର୍ତ୍ତମାନ ଅଦ୍ଭୁଆ ଲାଗିପାରେ । କିନ୍ତୁ ଦିନ ଆସିବ ଯେତେବେଳେ ଏହା ଆମ ପାଇଁ ଏକ ସାଧାରଣ ଚାଷ ପ୍ରଣାଳୀରେ ପରିଣତ ହୋଇ ଯାଇଥିବ । ସେତେବେଳେ ଧାନ ଅମଳ କରୁଥିବା ଚାଷୀଟି ମାଛ ପାଇଁ ଅନ୍ୟ ଉପରେ ନିର୍ଭର କରିବ ନାହିଁ । ଏକ ସଙ୍ଗରେ ଗୋଟିଏ ଜମିରୁ ଭାତ ଓ ମାଛ ତରକାରୀ ଯୋଗାଡ଼ କରାଯାଇ ପାରିବ ।

---

ଦୂର ଶିକ୍ଷା କାର୍ଯ୍ୟକ୍ରମ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର–୩ ।




## ଋଣମୁକ୍ତ ପ୍ରାଣ, ସୁଚିନ୍ତା ମନ

ବ୍ରହ୍ମପୁର ଉପଖଣ୍ଡ ମଣ୍ଡଳ ଅନ୍ତର୍ଗତ ସାନଖେମୁଣ୍ଡି ବ୍ଲକ୍‌ଟି ଗଞ୍ଜାମ ଜିଲ୍ଲାର ୨୯ଟି ବ୍ଲକ୍ ମଧ୍ୟରୁ ଅନ୍ୟତମ । ତଳଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଣେଇପୁର ଗ୍ରାମଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ । ଗ୍ରାମରେ ଅଶୀଟି, କୋଡ଼ିଏଟି ହରିଜନ ଓ ଛବିଶଟି ଅନ୍ୟ ଜାତିର ପରିବାର ରହନ୍ତି ।ଦେଶ ସ୍ୱାଧୀନ ହେବାର ୪୩ ବର୍ଷ ପରେ ମଧ୍ୟ ଗ୍ରାମରୁ ଦାରିଦ୍ର୍ୟ ଦୂରୀକରଣ କରାଯାଇ ପାରିନାହିଁ । ଭଲ ସଡ଼କ ଖଣ୍ଡେ ମଧ୍ୟ ନାହିଁ । ନିକଟରେ ଗ୍ରାମକୁ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଉନ୍ନତି ମୂଳକ ଯୋଜନା ପହଁଞ୍ଚିବା କଥା ଗ୍ରାମ ବାସୀ ସ୍ୱୀକାର କରିଛନ୍ତି । ଏହି ଗ୍ରାମର ପାଞ୍ଚୋଟି ଆଦିବାସୀ ପରିବାର ସରକାରଙ୍କ ନିକଟରେ ଚିର ଉପକୃତ । "ଓଡ଼ିଶା କୃଷି ଓ ଗ୍ରାମ୍ୟ ଋଣଛାଡ଼ ଯୋଜନା" ୧୯୯୦ରେ ଘୋଷିତ ହେବା ପରେ ଏହାର ପ୍ରକୃତ କାର୍ଯ୍ୟକାରିତାର ସଫଳ ପାଞ୍ଚୋଟି ଆଦିବାସୀ ପରିବାର ପାଇ ପାରିଛନ୍ତି । କିଏ ଧାନ ଚାଷ କରିବାକୁ, ସାର କିଣି ଫସଲରେ ଦେବାକୁ ତ ଆଉ କିଏ ମାଛଚାଷ କରିବାକୁ, କିଏ କୂଅ ଖୋଳାଇବାକୁ ଆଉ କିଏ ତଳ ଗୋବିନ୍ଦପୁର ସମବାୟ ସମିତିରୁ ଋଣ ପାଇ ପାରିଛନ୍ତି । ଏହିପରି ପାଞ୍ଚୋଟିଯାକ ପରିବାର ବେଶ୍ ଉପକୃତ ହୋଇଛନ୍ତି । ଲାଗି ଲାଗି କ୍ରମାଗତ ପାଞ୍ଚ ବର୍ଷ ଧରି ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହୋଇଯାଏ । ଋଣ ସୁଧଭାର ବଢ଼ିଚାଲିଥାଏ । ମୁଣ୍ଡରେ ଚିନ୍ତାର ବୋଝ ବୋଝ ଉପରେ ନଳିତାବିଡ଼ା ସଦୃଶ ଅନୁମାନ ହୁଏ ।

ଅଠେଇଶ ବର୍ଷ ବୟସ୍କ ଆଦିବାସୀ ଯୁବକ ଭଜରାମ୍ ଦଣ୍ଡିଆ ଦଣେଇପୁର ଗ୍ରାମର ମେମ୍ବର ତଥା ମୁଖିଆ ନିଜ ଜୀବନର କରୁଣ କାହାଣୀ ବର୍ଣ୍ଣନା କରିଛନ୍ତି । କୋଡ଼ିଏ ଭରଣ ବା ପାଞ୍ଚ ଏକର ଅଣଜଳସେଚିତରେ ଭଲଭାବେ ଧାନଚାଷ କରିବାକୁ ଓ ପଞ୍ଚାୟତ ପୋଖରୀ ଲିଜ୍ ନେଇ ଗ୍ରାମରେ ମାଛଚାଷ, ଆଖୁଚାଷ କରିବା ନିମନ୍ତେ ଗୋବିନ୍ଦପୁର ସେବା ସମବାୟ ସମିତିରୁ ସ୍ୱଳ୍ପକାଳୀନ ଋଣ ତେଇଶିଶହ ଟଙ୍କା ଓ ମଧ୍ୟମ କାଳୀନ ଋଣ ବାରଶହ କୋଡ଼ିଏ ଟଙ୍କା ମୋଟ୍ ୩୫୨୦ ଟଙ୍କା ଆଣିଥିଲା । ଏହା ପ୍ରକୃତ କ୍ଷେତ୍ରରେ ବିନିଯୋଗ କରିଲା । ଆଖୁଚାଷ, ଧାନଚାଷ ଭଲ ହେଲା କିନ୍ତୁ ପ୍ରକୃତିର ବିଚାର ଅନ୍ୟ ପ୍ରକାର । ବର୍ଷା ଛାଡ଼ିଗଲା । ଫସଲ ମରିଗଲା । ବର୍ଷେ ନୁହେଁ ଲାଗ୍‌ଲାଗ୍ ପାଞ୍ଚୋଟି ଫସଲ ନଷ୍ଟଯୋଗୁଁ ଭଜରାମ୍‌ର ପଞ୍ଜା ଭାଙ୍ଗିଲାପରି ଋଣର ସୁଧ ବଢ଼ି ଚାଲିଲା । ଏ ମଧ୍ୟରେ ଭୋକିଲା ପେଟକୁ ସମ୍ଭାଳି ନେଇ ନିଜ ଦୁଇଭାଇଙ୍କୁ ପଢ଼ାଇ ସରକାରୀ ଚାକିରୀରେ ରଖାଇ ପାରିଛି । ଓ ସେମାନଙ୍କ ବିବାହ ମଧ୍ୟ ଶେଷ କରିଛି । କିନ୍ତୁ ଭାଗ୍ୟର ବିଡ଼ମ୍ବନା ଅନ୍ୟ ପ୍ରକାର । ବଡ଼ ଭାଇ ଋଣଗ୍ରସ୍ତ ଏ କଥା ଭୁଲି ଯାଇ ବିବାହ ପରେ ଦୁଇ ଭାଇ ଅଲଗା ହୋଇଗଲେ । ଏପରିକି ଷାଠିଏ ବର୍ଷ ବୟସ୍କ ବୃଦ୍ଧପିତା ଗୋବିନ୍ଦ ଦଣ୍ଡିଆ ଓ ମାଙ୍କୁ ମଧ୍ୟ ପଚାରିଲେ ନାହିଁ । ବଡ଼ଭାଇ ଭଜରାମ୍ ନିଜର ଦୁଇ ପୁଅ ଝିଅ ସ୍ତ୍ରୀ ସହ ବୃଦ୍ଧ ବୃଦ୍ଧା ପିତାମାତାଙ୍କୁ ପାଖରେ ରଖି ଗାଁର ସେଇ ଆଦିବାସୀ ପଲ୍ଲୀରେ ଚଳିଲା ।

୩/୧୦/୧୯୮୯ ସୁଦ୍ଧା ଋଣର ପରିମାଣ ତାଙ୍କର ୫୨୧୬ ଟଙ୍କା ଏଣେ ବଞ୍ଚିବାକୁ ଦୁଇଭାଇଙ୍କୁ ପଢ଼ାଇ ଚାକିରୀରେ ରଖିବାକୁ ସହୀର ମୁଣ୍ଡିଆର ଜମିକୁ ସାହୁକାରଠାରେ ବନ୍ଧକ ରଖିଛି । ଏଣୁ ଚଳିବାକୁ ଅବସ୍ଥା ଅସମ୍ଭାଳ । ସେ ପରର ଜମିକୁ ମୂଲ ଲାଗି ଯାଏ । ଗୋପାଳ ଗଣ୍ଡ କ୍ଷୁଦ୍ର ଜଳସେଚନ ଯୋଜନାଟି ହେଲେ ଗାଁ ଜମିକୁ ପାଣି ମାଡ଼ିବ ବୋଲି ବଡ଼ ଆଶାରେ କୃଷି ଋଣ ପରିଶୋଧ କରିଦେବ ଭାବିଥିଲା । ହେଲେ ମଣିଷ ଭାବେ ଗୋଟେ ଭଗବାନଙ୍କ ବିଚାର ଅନ୍ୟପ୍ରକାର । ଋଣଚିନ୍ତା ଭଜରାମ୍‌କୁ ରୋଗଗ୍ରସ୍ତ କରିଛି । ଯେତେବେଳେ ଋଣଛାଡ଼ ଘୋଷଣା ଶୁଣିଛି ତା ମନରେ ଆନନ୍ଦ କହିଲେ ନସରେ । ୫୨୧୬ ଟଙ୍କା ଋଣ ସୁଧ ମିଶି ଛାଡ଼ ପାଇଛି । ଆଜିସେ ଅନ୍ୟ ଆଶାତରୀରେ ଗ୍ରାମ ମଙ୍ଗଳ ନିମନ୍ତେ ମନ ବଳାଇଛି । ଦୁଇ ପୁଅ ଓ ଝିଅଙ୍କୁ ପାଠ ପଢ଼ାଉଛି । ନିଜ ନେତୃତ୍ୱରେ ଗ୍ରାମର ୨୫ ଜଣଙ୍କୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ଫଳରେ କରାଇ ପାରିଛି ।

ସେହିପରି ବ୍ରହ୍ମପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିଜ ଗ୍ରାମରେ କୃଷି ଓ କୃଷକ ସମ୍ବନ୍ଧୀୟ ପଲ୍ଲୀଶ୍ରୋତାମଣ୍ଡଳୀ ଗଠନ କରିବାକୁ ଅନୁରୋଧ କରିଛନ୍ତି । ଗଠନ ହେବା ପରେ ଗ୍ରାମବାସୀଙ୍କୁ ଏକତ୍ରିତ କରାଇ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନେତୃତ୍ୱ ନେଇଛନ୍ତି ।

ଏହି ଦଣ୍ଡେଇପୁର ଗ୍ରାମର ଆଦିବାସୀ କୃଷକ କୋରା ଦଣ୍ଡିଆ ଧାନଚାଷ ନିମନ୍ତେ ନିଜ ଜମିରେ କୂଅ ଖୋଳାଇବାକୁ ୪୭୨୦ଟଙ୍କା ଋଣ ନେଇଥିଲା । ତା୨/୧୦/୧୯୮୯ ସୁଦ୍ଧା ଋଣ ଓ ସୁଧ ମିଶି ୭୩୪୬ ଟଙ୍କା ହୋଇଛି । କୂଅ ଜମିରେ ରହିଛି । କିନ୍ତୁ ଫସଲ ଉତ୍ପାଦନରେ ବର୍ଷା ଅଭାବ ଯୋଗୁଁ ବ୍ୟାଘାତ ସୃଷ୍ଟି ହୋଇଛି । ଓଡ଼ିଶା ସରକାରଙ୍କର ଏହି କୃଷିଋଣ ଛାଡ଼ ଘୋଷଣା ଦ୍ୱାରା ତାଙ୍କୁ ୭,୩୪୬ ଟଙ୍କା ଛାଡ଼ କରାଯାଇଛି ।

ଏହି ଗ୍ରାମର କନ୍ଧ ଆଦିବାସୀ ସମ୍ପ୍ରଦାୟର ମାଗୁଣୀ ସର୍ଦ୍ଦାର ମାଛ ଓ ଧାନଚାଷ ନିମନ୍ତେ ଗୋବିନ୍ଦପୁର ସେବା ସମବାୟ ସମିତିରୁ ୩,୭୮୮ ଟଙ୍କା ଋଣ ନେଇଥିଲା । ଏହା ସୁଧ ସହ ୭,୬୮୮ ଟଙ୍କାରେ ପହଁଚି ଥିଲା । ଏହାକୁ ମଧ୍ୟ ସରକାର ଛାଡ଼ କରିଛନ୍ତି ।

ସେହିପରି ମୋହନା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଏ ଗ୍ରାମର କନ୍ଧ ଆଦିବାସୀ ନାରିଣୀ ସର୍ଦ୍ଦାର ନିଜ ପୋଖରୀରେ ମାଛ ଚାଷ ଓ ଧାନଚାଷ ନିମନ୍ତେ ୯,୧୫୦ ଟଙ୍କା ଋଣ ନେଇଥିଲେ । ତା୨/୧୦/୧୯୮୯ ସୁଦ୍ଧା ସୁଧ ସହ ୧୭,୩୬୦ ଟଙ୍କା ହୋଇଥିଲା । ଏଥି ମଧ୍ୟରୁ ସରକାର ୧୦,୦୦୦ ଟଙ୍କା ଋଣ ଛାଡ଼ କରିଛନ୍ତି । ଗ୍ରାମର ନକୁଳ ଜାନୀ ୨,୦୦୦ ଟଙ୍କାର ଋଣ ଛାଡ଼ ପାଇ ଋଣମୁକ୍ତ ହୋଇ ପାରିଛନ୍ତି ।

ତଳଗୋବିନ୍ଦପୁର ସେବା ସମବାୟ ସମିତି ଲିଃ ଦ୍ୱାରା ଏହି ଗ୍ରାମପଞ୍ଚାୟତର ୫୧ ଜଣ ବ୍ୟକ୍ତି କୃଷି ଓ ଗ୍ରାମ୍ୟ ଋଣ ଛାଡ଼ ପାଇଛନ୍ତି । ଏଥିପାଇଁ ସରକାରଙ୍କୁ ୧ଲକ୍ଷ ୫ହଜାର ୨୨ ଟଙ୍କା ଛାଡ଼ କରିବାକୁ ପଡ଼ିଲା । ଏମାନଙ୍କ ମଧ୍ୟରୁ ୩ଜଣ ମୃତ୍ୟୁବରଣ କରିସାରିଛନ୍ତି । ମୃତବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରାଯାଇଛି । ଅନ୍ୟ ୪୮ ଜଣଙ୍କ ମଧ୍ୟରୁ ୪୧ ଜଣ ଆଦିବାସୀ ଓ ୭ ଜଣ ଅନ୍ୟ ଜାତିର ଅନ୍ତର୍ଭୁକ୍ତ ।

ବାସ୍ତବରେ ୧୯୯୦ କୃଷି ଓ ଗ୍ରାମ୍ୟ ଋଣ ଛାଡ଼ ଦ୍ୱାରା ଗ୍ରାମାଞ୍ଚଳର ଦରିଦ୍ର ନିଷ୍ପେସିତ ଶୋଷିତ ପରିବାର ମନରେ ଆନନ୍ଦର ଜୁଆର ଖେଳି ଯାଇଛି ।

ଶ୍ରୀ ଦାମୋଦର ପାଢ଼ୀ,
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ବ୍ରହ୍ମପୁର ।



ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର ଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଭାରତ ବାଣିଜ୍ୟ ମେଳାରେ ଓଡ଼ିଶା ଦିବସ ଉତ୍ସବ ଉଦ୍‌ଘାଟନ କରୁଛନ୍ତି ।

ଉତ୍କଳ ପ୍ରସଙ୍ଗ




## ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଶକ୍ତି ଉତ୍ପାଦନ ବୃଦ୍ଧି କରିବାକୁ ହେବ

ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶକ୍ତି ଉତ୍ପାଦନ ବଢ଼ାଇବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ଗତ ୧୮/୯ରେ ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିଳ୍ପ ବିଭାଗର ଅଣ ଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଆମ ରାଜ୍ୟର ଖଣିଜ ସମ୍ପଦର ପ୍ରାଚୁର୍ଯ୍ୟ ଦୃଷ୍ଟିରୁ ଏହାକୁ ଠିକ୍ ଭାବରେ ବିନିଯୋଗ କରିବା ପାଇଁ ଆଗାମୀ ୨/୩ ବର୍ଷ ଭିତରେ ଅନ୍ତତଃ ୩,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ବଢ଼ାଇବାକୁ ହେବ । ସେଥି ପାଇଁ ତାଳଚେର, ଇବ୍, ହୀରାକୁଦ ଓ ମାଛକୁଣ୍ଡଠାରେ ଥିବା ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକ ସମେତ ଘରୋଇ କ୍ଷେତ୍ରରେ ମଧ୍ୟ ବଢ଼ାଇବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଗତ ୧୦ ବର୍ଷ ହେବ ରାଜ୍ୟରେ ଗୋଟିଏ ହେଲେ ମେଗାୱାଟ୍ ଶକ୍ତି ଉତ୍ପାଦନ ବଢ଼ି ନଥିବାରୁ ଖେଦୋକ୍ତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ନିକେଲ୍ ପ୍ଲାଣ୍ଟ, କ୍ରୋମ୍ ପ୍ଲାଣ୍ଟ ଓ ବଡ଼ ଧରଣର ଷ୍ଟିଲ୍ ପ୍ଲାଣ୍ଟ କରିବା ସଙ୍ଗେ ସଙ୍ଗେ ୨ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗରେ ପାରାଦ୍ୱୀପଠାରେ ନିର୍ମିତ ହେବାକୁ ଯାଉଥିବା ପେଟ୍ରୋ କେମିକାଲ୍ କମ୍ପ୍ଲେକ୍ସକୁ ତିଆରି କରିବା ପାଇଁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ।

କ୍ଷୁଦ୍ର ଶିଳ୍ପ ଓ କୁଟିର ଶିଳ୍ପ ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ [illegible] ହେଲେ ତାଙ୍କ ଆଗ୍ରହ ଓ ବଡ଼ି ତିଆରି କରିପାରୁଥିଲେ ମଧ୍ୟ ଉପଯୁକ୍ତ ବଜାର ଅଭାବରୁ ଏହାର ଯଥାଯୋଗ୍ୟ ଉନ୍ନତି ଘଟିପାରୁନାହିଁ । ଛୋଟ ଛୋଟ ଶିଳ୍ପ ସ୍ଥାପନ କରିବା ପାଇଁ ଅଳ୍ପ ସୁଧ ହାରରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଋଣ ଯୋଗାଇବା ପାଇଁ ଭାରତ ସରକାର ବ୍ୟବସ୍ଥା କରିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ ।

ଆଲୋଚନାରେ ଅଂଶ ଗ୍ରହଣ କରି ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ କହିଲେ ଯେ ଶିଳ୍ପ ବିକାଶ ନିଗମର ପୁଞ୍ଜି ବିନିଯୋଗ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର କାର୍ଯ୍ୟଧାରାର ଉନ୍ନତି କରିବା ସଙ୍ଗେ ସଙ୍ଗେ ରୁଗ୍ଣ ଶିଳ୍ପଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହାଛଡ଼ା, ହାତ ତିଆରି କାଗଜ, ପାମ୍ପଡ଼, ଆଗ୍ରର, ବିଡ଼ି ଇତ୍ୟାଦିକୁ ଶିଳ୍ପ ଉପଯୋଗୀ କରାଯାଇ କୁଟୀର ଶିଳ୍ପର ବିକାଶ କରିବା ପାଇଁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ରାୟ କହିଥିଲେ ।

ହସ୍ତତନ୍ତ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟ ରାଜ୍ୟରେ ରେଶମ ସୂତାର ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କର ଅଭିପ୍ରାୟ ସମ୍ପର୍କରେ ଉଲ୍ଲେଖ କରି କହିଲେ ଯେ ଆମ ରାଜ୍ୟର ରେଶମ ସୂତା ଚାହିଦାର ଶତକଡ଼ା ୯୦ ଭାଗ କର୍ଣ୍ଣାଟକ ଓ ତାମିଲନାଡୁରୁ ଆମଦାନୀ ହେଉଥିବାରୁ ଆମ ରାଜ୍ୟରେ ବର୍ତ୍ତମାନ ହେଉଥିବା ୨,୦୦୦ ଏକର ଜମିରେ ତୁତ ଚାଷକୁ ୧୦,୦୦୦ ଏକରକୁ ବଢ଼ାଯିବା ପାଇଁ ରାଜ୍ୟ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହାଦ୍ୱାରା ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ବୟନ ଶିଳ୍ପରେ ବ୍ୟବହୃତ ହେଉଥିବା ବିଭିନ୍ନ ରାସାୟନିକ ଦ୍ରବ୍ୟ ଓ ରଙ୍ଗଗୁଡ଼ିକ ମହାରାଷ୍ଟ୍ର ଓ ବାହାର ରାଜ୍ୟରୁ ଆମଦାନୀ ହେଉଥିବାରୁ ସେ ପ୍ରକାର ଶିଳ୍ପ ଆମ ରାଜ୍ୟରେ ସ୍ଥାପନ କରିବା ପାଇଁ ଉଦ୍ୟମ [illegible] ସେ ପ୍ରକାଶ କରିଥିଲେ ।

ଏହି ବୈଠକରେ ବିଧାୟକ ସର୍ବଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର, ନିକୁଞ୍ଜ ବିହାରୀ ସିଂହ, କାହ୍ନୁଚରଣ ନାୟକ, ଭାରତ ଭୂଷଣ ବେମାଲ, ରାଜକିଶୋର ରାମ ଓ ଲୋକସଭା ସଦସ୍ୟ ଶ୍ରୀ ଶିବାଜୀ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଏକବର୍ଷ ଫସଲହାନି ଭିତ୍ତିରେ ଋଣଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

ଭାରତ ସରକାରଙ୍କ ଋଣଛାଡ଼ ଯୋଜନାରେ ୧୯୮୬ ମସିହା ଖରିଫ୍ ଋତୁଠାରୁ ୩ ବର୍ଷ ମଧ୍ୟରେ ଅନ୍ତତଃ ଦୁଇବର୍ଷ ଫସଲ ହାନି ଘଟିଥିଲେ, କୃଷୀର ଋଣଛାଡ଼ କରିବା ବ୍ୟବସ୍ଥା ଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗୋଟିଏ ବର୍ଷର ଫସଲ ହାନି ଭିତ୍ତିରେ ଋଣଛାଡ଼ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ ରାଜ୍ୟ ସଚିବାଳୟଠାରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେଙ୍କ ସହ ଆଲୋଚନା ବେଳେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଜୋର ଦେଇଥିଲେ ।

ପ୍ରଫେସର ମଧୁ ଦଣ୍ଡବତେ ମୁଖ୍ୟମନ୍ତ୍ରୀଙ୍କୁ ଟେଲିଫୋନ୍ ଯୋଗେ ଜଣାଇଥିଲେ ଯେ ଯୋଜନା କମିଶନଙ୍କ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ ଅନୁମୋଦିତ ହୋଇଛି ଓ ତଦନୁଯାୟୀ ଋଣ ଛାଡ଼ ଯୋଜନାର ସଂଶୋଧନ କରିବା ପାଇଁ ରିଜର୍ଭ ବ୍ୟାଙ୍କ୍ ଓ ନାବାର୍ଡ଼କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ସମବାୟ ସମିତିମାନଙ୍କଠାରୁ ଋଣ ନେଇଥିବା ୧,୭୮,୦୦୦ କୃଷୀ ଉପକୃତ ହେବେ । ଏହା ବ୍ୟତୀତ ଜାତୀୟକରଣ ବ୍ୟାଙ୍କମାନଙ୍କରୁ ଋଣ ନେଇଥିବା ଲକ୍ଷାଧିକ କୃଷୀ ମଧ୍ୟ ଋଣଛାଡ଼ର ସୁବିଧା ପାଇପାରିବେ ।

## ଓଡ଼ିଶାର ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକବୃନ୍ଦ ଓ ସେମାନଙ୍କ ସଂକ୍ଷିପ୍ତ ଜୀବନୀ

ଗତବର୍ଷ ସକାଶେ ରାଜ୍ୟର ଦଶଜଣ କୃତୀ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଶ୍ରୀ ରାମସ୍ୱାମୀ ଭେଙ୍କଟରମଣ ଗତ ଗୁରୁଦିବସରେ ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜ୍ୟର ଏହି ସ୍ୱନାମଧନ୍ୟ ଶିକ୍ଷକମାନେ ହେଲେ ବ୍ରହ୍ମପୁରସ୍ଥିତ ବିଜିପୁର ବି. ସି. ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ମୀନକେତନ ତ୍ରିପାଠୀ, ଜୟପୁର ବୋର୍ଡ଼ ସାଉଥ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ୍‌ପଣ୍ଡିତ୍ ଶ୍ରୀ ପି. ସି. ଦାଶ, ସୁନ୍ଦରଗଡ଼ ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ୍‌ପଣ୍ଡିତ୍ ଶ୍ରୀ ଏସ୍. ସି. ପଣ୍ଡା, କେନ୍ଦୁଝର ଚୌଥିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ୍‌ପଣ୍ଡିତ୍ ଶ୍ରୀ ଇନ୍ଦ୍ରମଣୀ ପ୍ରଧାନ, ଗଞ୍ଜାମ ବାଲିଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବି. ସି. ମିଶ୍ର, କଟକ ବାଦାମବାଡ଼ି ସ୍ୱତନ୍ତ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବି. ସି. ବିଶ୍ୱାଳ, ...

ହାଟପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହେଡ୍‌ପଣ୍ଡିତ୍ ଶ୍ରୀ ତୁଳସୀରାମ ପ୍ରଧାନ, ରାଇରଙ୍ଗପୁର ହାଇସ୍କୁଲର ସହକାରୀ ଶିକ୍ଷକ ଶ୍ରୀ ଏସ୍. ଘୋଷ, କେନ୍ଦୁଝର ଡି. ଏନ୍. ହାଇସ୍କୁଲର ସହକାରୀ ଶିକ୍ଷକ ଶ୍ରୀ ବି. ବି. ସାହୁ ଓ କୋରାପୁଟ ସରକାରୀ ହାଇସ୍କୁଲର ସହକାରୀ ଶିକ୍ଷକ ଶ୍ରୀ ଉମାକାନ୍ତ ଦାସ ।

ଜଣେ ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ଶ୍ରୀ ମିନକେତନ ତ୍ରିପାଠୀ ଦୀର୍ଘ ୨୯ ବର୍ଷ ଧରି ଶିକ୍ଷାଦାନ କରି ଆସୁଛନ୍ତି । ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ପାଖରେ ନିଜର ନିଷ୍ଠା ଓ ସଦ୍‌ଗୁଣ ଯୋଗୁଁ ସୁପରିଚିତ ଶ୍ରୀ ତ୍ରିପାଠୀ ୧୯୮୩-୮୪ ବର୍ଷ ସକାଶେ ରାଜ୍ୟ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି । ଶିକ୍ଷକ ଶ୍ରୀ ଦାଶଙ୍କର ୨୨ ବର୍ଷର ନିଃସ୍ୱାର୍ଥପର ଶିକ୍ଷାଦାନ ତାଙ୍କୁ କୋରାପୁଟ ଜିଲ୍ଲାରେ ଜଣେ ବିଶିଷ୍ଟ ଶିକ୍ଷକର ମର୍ଯ୍ୟାଦା ଦେଇଛି । ସେ ମଧ୍ୟ ୧୯୮୮ ବର୍ଷରେ ରାଜ୍ୟ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି । ଗତ ୩୩ ବର୍ଷ ଧରି ଶିକ୍ଷକତା କରି ଆସିଥିବା ଶ୍ରୀ ଏସ୍. ସି. ପଣ୍ଡା ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ନିଜର କର୍ତ୍ତବ୍ୟବୋଧ, ସାଧୁତା ଓ ଛାତ୍ର ବତ୍ସଳତା ପାଇଁ ପ୍ରଶଂସା ଭାଜନ ହୋଇପାରିଛନ୍ତି । ଶ୍ରୀ ଇନ୍ଦ୍ରମଣୀ ପ୍ରଧାନ ଦୀର୍ଘ ୨୯ ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି । ଜାତିସଂଘ ୟୁନିସେଫ୍ ଦ୍ୱାରା ପରିଚାଳିତ ଏକ ସ୍କୁଲ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ତାଙ୍କର ଉଦ୍ୟମ ଉଚ୍ଚ ପ୍ରଶଂସିତ । ୧୯୮୫-୮୬ ମସିହାରେ ସେ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ନିଜର ଆମାୟିକ ଗୁଣ, ଦୟା ଓ କର୍ତ୍ତବ୍ୟନିଷ୍ଠା ଦ୍ୱାରା ସେ ଛାତ୍ର ଓ ଅଭିଭାବକ ମହଲରେ ସୁପରିଚିତ । ପ୍ରଧାନ ଶିକ୍ଷକ ଶ୍ରୀ ବି. ସି. ମିଶ୍ର ୨୯ ବର୍ଷ ଧରି ଶିକ୍ଷାଦାନ କରି ଆସୁଛନ୍ତି । ନିଜର ଜ୍ଞାନର ଉପଯୋଗ ପାଇଁ ସର୍ବଦା ଚେଷ୍ଟିତ ଶ୍ରୀ ମିଶ୍ର ଅନେକବାର ଶିକ୍ଷକ ଓ ଅଭିଭାବକମାନଙ୍କର ବୈଠକ ଡକାଇ ବିଦ୍ୟାର୍ଥୀମାନଙ୍କ ଉପଯୁକ୍ତ ଯତ୍ନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ୧୯୮୬ ମସିହାରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶ୍ରୀ ମିଶ୍ର ରାଜ୍ୟର ଜଣେ ଜଣାଶୁଣା ଶିକ୍ଷାବିତ୍ ।

ଦୀର୍ଘ ୩୦ ବର୍ଷର ଶିକ୍ଷକତା ମାଧ୍ୟମରେ ଶ୍ରୀ ବି. ସି. ବିଶ୍ୱାଳ ଅନେକ ଛାତ୍ର ହିତକର କାର୍ଯ୍ୟ କରିଛନ୍ତି । ଅନେକବାର ଶିକ୍ଷକ ଓ ଅଭିଭାବକ ବୈଠକ ଡକାଇବା, ବିଦ୍ୟାର୍ଥୀମାନଙ୍କୁ ଆଧୁନିକ ଶିକ୍ଷା ପ୍ରଣାଳୀ ସହ ଅବଗତ କରିବା ସଙ୍ଗେ ସଙ୍ଗେ ସେ ଗରିବ ଓ ମେଧାବି ଛାତ୍ରମାନଙ୍କୁ ସାହାଯ୍ୟ କରିଛନ୍ତି । ୧୯୮୭-୮୮ ବର୍ଷରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶ୍ରୀ ବିଶ୍ୱାଳ ନିଜର ଉତ୍ତମ ସମ୍ପର୍କ ସକାଶେ ଛାତ୍ର ଓ ଅଭିଭାବକ ମହଲରେ ବେଶ୍ ଜଣାଶୁଣା । ଶ୍ରୀ ତୁଳସୀରାମ ପ୍ରଧାନଙ୍କର ସୁଦୀର୍ଘ ୩୩ ବର୍ଷର ଶିକ୍ଷକତା ମଧ୍ୟରେ ଉତ୍ତମ ଛାତ୍ର ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ଉତ୍ତମ ଗୁଣାବଳୀ ସେ ଶିକ୍ଷା ଦେଉଛନ୍ତି । ସ୍କୁଲ ଗୃହଟିକୁ ପକ୍କା ଘରେ ପରିବର୍ତ୍ତନ କରିବା ଲାଗି ତାଙ୍କ ଉଦ୍ୟମ ଉଚ୍ଚ ପ୍ରଶଂସିତ ହୋଇଛି । ୧୯୮୧ ମସିହାରେ ସେ ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଛନ୍ତି । ଜଣେ ସୃଜନଶୀଳ ଶିକ୍ଷକ ଭାବେ ରାଜ୍ୟରେ ପରିଚିତ ଶ୍ରୀ ଏମ୍. ଘୋଷ ୨୦ ବର୍ଷ ଧରି ଶିକ୍ଷାଦାନ କରି ଆସୁଛନ୍ତି । ଗଣିତ ଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜନ କରିଥିବା ଶ୍ରୀ ଘୋଷ ଶିକ୍ଷକ ଓ ଅଭିଭାବକ ମହଲରେ ଜଣେ ସୁପରିଚିତ ବ୍ୟକ୍ତି । ୩୦ ବର୍ଷର ଅଭିଜ୍ଞ ଶିକ୍ଷକ ଶ୍ରୀ ବି. ବି. ସାହୁଙ୍କର ପ୍ରଚେଷ୍ଟା ଯୋଗୁଁ ପ୍ରତିବର୍ଷ ଡି. ଏନ୍. ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଉଛି । ଜଣେ ...

ରହିଛି । ଶିକ୍ଷକ ଓ ଅଭିଭାବକ ବୈଠକ ଆୟୋଜନଠାରୁ ଆରମ୍ଭ କରି ସ୍ଥାନୀୟ ସଫଳ ସହଯୋଗରେ ଗଠନମୂଳକ କାର୍ଯ୍ୟକ୍ରମ ପ୍ରଣୟନ ପର୍ଯ୍ୟନ୍ତ ତାଙ୍କର ସକ୍ରିୟ ଭୂମିକା ରହିଛି । ଶ୍ରୀ ସାହୁ ୧୯୮୮ ବର୍ଷ ମଧ୍ୟ ଶିକ୍ଷା କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ଲାଭ କରିଛନ୍ତି । ୧୯୮୮ ବର୍ଷର ରାଜ୍ୟ ପୁରସ୍କାରପ୍ରାପ୍ତ ସହକାରୀ ଶିକ୍ଷକ ଶ୍ରୀ ଉମାକାନ୍ତ ଦାସଙ୍କର ୨୯ ବର୍ଷର ଶିକ୍ଷାଦାନ ଅଭିଜ୍ଞତା କାଳ ମଧ୍ୟରେ ଅନେକ ଆଦିବାସୀ ଛାତ୍ରଙ୍କୁ ସେ ଉତ୍ତମ ଦିଗ୍‌ଦର୍ଶନ ପ୍ରଦାନ କରିଛନ୍ତି । ଦୁର୍ଗମ ଅଞ୍ଚଳରେ ଶିକ୍ଷାଦାନ କରୁଥିବା ଏହି ଛାତ୍ରବତ୍ସଳ ଶିକ୍ଷକଙ୍କର ଆଧୁନିକ ଶିକ୍ଷା ପ୍ରଣାଳୀ ସହ ଘନିଷ୍ଠ ସମ୍ପର୍କ ରହିଛି । ଜଣେ ଉଚ୍ଚକୋଟୀର ଇଂରାଜୀ ଶିକ୍ଷକ, ସୁବକ୍ତା, ଜ୍ଞାନି ଓ ସୃଜନଶୀଳ ସ୍ରଷ୍ଟା ଭାବେ ପରିଚିତ ଶ୍ରୀ ଦାସ ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ନାରୀ ଶିକ୍ଷାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ ଚଳାଇ ଆସିଛନ୍ତି ।

(ସୌଜନ୍ୟ : ପିଃ ଆଇଃ ବି:)

## କ୍ରୀଡ଼ା ପ୍ରତିଯୋଗିତା

ସୁନ୍ଦରଗଡ଼ ଷ୍ଟେଡିୟମଠାରେ ତିନିଦିନ ବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ଗ୍ରାମ୍ୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବ ଗତ ଅକ୍ଟୋବର ମାସ ୨୭ ତାରିଖ ଦିନ ସହସ୍ରାଧିକ ଦର୍ଶକମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୧୩ ଗୋଟି ଜିଲ୍ଲା ମଧ୍ୟରୁ ୧୨ ଗୋଟି ଜିଲ୍ଲାର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ । ଫୁଟ୍‌ବଲ୍, ହକି ଏବଂ ଲାଖ ବିନ୍ଧା ଉପରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

୨୭ ତାରିଖର ଚୂଡ଼ାନ୍ତ ଫୁଟ୍‌ବଲ୍ ଖେଳରେ କଟକ ଦଳ କଳାହାଣ୍ଡି ଦଳକୁ ଭେଟି ୪-୦ ଗୋଲ୍‌ରେ ପରାସ୍ତ କରି ଚଳିତ ବର୍ଷର ଚମ୍ପିଆନ୍ ହେବାର ଗୌରବ ଅର୍ଜନ କରିଛନ୍ତି । ହକି ପ୍ରତିଯୋଗିତାରେ ଚଳିତ ବର୍ଷ ପ୍ରଥମ କରି ସମ୍ବଲପୁର ଜିଲ୍ଲାର ବାଳକ ବିଭାଗ ଅଂଶ ଗ୍ରହଣ କରିଥିବାରୁ କ୍ରୀଡ଼ା ନିର୍ଦ୍ଦେଶକ ଶ୍ରୀ ଅନାଦି ସାହୁ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପ୍ରତିଯୋଗିତାର ବାଳକ ବିଭାଗରେ ସୁନ୍ଦରଗଡ଼ର ଶିବାଯୋର ଏବଂ ବାଳିକା ବିଭାଗରେ ସୁନ୍ଦରଗଡ଼ର ଲକ୍ଷ୍ମୀବାଈ ଦଳ ଚମ୍ପିଆନ୍ ହୋଇପାରିଛନ୍ତି । ଲାଖବିନ୍ଧା ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲା ଅଂଶ ଗ୍ରହଣ କରିଥିବା ସତ୍ତ୍ୱେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ୩ ଗୋଟିଯାକ ପୁରସ୍କାର ସୁନ୍ଦରଗଡ଼ ଜିଲ୍ଲାର ପ୍ରତିଯୋଗିମାନେ ହାସଲ କରିଛନ୍ତି । ଚୂଡ଼ାନ୍ତ ଫୁଟ୍‌ବଲ୍ ଖେଳକୁ ପରିଚାଳନା କରିଥିଲେ ଶ୍ରୀ ଶଙ୍କର ପଟେଲ୍ ଏବଂ ଶ୍ରୀ ନୀଳମଣୀ ପଟେଲ୍, ଦିବ୍ୟସିଂହ ନାଏକ ଓ ଜନାର୍ଦ୍ଦନ ପୃଷ୍ଟି ସହାୟତା କରିଥିଲେ ।

ଉଦ୍‌ଯାପନ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀମତୀ ଅନୀତା ଅଗ୍ନିହୋତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ଅଗ୍ନିହୋତ୍ରୀ ପରିଶ୍ରମ ମଧ୍ୟରେ ସମ୍ଭବ ହୋଇପାରିଛି । ଏହାର ସଫଳତା ପା[...] ମଧ୍ୟ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କର ସହଯୋଗ[...] ପ୍ରଶଂସା କରିଥିଲେ । ଗ୍ରାମାଞ୍ଚଳମାନଙ୍କରୁ ଅଧିକାଂଶ ପ୍ରତିଭାବାନ ଖେଳାଳୀମାନେ ଠିକ୍ ଭାବରେ ବଛାଯାଇପାରୁନାହାଁନ୍ତି । ତେଣୁ ସେମାନଙ୍କର ପ୍ରତିଭା ଜାତୀୟ ବା ଆନ୍ତର୍ଜାତୀୟ ସ୍ତରରେ ବିକଶିତ ହୋଇପାରୁନାହିଁ, ଏଥିନିମନ୍ତେ ବିଭିନ୍ନ ଜିଲ୍ଲାରେ ଥିବା କ୍ରୀଡ଼ା ଅଧିକାରୀମାନେ ଯତ୍ନବାନ୍ ହେବା ପାଇଁ ସେ ପରାମର୍ଶ ଦେଇଥିଲେ । କ୍ରୀଡ଼ା ଅଧିକାରୀମାନେ ଗାଁ ଗହଳକୁ ଯାଇ ଗ୍ରାମବାସୀମାନଙ୍କ ସହିତ ସମ୍ପର୍କ ରକ୍ଷା କରି ପାରିଲେ ଦେଶର କ୍ରୀଡ଼ାର ମାନ ଯଥେଷ୍ଟ ବୃଦ୍ଧି ପାଇବ, ଏଥିରେ ସନ୍ଦେହ ନାହିଁ ।

## ସେଚ ପ୍ରକଳ୍ପର କାର୍ଯ୍ୟକାରିତା ଅନୁଧ୍ୟାନ

ଗତ ଅକ୍ଟୋବର ମାସ ୨୫ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀମତୀ ଅନୀତା ଅଗ୍ନିହୋତ୍ରୀ ଲେଫ୍ରିପଡ଼ା ପଞ୍ଚାୟତ ସମିତି ଗସ୍ତରେ ଯାଇ ଦର୍ଲିପାଲି ଏବଂ ଲେଫ୍ରିପଡ଼ାଠାରେ ସଦ୍ୟ ପ୍ରତିଷ୍ଠିତ ଦୁଇଗୋଟି ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଦର୍ଲିପାଲିଠାରେ ବସାଯାଇଥିବା ପ୍ରକଳ୍ପ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ୨,୧୧,୩୫୫ ଟଙ୍କା ବ୍ୟୟ କରିବା ପାଇଁ ପଡ଼ିଛି । ଉକ୍ତ ପ୍ରକଳ୍ପ ଦ୍ୱାରା ୬୨ ଏକର ଜମିରେ ଜଳସେଚିତ ହେବା ସଙ୍ଗେ ସଙ୍ଗେ ୬୦ ଜଣ ହିତାଧିକାରୀ ଉପକୃତ ହେବେ । ଏହି ୬୦ ଜଣଙ୍କ ମଧ୍ୟରେ ୪୯ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ୧୦ ଜଣ ଆଦିବାସୀ ଏବଂ ଜଣେ ହରିଜନ ସମ୍ପ୍ରଦାୟର ଚାଷୀ ଅନ୍ତର୍ଭୁକ୍ତ । ଏହାପରେ ଜିଲ୍ଲାପାଳ ଲେଫ୍ରିପଡ଼ାଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଦ୍ୱାରା ୨୧,୪୨୦ ଟଙ୍କା ବ୍ୟୟରେ ଅନ୍ୟ ଏକ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରୀତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଉକ୍ତ ପ୍ରକଳ୍ପ ଦ୍ୱାରା ୬୦ ଜଣ ହିତାଧିକାରୀଙ୍କର ୫୦ ଏକର ଜମିକୁ ଜଳସେଚିତ କରାଯାଇପାରିବ । ଏହି ହିତାଧିକାରୀମାନଙ୍କ ମଧ୍ୟରେ ୪୦ ଜଣ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର କୃଷକ ଅନ୍ତର୍ଭୁକ୍ତ । ଉଭୟ ସ୍ଥାନରେ ଗ୍ରାମବାସୀମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଉଭୟ ସ୍ଥାନରେ ଜିଲ୍ଲାପାଳ ସେଅଞ୍ଚଳର ଲୋକମାନଙ୍କର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷ ଭାବରେ ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଗୃହ ମରାମତି ଏବଂ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ସୁଷମ ବଣ୍ଟନ ସମ୍ପର୍କରେ ଜନସାଧାରଣଙ୍କୁ ପଚାରିଥିଲେ । ଜିଲ୍ଲାପାଳ ଉଭୟ ପ୍ରକଳ୍ପ ଦ୍ୱାରା ଜଳସେଚିତ କ୍ଷେତମାନଙ୍କରେ ଅଧିକ ଅର୍ଥକାରୀ ଫସଲ ଉତ୍ପାଦନ ଓ ରବି ଏବଂ ପରିବା ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ପ୍ରତ୍ୟେକ ପଞ୍ଚାୟତରେ ହାଇସ୍କୁଲ ପ୍ରତିଷ୍ଠା

ଶିକ୍ଷାନୁଷ୍ଠାନମାନଙ୍କରେ ରାଜନୀତି ପ୍ରବେଶ କଲେ ଅନୁଷ୍ଠାନଗୁଡ଼ିକ ତିଷ୍ଠିପାରିବେ ନାହିଁ ବୋଲି ଓଡ଼ିଶାର ପର୍ଯ୍ୟଟନ, [...] ଓ ସଂସ୍କୃତି ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ମ[...]

ଗତ ଅକ୍ଟୋବର ମାସ ୧୮ ତାରିଖ ଦିନ ଫିରିଙ୍ଗିଆ ବ୍ଲକ୍ (ଫୁଲବାଣୀ) ଅନ୍ତର୍ଗତ ରଡଙ୍ଗ, ଭେଲେଶ୍ୱର ବିଦ୍ୟାପୀଠରେ ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ବେହେରା କହିଲେ ଯେ, ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ହାଇସ୍କୁଲ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ କୁଟୀରଜ୍ୟୋତି ଯୋଜନାରେ ୨୫୭ ଜଣ ଆଦିବାସୀ ଓ ୬୦ ଜଣ ହରିଜନଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯିବା ଗ୍ରାମାଞ୍ଚଳରେ ଖର୍ଚ୍ଚ କରିବା ପାଇଁ ୧,୨୫୦ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି ବୋଲି ସେ ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ, ଶ୍ରୀ ରାହସବିହାରୀ ନାୟକ କହିଲେ ଯେ, ଆଦିବାସୀ, ହରିଜନ ଛୋଟ ଚାଷୀଙ୍କୁ ସରକାର ମାଗଣାରେ କୂଅ ଖୋଳି ଯୋଗାଇ ଦେଉଛନ୍ତି ଏବଂ ଯେଉଁ ଗାଁରେ ବିଦ୍ୟୁତ୍ ଅଛି ମାଗଣାରେ ମଧ୍ୟ ପମ୍ପ ସେଟ୍ ଯୋଗାଇ ଦିଆଯାଉଛି । ୪୦ ହଜାର ଟଙ୍କା ବ୍ୟୟରେ ପ୍ରତି ପଞ୍ଚାୟତରେ ଏକ ପୋଖରୀ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ନିଶାମଣୀ ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଗିରିଶଚନ୍ଦ୍ର ମହାକୁଡ଼, ସେକ୍ରେଟାରୀ, ବିବରଣୀ ପାଠ କରିଥିଲେ । ଶ୍ରୀ ବନମାଳୀ ମହାକୁଡ଼ ସଭାପତିତ୍ୱ କରିଥିଲେ । ଶ୍ରୀ ବଳରାମ ଭୁକ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଆଦିବାସୀ ଯୁବ କଲ୍ୟାଣ ଯୁବକ ସଙ୍ଘ ବୁରୁ ଦେଇ (ଦସ୍ତିକିଆ) ଆନୁକୂଲ୍ୟରେ ଅନୁଷ୍ଠିତ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀ ବେହେରା ଯୋଗଦେଇଥିଲେ ।

## ନାଗରିକ କମିଟି ବୈଠକ

ଗତ ଅକ୍ଟୋବର ମାସ ୧୯ ତାରିଖରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନାଗରିକ କମିଟିର ବୈଠକ ଜିଲ୍ଲାପାଳ ଶ୍ରୀ ଜାଗର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଖାଦ୍ୟ ନିଗମ ଦ୍ୱାରା ଶସ୍ୟ ଗୋଲା କେନ୍ଦ୍ର ଖୋଲାଯାଇନଥିବାରୁ ଗତବର୍ଷ ଧାନ ସବୁ ଅନ୍ୟତ୍ର ବିକ୍ରୟ ହେଲା । ତେଣୁ ମନମୁଣ୍ଡା, କନ୍ଧମାଳ, ପୁରୁଣା କଟକ ଏବଂ ବୌଦଠାରେ ଧାନ କ୍ରୟ ଗୋଦାମ ଖୋଲିବା ପାଇଁ ଉକ୍ତ ବିଭାଗର ଅଧ୍ୟକ୍ଷଙ୍କୁ ଅନୁରୋଧ କରାଗଲା । ବଲାଙ୍ଗୀର ଜିଲ୍ଲାର ଧାନ ଚାଷକମାନଙ୍କୁ ପଠାଇ ବୌଦ ଉପଖଣ୍ଡରେ ଧାନ କ୍ରୟ କରିବା ପାଇଁ କେନ୍ଦ୍ର ଖୋଲିବା ନିମିତ୍ତ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ ସ୍ଥିର କରାଗଲା । ୨୬୦ କିଲୋ ଲିଟର କିରୋସିନି ଏହି ଜିଲ୍ଲାରେ ଠିକ୍ ସମୟରେ ନପହଞ୍ଚିବାରୁ କିରୋସିନିର ଅଭାବ ଦେଖାଦେଇଥିଲା । ବୌଦକୁ ନେବା ପାଇଁ ଟାଙ୍କି ପ୍ରତି ୧ ହଜାର ଟଙ୍କା ଥିବାରୁ ହୋଲ୍‌ସେଲର୍‌ମାନଙ୍କର କ୍ଷତି ହୋଇଥିବାରୁ ପନ୍ଦର ଶହ ଟଙ୍କା ପର୍ଯ୍ୟନ୍ତ ବଢ଼ାଯାଉ ବୋଲି ସ୍ଥିର କରାଗଲା । ବର୍ତ୍ତମାନ ଲୋକସଂଖ୍ୟା ଅନୁପାତରେ ଚାଉଳ, ଗହମ ଓ ଚିନି ପାଇଁ ଅନୁଦାନ ବଢ଼ାଇବା ପାଇଁ ସରକାରଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ହୋଲ୍‌ସେଲର୍‌ମାନେ ମାଲ୍ ମହଜୁଦ ରଖୁଛନ୍ତି କି ନାହିଁ ତାହା ମଧ୍ୟ ଅନୁସନ୍ଧାନ କରିବା ପାଇଁ ସ୍ଥିର ହୋଇଥିଲା । ଏହି ବୈଠକରେ ବୌଦ ବିଧାୟକ ଶ୍ରୀ ସଚ୍ଚିଦାନନ୍ଦ ଦଲାଲ୍, ବାଲିଗୁଡ଼ା ବିଧାୟକ ଶ୍ରୀ ଭଗବାନ କହଁର, ଶ୍ରୀ ରାହାସ ବିହାରୀ ନାୟକ, ଶ୍ରୀ ଟି. କେ. ଦାସ, ଶ୍ରୀ ଗୋବିନ୍ଦ ଗୋପାଳ ଦେସନ୍ ପ୍ରମୁଖ ଯୋଗ

## ରାଜ୍ୟ ରେଡ଼କ୍ରସ୍‌କୁ ରିଲିଫ୍ କାର୍ଯ୍ୟ ପାଇଁ ସାହାଯ୍ୟ

ରେଡ଼କ୍ରସ୍ ତରଫରୁ ରିଲିଫ୍ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ତୁରନ୍ତ ତିନି ଲକ୍ଷ ଟଙ୍କା ରିଲିଫ୍ ଫଣ୍ଡରୁ ଦାନ କରିଛନ୍ତି ।

ରାଜ୍ୟପାଳଙ୍କ ଅନୁରୋଧ ରକ୍ଷା କରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ମ୍ୟାନେଜିଂ ଡାଇରେକ୍ଟର୍ ବନ୍ୟା ଦୁର୍ଗତ ଲୋକଙ୍କ ମଧ୍ୟରେ ବିତରଣ କରିବାକୁ ୫ ହଜାର ଧୋତି ଓ ଶାଢ଼ୀ ପଠାଇବାକୁ ଶିଳ୍ପ ମନ୍ତ୍ରୀଙ୍କ ଜରିଆରେ ସ୍ୱିକୃତୀ ଜଣାଇଛନ୍ତି ।

ଓଡ଼ିଶା ରେଡ଼କ୍ରସ ରାଜ୍ୟ ଶାଖାର ସଚିବ ଡକ୍ଟର ରାନୁ ମିଶ୍ର, ଗୁଜରାଟ ରାଜ୍ୟ ଶାଖାର ଅବୈତନିକ ଜେନେରାଲ୍ ସେକ୍ରେଟାରୀ ଡକ୍ଟର ଶିରୀଶ ଏନ୍. ଭୁଭାଙ୍କୁ ଏକ ବେତାର ବାର୍ତ୍ତା ପ୍ରେରଣ କରି ବନ୍ୟା ଦୁର୍ଗତ ଲୋକଙ୍କର ସେବା ପାଇଁ ଏକ ଡାକ୍ତର ଦଳ ଓ ଔଷଧ ସାହାଯ୍ୟ ଆକାରରେ ପଠାଇବାକୁ ଅନୁରୋଧ କରିଛନ୍ତି । ବିଶେଷ କରି କଲେରା, କାଶ ଓ ଅନ୍ତ୍ର ଜ୍ୱର ଇତ୍ୟାଦି ବ୍ୟାପିବାର ଆଶଙ୍କା ରହିଥିବାରୁ ଏଥିପାଇଁ ଶୀଘ୍ରମତେ ଯଥେଷ୍ଟ ଔଷଧ ଯୋଗାଇ ଦେବାକୁ ଶ୍ରୀମତୀ ମିଶ୍ର ବେତାର ବାର୍ତ୍ତାରେ ଅନୁରୋଧ କରିଛନ୍ତି ।

## ରେଡ଼କ୍ରସ୍ ତରଫରୁ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଥିବା ରିଲିଫ୍ କାର୍ଯ୍ୟକୁ ଅଧିକ ବ୍ୟାପକ କରାଯିବ

—ରାଜ୍ୟପାଳ

ଓଡ଼ିଶାର ରାଜ୍ୟପାଳ ତଥା ରେଡ଼କ୍ରସ୍ ରାଜ୍ୟ ଶାଖାର ସଭାପତି ଶ୍ରୀ ଯଜ୍ଞଦତ୍ତ ଶର୍ମା ଗଞ୍ଜାମ ଜିଲ୍ଲାର ଅଭୂତପୂର୍ବ ବର୍ଷା ଓ ପରେ ପରେ ବନ୍ୟା ଯୋଗୁଁ ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ଘଟିଯାଇଛି ସେଥିପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ରେଡ଼କ୍ରସ୍ ତରଫରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକୁ ଆହୁରି ସୁସଙ୍ଗଠିତ କରି ବ୍ୟାପକ କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏପରି ଏକ ପ୍ରାକୃତିକ ବିପର୍ଯ୍ୟୟଜନିତ କଠିନ ସମସ୍ୟାର ସଫଳ ମୁକାବିଲା କରିବା ପାଇଁ ସରକାରଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି ବିଶେଷ ଓ ବେସରକାରୀ ଅନୁଷ୍ଠାନମାନଙ୍କର ନିଷ୍ଠାପର ସକ୍ରିୟ ସହଯୋଗ, ସାହାଯ୍ୟ ଓ ସେବା ନିତାନ୍ତ ପ୍ରୟୋଜନ ବୋଲି ଶ୍ରୀ ଶର୍ମା କହିଛନ୍ତି । ରେଡ଼କ୍ରସ୍ ହାତକୁ ନେଇଥିବା ଜରୁରୀ ସାହାଯ୍ୟ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ରାଜ୍ୟପାଳ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନିବେଦନ କରିଛନ୍ତି ଯେ ସେମାନେ ଶୀଘ୍ରମତେ ବହୁ ପରିମାଣରେ ରିଲିଫ୍ ସାମଗ୍ରୀ ଯଥା—ଚାଉଳ, ଚୂଡ଼ା, ଗୁଡ଼, ଲୁଣ, ବିସ୍କୁଟ୍, ପାଉଁରୁଟି, ସାବୁନ୍ ଦିଆସିଲି ଓ ମହମବତୀ ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀ ପ୍ୟାକେଟ୍ କରି ଭୁବନେଶ୍ୱର ୟୁନିଟ୍—୯ରେ ଥିବା ରେଡ଼କ୍ରସ୍ ଭବନଠାରେ ପହଞ୍ଚାଇ ଦିଅନ୍ତୁ । ବନ୍ୟାକ୍ଲିଷ୍ଟ ପରିବାରମାନଙ୍କ ପାଖରେ ଏହି ସାହାଯ୍ୟ ପଠାଇବାର ବିଶେଷ

ରେଡ୍‌କ୍ରସ୍ ରିଲିଫ କାର୍ଯ୍ୟକୁ ସଙ୍ଗଠିତ କରାଯାଇ ରାଜ୍ୟଶାଖା ସଚିବ ଡ଼ଃ ରାନୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ରେଡ୍‌କ୍ରସ୍‌ର ଆଗ୍ରହୀ ସଭ୍ୟ ଓ ସଭ୍ୟାମାନଙ୍କର ଆନ୍ତରିକ ସହଯୋଗରେ ପରିଚାଳିତ କରାଯାଉଛି ।

ଗଞ୍ଜାମ ଜିଲ୍ଲାର ଆସ୍କା ବ୍ଲକ ବନ୍ୟା ବିପନ୍ନାଞ୍ଚଳର ଚଡେଇପଲ୍ଲୀ, ଫୁଲଝରପଲ୍ଲୀ, ସେବକ, ଢଙ୍କାପଲ୍ଲୀ, ଗସ୍ତାପଲ୍ଲୀ, ଜଗନ୍ନାଥପଲ୍ଲୀ, ଖଣ୍ଡିଦୋଳି, ଲାଲଶାସନ, ପାକରାପଲ୍ଲୀ, କଲ୍ୟାଣୀ ନୂଆଗାଁ, ଆସଶାସନ ଗ୍ରାମକୁ ରେଡ୍‌କ୍ରସ୍ ସମ୍ପାଦିକା ଡଃ ରାନୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀମତୀ ବନଲତା ମିଶ୍ର, ଶ୍ରୀମତୀ କିରଣ ପଣ୍ଡା, ଶ୍ରୀମତୀ କସ୍ତୁରୀ ପଟ୍ଟନାୟକ, ଶ୍ରୀମତୀ ବନୀତା କର, ଶ୍ରୀମତୀ ସୁଷମା ଶତପଥୀ, ଶ୍ରୀମତୀ ଅନୁରାଧା ମିଶ୍ର ଓ ଅନ୍ୟ ରେଡ୍‌କ୍ରସ୍ କର୍ମୀମାନେ ଯାଇ ଖାଦ୍ୟ ପୁଡ଼ିଆ, ଧୋତି, ଶାଢ଼ୀ ଓ ପିଲାଙ୍କ ପୋଷାକ ବଣ୍ଟନ କରିଥିଲେ । ରାଜ୍ୟ ରେଡ୍‌କ୍ରସ୍ ଭବନରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯାଇଛି ।

ରେଡ୍‌କ୍ରସ୍ ଉପସଭାପତି ଶ୍ରୀ ବେଣୁଧର ମହାପାତ୍ର ରେଡ୍‌କ୍ରସ୍‌ର ସ୍ଥାନୀୟ ସଭ୍ୟ ଓ ଜୁନିୟର ରେଡ୍‌କ୍ରସ୍ କାଉନ୍‌ସିଲର୍‌ମାନେ ରେଡ୍‌କ୍ରସ୍ ତରଫରୁ ନିଆଯାଉଥିବା କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ।

## ଶିଶୁମାନେ ଭେଦଭାବ ପରିହାର କରି ଦୁଃସ୍ଥ ଓ ଅସହାୟଙ୍କ ସେବା କରନ୍ତୁ

—ମୁଖ୍ୟମନ୍ତ୍ରୀ ଶ୍ରୀବିଜୁ ପଟ୍ଟନାୟକ

ଶିଶୁମାନେ ମଣିଷ ପରି ମଣିଷ ହେବାକୁ ଏବଂ ଧର୍ମ, ଜାତି ତଥା ସାମ୍ପ୍ରଦାୟିକ ଭେଦଭାବ ପରିହାର କରି ସମାଜର ଦୁଃସ୍ଥ ଓ ଅସହାୟଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

ଗତ ନଭେମ୍ବର ମାସ ୧୪ ତାରିଖରେ ସ୍ଥାନୀୟ ୨ ନମ୍ବର ୟୁନିଟ୍‌ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ "ପିପୁଲ୍‌ସ କଲ୍‌ଚରାଲ୍ ସେଣ୍ଟର୍" (ପିକକ୍) ଆନୁକୂଲ୍ୟରେ ଆୟୋଜିତ ସପ୍ତାହ ବ୍ୟାପୀ "ଶିଶୁ ମେଳା—୯୦"ର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଉତ୍କଳ ଜନନୀ ଏବେ ଛିନ୍ନ ବସ୍ତ୍ର ପରିହିତା । ଉତ୍କଳ ଜନନୀଙ୍କୁ ପାଟଶାଢ଼ୀ ପିନ୍ଧାଇବାକୁ ପ୍ରତ୍ୟେକ ଶିଶୁ ନିଜକୁ ଯୋଗ୍ୟ କରନ୍ତୁ ବୋଲି ସେ ଆହ୍ୱାନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଲେ ଯେ ଏଥିପାଇଁ ସ୍ୱାର୍ଥ ତ୍ୟାଗ କରି ଦେଶର ଓ ଜାତିର ଦୁଃଖ ସୁଖରେ ସମଦୁଃଖୀ ଓ ସମ୍ବେଦନଶୀଳ ହେବାକୁ ପଡ଼ିବ । ଯେ କୌଣସି ସମସ୍ୟାର ସମାଧାନ ପାଇଁ ଯଦି ପ୍ରତ୍ୟେକ ବ୍ୟକ୍ତି କାନ୍ଧକୁ କାନ୍ଧ ମିଳାଇ ଆଗେଇ ଆସନ୍ତି, ତେବେ ତାହା ଅନାୟାସରେ ସମାଧାନ ହୋଇପାରିବ । ଏହି ଅବସରରେ ସେ ଗଞ୍ଜାମ ଜିଲ୍ଲାର ବନ୍ୟାଜନିତ ବ୍ୟାପକ କ୍ଷୟକ୍ଷତି ବିଷୟ ଉଲ୍ଲେଖ କରି ପରିସ୍ଥିତିର ସମାଧାନ ଦିଗରେ ଛାତ୍ରଛାତ୍ରୀମାନେ ସହାୟତା ନିମନ୍ତେ ଆଗେଇ ଆସିବା ଲାଗି ଆହ୍ୱାନ ଦେଇଥିଲେ । ସେ କହିଲେ ଯେ ଦେଶ ଓ ଜାତିର ଦୁଃଖ ଯଦି ଦେଶବାସୀଙ୍କୁ ନବାଧିଲା, ତେବେ କୌଣସି

"ପିପୁଲ୍‌ସ କଲ୍‌ଚରାଲ୍ ସେଣ୍ଟର୍"ର ସଭାପତି ଶ୍ରୀ ଶ୍ରୀକା[illegible] ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷା ଓ ଯୁ[illegible] କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ ସମ୍ମାନୀୟ ଅତି[illegible] ରୂପେ ଯୋଗଦେଇ କହିଲେ ଯେ ଶିଶୁମାନେ ଆମ ଦେଶର ମହାନ[illegible] ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସଚେତନ ହେବାକୁ ପଡ଼ିବ । ଆମ ଦେଶରେ ବିଭିନ୍ନ ଜାତି ଓ ଧର୍ମ ମଧ୍ୟରେ ଏକ ଦୃଢ଼ ସାଂସ୍କୃତିକ ଏକତା ଯୁଗ ଯୁଗ ଧରି ତିଷ୍ଠି ରହିଛି । ଶିଶୁମାନଙ୍କୁ ଏ ଦେଶର ଉପଯୁକ୍ତ ନାଗରିକ ରୂପେ ଗଢ଼ି ତୋଳିବା ଦିଗରେ ଶିକ୍ଷକମାନେ ସେମାନଙ୍କ ଗୁରୁ ଦାୟିତ୍ୱ ସୁନ୍ଦର ରୂପେ ତୁଲାଇବେ ବୋଲି ଶିକ୍ଷା ମନ୍ତ୍ରୀ ଶ୍ରୀ ମାଝୀ ଆଶା ପ୍ରକାଶ କରିଥିଲେ ।

ପଞ୍ଚାୟତିରାଜ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଏହି ଉତ୍ସବରେ ଯୋଗ ଦେଇ ନିରକ୍ଷରତା ଦୂର କରି ଦେଶରେ ସାମାଜିକ ସଚେତନତା ସୃଷ୍ଟି ନିମନ୍ତେ ପରାମର୍ଶ ଦେଇଥିଲେ । ଭାରତ ଜ୍ଞାନ ବିଜ୍ଞାନ ସଂସ୍ଥା ପକ୍ଷରୁ ବିଗତ ୨୦ ଦିନ ଧରି ପୁରୀ ଜିଲ୍ଲାର ୬୦ଟି ସ୍ଥାନରେ ସାକ୍ଷରତା କାର୍ଯ୍ୟକ୍ରମ ଉପରେ ଆଧାରିତ "ଭଗିଆ ଭାଇର ଭୂତ" ଓ "ପ୍ରାୟଶ୍ଚିତ" ଦୁଇଟି ନାଟକର କଳାକାରଙ୍କୁ ଡାକ୍ତର ରାଉତ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରିଥିଲେ ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ଏହି ଉତ୍ସବରେ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ହୋଇଥିବା କଳା, ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ଶିଶୁମାନଙ୍କ ପାଇଁ ଆୟୋଜିତ ମାରାଥନ୍ ଦୌଡ଼କୁ ଶିକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସଂଯୋଜକ ଡଃ ଅଚ୍ୟୁତାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ପରେ "ପିକକ୍"ର ପରାମର୍ଶଦାତା କମିଟିର ସଭ୍ୟ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଉତ୍ସବରେ ରାଜଧାନୀର ବିଭିନ୍ନ କଲେଜର ଜାତୀୟ ସେବା ସଂସ୍ଥା ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଉତ୍ସବ ଶେଷରେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଉନ୍ନୟନ କାର୍ଯ୍ୟକ୍ରମର ସଫଳ ରୂପାୟନ

—ପଞ୍ଚାୟତିରାଜ ମନ୍ତ୍ରୀ ଡାଃ ରାଉତ

ପଞ୍ଚାୟତିରାଜ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଗତ ନଭେମ୍ବର ମାସ ୧୭ ତାରିଖରେ ଫୁଲବାଣୀ ଜିଲ୍ଲା ଯୋଜନା ବୋର୍ଡ଼ ଏବଂ ଜିଲ୍ଲା ଉନ୍ନୟନ ପରାମର୍ଶଦାତା ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗର ବ୍ୟୟ ବରାଦ ସମେତ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର ବ୍ୟୟ ଆଶାନୁରୂପ ହୋଇ ନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବରାଦ ଅର୍ଥ ବିନିଯୋଗ କରିବା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି ଗ୍ରାମବାସୀଙ୍କ କର୍ମ ସଂସ୍ଥାନ ତଥା ଅର୍ଥନୈତିକ ଉନ୍ନତି ପାଇଁ ଉଦ୍ଦିଷ୍ଟ ସମନ୍ୱିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ, ଜବାହର ରୋଜଗାର ଯୋଜନା, ଜଳସେଚନ, ଗ୍ରାମ୍ୟ ବିଦ୍ୟୁତିକରଣ କୃଷି କାର୍ଯ୍ୟକ୍ରମ

ସର୍ବାଧିକ ଗୁରୁତ୍ୱ ଆରୋପ କରିବା ପାଇଁ ସେ ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ । ଏ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଦ୍ୱାରା ଗ୍ରାମବାସୀମାନେ ଉପକୃତ ହୋଇପାରିବା ସଙ୍ଗେ ସଙ୍ଗେ ଫୁଲବାଣୀ ଜିଲ୍ଲାର ସର୍ବାଧିକ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ କହିଥିଲେ ।

ଡାକ୍ତର ରାଉତ ନଭେମ୍ବର ୧୩ ତାରିଖ ଦିନ ଗ୍ରାମାଞ୍ଚଳର ଉନ୍ନୟନ କାର୍ଯ୍ୟକ୍ରମ ପରିଦର୍ଶନ ଉଦ୍ଦେଶ୍ୟରେ ବିଭିନ୍ନ ଗ୍ରାମ ବୁଲି ଦେଖିଥିଲେ । ଫୁଲବାଣୀ ନିକଟବର୍ତ୍ତୀ କେରେଡ଼ି ଗ୍ରାମର ଏକ ନବ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଥିଲେ । ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ କ୍ରୀଡ଼ା, ସଂସ୍କୃତି ଓ ପର୍ଯ୍ୟଟନ ଉପମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ପୌରହିତ୍ୟ କରିଥିଲେ । ଡାକ୍ତର ରାଉତ ୧୬ ଜଣ ଦୁସ୍ଥ ନିରାଶ୍ରୟ ଓ ୧୬ ଜଣ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୫୭ ଜଣ ଭୂମିହୀନ ଗରିବ ଗ୍ରାମବାସୀଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ । ରାବିଙ୍ଗିଆ ଗ୍ରାମରେ ମଧ୍ୟ ଡାକ୍ତର ରାଉତ ୧୮ ଜଣ ଭୂମିହୀନ ଗ୍ରାମବାସୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳ ଗସ୍ତ କାଳରେ କିରୋସିନିର କୃତ୍ରିମ ଅଭାବ ଯୋଗୁଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଉପଲବ୍ଧି କରି ତୁରନ୍ତ କିରୋସିନିର ସୁଷମ ବଣ୍ଟନ ନିମନ୍ତେ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଗ୍ରାମାଞ୍ଚଳରେ ଖୋଲାଯାଇଥିବା ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଯେପରି ନିୟମିତ ଖାଦ୍ୟ ବଣ୍ଟନ କରାଯାଏ, ସେଥିପ୍ରତି ଧ୍ୟାନ ଦେବାକୁ ଶିଶୁ ବିକାଶ ଯୋଜନା ଅଧିକାରୀମାନଙ୍କୁ ଡାକ୍ତର ରାଉତ ନିର୍ଦ୍ଦେଶ ଦେଇଥିଲେ ।

## କୌଣସି ପରିସ୍ଥିତିରେ କର୍ମଚାରୀ ଛଟେଇ ହେବେନାହିଁ

—ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାମଲ

ସରକାରୀ ଅଥବା ଅର୍ଦ୍ଧ ସରକାରୀ ସଂସ୍ଥାରେ ଯେ କୌଣସି ପ୍ରକାର ଛଟେଇକୁ ସମ୍ପ୍ରତି ରାଜ୍ୟ ସରକାର ପ୍ରଶ୍ରୟ ଦେବେନାହିଁ ବୋଲି ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ପ୍ରକାଶ କରିଛନ୍ତି ।

ଗତ ନଭେମ୍ବର ମାସ ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ କର୍ମଚାରୀ ସଙ୍ଘର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାମଲ କହିଲେ ଯେ ବର୍ତ୍ତମାନ ସରକାର ଭାଷଣ ସର୍ବସ୍ୱ ନହୋଇ କାର୍ଯ୍ୟରେ ବିଶ୍ୱାସ କରେ । ସରକାର ମେହେନତି ଓ ଖଟିଖିଆ ଜନତାଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ ସର୍ବଦା ଚେଷ୍ଟିତ ଓ ସଚେତନ । ନିକଟରେ ଶ୍ରମ ବିଭାଗ ତରଫରୁ ୧୦ କୋଟି ଟଙ୍କା ବ୍ୟୟରେ ଇ: ଏସ୍: ଆଇ: ହସ୍‌ପିଟାଲ ନିର୍ମାଣ କାର୍ଯ୍ୟ କୌଣସି ବ୍ୟକ୍ତିଗତ କଣ୍ଟ୍ରାକ୍ଟରଙ୍କୁ ଦିଆନଯାଇ ସରକାରୀ ଉଦ୍ୟୋଗରେ ପରିଚାଳିତ ପୋଲିସ୍ କଲ୍ୟାଣ ନିଗମକୁ ଦାୟିତ୍ୱ ଦିଆଯିବା ଉଚିତ । ଭବିଷ୍ୟତରେ ଶ୍ରମ ବିଭାଗ ତରଫରୁ ଯେତେଗୁଡ଼ିଏ ନୂତନ ଗୃହ ନିର୍ମିତ ହେବ, ସେ ସବୁର ନିର୍ମାଣ ଦାୟିତ୍ୱ ଆରକ୍ଷୀ ଗୃହ ନିର୍ମାଣ ସଂସ୍ଥା ଉପରେ ନ୍ୟସ୍ତ କରାଯିବା ସମ୍ପର୍କରେ ବିଚାର କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସାମଲ କହିଲେ ଯେ ରାଜ୍ୟରେ ଥିବା ଅନେକ ଥାନାର ନିଜସ୍ୱ ଘର ନଥିବାରୁ କାର୍ଯ୍ୟରତ ପୋଲିସ୍ କନେଷ୍ଟବଳମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ତେଣୁ ସେମାନଙ୍କୁ ବାସଗୃହ ଯୋଗାଇ ଦେବା ଦିଗରେ ଏବଂ ପୋଲିସ୍ କଲ୍ୟାଣ ନିଗମ କର୍ମଚାରୀମାନଙ୍କ ଯେଉଁ ସବୁ ଦାବୀ ଯଥାର୍ଥ, ସେ ସବୁକୁ ପୂରଣ କରାଯିବା ଦିଗରେ ଉଦ୍ୟମ କରାଯିବ ବୋଲି ସେ କହିଥିଲେ । ପୋଲିସ୍ ବିଭାଗରେ ଥରେ ବିଶୃଙ୍ଖଳା ହେଲେ, ତାକୁ ସରକାର ବା ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷ ରକ୍ଷା କରିପାରିବେ ନାହିଁ ।

କର୍ମଚାରୀ ସଙ୍ଘର ସଭାପତି ବିଧାୟକ ଡଃ ପ୍ରସନ୍ନ କୁମାର ପାଟଶାଣୀ ସଭାରେ ଅଧ୍ୟକ୍ଷତା କରି ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ କର୍ମଚାରୀଙ୍କ ସର୍ବନିମ୍ନ ଦାବୀଗୁଡ଼ିକୁ ସରକାର ଉଦାରତା ସହକାରେ ବିଚାର କରିବା ଉଚିତ ବୋଲି କହିଥିଲେ ।

ଏହି ଉତ୍ସବରେ ଚଳଚ୍ଚିତ୍ର ସାପାଦିକ ଶ୍ରୀ ଦିଲ୍ଲୀପ ହାଲୀ ମୁଖ୍ୟବକ୍ତା, ଆରକ୍ଷୀ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ତଥା ପୂର୍ବତନ ପୋଲିସ୍ ଡି: ଜି: ଶ୍ରୀ ସଦାନନ୍ଦ ସିହ୍ନା, ହାଉସିଂ ବୋର୍ଡ଼ର ମୁଖ୍ୟଯନ୍ତ୍ରୀ ଶ୍ରୀ ବି: କେ: ପଣ୍ଡା, ପୂର୍ବତନ ପୋଲିସ୍ ଡି: ଜି: ଶ୍ରୀ କେ: ସି: ପଟ୍ଟନାୟକ ଓ ଶ୍ରୀ ମନୋରଞ୍ଜନ ମିଶ୍ର ପ୍ରମୁଖ ବକ୍ତା ରୂପେ ଯୋଗଦେଇଥିଲେ ।

ପୋଲିସ୍ କଲ୍ୟାଣ ନିଗମ ବର୍ଷକୁ ୧୦ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥିଲେ ମଧ୍ୟ ଚଳିତ ଆର୍ଥିକ ବର୍ଷ ଏହି ନିଗମକୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ମାଣ ଦାୟିତ୍ୱ ଦିଆଯାଇ ନଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା । କର୍ମଚାରୀଙ୍କ ଦାବୀ ସମେତ ନିଗମର ଆୟ ବୃଦ୍ଧି ସମ୍ପର୍କରେ ମୁଖ୍ୟ ଶାସନ ସଚିବ, ଘରୋଇ ସଚିବ, ଅର୍ଥ ସଚିବ, ପୋଲିସ୍ ଡି: ଜି: ଏବଂ ପୋଲିସ୍ କଲ୍ୟାଣ ନିଗମର ଅଧ୍ୟକ୍ଷଙ୍କୁ ନେଇ ଖୁବ୍ ଶୀଘ୍ର ଏକ ଜରୁରୀ ବୈଠକ ଡାକିବା ପାଇଁ ମନ୍ତ୍ରୀ ଶ୍ରୀ ସାମଲ ବିଧାୟକ ଡଃ ପ୍ରସନ୍ନ ପାଟଶାଣୀଙ୍କୁ ଅନୁରୋଧ କରିଥିଲେ ।

## ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ତ୍ୱରାନ୍ୱିତ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦ୍ ଗଞ୍ଜାମ ଜିଲ୍ଲାର ବନ୍ୟାକ୍ଲିଷ୍ଟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ବିହିତ ବ୍ୟବସ୍ଥା ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି ଓ ରିଲିଫ୍ କାର୍ଯ୍ୟରେ ସାହାଯ୍ୟ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଦାନ୍ୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଗଞ୍ଜାମ ଜିଲ୍ଲାର ପ୍ରଳୟଙ୍କରୀ ବନ୍ୟାରେ ବାରଗୋଟି ବ୍ଲକ୍‌ରେ ସମ୍ପୂର୍ଣ୍ଣ ଭାବେ ବନ୍ୟାଜଳ ପ୍ରବେଶ କରି ଧନଜୀବନ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ୪ ଗୋଟି ବ୍ଲକ୍‌ରେ ଆଂଶିକ କ୍ଷତି ହୋଇଛି । ଏହି ବ୍ଲକଗୁଡ଼ିକ ହେଲା — ଦିଗପହଣ୍ଡି, ସାନଖେମୁଣ୍ଡି, ସେରଗଡ଼, ଆସିକା ଏନ୍: ଏ: ସି:, ଆସିକା, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଛତ୍ରପୁର, ଗଞ୍ଜାମ ଧରାକୋଟ, ଯୋରଡ଼ା, ଓ ପ୍ରତାପପୁରର ପ୍ରାୟ ଷୋଳ ଲକ୍ଷ ପଚାଶ ହଜାର ଜନସାଧାରଣ ଏହି ବନ୍ୟାଜଳ ଦ୍ୱାରା

କ୍ଷତିଗ୍ରସ୍ତ ହୋଇଛନ୍ତି । ଏଗାର ହଜାର କୂଅରେ ବନ୍ୟାଜଳ ପ୍ରବେଶ କରି କୂଅପାଣି ବ୍ୟବହାର ଅନୁପଯୋଗୀ ହୋଇଯାଇଅଛି । ଡ଼ିଙ୍କିଆ ଜଳ ସବୁ ନଷ୍ଟ ହୋଇଯାଇଛି ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଫିସରମାନଙ୍କୁ ସେଠାରେ ମୁତୟନ କରାଯାଇ ନିର୍ଦ୍ଦିଷ୍ଟ ଭାବେ ସ୍ୱାସ୍ଥ୍ୟ ସେବାର ତଦାରଖ ଦାୟିତ୍ୱ ଦିଆଯାଇଛି । ଆସିକାରେ ୫୦ ବେଡ୍ ଥିବା ହସ୍‌ପିଟାଲ୍ ସହିତ ପ୍ରାୟ ୪୮ ଗୋଟି ପି: ଏଚ୍: ସି: ଓ ଏଚ୍: ଏ: ସି:, ଆଡିସନାଲ୍ ପି: ଏଚ୍: ସି: ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ସବୁ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି । ଆସିକା ମୁଖ୍ୟ ଡାକ୍ତରଖାନାର ୪ଟି ଡାକ୍ତର କ୍ୱାର୍ଟର, ୪ଟି ଷ୍ଟାଫ୍‌ନର୍ସ କ୍ୱାଟର, ୪ଟି ପାରାମେଡିକାଲ୍ କର୍ମଚାରୀଙ୍କ କ୍ୱାର୍ଟର, ୮ଟି ପିଅନ, ଜଗୁଆଳି କ୍ୱାର୍ଟର ପ୍ରମୁଖ ବର୍ଷା ଜଳରେ ଧୋଇହୋଇଯାଇଛି । ଆସିକା ହସ୍‌ପିଟାଲ୍‌ର ପ୍ରାଚୀର ମଧ୍ୟ ନଷ୍ଟ ହୋଇଯାଇଛି । ହସ୍‌ପିଟାଲ୍ ମଧ୍ୟରେ ଥିବା ଖଟିଆ, ବେଡ୍, ବିଛଣା ଚଦର, ତକିଆ ଆଦି ସମସ୍ତ ଓ ଡାକ୍ତରୀ ଯନ୍ତ୍ରପାତି ବର୍ଷାଜଳରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ହସ୍‌ପିଟାଲ୍‌ର ଫ୍ରିଜ୍, ଔଷଧ ଆଦି ସମସ୍ତ ଦ୍ରବ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

ଏ ସମୁଦାୟ କ୍ଷତିର ଆନୁମାନିକ ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗ ନିରାକରଣ ପାଇଁ ନିମ୍ନମତେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ଏହାର ମୁକାବିଲା କରାଯିବ ।

(କ) ପାନୀୟ ଜଳର ବିଶୋଧନ ପାଇଁ କୂଅ ଓ ଜଳାଶୟମାନଙ୍କରେ ପ୍ରାୟ ୧୬୦ ବସ୍ତା ବ୍ଲିଚିଂ ବ୍ୟବହାର କରାଗଲାଣି । ଲକ୍ଷାଧିକ ହାଲୋଜିନ୍ ବଟିକା ପାନୀୟ ଜଳ ବିଶୋଧନ ପାଇଁ ବଣ୍ଟନ କରାଯାଇଛି ।

(ଖ) କଲେରା ଇଞ୍ଜେକ୍ସନ୍ ପ୍ରଚୁର ପରିମାଣରେ ସି: ଡି: ଏମ୍: ଓ:ଙ୍କ ଅଫିସ୍‌ରେ ଗଚ୍ଛିତ ରଖାଯାଇ ଗ୍ରାମେ ଗ୍ରାମେ ଡାକ୍ତରମାନେ ବୁଲି ଦେଉଛନ୍ତି । ଝାଡ଼ାବାନ୍ତି ଔଷଧ ଆଦି ମଧ୍ୟ ବଣ୍ଟନ କରାଯାଉଛି ।

(ଗ) ସାପ କାମୁଡ଼ା ଓ ଅନ୍ୟାନ୍ୟ ପ୍ରାୟ ୩୫ ପ୍ରକାର ଔଷଧ କିଣାଯାଇ ବ୍ୟବହାର କରାଯାଉଛି । ଝାଡ଼ାବାନ୍ତିରେ ଆକ୍ରାନ୍ତ ଲୋକଙ୍କୁ ଯେତେ ସାଲାଇନ୍ ଲାଗିବ, ଦିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ବନ୍ୟା ଦିନଠାରୁ ରାଜ୍ୟର ବରିଷ୍ଠ ମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ଶ୍ରୀ ସୁରେନ୍ଦ୍ରନାଥ ନାୟକ, ଶ୍ରୀ ନଳିନୀକାନ୍ତ ମହାନ୍ତି, ଶ୍ରୀ ବିଜୟ ମହାପାତ୍ର, ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ସାଂସଦ୍ ମୁଷ୍ତାଫିଜ୍ ଅହମ୍ମଦ୍ ପ୍ରମୁଖ ସେଠାରେ ରହି ଜନସାଧାରଣଙ୍କ ସମସ୍ୟାକୁ ଦୂର କରିବା ପାଇଁ ଅହରହ ଚେଷ୍ଟିତ ।

ଏହି ସବୁ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ସହଯୋଗ କରିବା ପାଇଁ ଏମ୍: କେ: ସି: ଜି: ହସ୍‌ପିଟାଲ୍‌ର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି । ହାଉସ୍ ସର୍ଜନ୍ ଛାତ୍ରମାନଙ୍କୁ ଗ୍ରାମକୁ ପଠାଯାଇ ଚିକିତ୍ସା ପ୍ରଦାନ କରାଯାଉଛି । ଏହି ସବୁ କାର୍ଯ୍ୟ ପାଇଁ ୮୨ ଜଣ ମେଡିକାଲ୍ ଅଫିସର, ୩୪ ଜଣ ମେଲ୍ ସୁପରଭାଇଜର୍, ୩୯ ଜଣ ଫିମେଲ୍ ସୁପରଭାଇଜର୍, ପ୍ରାୟ ୩୫୦ ଜଣ ପାରା ମେଡିକାଲ୍

ତାରିଖ ଦିନ ଆଠୁରି ୫୦ ଜଣ ଅଧିକ ଷ୍ଟାଫ୍ ସେଠା
ପଠାଯାଉଛି । ଏହି କାର୍ଯ୍ୟ ଚଳିତ ମାସ ୨୫ ତାରିଖ ପର୍ଯ୍ୟ
ଯୁଦ୍ଧକାଳୀନ ଭିତ୍ତିରେ ଚଳୁ ରଖାଯିବ । ମେଡିକାଲ୍‌ର ଚତୁ
ଶ୍ରେଣୀ କର୍ମଚାରୀମାନେ ମଧ୍ୟ ସଫେଇ କାର୍ଯ୍ୟରେ ଲାଗିଛନ୍ତି
ରାଜ୍ୟ ରେଡକ୍ରସ୍ ସଂସ୍ଥା ପକ୍ଷରୁ ଅନୁରୂପ ପଦକ୍ଷେପ ମଧ୍ୟ ଗ୍ରହ
କରାଯାଇଛି । ସମାଜସେବୀ ଅନୁଷ୍ଠାନ ମଧ୍ୟ ସେଠାରେ କାର୍ଯ୍ୟ
କରୁଛନ୍ତି ।

ଦେଶର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟର ସ୍ୱେଚ୍ଛାସେବ
ସଙ୍ଗଠନ, ଯୁବ ଛାତ୍ର ସଙ୍ଗଠନ ଓ ସର୍ବସାଧାରଣ ନିଜ ଶକ୍
ଅନୁସାରେ ସାହାଯ୍ୟ ସହଯୋଗ ଦେବା ପାଇଁ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍
ସାଂସଦ୍ ମୁଷ୍ତାଫିଜ୍ ଅହମ୍ମଦ୍ ନିବେଦନ କରିଛନ୍ତି ।

## ଶିଳ୍ପ ରାଷ୍ଟ୍ରମନ୍ତ୍ରୀଙ୍କ ଉଦ୍ୟମରେ ବନ୍ୟାଞ୍ଚଳରେ ସାହାଯ୍ୟ

ଗଞ୍ଜାମ ଜିଲ୍ଲାର ବନ୍ୟାକ୍ଲିଷ୍ଟ ଲୋକମାନଙ୍କ ପାଇଁ ଉନ୍ନୟନ ନିଗ
ଏକ ଲକ୍ଷ ଟଙ୍କା ମୂଲ୍ୟର ଆଳୁ ଦାନ କରିଛନ୍ତି । ଓଡ଼ିଶା ରାଜ
ହସ୍ତତନ୍ତ ବୁଣାକାର ସମବାୟ ଯୋଗାଇଟି ପକ୍ଷରୁ ୬ ହଜାର ଧୋ
ଓ ଶାଢ଼ୀ ରାଜ୍ୟ ସମବାୟ ହସ୍ତତନ୍ତ ଉନ୍ନୟନ ନିଗମ ପକ୍ଷରୁ
ହଜାର ଧୋତି ଓ ଶାଢ଼ୀ ଏବଂ ଚୌଦ୍ୱାର ସ୍ଥିତ ଓଡ଼ିଶା ଟେକ୍ସଟାଇ
ମିଲ୍ ପକ୍ଷରୁ ଏକ ହଜାର ଲୁଙ୍ଗି ବନ୍ୟାକ୍ଲିଷ୍ଟ ଲୋକମାନଙ୍କୁ ଦା
କରାଯାଇଛି ।

ଏହି ସମସ୍ତ ଦ୍ରବ୍ୟ 'ରେଡ୍‌କ୍ରସ୍' ଏବଂ ବିଭିନ୍ନ ସ୍ୱେଚ୍ଛାସେବ
ଅନୁଷ୍ଠାନମାନଙ୍କ ଜରିଆରେ ବିତରଣ କରାଯିବା ପାଇଁ ବ୍ୟବସ୍ଥା
ହୋଇଛି ।

ଉଭୟ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିଲ୍ଲୀପ ରାୟ ଓ ଶ୍ରୀ ପ୍ରସନ
କୁମାର ଆଚାର୍ଯ୍ୟ ଗତ ନଭେମ୍ବର ୧୧ ଓ ୧୨ ତାରିଖରେ ମାନ୍ୟବ
ରାଜ୍ୟପାଳଙ୍କୁ ରାଜଭବନଠାରେ ସାକ୍ଷାତ କରି ଗଞ୍ଜାମ
ବନ୍ୟାଞ୍ଚଳର କ୍ଷତିଗ୍ରସ୍ତ ଲୋକମାନଙ୍କୁ କିପରି ବିଭିନ୍ନ ମହଲରୁ
ଅଧିକ ଅଧିକ ସାହାଯ୍ୟ ତୁରନ୍ତ ଯୋଗାଇ ଦିଆଯାଇ ପାରିବ, ସେ
ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।

ଶ୍ରୀ ରାୟ ଓ ଶ୍ରୀ ଆଚାର୍ଯ୍ୟ ଉଦ୍ୟମ ଫଳରେ ଶିଳ୍ପ ବିଭାଗ
ଅଧୀନସ୍ଥ ବିଭିନ୍ନ ନିଗମ ଓ ସଂସ୍ଥା ପକ୍ଷରୁ ପ୍ରଥମ ଦଫାରେ ଏହି
ସାହାଯ୍ୟ ଦିଆଯାଇଛି । ଏହା ବ୍ୟତୀତ ରାଉରକେଲା ଇସ୍ପାତ
କାରଖାନାର କର୍ତ୍ତୃପକ୍ଷ, ତାଙ୍କ ନିର୍ବାଚନ ମଣ୍ଡଳୀ ରାଉରକେଲାର
ବିଭିନ୍ନ ସଂସ୍ଥା ଏବଂ ବଦାନ୍ୟ ଜନସାଧାରଣଙ୍କୁ ସାହାଯ୍ୟ ପାଇଁ
ଶ୍ରୀ ରାୟ ନିବେଦନ କରିଛନ୍ତି । ଶ୍ରୀ ରାୟଙ୍କ ଅନୁରୋଧ କ୍ରମେ
ରାଉରକେଲାର ଇସ୍ପାତ କାରଖାନା ପରିଚାଳନା ନିର୍ଦ୍ଦେଶକ ଇସ୍ପାତ
କାରଖାନା ପକ୍ଷରୁ ସାହାଯ୍ୟ ବନ୍ୟାଗ୍ରସ୍ତ ଗଞ୍ଜାମ ଜିଲ୍ଲାକୁ ଯଥାଶୀ
ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

## ୨୫୦ ଜଣ ଡାକ୍ତରଙ୍କ ନୂତନ ନିଯୁକ୍ତି

ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତରୀ ପଦବୀଗୁଡ଼ିକ ପାଇଁ ପର୍ଯ୍ୟ

ଆଯାଇଛି ବୋଲି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ସୟଦ୍ ମୁସ୍ତାଫିଜ୍ ଅହମଦ୍ ପ୍ରକାଶ କରିଛନ୍ତି । ନୂତନ ଡାକ୍ତର ନିଯୁକ୍ତି ଦ୍ୱାରା ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଅବ୍ୟବସ୍ଥା ଦୂରୀଭୂତ ହୋଇ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ନିୟମିତ ହୋଇପାରିବ ବୋଲି ସେ କହିଛନ୍ତି । ନୂତନ ଡାକ୍ତରଙ୍କ ମଧ୍ୟରୁ ଯଦି କେହି କୌଣସି ସୂଚନା ନଦେଇ କାର୍ଯ୍ୟରେ ଯୋଗ ଦେଇନାହାନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ନିଷ୍ପତ୍ତି କରିଛନ୍ତି ।

ବନ୍ୟା ପ୍ରପୀଡିତ ଗଞ୍ଜାମ ଜିଲ୍ଲା ଏବଂ ବର୍ଷା ଯୋଗୁଁ ଅନ୍ୟ କେତେକ ସ୍ଥାନରେ ଦେଖା ଦେଇଥିବା ଝାଡ଼ାରୋଗର ନିରାକରଣ ପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶନାମା ଦେଇଛନ୍ତି । ଏଥିପାଇଁ ବହୁ ପରିମାଣର ଦରକାରୀ ଔଷଧ ଓ ବ୍ଲିଚିଂ ପାଉଡର୍ ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଗଚ୍ଛିତ ରଖାଯାଇଛି ଏବଂ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଷ୍ଠାର ସହିତ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି । ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ କୌଣସିଠାରେ ଅସୁବିଧା ସୃଷ୍ଟି ହେଲେ ତୁରନ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ରାଷ୍ଟ୍ରମନ୍ତ୍ରୀ ସୟଦ୍ ଅହମଦ୍ ନିବେଦନ କରିଛନ୍ତି ।

## ଓଡ଼ିଶାର ମତ୍ସ୍ୟ ସେବା ସମବାୟ ସମିତି ପୁନଃଗଠିତ ହେବ

ଜାତୀୟ ସମବାୟ ଉନ୍ନୟନ ନିଗମର ଆର୍ଥିକ ସହାୟତାରେ କେରଳ ରାଜ୍ୟ ଢାଞ୍ଚାରେ ଓଡ଼ିଶାରେ ମତ୍ସ୍ୟଚାଷୀ ସେବା ସମବାୟ ସମିତି ଗୁଡ଼ିକର ପୁନର୍ଗଠନ କରାଯିବ । ଏଥିନିମନ୍ତେ ୪୬୮.୧୩ ଲକ୍ଷ ଟଙ୍କା ବ୍ୟୟ ସମ୍ବଳିତ ଏକ ପୂର୍ଣ୍ଣାଙ୍ଗ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ମଞ୍ଜୁରୀ ମିଳିଛି । ଏହି ଯୋଜନା ଅନୁଯାୟୀ ରାଜ୍ୟ ସ୍ତରରେ ଗୋଟିଏ ଆପେକ୍ସ ମତ୍ସ୍ୟ ସମବାୟ ସଂସ୍ଥା ଗଠନ କରାଯିବ ଏବଂ ଏହା ଅଧୀନରେ ପ୍ରାଥମିକ ମତ୍ସ୍ୟଜୀବୀ ସେବା ସମବାୟ ସମିତି ମାନ କାର୍ଯ୍ୟ କରିବ ।

ଆପେକ୍ସ ସମବାୟ ସଂସ୍ଥା ପକ୍ଷରୁ ଗୋଦାମ ଗୃହ ବରଫକଳ ଓ ଶୀତଳ ଭଣ୍ଡାର ନିର୍ମାଣ କରାଯିବ ସହିତ ପରିବହନ ବ୍ୟବସ୍ଥା ଓ ମାଛ ଜାଲ ପ୍ରସ୍ତୁତି କାରଖାନା ପ୍ରତିଷ୍ଠା କରାଯିବା ପାଇଁ ଯୋଜନା କରାଯାଇଛି । ଏହାଦ୍ୱାରା ପ୍ରାଥମିକ ମତ୍ସ୍ୟଚାଷୀ ସେବା ସମବାୟ ସମିତି ଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ସହିତ ମତ୍ସ୍ୟଜୀବିମାନଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ମୂଳ ଲକ୍ଷ ରଖାଯାଇଛି ।

ରାଜ୍ୟରେ ମତ୍ସ୍ୟସେବା ସମବାୟ ଅନୁଷ୍ଠାନର ପୁନଃଗଠନ ସମ୍ପର୍କରେ ରାଜ୍ୟ ସରକାର କେନ୍ଦ୍ର କୃଷି ଓ ସମବାୟ ମନ୍ତ୍ରଣାଳୟ ଏବଂ ଜାତୀୟ ସମବାୟ ଉନ୍ନୟନ ନିଗମର ଉଚ୍ଚପଦସ୍ଥ ଅଫିସରମାନଙ୍କ ମଧ୍ୟରେ ବିଶଦ ଆଲୋଚନା ହୋଇସାରିଛି ଏବଂ ଏନ୍: ସି: ଡି: ସି: ପକ୍ଷରୁ ଏକ ପ୍ରତିନିଧି ଦଳ ଗତ ଜାନୁଆରୀ ଓ ଫେବ୍ରୁଆରୀ ମାସରେ ଓଡ଼ିଶା ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରି ଅନୁକୂଳ ମତ ପ୍ରଦାନ କରିଛନ୍ତି ।

ରାଜ୍ୟ ମତ୍ସ୍ୟବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ପ୍ରଚେଷ୍ଟାରେ ଏହି ଯୋଜନାଟି କେନ୍ଦ୍ର ସରକାର ଓ ଏନ୍: ସି: ଡି: ସି: ଦ୍ୱାରା ଗୃହିତ ହୋଇ ଆବଶ୍ୟକୀୟ ମଞ୍ଜୁରୀ ମିଳିପାରିଛି । ମତ୍ସ୍ୟଚାଷ ପ୍ରସାର ଓ ମତ୍ସ୍ୟ ଉତ୍ପାଦନ ଦିଗରେ ନୂତନ ସେବା ସମବାୟ ସଙ୍ଗଠନ ସହାୟକ ହେବ ବୋଲି ଜଣାଯାଇଛି ।

## କେଣ୍ଡାକଟା ପୋକର ପ୍ରତିକାର

ଏବେ ରାଜ୍ୟର ଅନେକ ସ୍ଥାନରେ ଧାନ କିଆରୀରେ କେଣ୍ଡାକଟା ପୋକ ଆକ୍ରମଣ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି । ଏହାର ପ୍ରତିକାର ସମ୍ପର୍କରେ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇ କୁହାଯାଇଛି ଯେ ବୁଦା ପ୍ରତି ଗୋଟିଏ ଶୁଁବାଳୁଆ ଦେଖାଦେଲେ କୀଟନାଶକ ଔଷଧ ପ୍ରୟୋଗ କରାଯିବା ଉଚିତ । ମାତ୍ର ଧାନ ପାକଳ ହୋଇଯାଇଥିବା କ୍ଷେତ୍ରରେ ବେଶୀ ବିଷାକ୍ତ କୀଟନାଶକ ଔଷଧ ପ୍ରୟୋଗ କରିବା ଉଚିତ୍ ନୁହେଁ । ଆଖପାଖରେ ଏହି ପୋକ ଲାଗିବା ଦେଖାଗଲେ, ପୋକ ଲାଗିନଥିବା କିଆରୀ ଚାରିପଟେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଏକ ଫୁଟ ଚଉଡ଼ାରେ ଶତକଡା ୧୦ ଭାଗ ଗ୍ରାମାକ୍ସିନ୍ ହିଡ ଉପରେ ପକାଯିବା ଆବଶ୍ୟକ । ଏହି ପୋକକୁ ଦମନ କରିବା ପାଇଁ ହେକ୍ଟର ପିଛା ୨.୫ କେ: ଜି: କାର୍ବାରିଲ୍ ସେଚିତ ଗୁଣ୍ଡ କିମ୍ବା ୧,୦୦୦ ମି: ଲି: ମନୋକ୍ରୋଟୋଫସ୍ କିମ୍ବା ୧,୨୫୦ ମି: ଲି: ଏଣ୍ଡୋ ସଲ୍‌ଫାନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ସ୍ପ୍ରେ କରାଯିବା ଆବଶ୍ୟକ । କାକର ପଡ଼ିଥିବା ସମୟରେ ଶତକଡା ୨ ଭାଗ ମିଥାଇଲ୍ ପାରାଥିଅନ୍ କିମ୍ବା ଶତକଡା ୫ ଭାଗ କାର୍ବାରିଲ୍ ଅଥବା ମାଲାଥିଅନ୍ ଗୁଣ୍ଡ ହେକ୍ଟର ପିଛା ୨.୫ କେ: ଜି: ହିସାବରେ ଫସଲରେ ବିଞ୍ଚାଯିବା ଆବଶ୍ୟକ । ଏହାଛଡା କେଣ୍ଡାକଟା ପୋକ ଆକ୍ରମଣ ସମୟରେ ଶୁଖିଲା କ୍ଷେତ୍ରରେ ଅନ୍ତତଃ ୫ ସେ: ମି: ପର୍ଯ୍ୟନ୍ତ ପାଣି ବାନ୍ଧି ରଖିଲେ, ଏହି କୀଟକୁ ନିୟନ୍ତ୍ରଣ କରିବା ସହଜ ହେବ ।

ସାଧାରଣତଃ ଧାନ ପାଚି ଆସିଲା ବେଳକୁ କେଣ୍ଡାକଟା ପୋକର ପ୍ରାଦୁର୍ଭାବ ଦେଖାଦେଇଥାଏ । ବିଶେଷ କରି ଧାନ କିଆରୀ ଶୁଖିଲା ଥିଲେ ଏହି ପୋକର ଆକ୍ରମଣ ବ୍ୟାପକ ଭାବରେ ବଢ଼ିଯାଏ । ଏହି କେଣ୍ଡାକଟା ପୋକକୁ କେତେକ ସ୍ଥାନରେ କ୍ଷେତକଟା ପୋକ ବୋଲି ମଧ୍ୟ କୁହାଯାଏ । ଏହି ପୋକ ଧାନଗଛର କେଣ୍ଡା ଓ ପତ୍ର କାଟି ନଷ୍ଟ କରେ । ଦିନ ବେଳେ ଏହି ପୋକ ଧାନବୁଦା ମୂଳରେ, ମାଟି ଫାଟରେ କିମ୍ବା ଅଳିଆ ଆଦି ସ୍ଥାନରେ ଲୁଚି ରହିଥାନ୍ତି । ରାତି ହେଲେ ଶୁଁବାଳୁଆଗୁଡ଼ିକ ଧାନପତ୍ରକୁ ଖାଇ କେଣ୍ଡା ସବୁ କାଟି ଦିଅନ୍ତି । କେଣ୍ଡାକଟା ପୋକ ଦଳବଦ୍ଧ ହୋଇ ଆସନ୍ତି ଏବଂ ଅଳ୍ପ ସମୟ ମଧ୍ୟରେ ବହୁତ ଫସଲ ନଷ୍ଟ କରିଦିଅନ୍ତି ।

ପୂର୍ଣ୍ଣାଙ୍ଗ ପୋକଟି ମଟିଆ ରଙ୍ଗର ଗୋଟିଏ ପ୍ରଜାପତି ପରି ଦେଖାଯାଏ । ଏହାର ଲମ୍ବ ପ୍ରାୟ ଅଧଇଞ୍ଚ । ଶୁଁବାଳୁଆ ଦେଖିବାକୁ ଚିକ୍କଣ ଓ ଏହାର ଗାଢ଼ ସବୁଜ ବର୍ଣ୍ଣ ଦେହ ଉପରେ ଫିକା ଧଳା ରଙ୍ଗର ଲମ୍ବା ଗାରଗୁଡ଼ିଏ ଥାଏ । ଏହି ପୋକ ପତ୍ରର ଉଭୟ ପଟେ ଥରକେ ଶହ ଶହ ଅଣ୍ଡା ଦିଅନ୍ତି ।

## ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ତରଫରୁ ଫୌଜଦାରୀ ମାମଲା

ଗତ ସେପ୍ଟେମ୍ବର ମାସରେ ରାଜ୍ୟ ଦୁର୍ନୀତି ନିବାରଣ କର୍ମଚାରୀମାନେ ୧୦ ଜଣ ଗେଜେଟଭୁକ୍ତ ଓ ୩ ଜଣ ଅଣଗେଜେଟେଡ୍ କର୍ମଚାରୀ ଏବଂ ୧୦ ଜଣ ଲୋକସେବକ ଓ ସାଧାରଣ ଲୋକଙ୍କ ବିରୁଦ୍ଧରେ ଜାଲ୍ କାଗଜ ପତ୍ର ତିଆରି କରି ମିଥ୍ୟା ହିତାଧିକାରୀମାନଙ୍କୁ ଅର୍ଥ ସହାୟତା ଦେଇଥିବା ଦେଖାଇ ଉକ୍ତ ଅର୍ଥକୁ ଆତ୍ମସାତ କରିବା, ଆୟ ତୁଳନାରେ ଅଧିକ ସମ୍ପତ୍ତି ଠୁଳ କରିବା, ଉତ୍କୋଚ ଦାବୀ କରି ତାହା ଗ୍ରହଣ କରିବା ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ ଉଲଘଂନ କରିବା ଆଦି ଅପରାଧରେ ୨୦ ଗୋଟି ଫୌଜଦାରୀ ମାମଲା ରୁଜୁ କରିଛନ୍ତି ।

## କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ନିମନ୍ତେ ଅର୍ଥନୈତିକ ଅଭିବୃଦ୍ଧି ଭତ୍ତା ବ୍ୟବସ୍ଥା

ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଭତ୍ତା ଦେବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ଶିଳ୍ପ (ବୟନ ଶିଳ୍ପ ଓ ହସ୍ତତନ୍ତ) ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।

ଗତ ନଭେମ୍ବର ମାସ ୩୧ ତାରିଖରେ ଝାରସୁଗୁଡ଼ାଠାରେ ସବ୍‌ଡିଭିଜନ ସ୍ତରୀୟ ଋଣ ମେଳାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ଆଚାର୍ଯ୍ୟ ଝାରସୁଗୁଡ଼ା, ଲଖନପୁର, କୋଲାବିରା, ଲାଇକେରା ଓ କିରିମିରା ବ୍ଲକ୍‌ର ୧,୨୬୯ ଜଣ ଲୋକଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ମୋଟ ୬୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ । ଏଥି ମଧ୍ୟରୁ ମୋଟ ୨୨ ଲକ୍ଷ ୫୦ ହଜାର ଟଙ୍କା ଲୋକମାନଙ୍କୁ ଅନୁଦାନ ଆକାରରେ ଦିଆଯାଇଛି । ୟୁନିୟନ ବ୍ୟାଙ୍କ୍, ଏଲାହାବାଦ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ୍, ୟୁକୋ ବ୍ୟାଙ୍କ୍ ଏବଂ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍ ଜରିଆରେ ଏହି ଅର୍ଥ ଯୋଗାଇ ଦିଆଯାଇଛି ।

ପ୍ରଦତ୍ତ ଅର୍ଥକୁ ସଦୁପଯୋଗ କରି ନିଜର ଅର୍ଥନୈତିକ ଉନ୍ନତି କରିବା ପାଇଁ ଶ୍ରୀ ଆଚାର୍ଯ୍ୟ ଋଣ ଗ୍ରହୀତାମାନଙ୍କୁ ପରାମର୍ଶ ଦେଇଥିଲେ । ଋଣ ପ୍ରଦାନ ଲକ୍ଷ୍ୟ ପୂରଣ ଦିଗରେ ଜାତୀୟକରଣ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥା ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ସେମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯୋଜନା ଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସେ ସେମାନଙ୍କ ସହଯୋଗ କାମନା କରିଥିଲେ । ଲୋକମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଏହି ଯୋଜନା ଚାଲୁ ରହିବ ବୋଲି ଦର୍ଶାଇ, ସରକାର ପରିବର୍ତ୍ତନ ହେଲେ ଋଣ ଦିଆଯିବ ନାହିଁ ବୋଲି ଯେଉଁ ଅପପ୍ରଚାର ହେଉଛି ତାହା ଠିକ୍ ନୁହେଁ ଏବଂ ସେ ପ୍ରକାର ବିଭ୍ରାନ୍ତିକର ଅପପ୍ରଚାରରେ ପରିଚାଳିତ ନହେବା ପାଇଁ ଶ୍ରୀ ଆଚାର୍ଯ୍ୟ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଏକ ପ୍ରଦର୍ଶନୀ ମଧ୍ୟ ଶ୍ରୀ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀରେ ମୃତ୍ତିକା ସଂରକ୍ଷଣ, କୃଷି, ଉଦ୍ୟାନ, ମତ୍ସ୍ୟ, ପଶୁପାଳନ ବିଭାଗ, କୃଷି ଶିଳ୍ପ ଓ ଗ୍ରାମୋଦ୍ୟୋ[illegible] ସଂସ୍ଥାଗୁଡ଼ିକ ଅଂଶ ଗ୍ରହଣ କରିଥିଲେ ।

## ବେସରକାରୀ ଅଧ୍ୟାପକଙ୍କୁ ୟୁ: ଜି: ସି: ଦରମା

ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସୁପାରିଶ କରିଥିବା ଦରମାହାର ଲାଗୁ ହେବା ସମ୍ପର୍କିତ ସରକାରୀ ସଙ୍କଳ୍ପ ନିର୍ଗମନ ପାଇଁ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି । ଏହା ଫଳରେ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ୟୁ: ଜି: ସି: ଦରମାହାର ସମସ୍ୟା ସମାଧାନ ହୋଇପାରିଛି । ଶିକ୍ଷା ଓ ଯୁବ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ବ୍ୟକ୍ତିଗତ ଉଦ୍ୟମ ତଥା ଶିକ୍ଷା ବିଭାଗର ତତ୍ପରତା ଯୋଗୁଁ ଏହା ତ୍ୱରାନ୍ୱିତ ହୋଇପାରିଛି । ଏ ସମ୍ପର୍କିତ ନିର୍ଦ୍ଦେଶନାମା ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କୁ ବିଭାଗ ପକ୍ଷରୁ ଦିଆଯାଇଛି ।

## ଅବହେଳିତ ଆଦିବାସୀଙ୍କୁ ସାମାଜିକ ପ୍ରତିଷ୍ଠା ଦେବାକୁ ସରକାର ସଙ୍କଳ୍ପବଦ୍ଧ

ନିକଟରେ ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଛୋଟରାୟ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଏକ ଜୁଆଙ୍ଗ କଲୋନୀ, ଉପର ରାଇକିଆ ପରିଦର୍ଶନ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କ ସମେତ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନିସିକାର ସ୍ୱତନ୍ତ୍ର ଅଧିକାରୀ ମନ୍ତ୍ରୀ ମହୋଦୟଙ୍କ ଗହଣରେ ଯାଇ ଏହି ଅଞ୍ଚଳର ଅଭାବ ଅସୁବିଧା ତଥା ପ୍ରକଳ୍ପ ଦ୍ୱାରା ନିଆଯାଉଥିବା ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଜୁଆଙ୍ଗ କଲୋନୀର ଗ୍ରାମ ମୁଖ୍ୟ ଶ୍ରୀ ସଦାନନ୍ଦ ଜୁଆଙ୍ଗଙ୍କ ସହିତ ମନ୍ତ୍ରୀ ସେମାନଙ୍କର ସୁବିଧା, ଅଭାବ ଅସୁବିଧା ତଥା ସେମାନଙ୍କର ସାମୁହିକ ବିକାଶ ନିମନ୍ତେ ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ କିପରି ଭାବେ ସେମାନଙ୍କୁ ସାହାଯ୍ୟ କରୁଛି ତାହା ଆଲୋଚନା କରିଥିଲେ । ଗ୍ରାମ ନିକଟକୁ ପକ୍କା ରାସ୍ତା, ଏକ ଆଡ଼ି ବନ୍ଧ ନିର୍ମାଣ ଏବଂ ଗମନାଗମନ ସୁବିଧା ପାଇଁ ଜିଲ୍ଲା ସଦର ମହକୁମା ସହିତ ଯୋଗାଯୋଗ ହୋଇପାରୁଥିବା ବସ୍ ଚଳାଚଳ ପାଇଁ ମୁଖ୍ୟତଃ ସେମାନଙ୍କ ଦାବୀ ଶୀଘ୍ର କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୃଷିର ବିକାଶ ନିମନ୍ତେ [illegible] ଅଞ୍ଚଳରେ କ'ଣ କାର୍ଯ୍ୟ କରାଯାଇଛି ତାହା ବିଭାଗୀୟ କୃଷି[illegible] ଅଧିକାରୀମାନେ ମନ୍ତ୍ରୀଙ୍କୁ ଦେଖାଇଥିଲେ । ଜୁଆଙ୍ଗମାନଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ସରକାର ଗ୍ରହଣ କରୁଥିବା[illegible] ପଦକ୍ଷେପକୁ ଆନ୍ତରିକତାର ସହିତ ଓ ନିଷ୍ଠାବାନ ହୋଇ[illegible] କାର୍ଯ୍ୟକାରୀ କରିବାକୁ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମ[illegible] ଦେଇଥିଲେ ।

# ଶ୍ରୀ ଗୀତଗୋବିନ୍ଦ

(କବି ଜୟଦେବ କୃତ)



ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ଅଷ୍ଟମ ସର୍ଗ

ତା'ପରେ ଶ୍ରୀରାଧା ରାତି କରିଲେ ଅତିବାହିତ,
ଶୟନେ ସପନେ ଜାଗରଣେ ହୁଏ ଅଥୟ ଚିତ୍ତ ।
ବିସ୍ମିତ ଛଟା ଭରିଲା ଆକାଶେ ମୃଦୁ ପ୍ରଭାତ,
ମଦନ ଶରରେ ବିଦ୍ଧ ଶରୀର ଜର୍ଜରିତ ।
ହରି ସମ୍ମୁଖେ ପ୍ରଣିପାତ କରି ବିନୀତେ ଅତି,
ଧିକ୍କାରି କହେ — କୃଷ୍ଣ ହେ ତୁମେ ଚପଳମତି !

ଜୀବନ ମୋହନ ପଦ୍ମ ନୟନ ଉନ୍ନିଦ୍ରାରେ ରାତି ଯାପି,
ରକ୍ତ ବର୍ଣ୍ଣ ହୋଇଛି ନୟନ ଆଳସ୍ୟ ଭାରେ ପଡୁଛି ଝୁପି ।
ପ୍ରାଣ ପ୍ରଣୟିନୀ ପ୍ରେମ ରସାବେଶେ ପ୍ରସ୍ଫୁଟିତ କି ରକ୍ତଦଳ,
ବଞ୍ଚନା କିଆଁ କରୁଛ କହନି କରିପାରେ ଯିଏ ବିଷାଦ ଦୂର ।
ଅନୁରାଗିଣୀର ସମୀପେ କାହିଁକି ଆସୁନ କହ,
ଅକାରଣେ କିଆଁ ଦେଉଛ ଦୁଃଖ ଦୁର୍ବିସହ ।

କୃଷ୍ଣ ହେ ସେଇ ବିଳାସ ଅଧୀରା କଜ୍ଜ୍ୱଳ ମ୍ଳାନ ଦୁଇଟି ଆଖି,
ଚୁମ୍ବନ କରି ରକ୍ତ ଅଧର କାନ୍ତି ନୀଳିମ ପାଲଟିଛି କି ?
ଅଙ୍ଗ ଯଷ୍ଟି — ଅନୁପମ ଶୋଭା ଧାରଣ କରେ,
ସ୍ମର ଯୁଦ୍ଧ କି ତୀକ୍ଷ୍ଣ ନଖର ଆଘାତ ଆଣିଛି ନୀଳ ତନୁରେ ।
ରେଖା ଅଙ୍କିତ ହେଲେ ତୁମ ତନୁ ଏମିତି ଦିଶେ,
ନୀଳ ମରକତେ ହେମ ଅକ୍ଷର ବିଜୟ ପତ୍ର ଅନୁରୂପ ସେ ।

ସେଇ ବିଳାସିନୀ କୋମଳକାନ୍ତ ପଦ ଯୁଗଳ,
ଅଳତା ରଙ୍ଗେ ରଞ୍ଜିତ କରେ ବକ୍ଷସ୍ଥଳ ।
ମନେହୁଏ ଅବା ମଦନ ତରୁରେ କମ୍ର କୋମଳ ପତ୍ର ଦୁଇ,
ପଲ୍ଲବି ଅଛି ସତେକି ଶାନ୍ତ ଦେଖିଲେ ପଲକ ପଡ଼ଇ ନାହିଁ ।
ଚେତନାରେ ମୋର ଲାଗୁଛି ଆଘାତ ତୀକ୍ଷ୍ଣ କେତେ,
ତୁମରି ଓଠରେ ଦନ୍ତର କ୍ଷତ ଅସହ୍ୟ ବୋଧ ହେଉଛି ମୋତେ ।
ତଥାପି ଆହା ମୁଁ ଏବେ ବି ଭାବୁଛି କାହିଁକି କୁହ,
ତୁମ ଦେହଠାରୁ ଭିନ୍ନ ନୁହଁଇ ଏ ମୋର ଦେହ ।

କୃଷ୍ଣ ହେ ମୋର ପ୍ରତୀତ ହୁଅଇ ଅଙ୍ଗ ତୁମରି ଯେମିତି ମ୍ଳାନ,
ତା'ଠାରୁ ଅଧିକ ହେଲା କି ହୃଦୟ ଦ୍ୟୋତନାହୀନ ।
ନହେଲେ କାହିଁକି କାମଦେବ ବାଣ ଜର୍ଜରିତା,
ଅନୁରାଗିଣୀକୁ କରିଅଛ ତୁମେ ପ୍ରବଞ୍ଚିତା ?

ଜାଣୁଅଛ ତୁମେ କି ଯେ ବିଚିତ୍ର କୌଶଳ ତୁମ ଏ ବଣ ପଥେ,
କି ଯେ ବିସ୍ମୟ ମନୋରଥ ତୁମ ହୃଦ ତନ୍ତ୍ରୀ ବା ନାଚିବା କେତେ ?
ଶୈଶବରେ ତ ପୁତନାର ପ୍ରାଣ ବିନାଶ କରିଲ ପ୍ରମାଣ ରହେ,
ବଧୂବଧ ପାପେ, କିବା ବିସ୍ମୟ, ପୁଣି ତ ପଡ଼ିବ ପ୍ରତୀତ ହୁଏ ।

କବି ଜୟଦେବ ଗୀତ ଗୋବିନ୍ଦ ରତି ବଞ୍ଚିତା ରାଧାର ଶୋକ,
ତନ୍ତ୍ରୀ ବିଳାପ ଖଣ୍ଡିତା ନାରୀ ପୀୟୁଷ ମଧୁର ବିଧୁର ଭାବ ।
ଶୁଣ ସୁଧା ମଧୁ ଶ୍ଳୋକ ଝଙ୍କାର ସ୍ୱର୍ଗଠାରୁ ବି ସେ ଦୁର୍ଲଭ,
ଶୁଣିଲେ ଯାହାକୁ ଯୁଗଳ ରୂପର ଉପାସନାଠାରୁ ଅଧିକ ଲାଭ ।

ପ୍ରିୟା ପଦ ଦୁଇ ରଞ୍ଜିତ ହୋଇ ଅଳତା ରାଗେ,
ଲୋହିତ ବର୍ଣ୍ଣ ଧାରଣ କରିଚି ବକ୍ଷ ଛଳେ ।
ପ୍ରତୀତ ହୁଅଇ ଯେମିତି ହୃଦୟ ଗୁପ୍ତରାଗ,
ଦୀପ୍ତ ହୁଅଇ ବକ୍ଷ ଉପରେ କି ଅନୁରାଗ ।

ଧୂର୍ତ୍ତ ମାଧବ ମୂର୍ତ୍ତି ତୁମର ଆସିଲେ ମନେ,
ପ୍ରଣୟ ଭଙ୍ଗେ କାରୁଣ୍ୟ କିବା ହୃଦୟ ହାଣେ ।
କାରୁଣ୍ୟଠାରୁ ଆହୁରି ଅଧିକ ଲଜ୍ୟାଭାବ,
ଅନ୍ତରେ ମୋର କ୍ଷଣକେ ହୁଅଇ ସମୁଦ୍‌ଭବ ।

ତୁମ ବିଚିତ୍ର ବଂଶୀଧ୍ୱନି କି ମହାମନ୍ତ୍ରର ଦିବ୍ୟ ସ୍ୱର,
ଅନ୍ତର ତଳେ ଉଦ୍‌ବେଳ କରେ ପ୍ରେମ ଅମୃତ ପାରାବାର ।
ସେଇ ବଂଶୀର ମଧୁ ସଞ୍ଚାର ମୃଗ ନୟନାକୁ ମୋହିତ କରେ,
ସାରା ମସ୍ତକ ଘୂର୍ଣ୍ଣିତ କରେ ସୁରେ ସୁରେ ପ୍ରତି ମୁହୂର୍ତ୍ତରେ ।

କୁଣ୍ଡଳ ମୃଦୁ ପାରିଜାତମାଳା ସ୍ଖଳିତ କରଇ କି ଚଞ୍ଚଳ,
ସ୍ତବ୍ଧ କରି ସେ ପ୍ରାଙ୍କାର ଗତି ଟାଣିନିଏ ହୃଦ ଥରକୁ ଥର ।

ମୋହନବଂଶୀ କି ମହାମନ୍ତ୍ର କ୍ଷଣେ କ୍ଷଣେ କରେ ଉଚ୍ଚାରିତ,
ନୟନୁ ଝରଇ ଆନନ୍ଦଧାରା ସ୍ୱର୍ଗ ସୁଖରେ ସମାପ୍ଲୁତ ।
ଦେବତା କୁଳର ଦୁର୍ବାର ଦୁଃଖ ଆପଦ ନାଶନ ବଂଶୀଧ୍ୱନି,
ଦୁଷ୍ଟ ଅସୁର କଂସର ଅରି — ଶୁଭ କରୁ ହରି ବଂଶୀଧ୍ୱନି ।

## ନବମ ସର୍ଗ

ଅତନୁ ସୁଖରୁ ବଞ୍ଚିତା ରାଧା, ରତି କେଳି ସୁଖ ମିଳେନା ଆଉ,
ବିଷାଦ ଶୀର୍ଣ୍ଣ ନିଠୁର ବାକ୍ୟ କୋମଳ ମନରେ ସାଧୁଚି ଦାଉ ।
କୁଞ୍ଜ ରୀତିରେ କ୍ଷୁବ୍ଧ ଭାବନା ସ୍ତବ୍ଧ ହୁଏନା ହୃଦୟ ଜ୍ୱାଳା,
ବାନ୍ଧବୀଟିଏ ସାନ୍ତ୍ୱନା ଦିଏ ଢାଳି ଗଦ୍‌ଗଦ ପୀୟୁଷ ଧାରା ।

### ଗୀତମ୍

ଅଭିମାନିନୀ ଗୋ ମାନ କର ନାହିଁ କୃଷ୍ଣ ପ୍ରତି,
ଦେଖ ସୁଶୀତଳ ମୃଦୁଳ ମନ୍ଦ ପବନ ଗତି ।
ହରି ଅଭିସାର ଆଶାରେ ଆସନ୍ତି ନିକଟ ଅତି,
ଏହାଠାରୁ ସୁଖ ଅଛି କି ଗୃହରେ ଅଧିକ ପ୍ରୀତି ?

ବକ୍ଷ କଳସ ରସରେ ପୂର୍ଣ୍ଣ ଶାନ୍ତ କାନ୍ତ ପୀନୋନ୍ନତ,
ଗୁରୁ ଭାରା ଧରି କାହିଁକି କହନି ହେବ ବାନ୍ଧବୀ ବ୍ୟର୍ଥ ଚିତ୍ତ ।
ପୁଣି ଅନୁରୋଧ ଜଣାଏ ତୁମକୁ ଶ୍ରୀରାଧା ଶୁଣ,

ହେଉଛ କାହିଁକି ବ୍ୟଥା ବିଦଗ୍ଧା ବିଳାପ କରୁଛ ବ୍ୟର୍ଥ ମନେ,
ଏଇ ରୂପ ତୁମ ପରିହାସ ତରେ ସଖି ଗହଣେ ।
ସଜଳ ପଦ୍ମଦଳ ବିରଚିତ ଶୀତଳ ଶେଯରେ ଶ୍ରୀହରି ରୂପ,
ଦର୍ଶନ କରି ସାର୍ଥକ ହୁଅ ନୟନ ପିତୁଳା ସେ ଅପରୂପ ।

କାହିଁକି କ୍ଷୁଣ୍ଣ କରିବ ହୃଦୟ ବହି ହୁଏ ନାହିଁ ସେ ଗୁରୁଭାର,
ହୃଦୟ ହୃଦୟ ବିରହ ବିଷାଦ ରଖିଲେ କଥା ମୋ ହୋଇବ ଦୂର ।
ମନ୍ଦ ମଧୁର ପଦୁଟିଏ କଥା କଲେ ପ୍ରିୟତମ ଉଚ୍ଚାରଣ,
ବିରହ ବ୍ୟାକୁଳ ହୃଦୟ ତୁମରି ଶାନ୍ତ କରିବ ସମ୍ଭାଷଣ ।

କାନ୍ତ କୋମଳ ଗୀତ ଗୋବିନ୍ଦ କବି ଜୟଦେବ ହୃଦୟୁ ସ୍ଫୁରେ,
ଲଳିତ ମଧୁର ଛନ୍ଦରେ ତା'ର ରସ ଉଚ୍ଛ୍ୱାସ ପ୍ରାଣରେ ଭରେ ।
ମାନିନୀ ଗୋ ତୁମେ ସ୍ନିଗ୍ଧ ଆବେଗେ ବାନ୍ଧି ପାରନି ମନକୁ ଯଦି,
ବିନମ୍ର ପ୍ରତି ଉଦାସୀନ ରହ, ବିଦ୍ୱେଷ ରଖ ମନରେ ଯଦି ।

ଅନୁରାଗୀ ପ୍ରତି ବିମୁଖ ହୃଦୟ ପ୍ରଣୟାର୍ଥୀର ପ୍ରତ୍ୟାଖ୍ୟାନ,
ବିଚିତ୍ର ନୁହେଁ ହିମ ଚନ୍ଦନ ଗରଳ ପରି ତ ଜାଳିବ ପ୍ରାଣ ।
କୁହନି କାହିଁକି ଶୀତଳ ଶିଶିର ଶରୀର ଦଗ୍ଧ କରିବ ନାହିଁ,
ପ୍ରାଣଧନ ଯଦି ବାନ୍ଧି ନ ପାର ରତି ଆହ୍ଲାଦ ରହିବ କାହିଁ ?

ଗଭୀର ପୁଲକେ ଇନ୍ଦ୍ରାଦି ଦେବ ପ୍ରଣାମ କରିଲେ ପାଦ ଯୁଗଳେ,
ଶିର ମଣ୍ଡିତ ମୁକୁଟ ମଣିର ଭୃଙ୍ଗକାନ୍ତି ସେ ପାଦ ତଳେ ।
ମଧୁ ମର୍ମରେ ସ୍ୱର୍ଣ୍ଣଦୀଧାରା ପାଦ ପଦ୍ମକୁ ସିକ୍ତ କରେ,
ସେଇ ଶୁଭଦାୟୀ କୃଷ୍ଣ ଚରଣେ ବନ୍ଦଇ କବି ଭକ୍ତିଭରେ ।

## ଦଶମ ସର୍ଗ

ପ୍ରଦୋଷ ଲଗ୍ନେ ଶମିତ ହେବାରୁ ସ୍ୱଚ୍ଛ ଶ୍ରୀରାଧା ହୃଦୟ ଜ୍ୱାଳା,
ଦୀର୍ଘ ଶ୍ୱାସରେ ଶୀର୍ଣ୍ଣ ସୁମୁଖ କଷ୍ଟ କଷ୍ଟ କାଳିମା ଭରା ।
ସମୀପେ କୃଷ୍ଣ ଉପଗତ ହୋଇ ସହସା କହିଲେ "କିଶୋରୀ ଶୁଣ",
ଲଜ୍ୟାରେ ରାଧା ଶଙ୍କିତା ହେଲେ, ବାନ୍ଧବୀଗଣ ହୃଷ୍ଟ ମନ ।

କଥାଟିଏ ଯଦି କହିବ ଦନ୍ତପଂକ୍ତି ଝଳେ,
ଶୁଭ୍ର ଜ୍ୟୋସ୍ନା ପରି ସୁଶୀତଳ ହୃଦୟ ଭରେ ।
ଘେରାଇ ନିଏ ସେ ଘନ ଅନ୍ଧାର ଇଚ୍ଛା ଜାଲ,
ଅଧରେ ତୁମରି ମଧୁର କ୍ଷରଣ ଥରକୁ ଥର ।

ତୁମରି ନିଟୋଳ ମୁଖ ଚନ୍ଦ୍ରମା ଏମିତି ଝଳେ,
ମୋ ଆଖି—ଚକୋର ପ୍ରମତ୍ତ ହୁଏ ମଧୁ ପାନରେ ।
ଆଗୋ ପ୍ରୀୟତମ ସୁଚରିତା କହ କାହିଁକି ମାନ,
ଅକାରଣେ କିଆଁ ମନରେ ମୋ ପାଇଁ ଏ ଅଭିମାନ ।

ଆଉ ଟିକେ କଥା ଅଧରୁ ହୋଇଲେ ଉଚ୍ଚାରିତ,
କାମନା ବହ୍ନି ଦଗ୍ଧ କରେ ମୋ ସରସ ଚିତ୍ତ ।
ଦିଅ ପ୍ରିୟତମା ମୁଖପଦ୍ମର ପୀୟୂଷ ରାସ,
ଅଧର ପାତେ ଅଜାଡ଼ି ଦିଅ ମୋ ମଧୁର ରସ ।

ସତେ ଯଦି ମନେ ପ୍ରକୋପ ମୋ ପାଇଁ ତୀବ୍ରତର,
ବକ୍ଷକୁ ମୋର ଫିଙ୍ଗୁନ କିଆଁ ମଦନ ଶର ।
ଖର ନୟନର ଆଘାତେ ବିଦ୍ଧ କରୁନ ମୋତେ,

କ୍ଷତ ବିକ୍ଷତ ସୁଦନ୍ତା କିଆଁ କରୁନ ବନ୍ଦ,
ଯେଉଁଥିରେ ହେବ ସୁଖ ସଂଘାତ ସେଥିରେ ରହ
ଅଙ୍ଗ କାନ୍ତି ଭୂଷଣ ତୁମେ ମୋ ପ୍ରାଣ ପ୍ରତିମା,
ଜଳ ଉଚ୍ଛଳ ଭବସିନ୍ଧୁର ରତ୍ନକାନ୍ତି, ହେ ନିରୁପମା ।

ଅନୁନୟ ଆଉ ବିନୟ ବ୍ୟୂହରେ ବାନ୍ଧି ମନ,
ନିସ୍ୱତ ମୋ ହୃଦେ ଭରିଦିଅ ପ୍ରେମ ଯତ୍ନ ତୁମ ।
ନୀଳ ପଦ୍ମର ନେତ୍ର ଯୁଗଳେ ଅରୁଣ ଜ୍ୟୋତି,
ତନ୍ୱୀ ତୁମର ପ୍ରିୟ ଅନୁରାଗ–
ଅନ୍ତରେ ଭରୁ ଶ୍ୟାମ ଅନୁରୂପ ପରମ ପ୍ରୀତି ।

କୁଚ କୁମ୍ଭରେ ଦୋଳାୟିତ ହୋଇ ମଣିର ହାର,
ବିଭୂଷିତ କରୁ ଅନିନ୍ଦ୍ୟ ତୁମ ବକ୍ଷସ୍ଥଳ ।
ଘନ ନିତମ୍ବ ମଣ୍ଡଳେ ରହି ଚନ୍ଦ୍ରହାର,
ସ୍ୱର ନିର୍ଦ୍ଦେଶ ନିନାଦିତ କରୁ ରମ୍ୟତାର ।

ଆଜ୍ଞା ଦିଅ ମୁଁ ପାଦ ପଦ୍ମରେ ଲେଖିବି କବିତା ସାର,
ସ୍ଥଳ ପଦ୍ମର ଦୀପ୍ତ ରୂପକୁ ଧିକ୍କାରେ ଯାହା ବାରମ୍ବାର ।
ଅତନୁ ରାଗରେ ଆରକ୍ତ ରୂପ ସୂକ୍ଷ୍ମ ଭାବ,
ମୋ ହୃଦ ପଦ୍ମ ଚିହ୍ନିତ କରୁ ସେ ଅନୁଭବ ।

ଅନଙ୍ଗ ବିଷ ଖଣ୍ଡନକାରୀ ଅଭିଷ୍ଟ ମୋର ପୂର୍ଣ୍ଣ କର,
ମଣ୍ଡନ କର ମୃଦୁ ମନୋଜ୍ଞ ପଦ ପଲ୍ଲବ ଶିରରେ ମୋର ।
ସାରା ଦେହ ମୋର ଦଗ୍ଧ କରୁଛି ଅତନୁ ବହ୍ନି, କି ବିଘାତ !
ଧ୍ୱଂସ କର ମୋ ଉଗ୍ର ବିକାର ଅନୁଗ୍ରହରେ ମୁଗ୍ଧ ଚିତ୍ତ ।

ଚଟୁଳ ସ୍ତୁତିରେ ଦକ୍ଷ କୃଷ୍ଣ ମଧୁର ବାକ୍ୟ ଏପରି କହି,
ଶ୍ରୀରାଧା ସମୀପେ ମୁଗ୍ଧ ପଲକେ ସ୍ତବ୍ଧ ରହି ।
ଅନିନ୍ଦ୍ୟ ରୂପ ଅତନୁ କାନ୍ତି ହେଲେ ନିରତ,
କବି ଜୟଦେବ ଗୀତ ଗୋବିନ୍ଦ ପଦାବଳୀ ହେଉ ସମାଦୃତ ।

ପରିହାର କର ଆତଙ୍କ ମନୁ ଜୀବନ ସତ୍ତ୍ୱା, ହେ ପ୍ରିୟତମା !
ଆଶଙ୍କା ଯେତେ ବର୍ଦ୍ଧନ କର ଭୟର ସୀମା ।
ରହିଅଛ ଯଦି ହୃଦୟରେ ମୋର କାହିଁ ସେ ରୂପର ସମାନ୍ତର,
ସେଇ ଅଭିଳାଷ କେବଳ ମାତ୍ର ହୃଦ୍‌ବୋଧ କରେ ଭାଗ୍ୟଶୀଳ ।

ମୁଗ୍ଧ ନୟନା ତୀକ୍ଷ୍ଣ ଦନ୍ତପଂକ୍ତି ଆଘାତେ ପ୍ରହାର କର,
ବାହୁରେ ବାହୁରେ ବନ୍ଧନ କର ସ୍ତନ ଭାରେ ମୋତେ କ୍ଲିଷ୍ଟ କର ।
ସାର୍ଥକ ଆଉ ସୁଖୀ ହୁଅ ତୁମେ ଯେତେ ପାର କର ଉତ୍ପୀଡ଼ିତ,
ଚଣ୍ଡାଳ–କାମ–କୋଦଣ୍ଡାଘାତେ କରେ ନାହିଁ ମୋତେ ଅନ୍ତମିତ ।

ତୁମ ଭୀରୁ ଭ୍ରୂ ଭୀଷଣ ସର୍ପ ସମାନ ଝଳେ,
ଚନ୍ଦ୍ର ବଦନା ଯୁବ ଜନମନ ମୋହିତ କରେ ।
ତାଙ୍କ ହୃଦୟ ଆଶଙ୍କା ଜାତ କରିବା ପାଇଁ,
ତୁମ ଓଠ ମଧୁ ସିକ୍ତ ମନ୍ତ୍ର ଦ୍ୱିଧା ତ ନାହିଁ ।

ଅକାରଣେ ତୁମେ ମୌନ ହେବାରୁ ତନ୍ୱୀ ଏବେ ମୁଁ ବ୍ୟଥିତ ଚିତ୍ତ,
ଦୂର କର ମୋର ଦୁଃସହ ଦୁଃଖ/ଶ୍ରଦ୍ଧା ସରାଗେ ଭରୁ ପୁଲକ ।
ମଧୁର ଆଳାପେ ସନ୍ତାପ ନାଶି କର ସୁନୟନା ପକ୍ଷପାତ,
ଉଦାସୀନା ଆଉ ରହନାହିଁ ତୁମେ ସ୍ନିଗ୍ଧ ପ୍ରଜ୍ଞା କର ପ୍ରକାଶ ।

ଉପେକ୍ଷା ଆଉ କରନାହିଁ ମୋତେ ଉପସ୍ଥିତ ମୁଁ ତୁମ ସମୀପେ,
ସ୍ନିଗ୍ଧତାର ତ ତୁଳନା ପାଏନା ମୁଗ୍ଧ ରୂପ ମୁଁ ଜାଣିଚି ଆପେ ।
ବନ୍ଧୁକ ଫୁଲ କନ୍ଦୁକ ପରି କେତେ ଆରକ୍ତ ଅଧର ତୁମ,
ବିରହ ଗଣ୍ଡେ ପାଣ୍ଡୁର ରାଗ ମଧୁକ ଫୁଲର ଆଣୁଚି ଭ୍ରମ ।


ନୀଳ ପଦ୍ମର ନେତ୍ର ଯୁଗଳ ତିଳ ପୁଷ୍ପ କି ନାସାର ଜ୍ୟୋତି,
ଦନ୍ତପଂକ୍ତି ଧାରଣ କରିଚି କୁନ୍ଦ ଫୁଲର ଦିବ୍ୟ ଦ୍ୟୁତି ।
ତେଣୁ ପ୍ରିୟତମା ମୁଖମଣ୍ଡଳେ ବିନ୍ୟାସ କରି ପୁଷ୍ପ କେତେ,
ପୁଷ୍ପାୟୁଧ କି ବିଶ୍ୱ ବିଜୟ କରିଚି ଯେତେ ।

ଆହା କି ଚକିତ୍ କ୍ଷୀଣାଙ୍ଗୀ ତୁମେ ଧରା ଅଙ୍ଗନେ ଧୋଇଚ ପାଦ,
ତଥାପି ଦେହରେ ଧରିଅଛ କେତେ ଦେବ କନ୍ୟା ଯା ସୁଦୁର୍ଲଭ ।
ତୁଷ୍ଟି ତୁମର ଅଳସ ଶାନ୍ତ ତେଣୁ ମଦାଳସା ତୁମର ନାମ,
ସୁମୁଖ କାନ୍ତି ଚନ୍ଦ୍ର ଚକିତ ଚନ୍ଦ୍ରୋଦୀପ୍ତା ତୁମର ନାମ ।

ଜନ ମନୋଜ୍ଞା ଗତି ଯେଣୁ ତୁମ ସମ୍ବୋଧନ ମୋ, ହେ ମନୋରମା !
ସଘନ ଜଘନ ରମ୍ଭା ସମାନ ଉରୁ ଦ୍ୱୟର ଏଇ ଉପମା ।
ରତି ଆନନ୍ଦେ କଳାବତୀ ହୁଅ କଳା କୌଶଳେ ମତ୍ତ ଅତି,
ଚିତ୍ରଲେଖା ଗୋ ଭ୍ରୂରୁ ଭଙ୍ଗୀରେ ବିଚିତ୍ର ଛିଟା ଝଲଇ ଦ୍ୟୁତି ।

ରଣ ମାତଙ୍ଗ କୁବେଳୟା ଦେଖି ସଂଗ୍ରାମ କାଳେ କୁସ୍ତଳ,
ସ୍ୱାତ୍ତ୍ୱିକ ଭାବ ଭରିବାରୁ ମନେ ତୁମ ଶରୀର ।
ରାଧା ପୀନ ସ୍ତନ ସ୍ମରଣରେ ସୁଖ ହୁଏ ଯେଉଁପରି ହୃଦୟଦାୟୀ,
ସ୍ୱେଦାଭିଷିକ୍ତ/ନେତ୍ର ଯୁଗଳ ନିମୀଳିତ ହେଲା କ୍ଷଣକ ପାଇଁ ।

ନିମିଷେ ମାତ୍ରେ କ୍ଷିପ୍ତ ହସ୍ତୀ ନିକ୍ଷେପ କଲ ତୁମେ ତ ଦୂରେ,
ଜୟ ଜୟକାର ଗଗନେ ପବନେ : ବିଜୟ ନିନାଦେ ବିଷାଦ ଘାରେ ।
କଂସର ପ୍ରାଣେ ଶୋକ ଉଦ୍‌ବେଳ ଉର୍ମିଭରା,
ମୁଗ୍ଧ ମାଧବ ଆହ୍ଲାଦ ଧାରେ ଭରୁ ଏ ଧରା ।



# କାଲି ପାଇଁ ଛଣ ଛପରର ଘର

ଶ୍ରୀମତୀ ମନୋରମା ମିଶ୍ର

ଭାରତର ଶତକଡ଼ା ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ତେଣୁ ସେମାନଙ୍କର ଆୟର ପରିମାଣ ସୀମିତ । ଅନ୍ୟାନ୍ୟ ଦେଶ ତୁଳନାରେ ଭାରତର ଲୋକମାନଙ୍କର ମୁଣ୍ଡପିଛା ଆୟ ଖୁବ୍ କମ୍ । ତେଣୁ ଏପରି ସ୍ଥଳେ ଉନ୍ନତ କୋଠାଘର ନିର୍ମାଣ କରିବା ସମସ୍ତଙ୍କ ପକ୍ଷେ କଷ୍ଟକର ହୋଇପଡ଼େ । ଭାରତରେ ଏବେ ତିନି ଚତୁର୍ଥାଂଶ ମାଟିଘର ରହିଅଛି । ଜନସଂଖ୍ୟା ଦୃଷ୍ଟିରୁ ଆହୁରି ପ୍ରାୟ ୨୪ ଲକ୍ଷ ବାସଗୃହର ଆବଶ୍ୟକତା ରହିଛି । ସେଥିରୁ ୧୮ ଲକ୍ଷ ଗ୍ରାମାଞ୍ଚଳରେ ଓ ୬ ଲକ୍ଷ ସହର ଅଞ୍ଚଳରେ ଆବଶ୍ୟକ । ଏହି ଆବଶ୍ୟକତା ବଢ଼ି ବଢ଼ି ଶତାବ୍ଦୀ ଶେଷ ବେଳକୁ ପ୍ରାୟ ୪୦ ଲକ୍ଷରେ ପହଞ୍ଚିବ । ତେଣୁ ଦେଶରେ ବାସଗୃହ ସମସ୍ୟା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ତେଣୁ ଅଳ୍ପ ଖର୍ଚ୍ଚରେ ସୁବିଧା ଓ ସହଜରେ ଶସ୍ତା ସୁନ୍ଦର ଓ ମଜଭୁତ ତଥା ମନୋମୁଗ୍ଧକର ବାସଗୃହ ତିଆରି କରାଯାଇ କିପରି ଏହାର ସମାଧାନ କରାଯାଇପାରିବ ତାହା ବର୍ତ୍ତମାନ ଚିନ୍ତାର ବିଷୟ ।

ସାଧାରଣତଃ ନିମ୍ନ ଆୟକାରୀଙ୍କ ମନରେ ଘର ତିଆରି କରିବା ସମୟରେ ମାଟିଘର ତିଆରି କରିବା ଅଥବା ନକରିବା ସମସ୍ୟାଟି ଦ୍ୱନ୍ଦ୍ୱ ସୃଷ୍ଟି କରେ । ଏକ ପକ୍ଷରେ ପକ୍କା ଘର ତିଆରି କରିବାର ବ୍ୟୟ ବହୁଳତା, ଅପର ପକ୍ଷରେ ପ୍ରଚଳିତ ମାଟିଘର ତିଆରି କରି ନିଜର ଦାରିଦ୍ର୍ୟର ପରିଚୟ ଦେବାକୁ ମଧ୍ୟବିତ୍ତ ଗୃହସ୍ଥ ପସନ୍ଦ କରେନାହିଁ । ମାଟିଘରେ ଚଳପ୍ରଚଳ ହେବା ଆଜି ସମାଜରେ କେହି ପସନ୍ଦ କରୁନାହାନ୍ତି । ଦିନ ଥିଲା, ଯେତେବେଳେ ମାଟିଘର ହିଁ ଏକମାତ୍ର ଆଶ୍ରୟ ସ୍ଥଳ ଥିଲା । ହଜାର ହଜାର ବର୍ଷ ତଳେ ତିଆରି ମାଟିର ଚର୍ଚ୍ଚ ଓ ମସ୍‌ଜିଦ୍ ଏବେ ମଧ୍ୟ ଆଫ୍ରିକା ଓ ପଶ୍ଚିମ ଏସିଆର ପଶ୍ଚିମାଞ୍ଚଳରେ ଦେଖାଯାଏ । ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାରେ ମଧ୍ୟ ମାଟିଘରର ବହୁଳ ବ୍ୟବହାର ଥିଲା । କେବଳ ସେତିକି ନୁହେଁ, ଚୀନ୍‌ର ଗ୍ରେଟ୍ ୱାଲ୍, ଯାହାକି ଏବେ ମଧ୍ୟ ପୃଥିବୀର ଅନ୍ୟତମ ଆଶ୍ଚର୍ଯ୍ୟ ରୂପେ ପରିଗଣିତ, ତାହା ମଧ୍ୟ ମାଟିରେ ତିଆରି ହୋଇଥିଲା । ମୃତ୍ତିକା କ୍ଷୟରୁ ରକ୍ଷା କରିବା ପାଇଁ ଏହାର ଉଭୟ ପାଖରେ ପଥର ବିଛାଇ ଦିଆଯାଇଥିଲା ।

## ନିର୍ମାଣ ତାଲିମ୍ ଅନାବଶ୍ୟକ

ଏହି ମାଟିଘର ତିଆରି ନିମିତ୍ତ କାରିଗରଙ୍କୁ ବିଶେଷ ତାଲିମ୍ ଦେବାକୁ ପଡ଼େନାହିଁ । ତା'ର ଦୈନନ୍ଦିନ ଅଭିଜ୍ଞତାରୁ ତଥା ପୁରୁଷାନୁକ୍ରମେ ସେ ଏହି କାର୍ଯ୍ୟ କରି ଆସୁଥିବା ଯୋଗୁଁ ସେ ଜଣେ ନିପୁଣ ଓ ଦକ୍ଷ କାରିଗର ହୋଇପାରେ । ଏହା କେବଳ ସେ ତା'ର ସ୍ୱୀୟ ଜମିର, ବାଡ଼ି ବଗିଚାର, ରାସ୍ତାଘାଟର ମାଟି ସହିତ ନିବିଡ଼ ସମ୍ପର୍କରୁ ହୋଇପାରେ । ଆଧୁନିକ ବୈଜ୍ଞାନିକ ଜ୍ଞାନ ଏବଂ ପ୍ରୟୋଗ ପ୍ରଣାଳୀର ଜ୍ଞାନ ନଥିବା ଜଣେ ମାଟିଘର ତିଆରି କରୁଥିବା ନିପୁଣ କାରିଗର ମାଟି ଦେଖିବା ମାତ୍ରେ ହାତରେ ଧରି ଅବାଧରେ କହିଦେଇ ପାରିବ ଯେ ସେହି ମାଟି କାନ୍ଥ ତିଆରି ପାଇଁ ଉପଯୁକ୍ତ କି ନୁହେଁ ? ପୁରୁଣା ଗ୍ରାମଗୁଡ଼ିକରେ ଏବେ ମଧ୍ୟ ଶତାଧିକ ବର୍ଷର ମାଟିଘର ଦେଖାଯାଏ । ଏହି ସବୁ ଘରର କାନ୍ଥ ଏତେ ମଜଭୁତ ଯେ ଆବଶ୍ୟକ ସ୍ଥଳେ ଏହି କାନ୍ଥ ଭାଙ୍ଗିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ମାଟି କାନ୍ଥ ଉପରେ ସ୍ଥଳ ବିଶେଷରେ ବାଉଁଶ ସହିତ ନଡ଼ା, ନଡ଼ିଆ ପତ୍ର, ତାଳ ପତ୍ର ବା ସ୍ଥାନୀୟ ସୁଲଭ ତୃଣରେ ତିଆରି ହୋଇଥିବା ଛପର ଘରର ତାପ ନିୟନ୍ତ୍ରଣ କରିଥାଏ ।

ପ୍ରଚଳିତ ମାଟିଘରଗୁଡ଼ିକର ଛାତ ନୀଚା ଏବଂ ଘରର ଚଟାଣର ଉଚ୍ଚତା ସ୍ଥାନୀୟ ମୃତ୍ତିକା ପୃଷ୍ଠର ଉଚ୍ଚତାଠାରୁ ଅଳ୍ପ ଉଚ୍ଚ ତଥା ବାୟୁ ଚଳାଚଳର ସୁବ୍ୟବସ୍ଥା ନଥିବା ଯୋଗୁଁ ଏଭଳି ଗୃହ ଦାରିଦ୍ର୍ୟର ସଙ୍କେତ ରୂପେ ପରିଗଣିତ ହେଉଅଛି । ଫଳରେ ମଧ୍ୟବିତ୍ତ ଆୟକାରୀ ଗୋଷ୍ଠୀ କୋଠାଘରର ମୋହ ଛାଡ଼ିପାରୁ ନାହାନ୍ତି କି ଅର୍ଥାଭାବ ଯୋଗୁଁ କୋଠାଘର ତିଆରି କରିପାରୁ ନାହାନ୍ତି ଏବଂ ଏକ ମାନସିକ ଦ୍ୱନ୍ଦ୍ୱ ମଧ୍ୟ ଦେଇ ଗତି କରୁଛି ।

## କୋଠାଘର ନିର୍ମାଣରେ ଅନ୍ତରାୟ

ଅପର ପକ୍ଷରେ, କୋଠାଘରର ବ୍ୟୟ ବହୁଳତା, ଘର ତିଆରି ସମୟରେ ଆବଶ୍ୟକୀୟ ଇଟା ବା ପଥର, କଂକ୍ରିଟ୍, ସିମେଣ୍ଟ, ଲୁହାଛଡ଼ ଇତ୍ୟାଦିର ଅଭାବ ଅନେକ ସ୍ଥଳରେ ସମସ୍ୟା ସୃଷ୍ଟି

କରୁଛି । ଦେଶରେ ଇନ୍ଧନ ସମସ୍ୟା ଗୁରୁତର ହେଉଥିବା ସ୍ଥଳେ ଘର ତିଆରି ପାଇଁ ଆବଶ୍ୟକୀୟ ହେଉଥିବା ଇଟାକୁ ପୋଡ଼ିବା ପାଇଁ କାଠ, କୋଇଲା ଇତ୍ୟାଦି ଦରକାର ହେଉଛି । ମାଟି ମାଟିଘରେ ଇଟାର ଆବଶ୍ୟକତା ଯଥେଷ୍ଟ କମ୍ ବା ମୋଟେ ନାହିଁ କହିଲେ ଚଳେ । ଅନ୍ୟ ପକ୍ଷରେ, ଏହି ଇନ୍ଧନକୁ କଳ କାରଖାନା, ଶିଳ୍ପ, ରୋଷେଇ ପ୍ରଭୃତି କ୍ଷେତ୍ରରେ ବିନିଯୋଗ କରାଯାଇ ପାରିବ ଓ ଇନ୍ଧନ ଦିଗରେ ଖର୍ଚ୍ଚ କମିଯିବ । ଏହାଛଡ଼ା ଇଟା ପୋଡ଼ା ହେଉଥିବା ସମୟରେ ଇଟା ଭାଟିରୁ ବାହାରୁଥିବା ଧୂଆଁରେ କାର୍ବନ୍ ମନୋକ୍ସାଇଡ୍ ଓ କାର୍ବନ୍‌ଡାଇଅକ୍ସାଇଡ୍ ଆଦି ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳରେ ମିଶି ବାୟୁ ପ୍ରଦୂଷଣ କରେ । ଦେଶରେ ଚାହିଦାନୁଯାୟୀ ବିଦ୍ୟୁତ୍ ଉତ୍ପାଦନ ହେଉନଥିବା ସ୍ଥଳେ ସିମେଣ୍ଟ୍ ତିଆରି ପାଇଁ ବହୁ ବିଜୁଳି ଶକ୍ତି ବ୍ୟୟିତ ହେଉଛି ଓ ବହୁ ମୂଲ୍ୟରେ ଲୋକମାନେ କିଣିବାକୁ ବାଧ ହେଉଛନ୍ତି ।

ରାସ୍ତାଘାଟ, ପୋଲ, ବନ୍ଧ ଇତ୍ୟାଦି ପାଇଁ ଆବଶ୍ୟକ ହେଉଥିବା କଂକ୍ରିଟ୍‌ର ଚାହିଦା ଅଧିକ ହୋଇଥିବାରୁ ସେ ସବୁ ସ୍ଥଳରେ ତାହା ଅପରିହାର୍ଯ୍ୟ ହୋଇପଡୁଛି । ଅଧିକନ୍ତୁ ଘର ତିଆରି ପାଇଁ ଆବଶ୍ୟକ ହେଉଥିବା କଂକ୍ରିଟ୍ ସଂଗ୍ରହ ପାଇଁ ବଡ଼ ବଡ଼ ପାହାଡ଼ଗୁଡ଼ିକରୁ କ୍ରମାନ୍ୱୟରେ ପଥର କାଟି ନିଆଯାଉଛି । ଫଳରେ ଦିନକୁ ଦିନ ପାହାଡ଼ ପର୍ବତର ସଂଖ୍ୟା କମିବା ସଙ୍ଗେ ସଙ୍ଗେ ବୃଷ୍ଟି ପରିମାଣ କମିଯାଉଛି । ସମତଳ ଭୂମିରେ ଜଙ୍ଗଲ ସୃଷ୍ଟି କଲେ ତାହା ଅଧିକ ପରିମାଣରେ ଜଳୀୟ ବାଷ୍ପ ବାୟୁ ମଣ୍ଡଳକୁ ଛାଡ଼ିବ ସିନା, ହେଲେ ବର୍ଷା ହେବାରେ ସାହାଯ୍ୟ କରିପାରିବ ନାହିଁ । ପାହାଡ଼ ପର୍ବତର ଅଭାବରେ ମେଘ ବାଧା ପାଇପାରିବ ନାହିଁ କି ବୃଷ୍ଟି ହୋଇପାରିବ ନାହିଁ । ଲୁହାର ବହୁଳ ବ୍ୟବହାର ଫଳରେ ଲୁହାରେ ତିଆରି ହେଉଥିବା ଉପକରଣର ସଂଖ୍ୟା ମଧ୍ୟ ବଢୁଛି । ତେଣୁ ଘର ତିଆରି ପାଇଁ ଲୌହ ଉପକରଣ ସହଜଲଭ୍ୟ ହେଉନାହିଁ ।

ଆଗ କାଳରେ ଝରକାର ରେଲିଂ ଭାବରେ କାଠର ରଡ୍ ବ୍ୟବହାର କରାଯାଉଥିଲା । ଆଜି କାଠ ରଡ୍ ବଦଳରେ ଲୁହାର ରଡ୍ ବା ଗ୍ରୀଲ୍ ଲାଗୁଛି । କବାଟ, ବନ୍ଧ ଇତ୍ୟାଦି ଆଗେ ଶାଳ ବା ତତ୍ତୁଲ୍ୟ ଶକ୍ତ କାଠରେ ତିଆରି ହେଉଥିଲା । ସେ ଯାଗାରେ ଆଜି ଲୁହାର କବାଟ, ବନ୍ଧ ଲାଗିଲାଣି । ଆବଶ୍ୟକତା ବଢ଼ିବା ସଙ୍ଗେ ସଙ୍ଗେ ଦର୍ ମଧ୍ୟ ବଢୁଛି ।

ସିମେଣ୍ଟର ମୂଲ୍ୟ ବୃଦ୍ଧି ଚାହିଦା ବୃଦ୍ଧି ଯୋଗୁଁ ଅନେକ ସମୟରେ ପକ୍କା କାମ କରିବାରେ ବାଧା ସୃଷ୍ଟି ହେଉଛି । ଅପର ପକ୍ଷରେ ପୋଲ, ବନ୍ଧ, ପାଚେରୀ ତିଆରିରେ ଏହାର ଅପର୍ଯ୍ୟାପ୍ତ ବ୍ୟବହାରକୁ ମଧ୍ୟ ରୋକାଯାଇପାରୁ ନାହିଁ । ପକ୍କାଘର ତିଆରି ପାଇଁ ଆଗ୍ରହୀ ଗୃହକର୍ତ୍ତାଙ୍କୁ ଅଧିକ ବ୍ୟୟଭାର ବହନ କରିବାକୁ ପଡୁଥିବାରୁ ଟଙ୍କା କରଜ କରିବାକୁ ପଡୁଛି ।

## ସୁଦୃଶ୍ୟ ଓ ଦୀର୍ଘସ୍ଥାୟୀ

ଆଧୁନିକ ପ୍ରଣାଳୀରେ ମାଟିଘର ସୁଦୃଶ୍ୟ ଓ ଦୀର୍ଘ ଦିନ ବ୍ୟବହାର ଉପଯୋଗୀ କରାଯାଇ ପାରିବ । ଏଥିପାଇଁ ପୁରୁଣାକାଳିଆ ମାଟିଘରର ଖର୍ଚ୍ଚ ତୁଳନାରେ କିଛି ଅଧିକ ଖର୍ଚ୍ଚ ବହନ କରିବାକୁ ହେବ । ଦୂର ଦୂରାନ୍ତରୁ କାନ୍ଥ ଉପଯୋଗୀ ମାଟି ନଆଣି ସ୍ଥାନୀୟ ମାଟିକୁ କାନ୍ଥ ମାଟି ପାଇଁ ଉପଯୋଗୀ କରିପାରିଲେ ଏହି ସମସ୍ୟା ସହଜରେ ଦୂର ହୋଇପାରିବ । ବାଲିଆ ମାଟି ସହିତ ଚିକିଟା ମାଟି ମିଶାଇ ବା ଚିକିଟା ମାଟିରେ ଗୋଡ଼ି ମାଟି, ଗୋଡ଼ି ମାଟି ଅଭାବରେ ନଦୀ ବାଲିର ମୋଟା ଦାନା ମିଶାଯାଇପାରେ । ଏପରି ମାଟିରେ କାନ୍ଥ ଦେଲେ କାନ୍ଥରେ ମୂଷାମାନେ ଗାତ ଖୋଳିପାରିବେ ନାହିଁ ଓ କାନ୍ଥ ମଜବୁତ ହେବ । ଏ ପ୍ରକାର ମାଟିଘରର ନିଅଁ ପାଇଁ ପକ୍କାଘର ପାଇଁ ଅନୁସୃତ ହେଉଥିବା ଉପାୟ ଅବଲମ୍ବନ କରାଗଲେ, ପାଣିରେ କାନ୍ଥ ଜରକିବା ଦୂର କରାଯାଇପାରିବ । ଘର ତିଆରି ହେଉଥିବା ଜମିର ଉଚ୍ଚତାଠାରୁ ୩/୪ ଫୁଟ ଅଧିକ ଉଚ୍ଚରେ ଏହି ଘରର ଚଟାଣ ରହିବ ଏବଂ ଚଟାଣ ସମେତ କାନ୍ଥ ମୂଳର ପ୍ରାୟ ଏକ ଫୁଟ ପର୍ଯ୍ୟନ୍ତ ଅଂଶକ ସିମେଣ୍ଟରେ ତିଆରି ହେବ । ଫଳରେ ଚଟାଣରୁ ଧୂଳି ଉଠିବ ନାହିଁ କି କାନ୍ଥରେ ପାଣି ଲାଗିବ ନାହିଁ । କାନ୍ଥର ସ୍ଥାୟୀତ୍ୱ ଓ ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ତ ଚୂନ ବା ରଙ୍ଗର ପ୍ରଲେପ ଦିଆଯାଇପାରେ । ଏହା ଛଡ଼ା ପତଳା ଧାତୁ ଚଦର ମଧ୍ୟ ବ୍ୟବହାର କରାଯାଇପାରେ । ଏପରି କଲେ କାନ୍ଥର ଜଳୀୟ ବାଷ୍ପ ଧରି ରଖିବା କ୍ଷମତା ନିୟନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ସୁଦୃଶ୍ୟ ମଧ୍ୟ ହେବ । ଏ ପ୍ରକାର ଘରର ଅଧିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ୱାଲ୍ ପୋଷ୍ଟର୍ ମଧ୍ୟ ଲଗାଯାଇପାରେ । ପକ୍କାଘର ତିଆରି ପାଇଁ ହେଉଥିବା ବଡ଼ ବଡ଼ କବାଟ ଝରକା ଏହି ଘରେ ଲଗାଇଲେ ବାୟୁ ଚଳାଚଳ ଓ ଆଲୋକ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ହୋଇପାରିବ । ଏ ପ୍ରକାର ଘରର ଛପର ସମ୍ପୂର୍ଣ୍ଣ ଅଗ୍ନି ନିରୋଧକ କରାଯିବ ଏବଂ ପକ୍କାଘରେ ହେଉଥିବା ସିଲିଂ ଭଳି କାଠର ସିଲିଂ ଛାତ ତଳକୁ ରହିବ । ଏହା ଫଳରେ ଘରର ତାପମାତ୍ରା ନିୟନ୍ତ୍ରିତ ହୋଇପାରିବ । ନିରାପତ୍ତା ମଧ୍ୟ ବଜାୟ ରଖାଯାଇପାରିବ । ସହର ତୁଳନାରେ ଗାଁ ଗହଳରେ ଜମିର ମୂଲ୍ୟ ଅପେକ୍ଷାକୃତ କମ୍ ହୋଇଥିବାରୁ ଏବଂ ଜନସଂଖ୍ୟା କମ୍ ଯୋଗୁଁ ସେଠାରେ ମହଲା ଘରର ଆବଶ୍ୟକ ପଡ଼େ ନାହିଁ । ସହରରୁ ଲୁହା ଛଡ଼, ସିମେଣ୍ଟ୍ ବା କଂକ୍ରିଟ୍ ବୋହିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼େ ନାହିଁ । ଏହାଛଡ଼ା ଏ ସବୁ ଜିନିଷର ପରିବହନ ଖର୍ଚ୍ଚରୁ ମଧ୍ୟ ରକ୍ଷା ମିଳିବ । ସହରମାନଙ୍କରେ, ଯେଉଁ ସବୁ ସ୍ଥାନରେ ଅଧିକ ମହଲାର କୋଠା ତିଆରି ହେଉଛି ସେଠାରେ କାନ୍ଥ ଉପରୁ ଛାତର ଏବଂ ଉପର ଘରର ଓଜନ କମାଇବା ପାଇଁ କଲମ ବା ଲୁହା କଂକ୍ରିଟ୍‌ର ଖମ୍ବ ଉଠାଯାଇ ତାହା ଉପରେ କଂକ୍ରିଟ୍‌ର ଛାତ ପକାଯାଏ । ପରେ ଇଟା ଓ ସିମେଣ୍ଟରେ ଭାଗ ଭାଗ କରି କୋଠରୀ ତିଆରି ହୁଏ । ଏ ପ୍ରକାର କୋଠାଘରର ସମସ୍ତ ମହଲାଗୁଡ଼ିକର ବାହାର ପାଖ କାନ୍ଥ, ଯେଉଁ ଅଂଶରେ ପାଣି ପଡ଼ିବାର ସମ୍ଭାବନା ଅଛି, ସେହି ଅଂଶକୁ କେବଳ ଇଟା ଓ ସିମେଣ୍ଟରେ କରାଯାଇ ଅନ୍ୟାନ୍ୟ ଅଂଶତକ ସୁନ୍ଦର ଓ ମଜବୁତ ରୂପେ ମାଟିରେ କରାଯାଇପାରିବ । ଫଳରେ କୋଠାଘରେ ଶୀତ ଦିନେ ଅଧିକ ହେଉଥିବା ଶୀତ ଓ ଖରା ଦିନର ପ୍ରବଳ ଗ୍ରୀଷ୍ମ ତାପକୁ ନିୟନ୍ତ୍ରଣ କରାଯିବା ସଙ୍ଗେ ସଙ୍ଗେ ଇଟା, ସିମେଣ୍ଟ, ଲୁହା ଛଡ଼ ଇତ୍ୟାଦିର ଚାହିଦା କମାଯାଇପାରିବ ।

ମାଟି ଗୃହର ନିର୍ମାଣ ନିମିତ୍ତ ଜାତୀୟ ମୃତ୍ତିକା ଗବେଷଣା ସଂସ୍ଥା ମାଟିର ଉତ୍ତମ ଗବେଷଣା କରି କେଉଁ ପଦ୍ଧତିରେ ମାଟିର କିପରି ବ୍ୟବହାର କରାଯିବ, କେଉଁ ପ୍ରକାର ମାଟିରେ ଗୃହ ସୁଦୃଢ଼ ହୋଇପାରିବ, ଏହା ଦେଶର କେଉଁ ଅଞ୍ଚଳରେ ମିଳିବ, କେଉଁ ଉପାୟରେ ମୃତ୍ତିକାକୁ ବ୍ୟବହାର କଲେ ସୁଦୃଢ଼ ଓ ମଜବୁତ ଘର ତିଆରି ହୋଇପାରିବ, ଏ ସବୁ ସମସ୍ୟା ସମାଧାନ ଦିଗରେ ଦିଗ୍‌ଦର୍ଶନ ଦେଉଛନ୍ତି । ତେଣୁ ଗୃହ ନିର୍ମାଣ କାର୍ଯ୍ୟ ସହଜ ଓ ସୁଗମ ହେବା ସଙ୍ଗେ ସଙ୍ଗେ ବ୍ୟୟ ବହୁଳତାରୁ ରକ୍ଷା ମିଳିପାରିବ । ଏହାଦ୍ୱାରା ଲାଭଖୋର ସିମେଣ୍ଟ ଓ କଂକ୍ରିଟ୍ ବ୍ୟବସାୟୀମାନଙ୍କର ଅଧିକ ଲାଭ ପ୍ରଚେଷ୍ଟା ପଣ୍ଡ ହେବ !

---

ସହକାରୀ ଶିକ୍ଷୟିତ୍ରୀ,
ରାଜଭବନ ବିଦ୍ୟାଳୟ,
ୟୁନିଟ୍-୮, ଭୁବନେଶ୍ୱର-୧୨ ।

OGP MP PTC (V) 18 PP136 5000-12-12-1990



ଅନ୍ଧକାରେ ଆସି ତୁମେ
ଯାଅ ଆଲୋକରେ
ତୁମ ଲାଗି ଦୀପାବଳୀ
ଜାଳୁ ଘରେ ଘରେ ।




‘ଆକାମାର୍ତ୍ତୈ’ର ଅବ୍ୟବହିତ ପୂର୍ବରୁ ମହୋଦଧିର ଉତ୍ତାଳ ତରଙ୍ଗ ।

Vol. XLVII No. 5 UTKAL PRASANGA Regd. No. 0-05 /90
Licence No. C.R.N.P. 5-Licensed to post without Pre-payment



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିତରଣ ।



ଗୋପାଳନ ଓ ମତ୍ସ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର
ନାବାର୍ଡ ପ୍ରତିନିଧିଙ୍କ ସହିତ ସଚିବାଳୟ ଭିତର ସମ୍ମେଳନ କକ୍ଷରେ
ଆଲୋଚନାରତ ।

Printed at Orissa Govt. Press, Cuttack-753010